# ଧରିତ୍ରୀ
DHARITRI

ଶନିବାର, ଏପ୍ରିଲ ୧୮/୨୦୨୦ (୧୮ ପୃଷ୍ଠା) Saturday, April 18/2020

୪୭ଶ ଭାଗ ୧୪୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଭବିଷ୍ୟତକୁ ନେଇ ଦ୍ୱନ୍ଦ୍ୱରେ ଶ୍ରୀଶଙ୍କର**

କୋଭିଡ୍-୧୯ ପାଇଁ ନିଜର ଭବିଷ୍ୟତକୁ ନେଇ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠାରେ ରହିଛନ୍ତି ଜାତୀୟ ରେକର୍ଡ ହାସଲକାରୀ ଲଙ୍ଗ୍‌ଜମ୍ପର ମୁରଲୀ ଶ୍ରୀଶଙ୍କର।

୧୮

୦୭

**ସୋସିଆଲ ମିଡିଆ ଛାଡ଼ିଲେ ପରିଣିତି**

ବଲିଉଡ୍ ନାୟିକା ପରିଣିତି ଚୋପ୍ରା ଏବେ ସୋସିଆଲ ମିଡିଆ ଛାଡ଼ିଛନ୍ତି। ସେ ସୋସିଆଲ ମିଡିଆରୁ କିଛିଦିନ ବିରତି ନେଇଥିବା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଉଲ୍ଲେଖ କରିଛନ୍ତି।



## ଭୁବନେଶ୍ୱରରେ ହେବ ୫ହଜାର କରୋନା ପରୀକ୍ଷା

**ଭୁବନେଶ୍ୱର, ୧୭।୪(ବ୍ୟୁରୋ)**

ରାଜ୍ୟର ସର୍ବାଧିକ କରୋନା ଆକ୍ରାନ୍ତ ଭୁବନେଶ୍ୱରରୁ ଚିହ୍ନଟ ହୋଇଛନ୍ତି। ତେଣୁ ଆସନ୍ତା ୭ଦିନ ମଧ୍ୟରେ ସହରର ୫ହଜାର ଲୋକଙ୍କ କୋଭିଡ୍-୧୯ ପରୀକ୍ଷା କରାଯିବ। ନମୁନା ସଂଗ୍ରହ ପାଇଁ ରାଜଧାନୀକୁ ୩ ଜୋନ୍‌ରେ ବିଭକ୍ତ କରାଯାଇଛି। ଜନସାଧାରଣ ଏଥିରେ ସହଯୋଗ କରିବାକୁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଆହ୍ୱାନ ଦେଇଛନ୍ତି। ☞ପୃଷ୍ଠା-୪

- ୭ ଦିନରେ ସାମିଲ ହେବେ ୪ ବର୍ଗର ଲୋକ
- ବସିବ ସ୍ୱତନ୍ତ୍ର କ୍ୟାମ୍ପ, ବୁଲିବ ଭ୍ରାମ୍ୟମାଣ ଗାଡ଼ି
- ନମୁନା ସଂଗ୍ରହରେ ଅସହଯୋଗ କଲେ କାର୍ଯ୍ୟାନୁଷ୍ଠାନ

## ବ୍ରିଟେନ ଆକାଶରେ ରହସ୍ୟମୟ ଧୂଆଁ

**ଲଣ୍ଡନ,୧୭।୪**

ବ୍ରିଟେନ ଆକାଶରେ ଗୁରୁବାର ରାତି ୮ଟାରେ ଏକ ରହସ୍ୟଜନକ ବସ୍ତୁ ଜଳି ଜଳି ଯାଉଥିବାବେଳେ ତା' ପଛପଟରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ତାହା ୨୦ ମିନିଟ ଜଳିବା ସହ ଆକାଶରେ ଧୂମ ବଳୟ ସୃଷ୍ଟି କରିଥିଲା। କେମ୍ବ୍ରିଜ୍‌ଶାୟରର ଜଣେ ବ୍ୟକ୍ତି କହିଛନ୍ତି, ବିମାନ ଛାଡୁଥିବା ଧୂଆଁ ଭଳି ଏହା ଦେଖାଯାଉଥିଲା। ଏହା ଦ୍ରୁତ ଭାବେ ଗତି କରୁ ନ ଥିଲା। ତେବେ ଏହା ଏକ ଉଲ୍‌କା ପିଣ୍ଡ ନୁହେଁ। ଏହି ରହସ୍ୟମୟ ବସ୍ତୁ ୧୦ରୁ ୨୦ ମିନିଟ ଧରି ଜଳିସାରିବା ପରେ ତଳକୁ ଖସିଥିଲା। କିନ୍ତୁ ପରେ ତା'ର ଭଗ୍ନାବଶେଷ ମଧ୍ୟ ଦେଖିବାକୁ ମିଳିନାହିଁ ବୋଲି ସମ୍ପୃକ୍ତ ବ୍ୟକ୍ତି ଜଣକ କହିଛନ୍ତି।



## ଉହାନରେ କରୋନା ମୃତ୍ୟୁସଂଖ୍ୟା ୫୦% ବଢ଼ିଲା

**ବେଜିଂ/ଉହାନ,୧୭।୪(ପି.ଟି.)**

**ଚାଇନାରେ ୪,୬୩୨ ମୃତ**

- ତଥ୍ୟ ଲୁଚାଇବା ଅଭିଯୋଗକୁ ବେଜିଂର ଖଣ୍ଡନ

ଚାଇନା ସରକାର ପୂର୍ବରୁ ପ୍ରକାଶିତ କରୋନାଜନିତ ମୃତ୍ୟୁସଂଖ୍ୟାରେ ଶୁକ୍ରବାର ସଂଶୋଧନ କରିଛନ୍ତି। ଦେଶରେ କରୋନା ସଂକ୍ରମଣରେ ୪,୬୩୨ ଜଣଙ୍କ ମୃତ୍ୟୁ ଘଟିଥିବା ଏହି ରିପୋର୍ଟରେ କୁହାଯାଇଛି। ଭୂତାଣୁ ଉତ୍ପତ୍ତିର କେନ୍ଦ୍ରସ୍ଥଳ ଉହାନ ସହରରେ ମୃତ୍ୟୁସଂଖ୍ୟା ୫୦ ପ୍ରତିଶତ ବୃଦ୍ଧି ପାଇଛି। ବେଜିଂ କୋଭିଡ୍-୧୯ ସମ୍ପର୍କିତ ତଥ୍ୟ ଲୁଚାଉଥିବା ନେଇ ଅନ୍ତର୍ଜାତୀୟ ସ୍ତରରେ ସମାଲୋଚିତ ହେବା ପରେ ମୃତ୍ୟୁସଂଖ୍ୟାରେ ପରିବର୍ତ୍ତନ କରିଛି। ଏପ୍ରିଲ ୧୬ ସୁଦ୍ଧା ଉହାନରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୫ ବୃଦ୍ଧି କରାଯାଇ ୫୦,୩୩୩ ଦର୍ଶାଯାଇଛି। ଏହି ସମୟରେ ଅଧିକ ୧୨୯୦ ଜଣଙ୍କ ମୃତ୍ୟୁ ହୋଇଥିଲା ବୋଲି ଉହାନ ମ୍ୟୁନିସିପାଲ ମୁଖ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି। ଫଳରେ ଏହି ସହରରେ କରୋନାରେ ୩,୮୬୯ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସଂଶୋଧନ ଫଳରେ ଚାଇନାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୨,୬୯୨ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୪,୬୩୨ ହୋଇଛି।

ଚାଇନା କରୋନା ମୃତ୍ୟୁସଂଖ୍ୟା କମ୍ ଦର୍ଶାଉଥିବାନେଇ ଆମେରିକା, ବ୍ରିଟେନ ଓ ଅନ୍ୟ କେତେକ ଦେଶ ଅଭିଯୋଗ କରିଥିଲେ। ବେଜିଂର ରିପୋର୍ଟରେ ସ୍ୱଚ୍ଛତା ନାହିଁ ଓ ଏହା ଭୂତାଣୁ ସଂକ୍ରମଣଜନିତ କ୍ଷୟକ୍ଷତିକୁ ଲୁଚାଉଥିବା ନେଇ ଅଭିଯୋଗ ହୋଇଥିଲା। ତେବେ ତଥ୍ୟ ଲୁଚାଇବା ଅଭିଯୋଗକୁ ଚାଇନା ଶୁକ୍ରବାର ଖଣ୍ଡନ କରିଛି। ପ୍ରଥମ ପର୍ଯ୍ୟାୟରେ ☞ପୃଷ୍ଠା-୪

# ମାନ୍ଦାବସ୍ଥାକୁ ଆର୍‌ବିଆଇ ବୁଷ୍ଟର

**୨୫ ବେସିସ୍ ପଏଣ୍ଟ କମିଲା ରିଭର୍ସ ରେପୋ**

**ମୁମ୍ବାଇ,୧୭।୪**

କୋଭିଡ୍-୧୯ ଯୋଗୁ ବଜାରରେ ଉପୁଜିଥିବା ମାନ୍ଦାବସ୍ଥା ଲଢ଼େଇ ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଆଗେଇ ଆସିଛି। ଏଥିଲାଗି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଅତିରିକ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ତ୍ତମାନ ଲକ୍‌ଡାଉନ ଅବଧିକୁ ମେ ୩ ଯାଏ ବଢ଼ାଯାଇଛି। ଦେଶ ମଧ୍ୟରେ ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇ ପଡ଼ିଥିବାରୁ ସମସ୍ୟାରେ ରହିଥିବା କ୍ଷେତ୍ରଗୁଡିକୁ ପ୍ୟାକେଜ ପ୍ରଦାନ ନେଇ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସ୍ଥିତିର




ସମୀକ୍ଷା କରିଥିଲେ। ଏହା ପରେ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଅର୍ଥ ବ୍ୟବସ୍ଥାରେ ସ୍ଥିତାବସ୍ଥା ଆଣିବା ଲାଗି ବିଭିନ୍ନ ଘୋଷଣା କରାଯାଇଛି। ପଦକ୍ଷେପ ଅନ୍ତର୍ଗତ ବ୍ୟାଙ୍କଗୁଡ଼ିକ ସେମାନଙ୍କ ଅତିରିକ୍ତ ନଗଦକୁ କେନ୍ଦ୍ରୀୟ ବ୍ୟାଙ୍କରେ ଜମା ☞ପୃଷ୍ଠା-୪

- ସ୍ଥିତି ଉପରେ କେନ୍ଦ୍ରୀୟ ବ୍ୟାଙ୍କର ନଜର
- ବଜାରରେ ଉପଲବ୍ଧ ହେବ ଏକ ଲକ୍ଷ କୋଟି ନଗଦ
- ୫୦ ହଜାର କୋଟିର ନଗଦ ସହାୟତା
- ମୋରାଟୋରିୟମ ଲାଗି ଲାଗୁ ହେବନି ୯୦ ଦିନିଆ ଏନ୍‌ପିଏ ନିୟମ
- ନିର୍ଦ୍ଦିଷ୍ଟ ସମୟ ଯାଏ ବ୍ୟାଙ୍କ ଦେବେନି ଲାଭାଂଶ
- ୨୦୨୦-୨୧ ଦ୍ୱିତୀୟାର୍ଦ୍ଧରେ ୪% ତଳକୁ ଖସିବ ମୁଦ୍ରାସ୍ଫୀତି
- ଜି୨୦ ଦେଶ ମଧ୍ୟରେ ଭାରତର ଅଭିବୃଦ୍ଧି ହାର ଉନ୍ନତ:ଆଇଏମ୍‌ଏଫ୍
- ଫେବୃୟାରୀ ଶିଳ୍ପ ଉତ୍ପାଦନ ଡାଟାରେ କୋଭିଡ୍ ପ୍ରଭାବ ନାହିଁ
- ମାର୍ଚ୍ଚରେ ଅଟୋମୋବାଇଲ ଉତ୍ପାଦନ ଓ ବିକ୍ରି କ୍ଷତିଗ୍ରସ୍ତ

**ଆଜିର ସମ୍ପାଦକୀୟ** ଏୟାର ଇଣ୍ଡିଆ ନୂଆ ସିଏମ୍‌ଡି ପାଇବ


Help us to help you

## ଓଡ଼ିଶା କୋଭିଡ୍-୧୯ ରେଗୁଲେସନ୍ ୨୦୨୦ର ମୁଖ୍ୟାଂଶ



DSPL-01



ଏଣେତେଣେ ଛେପ ପକାନ୍ତୁ ନାହିଁ

**ଜନସାଧାରଣଙ୍କ ଦାୟିତ୍ୱ -**

- ଜ୍ୱର, କାଶ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ କିମ୍ବା ଫ୍ଲୁ ଭଳି ଲକ୍ଷଣ ଥିଲେ ତୁରନ୍ତ ସ୍ୱାସ୍ଥ୍ୟ ସହାୟତା ଫୋନ୍ ୧୦୪ ରେ ଜଣାନ୍ତୁ।
- ସର୍ବସାଧାରଣ ସ୍ଥାନରେ ଛେପ, ଖଙ୍କାର ଆଦି ପକାନ୍ତୁ ନାହିଁ।
- ଘରୁ ବାହାରକୁ ଗଲେ ପାଟି ଓ ନାକକୁ ରୁମାଲ୍ କିମ୍ବା ମାସ୍କ ଦ୍ୱାରା ଘୋଡାଇ ରଖନ୍ତୁ।

**ନାଗରିକ, ଅନୁଷ୍ଠାନ, ଗଣମାଧ୍ୟମ ସଂସ୍ଥାଙ୍କ ଦାୟିତ୍ୱ -**

- ଡି.ଏମ୍.ଇ.ଟି, ଡି.ଏଚ.ଏସ୍., ଡି.ପି.ଏଚ୍ କିମ୍ବା ଜିଲ୍ଲାପାଳ କିମ୍ବା ମେଡିକାଲ୍ ସୁପରିଟେଣ୍ଡେଣ୍ଟଙ୍କ ବିନା ଅନୁମତିରେ କରୋନା ସଂପର୍କିତ କୌଣସି ସୂଚନା ଛାପା/ବୈଦ୍ୟୁତିକ/ସାମାଜିକ ଗଣମାଧ୍ୟମରେ ପ୍ରକାଶନ ବା ପ୍ରଦର୍ଶନ କରାଯାଇପାରିବ ନାହିଁ।

**ପଞ୍ଚାୟତ, ମ୍ୟୁନିସିପାଲଟି, ହୋଟେଲ୍/ଲଜ୍, ଆବାସିକ କଲ୍ୟାଣ ସଂଗଠନ ମାନଙ୍କ ଦାୟିତ୍ୱ -**

- ଗତ ୧୪ ଦିନ ମଧ୍ୟରେ ବିଦେଶରୁ କିମ୍ବା ବାହାର ରାଜ୍ୟରୁ କେହି ବ୍ୟକ୍ତି ଆସିଥିଲେ ୨୪ ଘଣ୍ଟା ମଧ୍ୟରେ ସ୍ୱାସ୍ଥ୍ୟ ସହାୟତା ଫୋନ୍ ୧୦୪ ରେ ସୂଚନା ଦିଅନ୍ତୁ।
- ଏପରି ବ୍ୟକ୍ତିଙ୍କୁ ୧୪ ଦିନ ପାଇଁ ନିଜ ଘରେ କିମ୍ବା ପ୍ରଶାସନ ଦ୍ୱାରା ନିରୂପିତ କ୍ୱାରେଣ୍ଟାଇନ୍ ସେଣ୍ଟରରେ ସଙ୍ଗରୋଧରେ ରହିବା ପାଇଁ ପରାମର୍ଶ ଦିଅନ୍ତୁ।

ଏହି ନିୟମର ଉଲଂଘନ ଭାରତୀୟ ଦଣ୍ଡବିଧି ଆଇନ୍ (45 of 1860) ଅନୁଯାୟୀ ଦଣ୍ଡନୀୟ

**ସ୍ଥାନୀୟ କ୍ଷମତାପ୍ରାପ୍ତ ଅଧିକାରୀ ଉପରୋକ୍ତ ନିର୍ଦ୍ଦେଶାବଳୀ ଅମାନ୍ୟ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।**

ଅଧିକ ସୂଚନା ପାଇଁ ସ୍ୱାସ୍ଥ୍ୟ ସହାୟତା ଫୋନ୍ ନଂ ୧୦୪ ରେ ଯୋଗାଯୋଗ କରନ୍ତୁ

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

OIPR-10003/13/0001/2021

facebook.com/HFWOdisha http://www.health.odisha.gov.in/ @HFWOdisha

## ୨ ଆତଙ୍କବାଦୀ ନିହତ

ଜମ୍ମୁ-କଶ୍ମୀରର ଶୋପିଆନ ଜିଲାରେ ଶୁକ୍ରବାର ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ପାଇ ସୁରକ୍ଷାବଳ ଶୋପିଆନ ଜିଲାର ଡାଇରୁ ଅଞ୍ଚଳକୁ ଚାରିପଟୁ ଘେରିଯାଇ ତଲାସି ଅଭିଯାନ ଆରମ୍ଭ କରିଥିଲା। ଆତଙ୍କବାଦୀମାନେ ସୁରକ୍ଷା ଯବାନଙ୍କ ଉପରକୁ ଗୁଳି ଚଳାଇବାରୁ ଏହା ଏନ୍‌କାଉଣ୍ଟରର ରୂପ ନେଇଥିଲା।



ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍‌ରେ କରୋନା ମୁକାବିଲା ପାଇଁ ଅଗ୍ନିଶମ ବାହିନୀ ପକ୍ଷରୁ କେମିକାଲ୍ ସ୍ପ୍ରେ କରାଯାଉଛି।

## ଏଯାଏ ୪୭୫ ମୃତ

**ନୂଆଦିଲ୍ଲୀ,୧୭।୪:** ଶୁକ୍ରବାର ସୁଦ୍ଧା ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୪,୧୨୩କୁ ବୃଦ୍ଧି ପାଇଥିବା ବେଳେ ୪୭୫ ଜୀବନ ଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୭୦୦ ନୂଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ଯାଇଛି ୨୭ ମୁଣ୍ଡ। ମଧ୍ୟପ୍ରଦେଶରେ ୧୪, ରାଜସ୍ଥାନରେ ୬, ଗୁଜରାଟରେ ୫ ଓ ଉତ୍ତରପ୍ରଦେଶରେ ଜଣେ ବ୍ୟକ୍ତି ଶୁକ୍ରବାର ପ୍ରାଣ ହରାଇଛନ୍ତି। ସଂକ୍ରମିତଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୧,୯୮୬ ଜଣ ସୁସ୍ଥହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ମହାରାଷ୍ଟ୍ରରେ ସବୁଠାରୁ ଭୟଙ୍କର ସ୍ଥିତି ଦେଖିବାକୁ ମିଳିଛି। ଏଠାରେ ୩,୨୦୨ ଭୂତାଣୁ ଆକ୍ରାନ୍ତ ରହିଥିବା ବେଳେ ସର୍ବାଧିକ ୧୯୪ ବ୍ୟକ୍ତି ପ୍ରାଣ ହରାଇଲେଣି। ରାଜଧାନୀ ଦିଲ୍ଲୀରେ ୧,୬୪୦ ସଂକ୍ରମିତ ଥିବାବେଳେ ମୃତ୍ୟୁସଂଖ୍ୟା ୩୮ ରହିଛି। ସେହିଭଳି ତାମିଲନାଡୁରେ ୧,୩୨୩ ରୋଗୀ ଥିବାବେଳେ ୧୫ ମୁଣ୍ଡ ଗଡ଼ିଲାଣି। ଗୁଜରାଟରେ ମୃତ୍ୟୁସଂଖ୍ୟା ୪୧କୁ ବୃଦ୍ଧି ପାଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୧୧ଶହ ଛୁଇଁଛି। ରାଜସ୍ଥାନରେ ୧,୧୯୩ ସଂକ୍ରମିତ ଥିବାବେଳେ ୧୭ ଜଣ ପ୍ରାଣ ହରାଇଛନ୍ତି। ଅନୁରୂପ ଭାବେ ଉତ୍ତରପ୍ରଦେଶରେ ୧୪, ତେଲଙ୍ଗାନାରେ ୧୮, ଆନ୍ଧ୍ରପ୍ରଦେଶରେ ୧୪, କର୍ଣ୍ଣାଟକରେ ୧୩, ପଶ୍ଚିମବଙ୍ଗରେ ୧୦, ପଞ୍ଜାବରେ ୧୪ ବ୍ୟକ୍ତି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।

## ଧୂମପାନକାରୀଙ୍କୁ ୧୪ ଗୁଣ ସଂକ୍ରମଣ ଆଶଙ୍କା



**ନୂଆଦିଲ୍ଲୀ,୧୭।୪:** ଅନ୍ୟମାନଙ୍କ ତୁଳନାରେ ଧୂମପାନକାରୀଙ୍କୁ କରୋନା ଭୂତାଣୁ ସଂକ୍ରମଣ ଆଶଙ୍କା ୧୪ ପ୍ରତିଶତ ଅଧିକ ବୋଲି ତୁର୍କୀର ଏକ ନିଶା ନିବାରଣ ସଂସ୍ଥା ମୁଖ୍ୟ କହିଛନ୍ତି। କରୋନା ମହାମାରୀରୁ ରକ୍ଷା ପାଇବାକୁ ହେଲେ ଧୂମପାନ ଛାଡ଼ିଦେବାକୁ ତୁର୍କିଶ୍ ଗ୍ରୀନ କ୍ରେସେଣ୍ଟ ନାମକ ଏହି ସଂସ୍ଥାର ଅଧ୍ୟକ୍ଷ ପ୍ରଫେସର ମୁସାହିଦ୍ ଓଜ୍‌ତୁର୍କ ଆହ୍ୱାନ ଦେଇଛନ୍ତି। ତମାଖୁ ଓ ତମାଖୁଜାତ ସାମଗ୍ରୀ କରୋନା ସଂକ୍ରମଣ ଆଶଙ୍କାକୁ ବଢ଼ାଇଦେଇଥାଏ। ଧୂମପାନ ଯୋଗୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇପଡ଼େ। ଏପରିକି ଚିକିତ୍ସା ବେଳେ ଏହା ନକରାତ୍ମକ ପ୍ରଭାବ ପକାଇଥାଏ। ବେଳେବେଳେ ନିଶା ସେବନ କରୁଥିଲେ ବି ଏହା ଚିକିତ୍ସା ପ୍ରକ୍ରିୟାକୁ ବିଳମ୍ବିତ କରିବା ସହ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଥାଏ। ମହାମାରୀ ବେଳେ ଚିକିତ୍ସା କଷ୍ଟକର ହୋଇପଡ଼େ। ତେଣୁ ସମସ୍ତ ନିଶାଦ୍ରବ୍ୟ ଛାଡିଦେବା କରୋନାରୁ ରକ୍ଷା ପାଇବା ଲାଗି ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଫେସର ଓଜ୍‌ତୁର୍କ କହିଛନ୍ତି।

ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହ କଫକୁ ରୋକିଥାଏ। ଫଳରେ ଭୂତାଣୁ ଓ ବ୍ୟାକ୍ଟେରିଆ ଶ୍ୱାସନଳୀ ଓ ଫୁସ୍‌ଫୁସ୍‌ରେ ରହିଯାଇଥାଏ। ଏହା ସଂକ୍ରମଣକୁ ଗୁରୁତର କରିଦିଏ। ଧୂମପାନ ବେଳେ ଆଙ୍ଗୁଠି ଓଠ ସଂସ୍ପର୍ଶରେ ଆସୁଥିବାରୁ ଭୂତାଣୁ ସଂକ୍ରମଣର ସମ୍ଭାବନା ଅଧିକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ଏପରିକି ବୃଦ୍ଧ ବ୍ୟକ୍ତିଙ୍କ ତୁଳନାରେ ଅତ୍ୟଧିକ ଧୂମପାନ କରୁଥିବା ଲୋକଙ୍କର ଭୂତାଣୁ ସଂକ୍ରମଣ ଜନିତ ମୃତ୍ୟୁ ଆଶଙ୍କା ଅଧିକ ବୋଲି ଚାଇନା ଡାକ୍ତରମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି।

## ଫେରିବେ ଛାତ୍ରୀଛାତ୍ର
## ରାଜସ୍ଥାନକୁ ୩୦୦ ବସ୍ ପଠାଇଲା ୟୁପି

**ଲକ୍ଷ୍ନୌ,୧୭।୪:** ରାଜସ୍ଥାନର କୋଟା ସହରରେ କୋଚିଂ ନେଉଥିବା ଦେଶର ହଜାର ହଜାର ଛାତ୍ରୀଛାତ୍ର ଲକ୍‌ଡାଉନ ଯୋଗୁ ଅଟକି ରହିଛନ୍ତି। ସେଠାରେ ଥିବା ୭୫୦୦ ଛାତ୍ରୀଛାତ୍ରଙ୍କୁ ଫେରାଇ ଆଣିବା ଲାଗି ଉତ୍ତରପ୍ରଦେଶ ସରକାର ୩୦୦ ବସ୍ ପଠାଇଛନ୍ତି। ପ୍ରତି ବସ୍‌ରେ ୨୫ ଜଣ ଲେଖାଏ ଛାତ୍ରୀଛାତ୍ରଙ୍କୁ ଅଣାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅନ୍ୟ ରାଜ୍ୟମାନେ ଚାହିଁଲେ ଅନୁରୂପ ବ୍ୟବସ୍ଥା କରିପାରିବେ ବୋଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି। ଅନ୍ୟପକ୍ଷରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହାକୁ ବିରୋଧ କରିଛନ୍ତି। ଦେଶବ୍ୟାପୀ ଲକ୍‌ଡାଉନ ବେଳେ ୟୁପି ସରକାର ବସ୍ ପଠାଇ ଏହି ନିୟମର କରିଛନ୍ତି। ଯଦି ଛାତ୍ରଙ୍କୁ ଫେରାଇ ନେବା ଲାଗି ଅନୁମତି ମିଳୁଛି, ତେବେ ଦାଦନ ଶ୍ରମିକଙ୍କୁ କ'ଣ ପାଇଁ ଅଟକ ରଖାଯାଇଛି ବୋଲି ବିହାର ମୁଖ୍ୟ ସଚିବ ଦୀପକ କୁମାର ପତ୍ର ଲେଖି ଜଣାଇବା ସହ ରାଜସ୍ଥାନ ସରକାର ଦେଇଥିବା ସ୍ୱତନ୍ତ୍ର ଅନୁମତିକୁ ରଦ୍ଦ କରିବାକୁ ଦାବି କରିଛନ୍ତି।

# ଜୀବନର ମୂଲ୍ୟ ୩୦ ଟଙ୍କା

**ନୂଆଦିଲ୍ଲୀ,୧୭।୪:** ଭାରତରେ ପ୍ରାୟ ୯୦,୦୦୦ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀ କରୋନା ବିରୋଧୀ ଲଢ଼େଇରେ ଅଗ୍ରଣୀ ଭୂମିକା ନେଉଛନ୍ତି। କିନ୍ତୁ ସେମାନଙ୍କୁ ଖୁବ୍ କମ୍ ପାରିଶ୍ରମିକ ମିଳୁଛି। ଘାତକ ମହାମାରୀ ବିରୋଧରେ ଏହି ଯୁଦ୍ଧ ଲଢ଼ିବା ପାଇଁ ସେମାନଙ୍କ ମନୋବଳ ଥିଲେ ହେଁ ପ୍ରୋତ୍ସାହନ ଅଭାବରୁ ଦୁର୍ବଳ ହୋଇଯାଇଛି ପ୍ରସ୍ତୁତି। ଏପରି କି ସାମାଜିକ କଳଙ୍କ ଯୋଗୁ ଏହି ମହିଳା ଯୋଦ୍ଧାଙ୍କ କ୍ଷେତ୍ରରେ ସଂକ୍ରମିତ ହେବା ଆଶଙ୍କା ଅଧିକ ରହିଛି। ନିଜ ଜୀବନକୁ ବାଜି ଲଗାଇ ଘର ଘର ବୁଲି ଲୋକଙ୍କ ସେବା କରୁଥିବା ଏହି ସ୍ୱାସ୍ଥ୍ୟକର୍ମୀଙ୍କୁ ମିଳୁଛି ଦିନକୁ ମାତ୍ର ୩୦ ଟଙ୍କା। ଏହାକୁ ନେଇ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିଛନ୍ତି ସେମାନେ।

ମହାରାଷ୍ଟ୍ରର ଅଲକା ନଲୱାଡେ ନାମ୍ନୀ ଜଣେ କରୋନା ଯୋଦ୍ଧା କହିଛନ୍ତି, ସରକାରଙ୍କ ଅନୁସାରେ ଆମ ଜୀବନର ମୂଲ୍ୟ ମାତ୍ର ୩୦ ଟଙ୍କା, ଯାହାକି ୧ ଡଲାରରୁ ବି କମ୍। କରୋନା ବିରୋଧରେ ଲଢ଼ିବା ପାଇଁ ସରକାର ଆମକୁ ମାସିକ ୧,୦୦୦ ଟଙ୍କା ଦେଉଛନ୍ତି। ଅର୍ଥାତ୍ ଜୀବନକୁ ବିପନ୍ନ କରି କାମ କରିବା ଲାଗି ଦିନକୁ ମାତ୍ର ୩୦ ଟଙ୍କା ମିଳୁଛି। ଅଲକା ହେଉଛନ୍ତି ୭୦,୦୦୦ ଆଶା କର୍ମୀଙ୍କ ମଧ୍ୟରୁ ଅନ୍ୟତମ, ଯାହାଙ୍କୁ ଆକ୍ରେଡିଟେଡ୍ ସୋସିଆଲ୍ ହେଲ୍‌ଥ୍ ଆକ୍ଟିଭିଷ୍ଟ ଭାବେ ବଛାଯାଇଛି। ସେ ଜଣେ ସିଙ୍ଗଲ୍ ମଦର। ଅଲକା ଏହି କାର୍ଯ୍ୟରେ ୧୦ ବର୍ଷ ହେଲା ନିୟୋଜିତ ଅଛନ୍ତି ଓ ବର୍ତ୍ତମାନ ପାୱାରୱାଡିରେ ଅବସ୍ଥାପିତ।

ଆଶା କର୍ମୀମାନଙ୍କୁ ପ୍ରାୟତଃ ସ୍ଥାନୀୟ ସ୍ତରରେ ଗ୍ରାମାଞ୍ଚଳରୁ ନିଯୁକ୍ତି ମିଳିଥାଏ। ଭାରତର ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ଘର ଘର ଯାଇ ଲୋକଙ୍କୁ ମା'ଙ୍କ ଗର୍ଭାବସ୍ଥା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ, ଗର୍ଭନିରୋଧକ ତଥା ସ୍ୱଚ୍ଛତା ସମ୍ପର୍କରେ ବୁଝାଇଥାନ୍ତି। ଏପରି କି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସେମାନଙ୍କ ନାମ ପଞ୍ଜୀକରଣ କରିବା ସହ ଏସବୁର ଫଳାଫଳ ନେଇ ଅନୁଧ୍ୟାନ କରନ୍ତି। କୋଭିଡ୍-୧୯ ବିରୋଧୀ ଲଢ଼େଇରେ ଏହି ଆଶା କର୍ମୀମାନଙ୍କ ଭୂମିକା ଭିନ୍ନ ନୁହେଁ। ସେମାନେ ଦାୟିତ୍ୱ ମିଳିଥିବା ଘରଗୁଡ଼ିକୁ ଯାଇ ସଙ୍ଗରୋଧ ବିଷୟରେ ପରିବାରଗୁଡ଼ିକୁ ଶିକ୍ଷା ଦେଇଥାଆନ୍ତି। ଏହାସହ ସଂକ୍ରମଣ ଲକ୍ଷଣ ଦେଖାଦେଉଥିବା ବ୍ୟକ୍ତିଙ୍କୁ ନେଇ ଅନୁଧ୍ୟାନ କରିଥାନ୍ତି। କିନ୍ତୁ ସେମାନେ ପୂର୍ବରୁ ସାମ୍ନା କରିଥିବା ବିପଦଠାରୁ କରୋନା ଭୂତାଣୁର ବିପଦ ବହୁଗୁଣରେ ଅଧିକ।

ଭାରତରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) କିଟ୍‌ର ଘୋର ଅଭାବ ରହିଛି। ଏପରି କି ଡାକ୍ତର ଓ ନର୍ସମାନେ ମଧ୍ୟ ଏହାର ଅଭାବ ଯୋଗୁ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଏଭଳି ସମୟରେ ମାସ୍କ କିମ୍ବା ସାନିଟାଇଜର୍ ପାଇ ନ ଥିବା ଆଶା କର୍ମୀଙ୍କ ଅବସ୍ଥା କ'ଣ ହେଉଥିବା ତାହା ଅନୁମେୟ। ଏହାକୁ ନେଇ ଅଲକା କହିଛନ୍ତି, ସେ ଓ ତାଙ୍କ ସହଯୋଗୀମାନେ ଯେଉଁ ବିପଦକୁ ସାମ୍ନା କରୁଛନ୍ତି, ସେଥିପାଇଁ ମାସିକ ୧,୦୦୦ ଟଙ୍କାର କ୍ଷତିପୂରଣ ବା ସହାୟତା ରାଶି ପର୍ଯ୍ୟାପ୍ତ ନୁହେଁ। ଜଣେ ଦିନ ମଜୁରିଆ ଭାବେ କାମ କଲେ ଏହାଠୁ ୧୦ ଗୁଣା ଅଧିକ ଅର୍ଥ ଉପାର୍ଜନ କରିପାରିବେ ବୋଲି ସେ କ୍ଷୋଭର ସହ କହିଛନ୍ତି। ସେହିପରି ୩୦ ଟଙ୍କାରେ ଆମେ କିପରି ଘର ଚଳାଇବୁ? ମୋତେ କରୋନା ଭାଇରସ୍ ସଂକ୍ରମଣ ହେଲେ କ'ଣ ହେବ? କିଏ ଆମର ଯତ୍ନ ନେବ? ୩୦ ଟଙ୍କାରେ ମୋର ଚିକିତ୍ସା ହୋଇପାରିବ କି ବୋଲି ଅଲକା ପ୍ରଶ୍ନ କରିଛନ୍ତି। କରୋନା ମୁକାବିଲାରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀମାନଙ୍କ ସହ ଯେପରି ବ୍ୟବହାର ଦେଖାଯାଉଛି ତାକୁ ନେଇ ମଧ୍ୟ ଅଲକା ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କେବଳ ମହାରାଷ୍ଟ୍ର ନୁହେଁ, ହରିୟାଣା, ରାଜସ୍ଥାନ ଓ ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳିଛି ସମାନ ଅବସ୍ଥା।

### ଭାରତରେ କରୋନା ମୁକାବିଲା

- ଯୋଦ୍ଧା ସାଜିଛନ୍ତି ୯୦,୦୦୦ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀ
- ମଜୁରି କମ୍, ଜୀବନ ଅସୁରକ୍ଷିତ
- ଅସନ୍ତୋଷ ବ୍ୟକ୍ତ କଲେ ଆଶା କର୍ମୀ
- ମୂଲ ଲାଗିଲେ ମିଳିବ ଦଶଗୁଣା ଟଙ୍କା


ରାଜସ୍ଥାନର ବିକାନେରସ୍ଥିତ ଏକ ବସ୍ତିରେ ଶିଶୁ ମୁହଁରେ ମାସ୍କ ପିନ୍ଧାଉଛନ୍ତି ଜଣେ ଆଶା କର୍ମୀ।

## ଲଢ଼େଇରେ ୧୦୦୦ ଅବସରପ୍ରାପ୍ତ ସେନା ଅଫିସର, କର୍ମଚାରୀ

**ନୂଆଦିଲ୍ଲୀ,୧୭।୪(ଆଇଏଏନ୍‌ଏସ୍):** କୋଭିଡ୍-୧୯ ବିରୋଧୀ ଲଢ଼େଇରେ ସୈନ୍ୟବାହିନୀର ୧୦୦୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ମେଡିକାଲ ଅଫିସର ଓ ପାରାମେଡିକାଲ କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ସାମିଲ ହୋଇଛନ୍ତି। ସେମାନେ ନିଜ ସହରରେ ଥିବା ସେନା ହସ୍ପିଟାଲରେ ଆବଶ୍ୟକ ସମୟରେ ଆସି କାର୍ଯ୍ୟ କରୁଛନ୍ତି। ଏହି ଲଢ଼େଇରେ ୪୩ ଅବସରପ୍ରାପ୍ତ ଅଫିସର ଓ ୯୯୦ ଜଣ ପାରାମେଡିକାଲ କର୍ମଚାରୀ ସାମିଲ ହୋଇଥିବା ସେନା ପକ୍ଷରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ଜଣାଇଦିଆଯାଇଛି। ସେମାନଙ୍କୁ ଆଇସୋଲେଶନ କେନ୍ଦ୍ର ଓ କରୋନା ପଜିଟିଭ୍ ରୋଗୀଙ୍କ ଚିକିତ୍ସାରେ ନିୟୋଜିତ କରାଯାଇଛି। ଏହିସବୁ ହସ୍ପିଟାଲରେ ୯୦୩୮ ଶଯ୍ୟା ଥିବାବେଳେ ବେସାମରିକ କରୋନା ରୋଗୀଙ୍କୁ ମଧ୍ୟ ସେଠାରେ ଚିକିତ୍ସା ସୁବିଧା ଯୋଗାଇଦିଆଯାଉଛି।

## କରିବାକୁ ହେବ କଷଣ...


ଲକ୍‌ଡାଉନ୍‌ବେଳେ ରାଜସ୍ଥାନର ବେୱାରସ୍ଥିତ ଏକ ବଜାରରେ ଗହମ ଚସୁ ବସ୍ତା ବୋହି ଯାଉଛନ୍ତି ଶ୍ରମିକ।

## ପ୍ରତିଷ୍ଠା ଦିବସରେ ଗଡ଼ିଲାନି ଟ୍ରେନ୍



**ଭାଙ୍ଗିଲା ୧୬୭ ବର୍ଷର ପରମ୍ପରା**

**ନୂଆଦିଲ୍ଲୀ,୧୭।୪:** ଲକ୍‌ଡାଉନ୍ ଯୋଗୁ ଗାଡିମୋଟର ଚଳାଚଳ, ଟ୍ରେନ୍ ଓ ବିମାନ ସେବା ବାଧାପ୍ରାପ୍ତ ହୋଇଛି। ଇତିମଧ୍ୟରେ ଭାରତୀୟ ରେଲୱେ ତା'ର ପ୍ରତିଷ୍ଠା ଦିବସ ପାଳନ କରିଛି। ଏପ୍ରିଲ ୧୬ରେ ଏହା ୧୬୭ ବର୍ଷରେ ପଦାର୍ପଣ କରିଛି। ହେଲେ ଇତିହାସରେ ପ୍ରଥମ ଥର ଏହି ପ୍ରତିଷ୍ଠା ଦିବସରେ ଭାରତୀୟ ରେଲୱେ କୌଣସି ଯାତ୍ରୀଙ୍କୁ ଯାତ୍ରା କରାଇ ପାରିନାହିଁ। ସୂଚନାଯୋଗ୍ୟ, ୧୮୫୩ ଏପ୍ରିଲ ୧୬ରେ ଦେଶରେ ପ୍ରଥମ ଥର ଯାତ୍ରୀବାହୀ ଟ୍ରେନ୍‌ର ଚଳାଚଳ ଆରମ୍ଭ ହୋଇଥିଲା। ଏହା ପ୍ରଥମେ ମୁମ୍ବାଇରୁ ଠାଣେ ପର୍ଯ୍ୟନ୍ତ ଗଡ଼ିଥିବା ବେଳେ ଏଥିରେ ପ୍ରାୟ ୪୦୦ ଯାତ୍ରୀ ଯାତ୍ରା କରିଥିଲେ। ଭାରତରେ ଟ୍ରେନ୍ ଚଳାଚଳ ଆରମ୍ଭ ହେବା ପରେ ସଂଗଠିତ ୨ଟି ବିଶ୍ୱଯୁଦ୍ଧ ସମୟରେ ମଧ୍ୟ ଟ୍ରେନ୍ ନିଜ ଟ୍ରାକ୍‌ରେ ଗଡ଼ିଥିଲା। ଏହା ପରେ ଦେଶର ବିଭାଜନ ଓ ମହାମାରୀରେ ବି ଟ୍ରେନ୍ ଯାତ୍ରା ଅଟକି ନ ଥିଲା।

୧୯୭୪ ମେ'ରେ ପ୍ରାୟ ୩ ସପ୍ତାହ ଧରି ରେଲୱେ ଷ୍ଟ୍ରାଇକ୍ ହୋଇଥିଲା। ଟ୍ରେନ୍ ଡ୍ରାଇଭରମାନଙ୍କ ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମୟ ଓ ଦରମା ଦାବିକରି ଡ୍ରାଇଭର, ଷ୍ଟେସନ ମାଷ୍ଟର, ଗାର୍ଡ, ଟ୍ରାକ୍ କର୍ମଚାରୀ ଓ ଅନ୍ୟମାନେ ଚକାଜାମ୍ କରିଥିଲେ। ହେଲେ ସେହି ମସୟରେ ବି ସମ୍ପୂର୍ଣ୍ଣ ଟ୍ରେନ୍ ଚଳାଚଳ ବନ୍ଦ ହୋଇ ନ ଥିଲା। ଇତିହାସରେ କେବେବି ଏତେ ଦିନ ଯାଏ ଟ୍ରେନ୍ ସେବା ବାଧାପ୍ରାପ୍ତ ହୋଇନାହିଁ। ଦେଶରେ ଏହା ପ୍ରଥମ ଘଟଣା ବୋଲି ରେଲୱେ ମୁଖପାତ୍ର କହିଛନ୍ତି।

କରୋନା ଭାଇରସ୍ ଭୟ ଯୋଗୁ ଦେଶରେ ମାର୍ଚ୍ଚ ୨୫ରୁ ମେ'୩ ଯାଏ ଟ୍ରେନ୍ ଚଳାଚଳ ଉପରେ ନିଷେଧାଜ୍ଞା ଜାରି କରାଯାଇଛି। ଫଳରେ ଯାତ୍ରୀବାହୀ ଟ୍ରେନ୍ ସେବାକୁ ବି ସ୍ଥଗିତ ରଖାଯାଇଛି। ପୂର୍ବରୁ ଯାତ୍ରୀମାନେ ବୁକ୍ କରିଥିବା ୯୪ଲକ୍ଷ ଟିକେଟକୁ ଏବେ ରଦ୍ଦ କରାଯାଇଛି। ଫଳରେ ରେଲୱେକୁ ପ୍ରାୟ ୧୪୯୦କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି।

## ଗ୍ରାମାଞ୍ଚଳରେ ନିର୍ମାଣ କାର୍ଯ୍ୟକୁ ଅନୁମତି

**ନୂଆଦିଲ୍ଲୀ,୧୭।୪(ପି.ଟି.)**

କରୋନା ସଂକ୍ରମଣକୁ ପ୍ରତିହତ କରିବା ଲାଗି ପ୍ରଧାନମନ୍ତ୍ରୀ ଦ୍ୱିତୀୟ ପର୍ଯ୍ୟାୟରେ ମେ' ୩ ପର୍ଯ୍ୟନ୍ତ ଲକ୍‌ଡାଉନ ବଢ଼ାଇଥିବାବେଳେ ୨୦ ତାରିଖରୁ ଗ୍ରାମାଞ୍ଚଳରେ ବିଭିନ୍ନ ଅର୍ଥନୈତିକ କାର୍ଯ୍ୟ କରିବା ପାଇଁ ଅନୁମତି ଦିଆଯିବ ବୋଲି କହିଥିଲେ। ତଦନୁଯାୟୀ ୨୦ ପରେ ଲକ୍‌ଡାଉନରୁ ବାଦ୍ ପଡ଼ିବାକୁ ଥିବା କେତେକ କାର୍ଯ୍ୟର ତାଲିକା ଗତ ୧୫ରେ କେନ୍ଦ୍ର ସରକାର ପ୍ରକାଶ କରିଥିଲେ। ପୁନର୍ବାର ଶୁକ୍ରବାର ଆଉ କେତେକ କାର୍ଯ୍ୟକୁ ସରକାର ଲକ୍‌ଡାଉନ କଟକଣାରୁ ବାଦ୍ ଦେଇଛନ୍ତି। ଏହି ସମୟରେ ଗ୍ରାମାଞ୍ଚଳରେ ଜଳଯୋଗାଣ, ପରିମଳ ସମେତ ଅନ୍ୟ ନିର୍ମାଣ କାର୍ଯ୍ୟ କରାଯାଇପାରିବ। ବିଦ୍ୟୁତ ଲାଇନ ଟଣାଯାଇପାରିବ ଓ ଟେଲିକମ୍ ଅପ୍ଟିକାଲ ଫାଇବର ତଥା କେବୁଲ ବିଛାଯାଇପାରିବ। ଏଥିସହିତ ଅଣବ୍ୟାଙ୍କିଙ୍ଗ ଫାଇନାନ୍ସ ସଂସ୍ଥା ଏବଂ କୋଅପରେଟିଭ୍ କ୍ରେଡିଟ୍ ସୋସାଇଟି ଏହି ସମୟରେ ଖୋଲା ରଖିବାକୁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନଙ୍କୁ ପତ୍ର ଲେଖି ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲା କହିଛନ୍ତି, ଲକ୍‌ଡାଉନ ବେଳେ ଅନୁସୂଚିତ ଜନଜାତି ଓ ଅନ୍ୟ ବନବାସୀମାନଙ୍କୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ, ଅମଳ ଓ ପ୍ରକ୍ରିୟାକରଣ ପାଇଁ ସୁଯୋଗ ମିଳିବ। ହାଉସିଂ ଫାଇନାନ୍ସ କମ୍ପାନୀ, ମାଇକ୍ରୋ ଫାଇନାନ୍ସ ସଂସ୍ଥାଗୁଡ଼ିକ ସର୍ବନିମ୍ନ କର୍ମଚାରୀରେ ଚାଲୁ କରିବାକୁ କୁହାଯାଇଛି। ଲକ୍‌ଡାଉନ ବେଳେ ବାଉଁଶ, ନଡିଆ, ଗୁଆ ଓ ମସଲା ଚାରାରୋପଣ ସହ ସେଗୁଡିକର ଅମଳ, ପ୍ରକ୍ରିୟାକରଣ, ପ୍ୟାକେଜିଂ, ବିକ୍ରି ଓ ବିପଣନକୁ ଅନୁମତି ମିଳିଛି।



- ଲକ୍‌ଡାଉନ କଟକଣାରୁ ବାଦ୍ ପଡ଼ିଲା ଅଣବ୍ୟାଙ୍କିଙ୍ଗ ଫାଇନାନ୍ସ ସଂସ୍ଥା, କୋଅପରେଟିଭ୍ ସୋସାଇଟି
- ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିପାରିବେ ଆଦିବାସୀ

## ଲକ୍‌ଡାଉନ୍‌କୁ ଫୁଁ କଲେ କୁମାରସ୍ୱାମୀ

### ପୁଅ ବାହାଘରେ ସାମାଜିକ ଦୂରତ୍ୱକୁ ଅଣଦେଖା



**ବେଙ୍ଗାଲୁରୁ,୧୭।୪:** କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଲକ୍‌ଡାଉନ୍‌ବେଳେ ସରକାରୀ ନୀତି ନିୟମକୁ ଜଳାଞ୍ଜଳି ଦେଇ ପୁଅ ତଥା ଜେଡିଏସ୍ ଯୁବମୋର୍ଚ୍ଚା ସଭାପତି ନିଖିଲ୍ କୁମାରସ୍ୱାମୀଙ୍କୁ ବାହା କରାଇଛନ୍ତି। ରାମନଗର ଜିଲାର ଏକ ଫାର୍ମହାଉସ୍‌ରେ ଅନୁଷ୍ଠିତ ଏହି ବିବାହ ଉତ୍ସବରେ ଶତାଧିକ ଅତିଥି ଯୋଗଦେଇଥିଲେ। ପୂର୍ବତନ କଂଗ୍ରେସ ମନ୍ତ୍ରୀ ଏମ୍. କ୍ରିଷ୍ଣାପ୍ପାଙ୍କ ବଡ଼ ଝିଆରୀ ରେବତୀଙ୍କୁ ନିଖିଲ୍ ବାହା ହେବାର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରାଯିବା ପରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିବାହ ଉତ୍ସବରେ ଅତିଥିମାନେ ସାମାଜିକ ଦୂରତ୍ୱ ନ ମାନି ଏକାଠି ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦ୍ୟୁରାପ୍ପାଙ୍କ ସହ ବିଭିନ୍ନ ଦଳର ରାଜନେତାମାନେ ବାହାଘର ପରେ ନବବିବାହିତ ଦମ୍ପତିଙ୍କୁ ଆଶୀର୍ବାଦ କରିଛନ୍ତି।

କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ସି.ଏନ୍. ଅଶ୍ୱଥ ନାରାୟଣ ଏନେଇ ରାମନଗର ଡେପୁଟି କମିଶନରଙ୍କୁ ରିପୋର୍ଟ ମାଗିଥିବା ଜଣାପଡ଼ିଛି। ଏଭଳି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

**ସୁସ୍ଥ ହେଲେ ଆଉ ୨ କରୋନା ଆକ୍ରାନ୍ତ**

ଭୁବନେଶ୍ୱର, ୧୭।୪(ବ୍ୟୁରୋ)- ରାଜ୍ୟରେ ଆଉ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନେ ଭୁବନେଶ୍ୱର ବୋଲି ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟୁଇଟ୍ କରି ଜଣାଯାଇଛି। ତେବେ ଏହାକୁ ମିଶାଇ ଇତିମଧ୍ୟରେ ରାଜ୍ୟରେ ମୋଟ ୨୧ଜଣ ସୁସ୍ଥ ହୋଇଛନ୍ତି। ଫଳରେ ବର୍ତ୍ତମାନ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୩୮ ରହିଥିବାବେଳେ ସେମାନେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ମୋଟ ୬୦ଜଣଙ୍କ କରୋନା ପଜିଟିଭ୍ ଥିବାବେଳେ ସେଥିମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି। ୧୦୪ ଜଣ ସନ୍ଦିଗ୍ଧ ହସ୍ପିଟାଲ ଆଇସୋଲେଶନରେ ରହିଛନ୍ତି।

# ‘କୃଷିକାର୍ଯ୍ୟ ତ୍ୱରାନ୍ୱିତ କର’

**ଢେଙ୍କାନାଳ ଅଫିସ, ୧୭।୪**

- ଢେଙ୍କାନାଳରେ ‘୫-ଟି’ ସଚିବ
- କୋଭିଡ୍ ହସ୍ପିଟାଲ ସ୍ଥିତି ପରଖିଲେ
- ଶ୍ରମିକଙ୍କ ଯତ୍ନ ନେବାକୁ ପରାମର୍ଶ

ଢେଙ୍କାନାଳରେ କାର୍ଯ୍ୟକ୍ଷମ ହୋଇଥିବା ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହେଲ୍ଥ ସେଣ୍ଟରକୁ ଶୁକ୍ରବାର ପରିଦର୍ଶନ କରିଛନ୍ତି ‘୫-ଟି’ ସଚିବ ଭି.କେ. ପାଣ୍ଡିଆନ ଏବଂ ଉନ୍ନୟନ କମିଶନର ସୁରେଶ ମହାପାତ୍ର। ଅଧିକାରୀମାନେ ଆଇସିୟୁ ବ୍ୟବସ୍ଥା, ଆଇସୋଲେଶନ ୱାର୍ଡ, ମହଜୁଦ୍ ଥିବା ଔଷଧ ସ୍ଥିତି ଯାଞ୍ଚ କରିବା ସହ ଡାକ୍ତର, ଷ୍ଟାଫ୍ ନର୍ସ ଏବଂ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ବାହାରୁ ଆସି ଜିଲାରେ କାମ କରୁଥିବା ଶ୍ରମିକଙ୍କ ଭଲ ଭାବେ ଯତ୍ନନେବାକୁ ‘୫-ଟି’ ସଚିବ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ତ୍ୱରାନ୍ୱିତ କରିବା, କୃଷିଭିତ୍ତିକ କାର୍ଯ୍ୟକ୍ରମ ଜାରି ରଖିବା, ଅସହାୟଙ୍କୁ ଖାଦ୍ୟ ଯୋଗାଣ, ଲକ୍‌ଡାଉନ୍ ନିୟମ କଡ଼ାକଡ଼ି, କୃଷିଜାତ ଦ୍ରବ୍ୟ ଓ ସାମଗ୍ରୀକୁ ଠିକ୍ ଭାବେ ପହଞ୍ଚାଇବା ଆଦି ବିଷୟ ଉପରେ ‘୫-ଟି’ ସଚିବ ଗୁରୁତ୍ୱାରୋପ କରିଛନ୍ତି।

ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଲେ, ଏପ୍ରିଲ ୧୩ରୁ ଜିଲା କୋଭିଡ୍ ହେଲଥ୍ ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି। ଏଠାରେ ୫୪ ଶଯ୍ୟାରେ ଅକ୍ସିଜେନ୍, ୬ଟିରେ ହାଇପର ଡିପେଣ୍ଡାଣ୍ଟ ୟୁନିଟ୍ (ଏଚ୍‌ଡିୟୁ) ଏବଂ ୪୦ଟି ଆଇସୋଲେଶନ ବେଡ୍ ସୁବିଧା ରହିଛି। କରୋନା ଆକ୍ରାନ୍ତ ଗୁରୁତର ରୋଗୀଙ୍କୁ କଟକସ୍ଥିତ ଅଶ୍ୱିନୀ ହସ୍ପିଟାଲକୁ ପଠାଯିବାକୁ ନିଷ୍ପତ୍ତି ହୋଇଛି। ‘୫-ଟି’ ସଚିବ, ଉନ୍ନୟନ କମିଶନର କୋଭିଡ୍ ହେଲ୍ଥ ସେଣ୍ଟର ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାକୁ ତ୍ୱରାନ୍ୱିତ କରିବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଆବଶ୍ୟକ ପଡ଼ିଲେ କର୍ମଚାରୀଙ୍କୁ ତାଲିମ ଦିଆଯିବ ବୋଲି ସଚିବ ପ୍ରତିଶ୍ରୁତି ଦେଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଏସ୍‌ପି ଅନୁପମା ଜେମ୍‌ସ, ଅତିରିକ୍ତ ଜିଲାପାଳ ଭବେଶ ନାୟକ, ପିଡି ଡିଆରଡିଏ ନରୋତ୍ତମ ବେହେରା, ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


କୋଭିଡ୍ ହେଲ୍ଥ ସେଣ୍ଟର ପରିଦର୍ଶନ ଅବସରରେ ‘୫-ଟି’ ସଚିବ ଭି.କେ ପାଣ୍ଡିଆନ୍ ଏବଂ ଉନ୍ନୟନ କମିଶନର ସୁରେଶ ମହାପାତ୍ର ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ସହ ଆଲୋଚନା କରୁଛନ୍ତି।

## ଭିତ୍ତିଭୂମି ପରଖିଲେ ୫-ଟି ସଚିବ

**ତାଳଚେର, ୧୭।୪(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେରସ୍ଥିତ ନେହେରୁ ଶତାବ୍ଦୀ କେନ୍ଦ୍ରୀୟ ହସ୍ପିଟାଲରେ ପ୍ରସ୍ତୁତ କରାଯାଇଥିବା ୧୫୦ ଶଯ୍ୟା ବିଶିଷ୍ଟ କୋଭିଡ୍ ଡାକ୍ତରଖାନାକୁ ଶୁକ୍ରବାର ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ ପରିଦର୍ଶନ କରିଛନ୍ତି। ଉଦ୍‌ଘାଟନ ପୂର୍ବରୁ ଏହି ଡାକ୍ତରଖାନାର ଭିତ୍ତିଭୂମି କିପରି ଅଛି ସେ ନେଇ ସଚିବ ପାଣ୍ଡିଆନ ସମୀକ୍ଷା କରିଥିଲେ। ପରେ ଜିଲା ପ୍ରଶାସନ, ଏମ୍‌ସିଏଲ୍ ଅଧିକାରୀ ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ୫-ଟି ସଚିବଙ୍କ ଏହି ଗସ୍ତ ବେଳେ ରାଜ୍ୟ ଉନ୍ନୟନ କମିଶନର ସୁରେଶ ମହାପାତ୍ର, ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି, ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଲ, ଏସ୍‌ପି ଜଗମୋହନ ମୀନା, ତାଳଚେର ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ସେଣ୍ଟ୍ରାଲ ହସ୍ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ ମନୋଜ କୁମାର ବେହେରା ଉପସ୍ଥିତ ଥିଲେ।

## ଟିକ୍‌ଟକ୍ ଅଭିନୟ ଜୀବନ ନେଲା

**ନୟାଗଡ଼ ଅଫିସ, ୧୭।୪**



ପୂର୍ବରୁ ଅନେକ ଭିଡିଓ କରି ଟିକ୍‌ଟକ୍‌ରେ ଛାଡ଼ିଥିଲେ। ଏଥର ଆତ୍ମହତ୍ୟା ଅଭିନୟର ଭିଡିଓ କରିବାକୁ ଯୋଜନା କରିଥିଲେ। ତେବେ ଗୁରୁବାର ରାତିରେ ଶୁଟିଂ ବେଳେ ସାମାନ୍ୟ ଅସାବଧାନତା ଆତ୍ମହତ୍ୟାର ରୂପ ନେଇଗଲା। ଏପରି ଏକ ଅଭାବନୀୟ ଘଟଣା ଘଟିଛି ନୟାଗଡ଼ ଲେଙ୍କୁଡିପଡା ନିକଟ ସାଇବିହାରରେ। ମୃତ ଛାତ୍ରଜଣକ ହେଲେ ପ୍ରେମାନନ୍ଦ ସାହୁ (୧୫)। ସେ ନୟାଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦଶମ ଶ୍ରେଣୀରେ ପଢୁଥିଲେ। ଟାଉନ ଥାନା ପୋଲିସ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ପୋଲିସ କହିଛି, ନୟାଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ରହୁଥିବା ଆନନ୍ଦ ଚନ୍ଦ୍ର ସାହୁଙ୍କ ପୁଅ ପ୍ରେମାନଙ୍କ ଟିକ୍‌ଟକ୍ ଭିଡିଓ ପ୍ରତି ବେଶ୍ ଆଗ୍ରହ ଥିଲା। ଗୋଟିଏ ପରେ ଗୋଟିଏ ଭିଡିଓ କରି ସେ ସୋସିଆଲ ମିଡିଆରେ ଛାଡୁଥିଲେ। ହେଲେ ଗୁରୁବାର ଆତ୍ମହତ୍ୟା ଅଭିନୟ କରିବାକୁ ସେ ଲେଙ୍କୁଡିପଡା ନିକଟ ସାଇବିହାରଠାରେ ଥିବା ବାପାଙ୍କ ସାଙ୍ଗ ଘରକୁ ବାଛିଥିଲେ। ଏଥିପାଇଁ ୧୫ ତାରିଖରୁ ସେ ସାଇବିହାରରେ ରହିଥିଲେ। ରାତି ପ୍ରାୟ ସାଢ଼େ ୮ଟାରେ ଘର କବାଟ ବନ୍ଦ କରି ସେ ଏକ ଷ୍ଟୁଲ ଉପରେ ଛିଡାହୋଇ ଫ୍ୟାନ୍‌ରେ ଲୁଗାବାନ୍ଧି ବେକରେ ଗୁଡ଼ାଇଥିଲେ। ହେଲେ ଅସାବଧାନତାବଶତଃ ଗୋଡ଼ତଳୁ ଷ୍ଟୁଲ ଖସିଯିବା ସହ ବେକରୁ ଲୁଗା ମଧ୍ୟ ବାହାରିପାରି ନ ଥିଲା। ଫଳରେ ଫ୍ୟାନରେ ଝୁଲିବା ଅବସ୍ଥାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସମସ୍ତ ଦୃଶ୍ୟ ତାଙ୍କ ମୋବାଇଲ ଫୋନରେ ରେକର୍ଡ ହୋଇଯାଇଥିବା ପୋଲିସ ସୂଚନା ଦେଇଛି। କୌଣସି ସୂତ୍ରରୁ ଖବରପାଇ ପରିବାର ଲୋକେ ସାଇବିହାରରେ ପହଞ୍ଚି କାବାଟ ଭାଙ୍ଗି ପ୍ରେମାନନ୍ଦଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ଉକ୍ତ ଶିକ୍ଷାନୁଷ୍ଠାନ ସହ ସହରରେ ଶୋକର ଛାୟା ଖେଳାଇ ଦେଇଛି।

## ଶ୍ରମିକଙ୍କ ସମସ୍ୟା ବୁଝିବାକୁ ନୋଡାଲ ଅଫିସର ନିଯୁକ୍ତି କର

**ଭୁବନେଶ୍ୱର, ୧୭।୪(ବ୍ୟୁରୋ)**

**ରାଜ୍ୟକୁ କେନ୍ଦ୍ରର ପରାମର୍ଶ**

କୋଭିଡ-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନକୁ ମେ ୩ ତାରିଖ ଯାଏ ବୃଦ୍ଧି କରିଛନ୍ତି। ଏଥିଯୋଗୁ ବିଭିନ୍ନ ରାଜ୍ୟର ରିଲିଫ କ୍ୟାମ୍ପରେ ଫସି ରହିଥିବା ଶ୍ରମିକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ଉପଯୁକ୍ତ ଖାଦ୍ୟ, ପାନୀୟ ଓ ଚିକିତ୍ସା ସୁବିଧା ଯୋଗାଯାଉ ନ ଥିବା ଅଭିଯୋଗ ହେଉଛି। ଏହାକୁ ନେଇ ସୁପ୍ରିମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ଦିଗରେ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ରିଲିଫ କ୍ୟାମ୍ପ ଦାୟିତ୍ୱରେ ଜଣେ ବରିଷ୍ଠ ଅଧିକାରୀ ରହିବେ। ବିଭିନ୍ନ ସାମାଜିକ ସଂଗଠନ କିମ୍ବା ମଧ୍ୟାହ୍ନଭୋଜନ ସୁବିଧା କରୁଥିବା ସଂସ୍ଥାଗୁଡିକ ସହିତ ଯୋଗସୂତ୍ର ରଖି ଲକ୍‌ଡାଉନ ସମୟରେ ଶ୍ରମିକମାନଙ୍କର ଖାଇବା ପିଇବା ବ୍ୟବସ୍ଥା କରିବେ। ଆବଶ୍ୟକ ସ୍ଥଳେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ନିୟମାବଳୀ ଅନୁସାରେ ସେମାନଙ୍କୁ ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ଦେବାକୁ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଲକ୍‌ଡାଉନ ସମୟରେ ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ଶ୍ରମିକମାନଙ୍କ କଲ୍ୟାଣ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦେବାକୁ କେନ୍ଦ୍ର ସରକାର ଅନୁରୋଧ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନିୟମାବଳୀଗୁଡିକ ଯେପରି କଡାକଡି ଲାଗୁ କରାଯିବ ତାହା ସୁନିଶ୍ଚିତ କରିବାକୁ କ୍ୟାବିନେଟ ସଚିବ ଶୁକ୍ରବାର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କୁ ଚିଠି ଲେଖିଛନ୍ତି।

ରାଜ୍ୟଗୁଡିକ ଏ ସମ୍ପର୍କରେ ସମୀକ୍ଷା କରିବା ସହ ଶ୍ରମିକମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବା ଲାଗି କୁହାଯାଇଛି। ଯଦି ଏଥିପାଇଁ କୌଣସି ନୋଡାଲ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇ ନାହିଁ ତେବେ ତୁରନ୍ତ ତାହା କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଛି। ଶ୍ରମିକମାନେ ଯେପରି ହଇରାଣ ନ ହେବେ ସେ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ପୌର ସଂସ୍ଥା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ଲାଗି କୁହାଯାଇଛି। ବିଭିନ୍ନ ଜିଲାରେ ଅଟକି ରହିଥିବା ଶ୍ରମିକମାନଙ୍କ ସଂଖ୍ୟା ପୁଙ୍ଖାନୁପୁଙ୍ଖ ଭାବେ ନିରୂପଣ କରି ସେମାନଙ୍କର ଖାଇବା, ରହିବା ଆଦି ସମସ୍ତ ସୁବିଧା କରିବାକୁ କ୍ୟାବିନେଟ ସଚିବ ଚିଠିରେ ଉଲ୍ଲେଖ କରିଛନ୍ତି।

## ସବୁଠୁ ତତଲା ସହର ସୋନପୁର

**ଭୁବନେଶ୍ୱର, ୧୭।୪(ବ୍ୟୁରୋ)**

**୪୨.୨ ଡିଗ୍ରୀ ଛୁଇଁଲା ତାତି**

ସାରା ରାଜ୍ୟରେ ଏବେ ତାତି ଅସମ୍ଭାଳ ହୋଇପଡ଼ିଲାଣି। ଶୁକ୍ରବାର ୭ ସହରରେ ପାରଦ ୪୦ ଡିଗ୍ରୀ ଟପିଥିଲା। ସୋନପୁର ସର୍ବାଧିକ ୪୨.୨ ଡିଗ୍ରୀ ତାପମାତ୍ରା ସହିତ ସବୁଠାରୁ ଉତ୍ତପ୍ତ ସହର ହୋଇଛି। ଅନୁଗୋଳ ଓ ବଲାଙ୍ଗୀର ୪୧.୫, ତାଳଚେର ୪୧.୪, ଟିଟିଲାଗଡ଼ ଓ ବୌଦ୍ଧ ୪୧.୨, ମାଲକାନଗିରି ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୪ଦିନ ପର୍ଯ୍ୟନ୍ତ ତାପମାତ୍ରା ଏହିଭଳି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ସେପଟେ ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ଏହି ସମୟରେ ବିଭିନ୍ନ ଜିଲାରେ ଝଡ଼ତୋଫାନ ଓ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶନିବାର ଉପକୂଳ ଓଡ଼ିଶା ସମେତ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ବଲାଙ୍ଗୀର, ସୋନପୁର, ବୌଦ୍ଧ ଓ କନ୍ଧମାଳର କେତେକ ସ୍ଥାନରେ ବର୍ଷା ହେବାର ଆଶଙ୍କା ରହିଛି। ସେହିଭଳି ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର ଓ ଗଜପତି ଜିଲାରେ ବଜ୍ରପାତ ସମ୍ଭାବନା ରହିଛି। ୧୯ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ ଓ ମୟୂରଭଞ୍ଜ, ୨୦ ତାରିଖରେ ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ବାଲେଶ୍ୱର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ଢେଙ୍କାନାଳ ଓ କଟକ ଏବଂ ୨୧ ତାରିଖରେ ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୋନପୁର, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ ଓ ଗଞ୍ଜାମ ଜିଲାରେ ବଜ୍ରପାତ ଆଶଙ୍କା ରହିଛି। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହ ପ୍ରତିଦିନ ଘଣ୍ଟାକୁ ୩୦ରୁ ୪୦ କିମି ବେଗରେ ପବନ ବହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

## ପ୍ରସ୍ତୁତ ରହିଛି ୧୪୧ ଭେଣ୍ଟିଲେଟର

**ସଂଖ୍ୟାବୃଦ୍ଧି ନେଇ ତତ୍ପରତା**

**ଭୁବନେଶ୍ୱର, ୧୭।୪(ବ୍ୟୁରୋ):** ରାଜ୍ୟରେ କରୋନା ମୁକାବିଲା ପାଇଁ ସବୁ ଜିଲାରେ ସ୍ୱତନ୍ତ୍ର କୋଭିଡ-୧୯ ହସ୍ପିଟାଲ ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ହସ୍ପିଟାଲଗୁଡ଼ିକରେ ୨୪ ଘଣ୍ଟିଆ ସେବା ଯୋଗାଇବା ପାଇଁ ସ୍ୱତନ୍ତ୍ର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଏବଂ ଅନ୍ୟାନ୍ୟ ସହାୟକଙ୍କୁ ନିଯୁକ୍ତି କରାଯାଇଛି। ସର୍ବୋପରି କରୋନା ସଂକ୍ରମିତ ଯଦି ଚରମ ସ୍ତର ଅର୍ଥାତ୍ ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ଅନୁଭବ କରନ୍ତି, ସେଥିପାଇଁ ସ୍ୱତନ୍ତ୍ର ଭେଣ୍ଟିଲେଟର ବ୍ୟବସ୍ଥା ମଧ୍ୟ କରାଯାଇଛି। ଗତ ୧୬ ତାରିଖ ସୁଦ୍ଧା ରାଜ୍ୟରେ କୋଭିଡ-୧୯ ସଂକ୍ରମିତଙ୍କ ପାଇଁ ୧୪୧ ଭେଣ୍ଟିଲେଟର ପ୍ରସ୍ତୁତ ରହିଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ ବିଭାଗ ୱେବ୍‌ସାଇଟ୍‌ରେ ଏହି ତଥ୍ୟ ପ୍ରଦାନ କରାଯାଇଛି। ପ୍ରତିଦିନ ଭେଣ୍ଟିଲେଟର ସଂଖ୍ୟା ବୃଦ୍ଧି କରିବାକୁ ନେଇ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରୁଛନ୍ତି।

ସେହିଭଳି ସମାନ ସମୟ ସୁଦ୍ଧା କୋଭିଡ-୧୯ ରୋଗୀଙ୍କ ପାଇଁ ୩୩ ଆମ୍ବୁଲାନ୍ସ ଉପଲବ୍ଧ ହେଉଛି। ବର୍ତ୍ତମାନ ସୁଦ୍ଧା ୯୫୬୫ ଏନ୍-୯୫ ମାସ୍କ ଉପଲବ୍ଧ। ଏତଦ୍‌ବ୍ୟତୀତ ୨,୪୧,୨୬୯ ସର୍ଜିକାଲ ମାସ୍କ ମଧ୍ୟ ମହଜୁଦ୍ ରହିଛି। ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ୨୨,୦୨୮ ପିପିଇ କିଟ୍ ରହିଥିବା ଜଣାପଡିଛି। ଶୁକ୍ରବାର ସୁଦ୍ଧା ରାଜ୍ୟର ବିଭିନ୍ନ କୋଭିଡ-୧୯ ହସ୍ପିଟାଲରେ ୪୦୫୩ ସାଧାରଣ ଶଯ୍ୟା, ୨୯୫ ଆଇସିୟୁ, ପ୍ରତିଦିନ ୩ ପର୍ଯ୍ୟାୟରେ ୩୧୭ ଡାକ୍ତର, ୨୨୭ ନର୍ସ ନିୟୋଜିତ ଅଛନ୍ତି। ସେହିପରି ୪୦୩ ଚତୁର୍ଥ ଶ୍ରେଣୀ କର୍ମଚାରୀ ମଧ୍ୟ ବିଭିନ୍ନ ହସ୍ପିଟାଲରେ କାର୍ଯ୍ୟ କରୁଛନ୍ତି।

## ନିରାଡମ୍ବର ଭାବେ ପାଳିତ ହେଲା ବିଜୁଙ୍କ ଶ୍ରାଦ୍ଧଦିବସ
## ବିଜୁବାବୁ ଥିଲେ ମହାନ୍ ରାଷ୍ଟ୍ରନାୟକ

**ଭୁବନେଶ୍ୱର, ୧୭।୪(ବ୍ୟୁରୋ):** ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୩ ତମ ଶ୍ରାଦ୍ଧଦିବସ ଶୁକ୍ରବାର ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ବିଜୁଙ୍କ ଫଟୋ ଚିତ୍ରରେ ଭିନ୍ନକ୍ଷମ ଓ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ବିଧାୟିକା ନେତ୍ରୀ ପ୍ରମିଳା ମଲ୍ଲିକ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ବିଜେଡି ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ, ଯୁବ କଲ୍ୟାଣ ବୋର୍ଡ କାର୍ଯ୍ୟ ନିର୍ବାହୀଅଧ୍ୟକ୍ଷ ବିଜୟ ନାୟକ ଓ ଛାତ୍ର ବିଜେଡି ସଭାପତି ରାଣା ପ୍ରତାପ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ସଞ୍ଜୟ କହିଥିଲେ, ବିଜୁବାବୁ ଜଣେ ସାହସୀ, ସ୍ୱାଭିମାନୀ ତଥା ପ୍ରଚଣ୍ଡ ଦୂରଦୃଷ୍ଟିସମ୍ପନ୍ନ ନେତା ଥିଲେ। ଆଧୁନିକ ଓଡିଶା ନିର୍ମାଣରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ବର୍ଣ୍ଣନା କରିଥିଲେ। ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରୋନା ମୁକାବିଲା ପାଇଁ ଦଳୀୟ କର୍ମୀ, ନେତୃମଣ୍ଡଳୀ ଓ ନିର୍ବାଚିତ ପ୍ରତିନିଧିମାନଙ୍କୁ ନିରାଡମ୍ବର ଭାବେ ବିଜୁବାବୁଙ୍କ ଜୟନ୍ତୀ ପାଳନ ପାଇଁ ପରାମର୍ଶ ଦେଇଛନ୍ତି। ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ଏଭଳି ଘଡିସନ୍ଧି ମହୂର୍ତ୍ତରେ ଆଗେଇ ନେବା ହିଁ ପ୍ରବାଦ ପୁରୁଷଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଦାସବର୍ମା କହିଥିଲେ। ଏହି ଅବସରରେ ସମସ୍ତ ନେତା ଓ କର୍ମୀମାନେ ସାମାଜିକ ଦୂରତା ରକ୍ଷା କରିଥିଲେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ତାଙ୍କ ସରକାରୀ ବାସଭବନରେ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ସେ କହିଛନ୍ତି, ବିଜୁବାବୁଙ୍କ ଓଡିଶା ଗଠନର ସ୍ୱପ୍ନ ଏବଂ ରାଷ୍ଟ୍ର ପ୍ରେମ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଇବ। କରୋନା ସଂକ୍ରମଣ ଆଶଙ୍କାରେ ସମଗ୍ର ଦେଶରେ ଲକ୍‌ଡାଉନ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ବିଜୁବାବୁଙ୍କ ଶ୍ରାଦ୍ଧଦିବସକୁ ନିରାଡମ୍ବର ଭାବେ ପାଳନ କରିବାକୁ ବିଜେଡି ସଭାପତି ଦଳୀୟ କର୍ମୀ ଓ ନେତାଙ୍କୁ ପରାମର୍ଶ ଦେଇଥିଲେ।

## ଥାନା ଅଧିକାରୀଙ୍କୁ ମିଳିଲା ଅଧିକ କ୍ଷମତା

**ଭୁବନେଶ୍ୱର, ୧୭।୪ (ବ୍ୟୁରୋ):** କରୋନା ସଂକ୍ରମଣ ରୋକିବାକୁ ଲକ୍‌ଡାଉନ୍ ଜାରି ରହିଛି। ଲୋକଙ୍କୁ ଘରେ ସୁରକ୍ଷିତ ରହିବାକୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ କେତେଜଣ ନିୟମକୁ ଉଲ୍ଲଂଘନ କରି ରାସ୍ତାରେ ବୁଲୁଛନ୍ତି। ପୋଲିସ ସେମାନଙ୍କ ଗାଡ଼ି ଜବତ କରୁଥିଲେ ମଧ୍ୟ ସୁଧୁରୁନାହାନ୍ତି। ଏଣିକି ଅମାନିଆ ହେବେ ସାବାଡ଼। ଗାଡ଼ି ଜବତ ନୁହେଁ, ସିଧା ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯିବ। ଏଥିପାଇଁ ରାଜ୍ୟ ସରକାର ଓଡ଼ିଶା ପୋଲିସକୁ ଅଧିକ କ୍ଷମତା ଦେଇଛନ୍ତି। ଏଥିସହ ଲକ୍‌ଡାଉନ୍ ନିୟମକୁ କଡାକଡି କରିବା ପାଇଁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିପର୍ଯ୍ୟୟ ପ୍ରଶମନ ଆଇନ-୨୦୦୫ ଧାରା ୫୧ରୁ ୬୦ ଏବଂ ଆଇପିସି ଦଫା ୧୮୮ ଆଧାରରେ ଥାନା ଅଧିକାରୀମାନେ ମାମଲା ରୁଜୁ କରିପାରିବେ ବୋଲି ଗୃହ ବିଭାଗ ପକ୍ଷରୁ ଚିଠିରେ ସ୍ପଷ୍ଟ କରାଯାଇଛି। ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ କ୍ଷେତ୍ରରେ ଏହି ଦଣ୍ଡ ଲାଗୁ ହେବ। କର୍ତ୍ତବ୍ୟରେ ଅବହେଳା ଓ ଲକ୍‌ଡାଉନ ନିୟମ ଖିଲାପକାରୀଙ୍କ ବିରୋଧରେ ମାମଲା ରୁଜୁ କରିପାରିବେ ଥାନା ଅଧିକାରୀ। ପୂର୍ବରୁ ଏହି କ୍ଷମତା କେବଳ ଜିଲାପାଳଙ୍କର ରହିଥିଲା। ତେବେ ନୂଆ ନିର୍ଦ୍ଦେଶନାମାକୁ ତୁରନ୍ତ ଲାଗୁ କରିବାକୁ ଗୃହବିଭାଗ ପାଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜୀବିକା ବୁଡ଼ାଇଲା ଲକ୍‌ଡାଉନ

**ଭୁବନେଶ୍ୱର, ୧୭।୪(ବ୍ୟୁରୋ)**

- ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ, ବିକ୍ରି ଉପରୁ ହଟିଲା କଟକଣା
- ଦୁଃଖରେ ବିତୁଛି ଆଦିବାସୀଙ୍କ ଜୀବନ

ଲକ୍‌ଡାଉନ ଯୋଗୁ ଜୀବନଜୀବିକା ଗଭୀର ଭାବେ ପ୍ରଭାବିତ ହୋଇଛି। ବଣ ଜଙ୍ଗଲରେ ରହୁଥିବା ଆଦିବାସୀ ଓ ବନବାସୀମାନେ ଏଥିଯୋଗୁ ତଳିତଳାନ୍ତ ହୋଇଛନ୍ତି। ବନଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳୁଥିବା ଆଦିବାସୀଙ୍କର ଆର୍ଥିକ ସ୍ଥିତି ଏକପ୍ରକାର ଦୋହଲି ଯାଇଛି। ଲକ୍‌ଡାଉନ ଯୋଗୁ ଲଘୁ ବନଜାତ ଦ୍ରବ୍ୟ ବିକ୍ରିସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି। ସେମାନଙ୍କ ଘରେ ଚୁଲି ଜଳୁନାହିଁ। ଅତ୍ୟନ୍ତ ଅସହାୟ ଅବସ୍ଥାରେ ସେମାନଙ୍କୁ କାଳାତିପାତ କରିବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ, ବିକ୍ରି ଓ ବନୀକରଣ ଆଦି ଉପରୁ କେନ୍ଦ୍ର ସରକାର କଟକଣା ହଟାଇ ଦେଇଛନ୍ତି। ଏ ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ସଂଶୋଧିତ ଗାଇଡ୍‌ଲାଇନ ଜାରି କରାଯାଇଛି। ରାଜ୍ୟ ସରକାର ମଧ୍ୟ ଉକ୍ତ କଟକଣାକୁ ହଟାଇ ଦେବାକୁ କୁହାଯାଇଛି।

ନିର୍ଦ୍ଦେଶନାମାରେ କୁହାଯାଇଛି, ଆଦିବାସୀ ଓ ବନବାସୀଙ୍କ ଦ୍ୱାରା ସଂଗ୍ରହ କରାଯାଉଥିବା ଲଘୁ ବନଜାତ ଦ୍ରବ୍ୟ, ସେଗୁଡିକର ପ୍ରକ୍ରିୟାକରଣ, ବିକ୍ରି ଉପରେ କୌଣସି କଟକଣା ରହିବ ନାହିଁ। ବାଉଁଶ, ନଡିଆ, ଗୁଆ ଓ କୋକୋ ଫଳ ଚୂନା(କୋକୋ), ମସଲାଜାତ ଚାରା ରୋପଣ ଓ ଅମଳ ପ୍ରକ୍ରିୟାକଣ, ଅଣ ବ୍ୟାଙ୍କିଂ ସଂସ୍ଥା ହାଉସିଂ ଫାଇନାନ୍ସ କମ୍ପାନୀ, ମାଇକ୍ରୋ ଫାଇନାନ୍ସ କମ୍ପାନୀ, ସମବାୟ ସମିତି, ଗ୍ରାମାଞ୍ଚଳରେ ହେଉଥିବା ନିର୍ମାଣ କାର୍ଯ୍ୟ, ପାନୀୟ ଜଳ ଯୋଗାଣ, ପରିମଳ, ବିଦ୍ୟୁତ୍ ଓ ଟେଲିଫୋନ ଭିତ୍ତିଭୂମି ନିର୍ମାଣ ଉପରୁ କଟକଣାକୁ ସମ୍ପୂର୍ଣ୍ଣ ହଟାଇ ଦିଆଯାଇଛି। ତେବେ ଏ ସବୁ କାର୍ଯ୍ୟ କରିବା ସମୟରେ ସାମାଜିକ ଦୂରତ୍ୱ ରଖିବାକୁ କୁହାଯାଇଛି।

# ସୁସମ୍ପର୍କ ବଢ଼ାଇବ ହାଇଡ୍ରୋକ୍ସିକ୍ଲୋରୋକୁଇନ୍

**ନୂଆଦିଲ୍ଲୀ, ୧୭।୪**



**ବିଶ୍ୱରେ ଭାରତର କୂଟନୈତିକ ସ୍ଥିତି ମଜଭୁତ ହୋଇପାରେ**

କରୋନା ଭୂତାଣୁ ସଂକ୍ରମଣ ମୁକାବିଲା କ୍ଷେତ୍ରରେ ମ୍ୟାଲେରିଆ ନିରୋଧୀ ଔଷଧ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଉପାଦେୟ ହେଉଥିବା ଆମେରିକା ସମେତ ଅନେକ ଦେଶ ବିବେଚନା କରୁଛନ୍ତି। ତେଣୁ ସେମାନେ ଏବେ ସର୍ବାଧିକ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଯୋଗାଣ କରୁଥିବା ଦେଶ ଭାରତ ଉପରେ ନିର୍ଭରଶୀଳ। କିନ୍ତୁ ନିଜ ଦେଶ ପାଇଁ ନିଅଣ୍ଟ ପଡ଼ିବା ଆଶଙ୍କାରେ ଭାରତ ଅନ୍ୟ ଦେଶକୁ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ରପ୍ତାନି ଉପରେ ମାର୍ଚ୍ଚ ୨୫ରେ ରୋକ ଲଗାଇଥିଲା। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ‘ପ୍ରତିଶୋଧ’ ଧମକ ପରେ ଭାରତ ନିଜ ନିଷ୍ପତ୍ତି ବଦଳାଇ ଉକ୍ତ ଔଷଧ ରପ୍ତାନି କରିଥିଲା। ଏଥିପାଇଁ ଆମେରିକା, ବ୍ରାଜିଲ, ଇସ୍ରାଏଲ, ବ୍ରିଟେନ ସମେତ ବହୁ ଦେଶ ପ୍ରଶଂସା କରିଥିଲେ। ଟ୍ରମ୍ପଙ୍କ ସ୍ୱର ମଧ୍ୟ ବଦଳିଯାଇଥିଲା। ଅସମୟରେ ବନ୍ଧୁଙ୍କ ସହଯୋଗର ଆବଶ୍ୟକତା ରହିଥାଏ। ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଯୋଗାଇବା ନିଷ୍ପତ୍ତି ପାଇଁ ଭାରତକୁ ଧନ୍ୟବାଦ। ଏହାକୁ ଭୁଲିବୁ ନାହିଁ ବୋଲି ଟ୍ରମ୍ପ ଟୁଇଟ୍ କରି କହିଥିଲେ।

କୋଭିଡ୍-୧୯ ସଙ୍କଟର ମୁକାବିଲା କ୍ଷେତ୍ରରେ ଟ୍ରମ୍ପ ନିଜ ଦେଶରେ ସମାଲୋଚନାର ଶିକାର ହେଉଥିବାବେଳେ କରୋନା ଭାଇରସ୍ ଯୁଦ୍ଧରେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍‌କୁ ସେ ‘ଗେମ୍ ଚେଞ୍ଜର’ ବୋଲି ବର୍ଣ୍ଣନା କରିଥିଲେ। ବିଶ୍ୱରେ ୭୦% ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଉତ୍ପାଦନ ଭାରତରେ ହୋଇଥାଏ। ପ୍ରତିବର୍ଷ ଭାରତ ୫୦ ମିଲିୟନ ଡଲାରର ଏହି ଔଷଧ ରପ୍ତାନି କରିଥାଏ। ରପ୍ତାନି ଉପରୁ କଟକଣା ହଟାଇବା ପରେ ଭାରତ ମାନବିକତା ଓ ବାଣିଜ୍ୟିକ ଯୋଗାଣ ଆଧାରରେ ୧୨ରୁ ଊର୍ଦ୍ଧ୍ୱ ଦେଶକୁ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଯୋଗାଇବ। ସେହିପରି ପଡ଼ୋଶୀ ଦେଶ ସମେତ କେତେକ ଆଫ୍ରିକୀୟ ଓ ଲାଟିନ ଆମେରିକୀୟ ଦେଶକୁ ମଧ୍ୟ ଏହି ଔଷଧ ଯୋଗାଇବାକୁ ନିଷ୍ପତ୍ତି ନିଆଯାଇଛି।

କୁହାଯାଉଛି ଯେ, ଏହି ପ୍ରୟାସ ଯୋଗୁ ବିଶ୍ୱରେ ଭାରତର କୂଟନୈତିକ ସ୍ଥିତି ମଜଭୁତ ହେଉଛି । ପୂର୍ବତନ ବୈଦେଶିକ ସଚିବ କନୱଲ ସିବଲ କହିଛନ୍ତି ଯେ, ଚାଇନା ପିପିଇ ଏବଂ ଭେଣ୍ଟିଲେଟର ଅଧିକ ଉତ୍ପାଦନ କରେ। କିନ୍ତୁ ଭାରତ ଟଙ୍କା ରୋଜଗାର ପାଇଁ ନୁହେଁ ବରଂ ଅନ୍ତର୍ଜାତୀୟ ଏକତା ପାଇଁ ସ୍ୱାର୍ଥତ୍ୟାଗ କରୁଛି। ଏହି ସାହାଯ୍ୟ ନିମନ୍ତେ ଅନ୍ୟ ଦେଶ ସହ ଭାରତର ସୁସମ୍ପର୍କ ସୃଷ୍ଟିରେ ସହାୟକ ହେବ। କିନ୍ତୁ ବଡ଼ ସଙ୍କଟବେଳେ ଏହା ଏକ ଛୋଟ ଅବଦାନ ବୋଲି ପ୍ରମାଣିତ ହୋଇପାରେ। ସେହିପରି ମହାମାରୀ କରୋନା ନିୟନ୍ତ୍ରଣ ପରେ ବିକାଶଶୀଳ ଦେଶଗୁଡ଼ିକ କିପରି କୂଟନୈତିକ ସମ୍ପର୍କ ସ୍ଥାପନ କରିବେ ତାହା କହିବା ମଧ୍ୟ କଷ୍ଟକର। ହେଲେ ଏହା ନିଶ୍ଚିତ ଯେ, ଭାରତ ଯେତେବେଳେ ସେହି ଦେଶଗୁଡ଼ିକୁ ସାହାଯ୍ୟ ମାଗିବ ସେତେବେଳେ ତାହାର ଉଦାରତାକୁ ଅଣଦେଖା କରାଯିବ ନାହିଁ ବୋଲି ସିବଲ କହିଛନ୍ତି।

ଆମେରିକାରେ ପୂର୍ବରୁ ଭାରତର ରାଷ୍ଟ୍ରଦୂତ ଥିବା ଲଳିତ ମାନସିଂ କହିଛନ୍ତି ଯେ, ଏହି ସମୟରେ କୂଟନୈତିକ ଆଲୋଚନା କରିବା ଉଚିତ୍ ନୁହେଁ। ଯେତେବେଳେ କୌଣସି ଦେଶ ଅସୁବିଧା ସମୟରେ ଔଷଧ ପଠାଇବାକୁ ନିବେଦନ କରେ, ସେତେବେଳେ ନିଷ୍ପତ୍ତି ନେବାରେ ମାନବିକତା ପ୍ରାଥମିକତା ହୋଇଥାଏ। ଫାର୍ମା ସେକ୍ଟର ମାଧ୍ୟମରେ ଗରିବ ଦେଶଗୁଡ଼ିକୁ ସାହାଯ୍ୟ କରିବା ଭାରତର ସର୍ବଦା ନୀତି ରହିଛି। ଭାରତ ତିଆରି ଔଷଧ ଆଫ୍ରିକାରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ରକ୍ଷାରେ ସହାୟ ହୋଇଛି ବୋଲି ମାନସିଂ କହିଛନ୍ତି।

## କଞ୍ଚାମାଲ ଅଭାବରେ ଭାରତୀୟ ଫାର୍ମା କମ୍ପାନୀ

ଭାରତ ହେଉଛି ଜେନେରିକ ଔଷଧର ବୃହତ୍ତମ ଉତ୍ପାଦକ ଦେଶ। ଗ୍ଲୋବାଲ ବିଜନେସ ରିପୋର୍ଟ ଅନୁଯାୟୀ, ଜେନେରିକ ଔଷଧ ଶିଳ୍ପ ଭାରତୀୟ ଅର୍ଥନୀତିର ସବୁଠାରୁ ବଡ଼ ଶକ୍ତି ପାଲଟିଛି। ଭାରତର ଜିଡିପିରେ ଏହି କ୍ଷେତ୍ରର ଅବଦାନ ୧.୭୨% ରହିଛି। ଭାରତରେ ବହୁତ କମ୍ ମୂଲ୍ୟରେ ଔଷଧ ତିଆରି କରାଯାଉଛି, ଯେଉଁଥିପାଇଁ ସାରା ବିଶ୍ୱରେ ଲୋକମାନେ ଶସ୍ତାରେ ଚିକିତ୍ସା ସେବା ପାଉଛନ୍ତି। ଆମେରିକା, ପଶ୍ଚିମ ୟୁରୋପ ଏବଂ ଅଷ୍ଟ୍ରେଲିଆ ସମେତ ୨୦୦ରୁ ଊର୍ଦ୍ଧ୍ୱ ଦେଶକୁ ଭାରତ ଫାର୍ମା ଉତ୍ପାଦ ବିକ୍ରି କରେ। ଆମେରିକାର ୪୦ ପ୍ରତିଶତ ଜେନେରିକ ଔଷଧ ଚାହିଦା ଭାରତ ପୂରଣ କରୁଛି। ତେବେ ଏହି ଔଷଧର କଞ୍ଚାମାଲ ପାଇଁ ଭାରତ ମୁଖ୍ୟତଃ ଚାଇନା ଉପରେ ନିର୍ଭରଶୀଳ। ବିଶେଷକରି କରୋନା ଭାଇରସ୍ କେନ୍ଦ୍ରସ୍ଥଳ ‘ହୁବେଇ’ ପ୍ରଦେଶରୁ କଞ୍ଚାମାଲ ଆମଦାନୀ ହୋଇଥାଏ। ଚାଇନାରୁ ଆମଦାନୀ ଉପରେ ପ୍ରତିବନ୍ଧକ ଥିବାରୁ କଞ୍ଚାମାଲ ଯୋଗାଣ ପ୍ରଭାବିତ ହେଉଛି। ଔଷଧ ତିଆରି କରୁଥିବା ଭାରତୀୟ କମ୍ପାନୀଗୁଡିକ କହିଛନ୍ତି ଯେ, ଭାରତ ସରକାର ଶୀଘ୍ର ହସ୍ତକ୍ଷେପ ନ କଲେ କଞ୍ଚାମାଲର ଅଭାବ ହୋଇପାରେ। ଏଥିଯୋଗୁ ଆସନ୍ତା କିଛି ସପ୍ତାହ ମଧ୍ୟରେ ଅନେକ ଔଷଧ ବଜାରରେ ମିଳିବ ନାହିଁ।

## ୪୨ଏଏସ୍ଆଇ, ୧୨୬ କନଷ୍ଟେବଲଙ୍କୁ ପଦୋନ୍ନତି

କଟକ ଅଫିସ୍,୧୭।୪: ଚଳିତବର୍ଷ ପାଇଁ ପୋଲିସ ବିଭାଗର ୪୨ଜଣ ଆସିଷ୍ଟାଣ୍ଟ ସବ୍ଇନ୍ସପେକ୍ଟରଙ୍କୁ ସବ୍ଇନ୍ସପେକ୍ଟର ଭାବେ ପଦୋନ୍ନତି ମିଳିଛି। ଶୁକ୍ରବାର ଏନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ତରଫରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ୨୧ତାରିଖରେ ସେଣ୍ଟ୍ରାଲ୍ ସିଲେକ୍ସନ୍ ବୋର୍ଡ଼ର ବୈଠକରେ ଏଏସ୍ଆଇମାନଙ୍କ ପଦୋନ୍ନତିନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହୋଇଥିଲା। ତାଲିମ୍ ପରେ ସେମାନେ ଉନ୍ନିତ ପଦ ଏସ୍ଆଇ ଭାବେ କାର୍ଯ୍ୟରେ ଯୋଗଦେବେ। ସେହିଭଳି କନଷ୍ଟେବଳମାନଙ୍କ ପଦୋନ୍ନତି ନେଇ ସେଣ୍ଟ୍ରାଲ୍ ସିଲେକ୍ସନ ବୋର୍ଡ଼ର ବୈଠକ ମାର୍ଚ୍ଚ ୧୯ ତାରିଖରେ ବସିଥିଲା। ଲିଖିତ ପରୀକ୍ଷା ପରେ ୧୨୬ଜଣ କନଷ୍ଟେବଲଙ୍କୁ ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର ଭାବେ ପଦୋନ୍ନତି ପ୍ରଦାନ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଣ୍ଡାଭଙ୍ଗା ଗୁଆକାତି**
**ପାଖରେ ବସାଇ ପାନ ଖୁଆନ୍ତି**
**ନୁହନ୍ତି ଆପଣା ଜାତି।**

ଜଣକର ଅନ୍ୟ ଜଣକୁ ଭଲ ପାଇବା ପ୍ରକାଶ। ବେଳେବେଳେ ଅଜ୍ଞାତ ବ୍ୟକ୍ତିକୁ ପାଖରେ ବସାଇ ଭାବନାବ ସୃଷ୍ଟିକରି ନିଜର କରିବାକୁ ଇଚ୍ଛା ହୁଏ। କିନ୍ତୁ ସେ ନିଜ ଜାତି ବା ପରିଚିତର ହୋଇ ନ ଥିବାରୁ କିଛି ସାମାଜିକ ଅନ୍ତରାୟ ରହିଯାଇଥାଏ। ଏହାକୁ ସେ ଅତିକ୍ରମ କରି ପାରୁ ନ ଥାଏ କି ତାକୁ ଛାଡ଼ି ରହିପାରୁ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ଅକାଳ ଗଲା**
**ସକାଳ ହେଲା**
**ଦୋଷ ଲଦି ଦେଇ ଭଣଜା ଗଲା।**

ଯେତେବେଳେ ବ୍ୟକ୍ତି ଅସୁବିଧାରେ ପଡ଼େ, ସେତେବେଳେ ସେ ପରର ଦ୍ୱାରସ୍ଥ ହୁଏ। ପରଠୁଁ ସାହାଯ୍ୟ ଆଶା କରେ। ପରନ୍ତୁ ଯେତେବେଳେ ଦୁର୍ଦ୍ଦିନ ହଟିଯାଏ ସେତେବେଳେ ଉପକାରୀ ବ୍ୟକ୍ତିର ସାହାଯ୍ୟ ସହାନୁଭୂତି ପଣିଆକୁ ଅସ୍ୱୀକାର କରି ଉପକୃତ ବ୍ୟକ୍ତି ଛିଦ୍ର ଖୋଜି ତାଚ୍ଛଲ୍ୟ କରିବାକୁ ପଛାଇ ନ ଥାଏ। ଅକୃତଜ୍ଞ ବ୍ୟକ୍ତିକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ.ମିଶ୍ର ପବ୍ଲିଶର୍ସ ପ୍ରା.ଲି.

**ଆଜିର ମନ୍ତବ୍ୟ**

"ଇଚ୍ଛାଶକ୍ତି ଥିଲେ ଉପାୟ ଆସେ। କଂଗ୍ରେସ ଶାସିତ ରାଜ୍ୟଗୁଡ଼ିକରୁ ଏହା ପ୍ରମାଣିତ।
**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

# ବାହାରେ ଛେପ ପକାଇଲେ ଜରିମାନା

**■ ୩ ଥର ପର୍ଯ୍ୟନ୍ତ ୨୦୦, ଏହାପରେ ୫୦୦**

ଭୁବନେଶ୍ୱର, ୧୭।୪(ବ୍ୟୁରୋ)

କରୋନା ସଂକ୍ରମଣ ରୋକିବାକୁ ଦିନକୁ ଦିନ କଠୋର ଆଭିମୁଖ୍ୟ ଆପଣାଉଛନ୍ତି ରାଜ୍ୟ ସରକାର। ଏଣିକି ବାହାରେ ଛେପ ପକାଇଲେ ଜରିମାନା ଗଣିବାକୁ ପଡ଼ିବ। ନିକଟରେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯିବା ସହ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଏବେ ସର୍ବସାଧାରଣ ସ୍ଥାନରେ ଛେପ ପକାଇବା ଏକ ଦଣ୍ଡନୀୟ ଅପରାଧ ଓ ଏଥିପାଇଁ ଜରିମାନାର ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଶୁକ୍ରବାର କହିଛନ୍ତି। ସେ କହିଛନ୍ତି, ଭାରତୀୟ ମହାମାରୀ ଆଇନ-୧୮୯୭ ଆଧାରରେ ଓଡ଼ିଶା ସରକାର ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିରେ ସର୍ବସାଧାରଣ ସ୍ଥାନରେ ଛେପ ପକାଇବାକୁ ଏକ ଅପରାଧ ଭାବେ ଘୋଷଣା କରିଛନ୍ତି। ଯଦି କେହି ଏହି ନିୟମକୁ ପାଳନ ନ କରନ୍ତି ବା ବାହାରେ ଛେପ ପକାଉଥିବା ନଜରକୁ ଆସନ୍ତି, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ୨୦୦ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। ଅର୍ଥାତ୍ ଖିଲାପକାରୀ ପ୍ରଥମ ତିନିଥର ୨୦୦ ଟଙ୍କା ଓ ଏହା ପରେ ଉଲ୍ଲଂଘନ କଲେ ୫୦୦ ଟଙ୍କା ଦଣ୍ଡ ଗଣିବେ। ବ୍ଲକସ୍ତରୀୟ ସମ୍ପ୍ରସାରଣ ଅଧିକାରୀ, ଅତିରିକ୍ତ ତହସିଲଦାର ଜରିମାନା ଆଦାୟ କରିପାରିବେ। ଏଥିସହିତ ପୋଲିସ କର୍ମଚାରୀ ଏବଂ ପୌରାଞ୍ଚଳ ୱାର୍ଡ ଅଧିକାରୀଙ୍କୁ ମଧ୍ୟ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କ୍ଷମତା ପ୍ରଦାନ କରାଯାଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

## ଲକ୍ଡାଉନ ଯୋଗୁ କମିଛି ସଂକ୍ରମଣ ହାର

**ନୂଆଦିଲ୍ଲୀ,୧୭।୪:** ଲକ୍ଡାଉନ ଯୋଗୁ ଦେଶରେ କରୋନା ସଂକ୍ରମଣ ହାର ପୂର୍ବାପେକ୍ଷା ହ୍ରାସ ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଲକ୍ଡାଉନ ପୂର୍ବରୁ କରୋନା ସଂକ୍ରମଣ ୩ ଦିନରେ ଦୁଇଗୁଣ ହେଉଥିବାବେଳେ ଏବେ ଏଥିପାଇଁ ୬.୨ ଦିନ ଲାଗୁଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ୍ ଅଗ୍ରୱାଲ କହିଛନ୍ତି। ଓଡ଼ିଶା ସମେତ ୧୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସଂକ୍ରମଣ ଦ୍ୱିଗୁଣିତ ହେବା ହାର ଜାତୀୟ ସ୍ତରଠାରୁ କମ୍ ରହିଛି। ସେହିପରି କରୋନା ରୋଗୀ ଭଲ ହେବା ହାରରେ ମଧ୍ୟ ଉନ୍ନତି ଘଟିଛି। ଭାରତରେ ଭଲ ହେଉଥିବା ରୋଗୀ ଓ ମୃତ୍ୟୁସଂଖ୍ୟାର ଅନୁପାତ ୮୦:୨୦, ଯାହାକି ଅଧିକାଂଶ ଦେଶ ତୁଳନାରେ ଯଥେଷ୍ଟ ଭଲ ସ୍ଥିତିରେ ରହିଛି। କୋଭିଡ୍-୧୯ ପରୀକ୍ଷା ଯଥେଷ୍ଟ ବଢ଼ିବା ସତ୍ତ୍ୱେ ହାରାହାରି ସଂକ୍ରମଣ ହାର ୪୦ ପ୍ରତିଶତ ହ୍ରାସ ପାଇଥିବା ଅଗ୍ରୱାଲ କହିଛନ୍ତି।

# ସରକାରଙ୍କଠାରୁ ସହଯୋଗ ଲୋଡ଼ିଲା ସିଆଇଆଇ

**କରୋନା ମୁକାବିଲା**

ଭୁବନେଶ୍ୱର,୧୭।୪(ବ୍ୟୁରୋ)

କରୋନା ଭୂତାଣୁ ସଂକ୍ରମଣକୁ ହ୍ରାସ କରିବା ପାଇଁ ଦେଶବ୍ୟାପୀ ଲକ୍ଡାଉନ ଜାରି ରହିଛି। ଏହାଦ୍ୱାରା ଅର୍ଥନୈତିକ ଗତିବିଧି ବହୁଳ ଭାବେ ପ୍ରଭାବିତ ହୋଇଛି। ତେଣୁ ଏହି କ୍ଷତିପୂରଣ ବାବଦକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ମିଳିବା ଦରକାର ବୋଲି କନ୍ଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ (ସିଆଇଆଇ) ଓଡ଼ିଶା ଶାଖା ପକ୍ଷରୁ କୁହାଯାଇଛି।

ସିଆଇଆଇ ଓଡ଼ିଶା ଶାଖାର ଅଧ୍ୟକ୍ଷ ରାଜୀବ କୁମାର ଏ ସମ୍ପର୍କିତ ଏ ସୁଚିନ୍ତିତ ପ୍ରସ୍ତାବ ରାଜ୍ୟ ସରକାରଙ୍କ ନିକଟରେ ରଖିଛନ୍ତି। ରାଜ୍ୟର ଅଣସଙ୍ଗଠିତ ସ୍ତରରେ କାର୍ଯ୍ୟରତ ସଂସ୍ଥାଗୁଡ଼ିକର ସୁରକ୍ଷା ଉପରେ ବିଶେଷ ଦୃଷ୍ଟି ଦେବାକୁ କୁହାଯାଇଛି। ଏହି କ୍ଷେତ୍ରରେ ସର୍ବନିମ୍ନସ୍ତରରେ ରହିଥିବା ବ୍ୟକ୍ତିବିଶେଷଙ୍କୁ ସିଧାସଳଖ ଟଙ୍କା ପ୍ରଦାନ କରିବା ନେଇ କୁହାଯାଇଛି। ବିଭିନ୍ନ ଶିଳ୍ପସଂସ୍ଥାକୁ ବିଭିନ୍ନ ଋଣ ବାବଦକୁ ସବ୍ସିଡି, ସୁଧ ଛାଡ଼ ପାଇଁ ମଧ୍ୟ ସିଆଇଆଇ ଦାବି କରିଛି। ବିଭିନ୍ନ ସଂସ୍ଥାକୁ ଲକ୍ଡାଉନ ପରେ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ପକ୍ଷରୁ ୱାର୍କିଂ କ୍ୟାପିଟାଲ ଯୋଗାଣ ଲାଗି ସରକାର ପଦକ୍ଷେପ ନିଅନ୍ତୁ ବୋଲି ପ୍ରସ୍ତାବ ଦିଆଯାଇଛି। ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍କୁ ପ୍ରାଥମିକ ଗୁରୁତ୍ୱ ଦେବା, ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍ଏଚ୍ଜି)ଗୁଡ଼ିକୁ ମାସ୍କ ଏବଂ ଫେସ୍ କଭର ପ୍ରସ୍ତୁତି ନେଇ ପ୍ରୋତ୍ସାହିତ କରାଯାଉ। ଓର୍ମାସ୍ ସାହାଯ୍ୟରେ ଏହାର ବିକ୍ରି ପାଇଁ ପଦକ୍ଷେପ ନିଆଯାଉ। ଏସ୍ଏଚ୍ଜି ଦ୍ୱାରା ଫିନାଇଲ୍ ଏବଂ ହ୍ୟାଣ୍ଡୱାଶ ଭଳି ଉତ୍ପାଦ ପ୍ରସ୍ତୁତି କରି ବଜାରକୁ ଛଡାଯିବା ନେଇ ପ୍ରସ୍ତାବ ରହିଛି। କୌଣସି ଉତ୍ପାଦ ପ୍ରସ୍ତୁତି ପାଇଁ ଆବଶ୍ୟକ କଞ୍ଚାମାଲ ଦେଶବ୍ୟାପୀ ଯୋଗାଣରେ ସିଆଇଆଇ ସହାୟତା କରିବାକୁ ଆଗ୍ରହ ପ୍ରକାଶ କରିଛି। ଏହିସବୁ ବ୍ୟାପାର ସମୟରେ ବିଭିନ୍ନ ଆନ୍ତଃରାଜ୍ୟ ସୀମାରେ ଯେପରି କୌଣସି ଅସୁବିଧା ନ ହୁଏ, ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ। ଏଥିସହିତ କ୍ଷେତ୍ରସ୍ତରରେ ପୋଲିସ କର୍ମଚାରୀଙ୍କ ସହଯୋଗ ନେଇ ସିଆଇଆଇ ପକ୍ଷରୁ ଦାବି କରାଯାଇଛି।



ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୩ତମ ଶ୍ରାଦ୍ଧ ଦିବସରେ ଶୁକ୍ରବାର ଲୋକସେବା ଭବନ ପରିସରସ୍ଥ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ସଚିବ ଦାଶରଥି ଶତପଥୀ ଏବଂ ଅନ୍ୟମାନେ।

## 'ସ୍ଥାୟୀ ଭାବେ ମଦ ବନ୍ଦ ହେଉ'

ଭୁବନେଶ୍ୱର,୧୭।୪(ବ୍ୟୁରୋ)

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଦେଶରେ ଲକ୍ଡାଉନ୍ ଜାରି ରହିଛି। ଏହି ସମୟରେ 'ମଦ' ଭଳି ନିଶାଦ୍ରବ୍ୟ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଲକ୍ଡାଉନ୍ ୨୦ ଦିନରୁ ଅଧିକ ବିତିଯାଇଥିଲେ ମଧ୍ୟ ମଦ୍ୟପାନ ଜନିତ ସମସ୍ୟା ଯଥା : ନିଶାସକ୍ତଙ୍କ ଦୌରାତ୍ମ୍ୟ, ଘରୋଇ ହିଂସା, ନାରୀ ନିର୍ଯାତନା, ସାମାଜିକ ଅପରାଧ, ମାର୍ପିଟ୍, ଗଣ୍ଡଗୋଳ ଏବଂ ସାଧାରଣ ଗରିବ ପରିବାରର ଆର୍ଥିକ ସ୍ଥିତି ଉଜୁଡ଼ିଯିବା ଭଳି ପରିସ୍ଥିତି ଦୃଷ୍ଟିଗୋଚର ହେଉନାହିଁ । ମଦ ଅଭାବରେ କୌଣସି ନିଶାସକ୍ତଙ୍କ ଶାରୀରିକ, ମାନସିକ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେବାର ନଜିର ମଧ୍ୟ ନାହିଁ। ଲକ୍ଡାଉନ୍ ସମୟରେ ମଦ ନିଷେଧ କରିବାର ପରିଣାମ ବେଶ୍ ଆଶ୍ୱସ୍ତିକର । ଏ ଦିଗରେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କର ଦୃଢ଼ ନିଷ୍ପତ୍ତି ଦେଶବାସୀଙ୍କ କଲ୍ୟାଣ ପାଇଁ ସହାୟକ ବୋଲି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଆବାହକ ପଦ୍ମଚରଣ ନାୟକ କହିଛନ୍ତି। ସେହିଭଳି ରାଜ୍ୟକୁ ସ୍ଥାୟୀ ଭାବରେ ସମ୍ପୂର୍ଣ୍ଣ ମଦମୁକ୍ତ ଘୋଷଣା କରିବାକୁ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇ ଅନୁରୋଧ କରାଯାଇଛି।

# ଆସନ୍ତା ୨୦ରୁ କାର୍ଯ୍ୟରେ ଯୋଗ ଦିଅ

**ଗ୍ରୁପ-ଏ ଅଧିକାରୀଙ୍କୁ ସରକାରଙ୍କ ନିର୍ଦ୍ଦେଶ**

**■ ରୋଷ୍ଟର ଡ୍ୟୁଟି କରିବେ ଗ୍ରୁପ-ବି, ସି, ଡି କର୍ମଚାରୀ**

ଭୁବନେଶ୍ୱର,୧୭।୪(ବ୍ୟୁରୋ)

ସମସ୍ତ ବିଭାଗର ଗ୍ରୁପ-ଏ ଅଧିକାରୀମାନେ ଏପ୍ରିଲ ୨୦ ତାରିଖରୁ କାର୍ଯ୍ୟରେ ଯୋଗ ଦେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଗ୍ରୁପ-ବି, ସି ଓ ଡି କର୍ମଚାରୀମାନେ ରୋଟେଶନ ଆଧାରରେ ରୋଷ୍ଟର ଡ୍ୟୁଟି କରିବେ। ସମଗ୍ର ଦେଶରେ ମାର୍ଚ୍ଚ ୨୪ ରୁ ଲକ୍ଡାଉନ ଜାରି କରାଯାଇଥିଲା। ଏହି ମାହାମାରୀର ପ୍ରତିଷେଧକ ନ ଥିବାରୁ ରାଜ୍ୟ ସରକାର ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ସରକାରୀ କାର୍ଯ୍ୟାଳୟରୁ ଗହଳି କମାଇବା ପାଇଁ ଉଚ୍ଚ ଅଧିକାରୀଙ୍କୁ ବାଦ ଦେଇ ଗ୍ରୁପ-ବି, ସି ଓ ଡି ବର୍ଗର କର୍ମଚାରୀଙ୍କୁ କାର୍ଯ୍ୟାଳୟକୁ ନ ଆସି ଘରେ ରହି କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ପୂର୍ବରୁ ସମସ୍ତ ବିଭାଗକୁ ୩ ଭାଗରେ ବିଭକ୍ତ କରିଥିଲେ। ୧୩ ବିଭାଗକୁ ନିଷ୍ପତ୍ତି ମୂଳକ(କ୍ରିଟିକାଲ), ୧୭ ବିଭାଗକୁ ଆଂଶିକ ନିଷ୍ପତ୍ତିମୂଳକ(ପାର୍ସିଆଲ କ୍ରିଟିକାଲ) ଏବଂ ଅନ୍ୟ ବିଭାଗଗୁଡ଼ିକୁ ଅଣ ନିଷ୍ପତ୍ତି ମୂଳକ(ନନ୍ କ୍ରିଟିକାଲ)। ଇତି ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଲକ୍ଡାଉନ ଶେଷ ହୋଇ ଦ୍ୱିତୀୟ ପର୍ଯ୍ୟାୟ ଜାରି ରହିଛି। ପୂର୍ବର ପ୍ରକାଶିତ ବିଜ୍ଞପ୍ତିକୁ ରଦ୍ଦ କରାଯାଇଛି। ନୂତନ ଭାବେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଉକ୍ତ ୧୧ ବିଭାଗକୁ କ୍ରିଟିକାଲ ଭାବେ ଗ୍ରହଣ କରାଯାଇଛି। ଅନ୍ୟ ସମସ୍ତ ବିଭାଗକୁ ନନ୍ କ୍ରିଟିକାଲ ବିଭାଗ ଘୋଷଣା କରାଯାଇଛି। କ୍ରିଟିକାଲ ବିଭାଗର ସମସ୍ତ ଗ୍ରୁପ-ଏ ଅଧିକାରୀ କାର୍ଯ୍ୟରେ ଯୋଗଦେବେ। ଉକ୍ତ ବିଭାଗର ୫୦ ପ୍ରତିଶତ ଗ୍ରୁପ-ବି, ସି ଓ ଡି କର୍ମଚାରୀମାନେ ରୋଷ୍ଟର ଆଧାରରେ କାର୍ଯ୍ୟ କରିବେ। ସେହିପରି ଅନ୍ୟ ବିଭାଗର ସମସ୍ତ ଗ୍ରୁପ-ଏ ଅଧିକାରୀମାନେ କାର୍ଯ୍ୟାଳୟରେ ଯୋଗ ଦେବାକୁ କୁହାଯାଇଛି। ନନ୍ କ୍ରିଟିକାଲ ବିଭାଗର ୩୩ ପ୍ରତିଶତ ଗ୍ରୁପ-ବି, ସି ଓ ଡି ବର୍ଗର କର୍ମଚାରୀମାନେ ରୋଷ୍ଟର ଆଧାରରେ କାର୍ଯ୍ୟରେ ଯୋଗଦେବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରାଶିର ପୂର୍ବାର୍ଦ୍ଧରେ ବଳଶାଳୀ ଗ୍ରହଥିବାରୁ ଦିନର ପୂର୍ବାହ୍ନଟି ଆପଣଙ୍କ ପାଇଁ ବିଶେଷ ପ୍ରଭାବଶାଳୀ ରହିବ। ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇ ଚେଷ୍ଟା କରୁଥିବା କାମ ହାସଲ କରିବେ। ପ୍ରଶଂସାକୁ ସହି ନ ପାରି ସମାଲୋଚନା କରିପାରନ୍ତି। ଅର୍ଥ ପ୍ରାପ୍ତି ହେବ ଏବଂ ଆଧ୍ୟାତ୍ମିକ ଭାବଧାରାରେ ଉଦ୍ବୁଦ୍ଧ ହେବେ।

**ବୃଷ** ଶନି ନବମସ୍ଥ ଯୋଗୁଁ ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇପାରେ। ଦିନଚର୍ଯ୍ୟା ମଧ୍ୟରେ ପ୍ରତ୍ୟେକ କଥାକୁ ସରଳ ଭାବରେ ଗ୍ରହଣ କଲେ ଜଟିଳତା ଭିତରକୁ ଟଣା ହୋଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, କୃଷି, ବାଣିଜ୍ୟ, ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ଦର୍ଶନରୁ ମନ ଖୁସୀ ରହିବ।

**ମିଥୁନ** ରବିଙ୍କ ସ୍ଥିତି ପାଖପଡୋଶୀ,ବନ୍ଧୁବର୍ଗ କିମ୍ବା ସହକର୍ମୀଙ୍କ ଦ୍ୱାରା କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରନ୍ତି। ଆର୍ଥିକ ସ୍ଥିତିର ଅଭିବୃଦ୍ଧି ସଙ୍ଗକୁ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁଁ ଆଗେଇ ଯିବେ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ସ୍ଥିତି ମଧ୍ୟ ଆଜି ବିଶେଷ ଭଲ ରହି ନ ପାରେ।

**କର୍କଟ** ସାମୟିକ ସମସ୍ୟା ମଧ୍ୟରେ ପାରିବାରିକ,ପ୍ରଶାସନରୁ ସୁଫଳ ମିଳିବ। ଆତ୍ମୀୟସ୍ୱଜନଙ୍କ ସହାୟତାରେ ହାତକୁ ନେଇଥିବା କାର୍ଯ୍ୟ ସମ୍ପନ୍ନ ହେବାର ଆଶା ରଖିପାରନ୍ତି । ଭାବପ୍ରବଣ ହୋଇ କଣନା କ'ଣ କହି ବସିବେ,ଯାହା କି ଅନର୍ଥର କାରଣ ପାଲଟିଯିବ। ଆଲୋଚନା ପରିସରରେ ନିଷ୍ପତ୍ତି ନେବାରେ ପଛେଇ ଯିବେ।

**ସିଂହ** ମଙ୍ଗଳଗ୍ରହ ଷଷ୍ଠସ୍ଥାନସ୍ଥ ଯୋଗୁ ଅସ୍ୱସ୍ତିକର ପାରିପାର୍ଶ୍ୱିକ ପରିସ୍ଥିତି ମାନସିକ ଅସୁସ୍ଥତାର କାରଣ ହେବ। ବ୍ୟବସାୟ, ବାଣିଜ୍ୟ, ପରିବହନ, ଜମିଜମା କାରବାର, ନିର୍ମାଣ କ୍ଷେତ୍ରରୁ ଭଲ ଲାଭ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ପର ଉପରେ ନିର୍ଭର କରିବା କାରଣରୁ କେତେକ ବ୍ୟତିକ୍ରମ ଦେଖାଦେଇ ପାରେ।

**କନ୍ୟା** ଲଢ଼ିବା ସକାଶେ ଆତ୍ମୀୟସ୍ୱଜନଙ୍କୁ ମନାଇବା ପାଇଁ ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରିପାରନ୍ତି। ଅବଶ୍ୟ ଆଇନ ସହାୟତାଜନିତ ଅଦାଲତରୁ ସୁଫଳ ପାଇବାରେ ଅସୁବିଧା ହେବନାହିଁ । କିନ୍ତୁ ଜମିଜମା କ୍ଷେତ୍ର ପାଇଁ ପ୍ରତିକୂଳତା ସୃଷ୍ଟିର ସମ୍ଭାବନା ରହିବ। ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟା ସମାଧାନ ହୋଇଯିବ।

**ତୁଳା** ନୀରବତା ଓ ଯୋଗାଯୋଗ ଅଭାବରୁ ଅଧିକାଂଶ ସମୟ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ଦୈହିକ ଦୁର୍ବଳତା ଓ ମାନସିକ ଅସୁସ୍ଥତା ଯୋଗୁ ମନୋବଳ କମି ଯାଇପାରେ। ନୂତନ ସ୍ଥାନ ପରିଦର୍ଶନ ଠପ୍ ହୋଇଯାଇପାରେ । ଶତ୍ରୁତାର ଅନ୍ତ ଘଟିଥିବା ମନେକରି କେତେକାଂଶରେ ଆଶ୍ୱସ୍ତି ଲାଭକରିବେ।

**ବିଛା** କୌଣସି ବିବାଦୀୟ ପରିସ୍ଥିତିରୁ ସହସା ମୁକ୍ତି ମିଳିବାରୁ ଆଶ୍ଚର୍ଯ୍ୟାନ୍ୱିତ ହୋଇପାରନ୍ତି । ଅଭାବକୁ ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବା ପାଇଁ ଆଲୋଚନା କରିପାରନ୍ତି। ବନ୍ଧୁଙ୍କ ପରାମର୍ଶକୁ ପ୍ରାଧାନ୍ୟ ଦେଇପାରନ୍ତି । ରାଜନୈତିକ ବ୍ୟକ୍ତି, ସାହିତ୍ୟିକ ଓ କଳାକାରମାନଙ୍କ ସକାଶେ ଦିନଟି ଭଲ।

**ଧନୁ** ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ୍ ରୋଗରେ କଷ୍ଟ ପାଇବେ। ପ୍ଲଟିଙ୍ଗ କାରବାର, ଆଲୋଚନା,ପ୍ରେସ୍ ଓ ପବ୍ଲିକେଶନରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ। କେତେକ କ୍ଷେତ୍ରରେ ଅନୁତାପ କରିବାକୁ ପଡିପାରେ। ଛୋଟ ଛୋଟ କଥାକୁ ନେଇ କଳହ ଲାଗିବାର ଆଶଙ୍କା ରହିଛି।

**ମକର** ସାମୟିକ ଶାରୀରିକ ଅସୁସ୍ଥତା ହେତୁ ପ୍ରତ୍ୟେକ କାମରେ ପଛୁଆ ରହିବେ। ଆର୍ଥିକ ସ୍ଥିତି ଚିନ୍ତାଜନକ ନ ହେଲେ ମଧ୍ୟ ଏଥିପାଇଁ ମୁଣ୍ଡ ଖେଳାଇ କାମ କରିବାକୁ ପଡିବ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଝଗଡା ଲାଗିପାରେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ଅଶାନ୍ତ ମନରେ ସମୟ କଟାଇବାକୁ ପଡିବ।

**କୁମ୍ଭ** ଆର୍ଥିକ ଅନଟନକୁ ଦୂରେଇବାରେ ସମର୍ଥ ହେବା ସଙ୍ଗକୁ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ବନ୍ଧୁମାନେ ଠିକ ଖବର ଦେବାରେ ହେଳା କରିପାରନ୍ତି, ଫଳରେ କିଛିଟା ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟ, ପରିବହନ, କଳା, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ମନର ଭାବକୁ ଗୋପନ ରଖି ବନ୍ଧୁଙ୍କ ସହ ଭାବ ବିନିମୟ କରିବାକୁ ମନସ୍ଥ କରିପାରନ୍ତି। ଶିଳ୍ପ, ବାଣିଜ୍ୟ,ବ୍ୟବସାୟକ୍ଷେତ୍ରରେ କେତେକ ଆକସ୍ମିକ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଭୁଲ୍ ବୁଝାମଣା ହେତୁ ଦାମ୍ପତ୍ୟ ଜୀବନରେ ଝଡ ସୃଷ୍ଟି ହେବାର ଆଶଙ୍କା ରହିଛି। ସ୍ୱାସ୍ଥ୍ୟସମସ୍ୟା କେତେକାଂଶରେ ଦୂରୀଭୂତ ହୋଇଯାଇପାରେ।

ଆଜି ବୈଶାଖ କୃଷ୍ଣପକ୍ଷର ସର୍ବସମ୍ମତ ବରୁଥିନୀ ଏକାଦଶୀ ଶନିବାର, ଏପ୍ରିଲ ୧୮ ତାରିଖ, ବିଶ୍ୱଐତିହ୍ୟ ଦିବସ, ରାଶିନକ୍ଷତ୍ର-ଶତଭିଷା। କୁମ୍ଭ,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୯.୪୦ମି.ଗତେ ଘ.୦୧.୦୧ମି.ମଧ୍ୟେ, ରାତ୍ରି ଘ.୦୮.୧୯ମି.ଗତେ ଘ.୧୦.୩୭ମି. ମଧ୍ୟେ, ଘ.୧୨.୦୮ମି.ଗତେ ୦୧.୪୦ମି.ମଧ୍ୟେ, ରାତ୍ରି ଘ୦୨.୨୬ମି.ଗତେ ଘ.୦୩.୫୭ମି.ମଧ୍ୟେ ଅମୃତବେଳା। ସକାଳ ଘ.୦୮.୩୮ମି.ଗତେ ଘ.୧୦.୧୨ମି.ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ମାନ୍ଦାବସ୍ଥାକୁ ଆର୍ବିଆଇ ...

ନ ରଖି ଏହାକୁ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ଫଳରେ ବ୍ୟବସ୍ଥାକୁ ଅଧିକ ପୁଞ୍ଜି ପ୍ରବାହ ହେବ ବୋଲି ଆଶା କରାଯାଉଛି। ସେହିଭଳି କ୍ଷୁଦ୍ର ଏବଂ ମଧ୍ୟମ ବର୍ଗ ଅଣବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ(ଏନ୍ବିଏଫ୍ସି)ଗୁଡିକର ଡେଟ୍ ପେପର୍ସ ବା ଋଣ ପତ୍ର କ୍ରୟ କରିବାକୁ ବ୍ୟାଙ୍କଗୁଡିକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ମୋଟାମୋଟି ଭାବେ କହିବାକୁ ଗଲେ ବର୍ତ୍ତମାନର ଘୋଷଣା ଦ୍ୱାରା ବଜାରରେ ୧ ଲକ୍ଷ କୋଟି ଟଙ୍କାର ନଗଦ ଉପଲବ୍ଧ ହେବ। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ବ୍ୟବସ୍ଥାରେ ସ୍ଥାୟିତ୍ୱ ଆଣିବା ଦିଗରେ ସହାୟକ ହେବ ବୋଲି ପଦକ୍ଷେପ ଘୋଷଣାକରି ଗଭର୍ନର ଶକ୍ତିକାନ୍ତ ଦାସ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, କୋଭିଡ୍-୧୯ ଯୋଗୁ ବଜାରରେ ଉପୁଜିଥିବା ଚ୍ୟାଲେଞ୍ଜିଂ ସ୍ଥିତି ଉପରେ ବର୍ତ୍ତମାନ କେନ୍ଦ୍ରୀୟ ବ୍ୟାଙ୍କ ତୀକ୍ଷ୍ଣ ନଜର ରଖିଛି। ସ୍ଥିତିରେ ସୁଧାର ଆଣିବା ଲାଗି ବ୍ୟାଙ୍କ ଏହାର ପାରୁ ପର୍ଯ୍ୟନ୍ତ ଚେଷ୍ଟା ଜାରି ରଖିଛି। ଦେଶର ଆର୍ଥିକ ସ୍ଥିତି, ବିତ୍ତ ବଜାର, ନଗଦ ଉପଲବ୍ଧତା ଏବଂ ଅଂଶୀଦାରଙ୍କ ଉନ୍ନତି ହେବା ଭଳି ଯୋଜନା ହାତକୁ ନିଆଯାଉଛି। ମୁଦ୍ରାସ୍ଫୀତି ସମ୍ପର୍କରେ ସୂଚନା ଦେଇ ସେ ପୁଣି କହିଛନ୍ତି, ଏଥିରେ ବୃଦ୍ଧି ଘଟିଥିଲେ ମଧ୍ୟ ୨୦୨୦-୨୧ ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧରେ ଏହା ୪%ରୁ ନିମ୍ନକୁ ଖସିବା ନେଇ ଆଶା ରହିଛି। ଏହା ହେଲେ କ୍ଷତିଗ୍ରସ୍ତ ହୋଇଥିବା ଅର୍ଥ ବ୍ୟବସ୍ଥା ଏବଂ ଅଭିବୃଦ୍ଧିକୁ ଠିକ୍ କରିବା ଲାଗି ରେପୋ ହ୍ରାସ କରିବାକୁ କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ଅଧିକ ସୁଯୋଗ ସୃଷ୍ଟି ହେବ।

ବର୍ତ୍ତମାନର ପଦକ୍ଷେପ ମୁତାବକ କେନ୍ଦ୍ରୀୟ ବ୍ୟାଙ୍କ ରିଭର୍ସ ରେପୋକୁ ୨୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ଫଳରେ ଏହା ୩.୭୫%କୁ ଖସିଛି। ମାର୍ଚ୍ଚ ୨୭%ରେ ରିଜର୍ଭ ବ୍ୟାଙ୍କ ଏଥିରେ ୯୦ ବେସିସ୍ ପଏଣ୍ଟ ହ୍ରାସ କରିଥିଲା। ଏହି ସମୟରେ ରେପୋ ରେଟ୍ରେ ୭୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇଥିଲା। ଗତ ଥର ହ୍ରାସ କରାଯାଇଥିବା ରିଭର୍ସ ରେପୋ ହାର ବିଶେଷ ଭାବେ କାମ କରିନାହିଁ। ଋଣ ପ୍ରଦାନ ବାଦ୍ ବ୍ୟାଙ୍କଗୁଡିକ ପ୍ରାୟ ୭ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ରାଶି କେନ୍ଦ୍ରୀୟ ବ୍ୟାଙ୍କରେ ଜମା କରିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କଠାରୁ ଟାର୍ଗେଟେଡ୍ ଲଙ୍ଗଟର୍ମ ରେପୋ ଅପରେଶନ୍ସ(ଟିଏଲ୍ଟିଆର୍ଓ)ରେ ବ୍ୟାଙ୍କଗୁଡିକ ଉଠାଉଥିବା ମୋଟ ରାଶିର ୫୦% କ୍ଷୁଦ୍ର ଏନ୍ବିଏଫ୍ସିଗୁଡ଼ିକୁ ଋଣ ସହାୟତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ଯାଏ ଏହି ବ୍ୟବସ୍ଥାରେ ବ୍ୟାଙ୍କଗୁଡିକ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଉଠାଇଛନ୍ତି। ଏହା ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଥିବା ଟିଏଲ୍ଟିଆର୍ଓ ଅକ୍ସନର ୨୫ ହଜାର କୋଟି ଟଙ୍କା ସାମିଲ ରହିଛି। କିନ୍ତୁ ଏହାର ପ୍ରକୃତ ଉଦ୍ଦେଶ୍ୟ ଏବେ ଯାଏ ପୂରଣ ହୋଇପାରିନାହିଁ। କାରଣ ବ୍ୟାଙ୍କଗୁଡ଼ିକ ପ୍ରମୁଖ ଫାର୍ମ ଏବଂ ରାଷ୍ଟ୍ରାୟତ୍ତ ଏଜେନ୍ସିଗୁଡିକୁ ହିଁ ସହାୟତା ପ୍ରଦାନ କରିଛନ୍ତି।

ସେହିଭଳି କେନ୍ଦ୍ରୀୟ ବ୍ୟାଙ୍କ ଅନ୍ୟ ଏକ ଟିଏଲ୍ଟିଆର୍ଓ ୱିଣ୍ଡୋ ସହ ଆସିଛି। ଏହାର ମୂଲ୍ୟ ୫୦ ହଜାର କୋଟି ଟଙ୍କା ରହିଛି। ଆବଶ୍ୟକ ହେଲେ ଏଭଳି ଅଧିକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କର ଏଭଳି ପଦକ୍ଷେପ ଏନ୍ବିଏଫ୍ସିଗୁଡିକ ଲାଗି ସହାୟକ ହେବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ଏନ୍ବିଏଫ୍ସିଗୁଡିକ ଲାଗି ମୋରାଟୋରିୟମ ବୃଦ୍ଧି ହେବ କି ନାହିଁ ତାହା ବ୍ୟାଙ୍କଗୁଡିକ ଉପରେ ଛଡାଯାଇଛି। ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକର ସବୁ ଆକାଉଣ୍ଟଗୁଡ଼ିକୁ ମୋରାଟୋରିୟମ ସୁବିଧା ଦିଆଯାଇଛି। ଏଗୁଡ଼ିକର କିସ୍ତି ନ ପ୍ରଦାନ କରାଗଲେ ମଧ୍ୟ ଏନ୍ପିଏ ହେବ ନାହିଁ ବୋଲି ଶକ୍ତିକାନ୍ତ କହିଛନ୍ତି। ଏଣୁ ଏ କ୍ଷେତ୍ରରେ ବ୍ୟାଙ୍କଗୁଡିକ ଏନ୍ବିଏଫ୍ସିଙ୍କୁ ମୋରାଟୋରିୟମ ସୁବିଧା ଦେବାରେ କୌଣସି ଅସୁବିଧା ନାହିଁ। ରିଜର୍ଭ ବ୍ୟାଙ୍କର ଏଭଳି ବିଭିନ୍ନ ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଛନ୍ତି। ମୋରାଟୋରିୟମ ଅନୁରୋଧକୁ ବ୍ୟାଙ୍କଗୁଡ଼ିକ ଯଦି ଠିକ୍ ଭାବେ ଏନ୍ବିଏଫ୍ସିକୁ ଦିଅନ୍ତି ତେବେ ଏହା ଦ୍ୱାରା ସଂସ୍ଥାଗୁଡିକରେ ନଗଦ ସମସ୍ୟା ଦେଖାଦେବ ନାହିଁ ବୋଲି ଶ୍ରୀରାମ ଟ୍ରାନ୍ସପୋର୍ଟ ଫାଇନାନ୍ସର ସିଇଓ ଉମେଶ ରେଭାଙ୍କର ସୂଚନା ଦେଇଛନ୍ତି।

ଅପରପକ୍ଷରେ କେନ୍ଦ୍ରୀୟ ବ୍ୟାଙ୍କ ନ୍ୟାଶନାଲ ହାଉସିଂ ବ୍ୟାଙ୍କ(ଏନ୍ଏଚ୍ବି), ନ୍ୟାଶନାଲ ବ୍ୟାଙ୍କ ଫର୍ ଏଗ୍ରିକଲଚର କ୍ରେଡିଟ ନାବାର୍ଡ, ସ୍ମଲ ଇଣ୍ଡଷ୍ଟ୍ରିଜ ବୋର୍ଡ ଅଫ୍ ଇଣ୍ଡିଆ(ସିଡ୍ବି)କୁ ପୁନଃ ଋଣ ପ୍ରଦାନ ୱିଣ୍ଡୋ ଖୋଲିବାକୁ କୁହାଯାଇଛି। ଏହି ସଂସ୍ଥାଗୁଡିକ ମଧ୍ୟ ୫୦ ହଜାର କୋଟି ଟଙ୍କା ପ୍ରଦାନ କରିବେ। ଆର୍ଥିକ ବର୍ଷ ମାର୍ଚ୍ଚଠାରୁ ଚଳିତ ବର୍ଷ ସେପ୍ଟେମ୍ବର ୩୦ ଅବଧି ମଧ୍ୟରେ ବ୍ୟାଙ୍କଗୁଡିକ ଲାଭାଂଶ ପ୍ରଦାନ ନ କରିବାକୁ କୁହାଯାଇଛି। ସେହିଭଳି ଏମ୍ଏସ୍ଏମ୍ଇଗୁଡ଼ିକ ଲାଗି ଋଣ ପୁନର୍ଗଠନ ଅବଧି ୯୦ ଦିନକୁ ବଢ଼ାଯାଇଛି।

### ଉହାନରେ କରୋନା ...

ସଂକ୍ରମଣ ଅତ୍ୟଧିକ ବୃଦ୍ଧି ପାଇବାରୁ ସବୁ ହିସାବ ସରକାରଙ୍କ ପାଖକୁ ଆସିପାରି ନ ଥିଲା ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ କହିଛନ୍ତି। ପରେ ହିସାବ କରାଯାଇ ରିପୋର୍ଟରେ ସଂଶୋଧନ କରାଯାଇଛି। ଏହା ସ୍ୱଚ୍ଛ ଓ ଠିକ୍ ତଥ୍ୟ ବୋଲି ଉହାନ ମ୍ୟୁନିସିପାଲିଟି ପକ୍ଷରୁ କୁହାଯାଇଛି।

### ଭୁବନେଶ୍ୱରରେ ହେବ ...

ସେ କହିଛନ୍ତି, କରୋନା ସଂକ୍ରମଣ କ୍ଷେତ୍ରରେ ରାଜଧାନୀ ଏବେ ଦେଶର ଅନ୍ୟତମ ହଟ୍ସ୍ପଟ୍ ଅଞ୍ଚଳ। ରାଜ୍ୟର ୬୦ ଆକ୍ରାନ୍ତଙ୍କ ମଧ୍ୟରୁ କେବଳ ଭୁବନେଶ୍ୱରର ୪୬ଜଣ ରହିଛନ୍ତି। ଏଯାବତ୍ ମୋଟ ୭୫୭୭ ନମୁନା ପରୀକ୍ଷଣ ହୋଇଥିବା ବେଳେ ଏହା ୩୮% ଅର୍ଥାତ୍ ୧୯୫୮ଟି ନମୁନା ଭୁବନେଶ୍ୱରର ରହିଛି। ଏହାକୁ ଦୃଷ୍ଟିରେ ରଖି ସହରରେ ବ୍ୟାପକ କରୋନା ପରୀକ୍ଷା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ସ୍ଥିତି ଅନୁଧ୍ୟାନ କରି ରାଜ୍ୟ ସରକାର ଭୁବନେଶ୍ୱରକୁ କରୋନାମୁକ୍ତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିସହ ସହରରେ ନମୁନା ପରୀକ୍ଷା ଲକ୍ଷ୍ୟ ହାସଲ ପାଇଁ ସରକାର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଛନ୍ତି। କେଉଁମାନଙ୍କର ନମୁନା ପରୀକ୍ଷା ହେବ ସେଥିପାଇଁ ଆଇସିଏମ୍ଆର୍ର ନିର୍ଦ୍ଦେଶନାମା ଅନୁସାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସମ୍ବେଦନପ୍ରବଣ ବର୍ଗଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ପରୀକ୍ଷା ହେବାକୁ ଥିବା ଲୋକଙ୍କୁ ୪ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ବର୍ଗରେ ଦେଶ ତଥା ରାଜ୍ୟ ବାହାରୁ ଆସିଥିବା ବ୍ୟକ୍ତି, କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ଓ ସ୍ୱାସ୍ଥ୍ୟକର୍ମୀ, ଲକ୍ଷଣ ଥିବା ବ୍ୟକ୍ତି ଓ ସାମାଜିକ ଦୂରତ୍ୱ ରକ୍ଷା କରିପାରୁ ନ ଥିବା ବସ୍ତିବାସିନ୍ଦା ରହିଛନ୍ତି। ଦ୍ୱିତୀୟ ବର୍ଗରେ ସ୍ୱାସ୍ଥ୍ୟକର୍ମୀ, ସଫେଇ କର୍ମଚାରୀ, ପୋଲିସ ଓ କୋଭିଡ୍-୧୯ ଡାକ୍ତରଖାନାରେ କାର୍ଯ୍ୟରତ କର୍ମଚାରୀ ରହିଛନ୍ତି। ସେହିପରି ତୃତୀୟ ବର୍ଗରେ ମଧୁମେହ, ଉଚ୍ଚ ରକ୍ତଚାପ ଥିବା ୬୦ କିମ୍ବା ତଦୂର୍ଦ୍ଧ୍ୱ ବୟସର ବ୍ୟକ୍ତି ଥିବାବେଳେ ଚତୁର୍ଥ ବର୍ଗରେ ଜନସଂଖ୍ୟା ଆଧାରରେ ଅଧିକ ନମୁନା ସଂଗ୍ରହ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ନମୁନା ସଂଗ୍ରହ କାର୍ଯ୍ୟ ସୁରୁଖୁରୁରେ କରିବା ଲାଗି ରାଜଧାନୀକୁ ୩ଟି ଜୋନ୍ରେ ବିଭକ୍ତ କରାଯାଇଛି। ପ୍ରତି ଜୋନ୍ ଦାୟିତ୍ୱରେ ଦୁଇଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ କୋଭିଡ୍ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ସହରରେ ବିଭିନ୍ନ କ୍ୟାମ୍ପ୍ କରାଯାଇ ନମୁନା ସଂଗ୍ରହ କରାଯିବ। ଏଥିସହିତ ଭ୍ରାମ୍ୟମାଣ ନମୁନା ସଂଗ୍ରହ ଗାଡ଼ି ମଧ୍ୟ ସହର ବୁଲିବ। ସ୍ୱେଚ୍ଛାକୃତ ଭାବେ ନମୁନା ପରୀକ୍ଷଣ ପାଇଁ ଲୋକେ ଆଗେଇ ଆସିବାକୁ ମୁଖ୍ୟ ଶାସନ ସଚିବ ଅନୁରୋଧ କରିଛନ୍ତି। ଯେଉଁମାନେ ଅସହଯୋଗ କରିବେ କିମ୍ବା ନିର୍ଦ୍ଦେଶନାମାକୁ ଅବମାନନା କଲେ ଆଇନ ଅନୁଯାୟୀ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ। ତେବେ ଏହି କାର୍ଯ୍ୟରେ ବିଭିନ୍ନ ନାଗରିକ କଲ୍ୟାଣ କମିଟି, ପୂଜା କମିଟି, ସାହିବସ୍ତିର ମୁଖିଆ ତଥା ନେତୃବୃନ୍ଦଙ୍କୁ ସହାୟତା କରିବାକୁ ସଚିବ ଅନୁରୋଧ କରିଛନ୍ତି।

**ରାଜଧାନୀରେ କୋହଳ ହେବନି କଟକଣା**

ଆସନ୍ତା ୨୦ ତାରିଖ ପରେ ସରକାର ଲକ୍ଡାଉନ୍ କଟକଣାରେ କେତେକ କୋହଳ କରିବାକୁ ଯାଉଛନ୍ତି। ତେବେ ରାଜଧାନୀରେ ସର୍ବାଧିକ କରୋନା ସଂକ୍ରମଣ ଚିହ୍ନଟ ସହିତ ଏହା ହଟ୍ସ୍ପଟ ହୋଇଥିବାରୁ ଏଠାରେ କଟକଣା କୋହଳ ହେବା ସମ୍ଭବ ନୁହେଁ। ତେଣୁ ରାଜ୍ୟର ଏହି ପ୍ରମୁଖ ସହର କିଭଳି ପୂର୍ବପରି ଚଳଚଞ୍ଚଳ ହେବ ସେଥିପାଇଁ ସହରବାସୀ ସବୁପ୍ରକାର ସହଯୋଗ କରିବାକୁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଅନୁରୋଧ କରିଛନ୍ତି।

**ସଫେଇ କର୍ମଚାରୀଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ**

ଭୁବନେଶ୍ୱର,୧୭।୪ (ବ୍ୟୁରୋ): ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୩ତମ ଶ୍ରାଦ୍ଧ ଦିବସରେ ଭିଏସ୍ଏସ୍ ନଗରରେ ବିଏମ୍ସି ପକ୍ଷରୁ ଶୁକ୍ରବାର ଫ୍ରି ହେଲ୍ଥ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏହି କ୍ୟାମ୍ପରେ ବିଏମ୍ସି ସଫେଇ କର୍ମଚାରୀଙ୍କୁ ଉତ୍ତର ବିଧାୟକ ସୁଶାନ୍ତ ରାଉତ ପ୍ରଦାନ କରିଥିବା ମାସ୍କ , ସାନିଟାଇଜର ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି।

# ଅଧିକ ଲୋକ ଦେଖୁଛନ୍ତି ଶିଶୁଙ୍କ ଅଶ୍ଳୀଳ ଭିଡିଓ

**ଭୁବନେଶ୍ୱର ଆଗରେ**

**ଦେଶର ୧୦୦ ସହରକୁ ନେଇ ହୋଇଥିଲା ସର୍ଭେ**

**ହିଂସାତ୍ମକ ଅଶ୍ଳୀଳ ଭିଡିଓ ଚାହିଦା ୨୦୦ ପ୍ରତିଶତ ବୃଦ୍ଧି**

ଭୁବନେଶ୍ୱର,୧୭।୪ (ବ୍ୟୁରୋ)

ଲକ୍ଡାଉନ୍ ପାଇଁ ଲୋକେ ଘରେ ରହିଛନ୍ତି। ଅଧିକାଂଶ ସମୟ ମୋବାଇଲ୍ ଫୋନ୍ ଓ ଇଣ୍ଟରନେଟ୍ ସହ ବିତୁଛି। ଅନ୍ଲାଇନ୍ରେ କରୋନା ଅପ୍ଡେଟ୍ ସହ ବିଭିନ୍ନ ଖବର ଜାଣୁଛନ୍ତି। ଏଥିସହ କିଏ ଅନ୍ଲାଇନ୍ ଶିକ୍ଷା ତ ଆଉ କିଏ ମନୋରଞ୍ଜନମୂଳକ ଭିଡିଓ ଦେଖିବାକୁ ପସନ୍ଦ କରୁଛନ୍ତି। ସେହିଭଳି ଏହି ସମୟ ମଧ୍ୟରେ ପର୍ନ (ଅଶ୍ଳୀଳ) ସାଇଟ୍ ସର୍ଚ୍ଚ ସର୍ବାଧିକ ରହିଛି। ବିଶେଷକରି ଶିଶୁଙ୍କ ଅଶ୍ଳୀଳ (ଚାଇଲ୍ଡ ପର୍ନ) ଭିଡିଓ ଦେଖିବାରେ ଦେଶରେ ସବୁଠୁ ଆଗରେ ଭୁବନେଶ୍ୱର ରହିଥିବା ଏକ ଅନୁସନ୍ଧାନରୁ ଜଣାପଡିଛି। ଅର୍ଥାତ୍ ଲକ୍ଡାଉନ୍ ସମୟରେ ଭୁବନେଶ୍ୱରର ଲୋକ ଇଣ୍ଟରନେଟ୍ରେ ଶିଶୁଙ୍କ ବିଭିନ୍ନ ଅଶ୍ଳୀଳ ଭିଡିଓ ବା ଯୌନ ଶୋଷଣକାରୀ ସାମଗ୍ରୀ ଅଧିକ ଖୋଜିଛନ୍ତି। ଶିଶୁଙ୍କ ପାଇଁ କାର୍ଯ୍ୟ କରୁଥିବା ନୂଆଦିଲ୍ଲୀସ୍ଥିତ ଭାରତୀୟ ଶିଶୁ ସୁରକ୍ଷା ପାଣ୍ଠି (ଆଇସିପିଏଫ୍)ର ସଦ୍ୟ ପ୍ରକାଶିତ ରିପୋର୍ଟରୁ ଏହା ଜଣାପଡିଛି।

ଆଇସିପିଏଫ୍ ଦେଶର ୧୦୦ ପ୍ରମୁଖ ସହରକୁ ଏହି ସର୍ଭେରେ ଅନ୍ତର୍ଭୁକ୍ତ କରିଥିଲା। ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ଉପରେ ୩୦ଦିନର ଅନୁଧ୍ୟାନ କରାଯାଇଥିଲା। ଏହି ସମୟ ମଧ୍ୟରେ ବିଶ୍ୱର ହଜାରରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ପର୍ନ ୱେବ୍ସାଇଟ୍ ଓ ସୋସିଆଲ ମିଡିଆ ପ୍ଲାଟ୍ଫର୍ମରେ ଶିଶୁଙ୍କ ଅଶ୍ଳୀଳ ଭିଡିଓ ଦେଖିବା ଓ ଶିଶୁ ଯୌନ ଶୋଷଣ ସାମଗ୍ରୀ ଖୋଜୁଥିବା ବ୍ୟକ୍ତିଙ୍କ ସଂଖ୍ୟା ବହୁଗୁଣ ବଢ଼ିଯାଇଥିଲା। ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ଓ ଚେନ୍ନାଇରେ ଲୋକେ ପର୍ନ ପ୍ଲାଟ୍ଫର୍ମରେ ବିଶେଷକରି ଜେନେରିକ ଚାଇଲ୍ଡ ପର୍ନ ଭିଡିଓ ସର୍ବାଧିକ ଖୋଜିଥିଲେ। ସେହିଭଳି ଅନ୍ୟ ନିର୍ଦ୍ଦିଷ୍ଟ ବିଷୟବସ୍ତୁ (ବିଭିନ୍ନ ଆକ୍ସନ, ବୟସ ଓ ସ୍ଥାନ) ଆଧାରିତ ଚାଇଲ୍ଡ ପର୍ନୋଗ୍ରାଫି କ୍ଷେତ୍ରରେ ମଧ୍ୟ କଲିକତା, ସିଲିଗୁଡି, ହାଓଡା, ଚଣ୍ଡିଗଡ଼, ଗୁଆହାଟି, ଇନ୍ଦୋର ସହ ଭୁବନେଶ୍ୱର ଓ ଚେନ୍ନାଇ ରହିଛି। ପ୍ରାୟ ୧୮ ପ୍ରତିଶତ ଲୋକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଥିବା ଭିଡିଓକୁ ଅଧିକ ଦେଖିବାକୁ ପସନ୍ଦ କରିଛନ୍ତି। ଏହି ଭିଡିଓ ମଧ୍ୟରେ ଯୌନ ଶୋଷଣବେଳେ ଶିଶୁମାନଙ୍କୁ ମାଡ଼ମାରିବା ସହ ବିଭିନ୍ନ ନିର୍ଯାତନା ଦିଆଯାଉଥିବା, ରକ୍ତସ୍ରାବ ହେଉଥିବା ଓ ଶିଶୁଟି ଯନ୍ତ୍ରଣାରେ ଛଟପଟ ହେଉଥିବା ଆଦି ରହିଛି। ସବୁଠୁ ଚିନ୍ତାଜନକ ବିଷୟ ହେଉଛି, ସାଧାରଣ ଦିନ ଅପେକ୍ଷା ଲକ୍ଡାଉନ୍ରେ ଏହି ପ୍ରକାରର ହିଂସାତ୍ମକ ତଥା ଯୌନ ଶୋଷଣ ଭିଡ଼ିଓ ଦେଖିବା ହାର ୨୦୦ ପ୍ରତିଶତ ବଢ଼ିଛି। ଏମାନଙ୍କ ମଧ୍ୟରୁ ପୁରୁଷ ପ୍ରାୟ ୯୦ ପ୍ରତିଶତ ରହିଥିବାବେଳେ ୧ ପ୍ରତିଶତ ମହିଳା ମଧ୍ୟ ରହିଛନ୍ତି, ଯେଉଁମାନେ ଇଣ୍ଟରନେଟ୍ରେ ଏହିପରି ଶିଶୁ ପର୍ନ ସାମଗ୍ରୀ ଖୋଜିଥିବା ଉକ୍ତ ଅନୁଧ୍ୟାନରୁ ଜଣାପଡିଛି।

ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନ୍ସିଆରବି)ର ବାର୍ଷିକ ଅପରାଧ ରିପୋର୍ଟ-୨୦୧୮ରେ ଉଲ୍ଲେଖ ରହିଛି ଯେ, ଅଶ୍ଳୀଳତା କ୍ଷେତ୍ରରେ କୋମଳମତୀ ଶିଶୁଙ୍କୁ ନିୟୋଜିତ କରିବାରେ ଓଡ଼ିଶା ଶୀର୍ଷରେ ରହିଛି। ସେହିବର୍ଷ ପୋକ୍ସୋ ଅଧିନିୟମ ୧୪ ଓ ୧୫ ଅନୁଯାୟୀ ଏ ସଂକ୍ରାନ୍ତୀୟ ୩୩ଟି ମାମଲା ପଞ୍ଜୀକୃତ ହୋଇଥିଲା। ଏବେ ଲକ୍ଡାଉନ୍ ସମୟରେ ଶିଶୁ ନିର୍ଯାତନା, ଯୌନ ଶୋଷଣ ଓ ହିଂସାକୁ ନେଇ ଚାଇଲ୍ଡଲାଇନ୍ ନମ୍ବର-୧୦୯୮ରେ ବହୁ ଅଭିଯୋଗ ମଧ୍ୟ ପଞ୍ଜୀକୃତ ହେବା ବାସ୍ତବ ସ୍ଥିତିକୁ ପ୍ରତିଫଳିତ କରୁଛି।

**କଡ଼ା କାର୍ଯ୍ୟାନୁଷ୍ଠାନ ଆବଶ୍ୟକ**



ସାରା ବିଶ୍ୱରେ ଶିଶୁଙ୍କୁ ଅଶ୍ଳୀଳ କାର୍ଯ୍ୟରେ ନିୟୋଜିତ କରିବା ଉପରେ ନିଷେଧାଦେଶ ରହିଛି। ଏଭଳି ଭିଡିଓ ୱେବ୍ସାଇଟ୍ରେ ଛଡ଼ାଯିବା ବେଆଇନ। ତେବେ ଲକଡାଉନ୍ ସମୟରେ ଭୁବନେଶ୍ୱର ଭଳି ଏକ ଶିକ୍ଷିତ ତଥା ସଚେତନ ସହରରେ ଲୋକେ ଅଧିକ ଶିଶୁଙ୍କ ଅଶ୍ଳୀଳ ଭିଡିଓ ଦେଖିବା ନିଶ୍ଚିତ ପରିତାପର ବିଷୟ। ଓଡ଼ିଶା ପୋଲିସ ଅତ୍ୟାଧୁନିକ ଟ୍ରାକର ମାଧ୍ୟମରେ ଶିଶୁଙ୍କୁ ଅଶ୍ଳୀଳ ସାମଗ୍ରୀ ବାଣ୍ଟିବା, ଦେଖିବା ଓ ସଂରକ୍ଷଣରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ପୋକ୍ସୋ ଆକ୍ଟରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ।

– ବେଣୁଧର ସେନାପତି, ଅଧ୍ୟକ୍ଷ, ଚାଇଲ୍ଡ ଲାଇନ, ଭୁବନେଶ୍ୱର

**ସଂକ୍ଷେପରେ**

## କଏଦୀଙ୍କୁ କରୋନା ଭୟ: ମୁକୁଳିଲେ ୩୫ଶହ

କଟକ ଅଫିସ୍,୧୭।୪: ରାଜ୍ୟରେ ଥିବା ଜେଲ୍ଗୁଡ଼ିକରେ ଅନ୍ତେବାସୀମାନେ କରୋନା ଭୂତାଣୁରେ ଆକ୍ରାନ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା। ଏଣୁ ସୁପ୍ରିମ୍କୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ଉଚ୍ଚସ୍ତରୀୟ କମିଟି ଜେଲ୍ଗୁଡ଼ିକର ସ୍ଥିତି ସମୀକ୍ଷାପରେ କଏଦୀଙ୍କୁ ମୁକୁଳାଇବା ପାଇଁ ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତି ଅନୁଯାୟୀ ମାର୍ଚ୍ଚ ୨୦ରୁ ଏପ୍ରିଲ୍ ୧୫ତାରିଖ ମଧ୍ୟରେ ବିଭିନ୍ନ ଜେଲ୍ରୁ ପ୍ରାୟ ୩୫ଶହ କଏଦୀ ମୁକୁଳିଛନ୍ତି। ସେମାନଙ୍କ ମଧ୍ୟରୁ ୩୧୯୦ଜଣ ଜାମିନ୍ ପାଇଥିବାବେଳେ ୧୦ଜଣ ପାରୋଲ୍ ଏବଂ ୨୮୧ଜଣଙ୍କୁ ସାମୟିକ ଛୁଟି ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରେ ଅଧିକାଂଶ ଏମିତି ଅନ୍ତେବାସୀ ରହିଛନ୍ତି, ଯେଉଁମାନେ ୭ବର୍ଷରୁ କମ୍ ଦଣ୍ଡ ପାଇଛନ୍ତି। ଏପରି କି ଯେଉଁ ମାମଲାରେ ଦଣ୍ଡ ବ୍ୟବସ୍ଥା ୭ବର୍ଷରୁ କମ୍ ଥିବ । ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ (ଓଏସ୍ଏଲ୍ଏସ୍ଏ)ର କାର୍ଯ୍ୟକାରୀ ଅଧ୍ୟକ୍ଷା ଜଷ୍ଟିସ୍ ସଞ୍ଜୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ବୈଠକରେ ଡିଜି(ଜେଲ୍) ସନ୍ତୋଷ ଉପାଧ୍ୟାୟ ଏହି ତଥ୍ୟ ରଖିଛନ୍ତି । ବୈଠକରେ ଗୃହ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା ମଧ୍ୟ ଉପସ୍ଥିତ ଥିଲେ। ସେହିଭଳି ବୈଠକରେ ସମସ୍ତ ୩୦ଟି ଜିଲାର ବିଚାରାଧୀନ କଏଦୀ ସମୀକ୍ଷା କମିଟିର ତଥ୍ୟ ହସ୍ତଗତ ହୋଇଛି। ରାଜ୍ୟରେ ମୋଟ ୨୨୩୧ଜଣ କଏଦୀ ଅସୁସ୍ଥ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୧୬୮୨ଜଣଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି। ସୁପ୍ରିମ୍କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, କରୋନା ଭୂତାଣୁରେ ଆକ୍ରାନ୍ତ କୌଣସି କଏଦୀଙ୍କୁ ମୁକୁଳିବା ପାଇଁ ଅନୁମତି ଦିଆଯିବ ନାହିଁ। ଯେଉଁ କଏଦୀମାନେ ଜେଲ୍ରୁ ମୁକୁଳିଛନ୍ତି ଏବଂ ପରବର୍ତ୍ତି ସମୟରେ କରୋନା ଭୂତାଣୁରେ ଆକ୍ରାନ୍ତ ହୋଇଛନ୍ତି, ତେବେ ତାଙ୍କ ଚିକିତ୍ସା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏଥିସହ କଏଦୀଙ୍କୁ ମୁକୁଳାଇବା ପାଇଁ ସୁପ୍ରିମ୍କୋର୍ଟଙ୍କ ସମସ୍ତ ଅଦେଶକୁ ପାଳନ କରିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା।

## ସୁଦର୍ଶନଙ୍କ କରୋନା ସଚେତନତାକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ପୁରୀ ଅଫିସ,୧୭।୪: ବିଶ୍ୱ ମହାମାରୀ କରୋନା ଏବେ ଆତଙ୍କ ଖେଳାଇଛି । ସମଗ୍ର ବିଶ୍ୱ ଏହି ପ୍ରାଣଘାତୀ ଭୂତାଣୁ ସହ ଲଢ଼େଇ କରୁଛି। କିନ୍ତୁ ବେକାବୁ କରୋନା। ଦିନକୁ ଦିନ ଅଧିକ ଉଗ୍ରରୂପ ଧାରଣ କରି ମୃତ୍ୟୁର ତାଣ୍ଡବ ରଚୁଛି। ଏହାକୁ କିପରି ରୋକାଯାଇପାରିବ ସେ ନେଇ ସବୁସ୍ତରରେ ଚିନ୍ତାପ୍ରକଟ କରାଯାଉଛି। ଏହାର କୌଣସି ଔଷଧ ବାହାରିପାରି ନ ଥିବାବେଳେ ସଚେତନତା ହିଁ ଏହାକୁ ମୁକାବିଲା କରିବାର ଏକମାତ୍ର ମାର୍ଗ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ମୁକାବିଲା ପାଇଁ ଲକ୍ଡାଉନକୁ ମେ' ୩ ପର୍ଯ୍ୟନ୍ତ ବୃଦ୍ଧି କରିବା ସହ ଦେଶବାସୀଙ୍କୁ ୭ଟି ଉପଦେଶ ମାନିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ୭ଟି ଯାକ ଥିମ୍କୁ ନେଇ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସ୍ୟାଣ୍ଡ ଆନିମେଶନ ପ୍ରସ୍ତୁତ କରିଥିଲେ। ସୁଦର୍ଶନଙ୍କ ଏହି ସ୍ୟାଣ୍ଡ ଆନିମେଶନକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି କରୋନା ମୁକାବିଲାର ବାର୍ତ୍ତା ଶେୟାର କରିବାରେ ଏହା ଏକ ନୂଆ ଭାବନା ବୋଲି ପ୍ରଧାନମନ୍ତ୍ରୀ ଟ୍ୱିଟରରେ ଦର୍ଶାଇଛନ୍ତି। ଏତଦ୍ବ୍ୟତୀତ ସୁଦର୍ଶନଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଗଜେନ୍ଦ୍ର ସିଂ ଶେଖାୱତ ମଧ୍ୟ ପ୍ରଶଂସା କରିଛନ୍ତି।

ଶୁକ୍ରବାର ଭୁବନେଶ୍ୱରରେ ଲକ୍ଡାଉନ୍ ନିୟମ ଉଲ୍ଲଂଘନକାରୀଙ୍କ ବାଇକ୍ ଓ ସ୍କୁଟି ଉଠାଇ ନେଉଛି ପୋଲିସ।




## ୭ ଦିନରେ ୫ ଜଣଙ୍କ ଘରୁ ଚୋରି

ଭୁବନେଶ୍ୱର,୧୭।୪ (ବ୍ୟୁରୋ)

ଲକ୍ଡାଉନ୍ ଅବଧି ଏବେ ଚୋରଙ୍କୁ ସୁହାଉଛି। କରୋନା ଭୟରେ ରାଜଧାନୀ ଛାଡ଼ି ଗ୍ରାମକୁ ଯାଇଥିବା ଲୋକଙ୍କ ଘର ଏବେ ଅସୁରକ୍ଷିତ। ଚୋରମାନେ ଘର ତାଲା ଭାଙ୍ଗି ସର୍ବସ୍ୱ ଲୁଟି ନେଉଛନ୍ତି। ଗତ ୭ ଦିନ ଭିତରେ ରାଜଧାନୀରେ ୫ ଜଣଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଏବଂ ଟଙ୍କା ଲୁଟ ହୋଇଛି। ପୋଲିସ ଲକ୍ଡାଉନ ଡିଉଟିରେ ବ୍ୟସ୍ତ ରହୁଥିବାରୁ ଚୋରମାନେ ନିର୍ଭୟରେ ଚୋରି କରୁଛନ୍ତି।

ଗତ ୧୧ ତାରିଖ ରାତିରେ ଲକ୍ଷ୍ମୀସାଗର ଥାନା ଖାରପଡ଼ା ବୈରାଗୀ ନଗରରେ ଥିବା ଦୁଇ ଜଣଙ୍କ ଘରୁ ଲୁଟ ହୋଇଥିଲା। ସବୁଠୁ ବଡ଼ କଥା ହେଲା ଜଣେ ମହିଳାଙ୍କୁ ନିଶା ଔଷଧ ସ୍ପ୍ରେ କରି ଚୋରମାନେ କଳାକନା ବୁଲାଇଥିଲେ। ଏହି ମାମଲାରେ ପୋଲିସ କୌଣସି ଅପରାଧୀଙ୍କୁ ଗିରଫ କରି ନ ଥିବା ବେଳେ, ବୁଧବାର ରାତିରେ ଶହୀଦନଗର ଥାନା ଟଙ୍କପାଣିରୋଡ଼ ସାଇବିହାର ଫ୍ଲାଟ ନଂ-୧୩/୫୧୦ରେ ରହୁଥିବା ଅତିଶ୍ ପଟ୍ଟନାୟକଙ୍କ ଘରୁ ୫୦ ହଜାର ଟଙ୍କା ଓ ଦେଢ଼ ଲକ୍ଷ ଟଙ୍କାର ସୁନାଗହଣା ଲୁଟ୍ କରିଛନ୍ତି। ଚୋରମାନେ ଘର ମାଲିକ ସ୍ୱର୍ଣ୍ଣଲତା ମହାନ୍ତିଙ୍କ ଘରୁ ମଧ୍ୟ ଲୁଟ୍ କରିଛନ୍ତି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି ଯେ, ଚୋରି ବଢୁଥିବାରୁ ଆମେ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ସହ ବାଇକ୍ ପାଟ୍ରୋଲିଂ ଉପରେ ଅଧିକ ଗୁରୁତ୍ୱ ଦେବୁ।

## ଗରିବଙ୍କୁ ରାଶନ ଦେବାକୁ ବିଧାୟକଙ୍କ ଦାବି

କଟକ ଅଫିସ୍,୧୭।୪

କଟକ ମହାନଗର ନିଗମ ଅଞ୍ଚଳରେ ଅନେକ ଗରିବ ଖଟିଖିଆ, ଦିନମଜୁରିଆ, ଶ୍ରମିକ ମୂଲିଆ ରହିଛନ୍ତି, ଯେଉଁମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇ ରାଶନ କାର୍ଡ ଖଣ୍ଡିଏ ପାଇ ନାହାନ୍ତି। ଯାହାଫଳରେ ସେମାନେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସୁଫଳ ଓ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ କ୍ଷୋଭ ପ୍ରକାଶ କରି କହିଛନ୍ତି। ସମ୍ପ୍ରତି କରୋନା ମହାମାରୀ ସମୟରେ ଏହି ଗରିବ ପରିବାରଗୁଡ଼ିକୁ ପର୍ଯ୍ୟାପ୍ତ ପରିମାଣର ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସେ ଜିଲା ପ୍ରଶାସନ ଓ ନିଗମ କର୍ତ୍ତୃପକ୍ଷଙ୍କ ପାଖରେ ଦାବି କରିଛନ୍ତି। କଟକ ମହାନଗର ନିଗମ ୱାର୍ଡ ଅଧିକାରୀ, ସିଓ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ସହାୟତାରେ ବଣ୍ଟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଦାବି ରଖିଛନ୍ତି।

## କରୋନା ମୁକାବିଲା ପାଇଁ ବରିଷ୍ଠ ନାଗରିକଙ୍କୁ ପୁସ୍ତକ ବାଣ୍ଟିଲା ପୋଲିସ

ଭୁବନେଶ୍ୱର,୧୭।୪ (ବ୍ୟୁରୋ)

କମିଶନରେଟ ପୋଲିସ ପକ୍ଷରୁ କରୋନା ମୁକାବିଲା ପାଇଁ ଟ୍ୱିନସିଟିର ବିଭିନ୍ନ ଥାନା ଅଞ୍ଚଳରେ ପଞ୍ଜୀକୃତ ବରିଷ୍ଠ ନାଗରିକଙ୍କ ପାଇଁ ଏକ ଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। କରୋନା ସମ୍ପର୍କରେ ଅଧିକ ସଚେତନ ଓ ସହାୟତା କରିବା ପାଇଁ ଫାଇଟ୍ ଏଗନେଷ୍ଟ କୋଭିଡ୍-୧୯ ନାମକ ପୁସ୍ତକ ପ୍ରସ୍ତୁତ କରାଯାଇଛି। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ବରିଷ୍ଠ ନାଗରିକମାନଙ୍କୁ ସମସ୍ତ ସୁବିଧା ହାତପାଆନ୍ତରେ ଯୋଗାଇବାକୁ ଉଦ୍ୟମ ଜାରି ରହିଥିବା କହିଛନ୍ତି। କରୋନା ବିରୋଧରେ ଯୁଦ୍ଧ ଜିତିବାକୁ ହେଲେ ଆମ ସମସ୍ତଙ୍କୁ ସାହସ, ସଂଯମ, ଶୃଙ୍ଖଳା ଓ ଦାୟିତ୍ୱବୋଧ ଦେଖାଇବାକୁ ପଡିବ ବୋଲି ସେ ନିବେଦନ କରିଛନ୍ତି । ଶୁକ୍ରବାର ସାମାଜିକ ଦୂରତ୍ୱ ରକ୍ଷାକରି ପଞ୍ଜୀକୃତ ୨୫ ହଜାରରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ପୁସ୍ତକ ବଣ୍ଟନ କରାଯାଇଛି। ଏହି ପୁସ୍ତକରେ କରୋନା ସମ୍ପର୍କିତ ଜରୁରୀ ତଥ୍ୟ ରହିଛି। ବିଭିନ୍ନ ଜରୁରୀ ସେବା ପ୍ରଦାନକାରୀ ସଂସ୍ଥା, ଥାନା ଅଧିକାରୀ ଏବଂ ବରିଷ୍ଠ ପୋଲିସ ଅଧିକାରୀଙ୍କ ଟେଲିଫୋନ ନମ୍ବର ରହିଛି। କୌଣସି ସମସ୍ୟା ହେଲେ ସେମାନେ ସିଧାସଳଖ ପୋଲିସ ସହିତ ଯୋଗାଯୋଗ କରିପାରିବେ । ଏଥିସହିତ ଔଷଧ, ରାଶନ ସାମଗ୍ରୀ ପରି ଅତ୍ୟାବଶ୍ୟକ ଜରୁରୀ ସାମଗ୍ରୀ ଘରେ ବସି ମଗାଇ ପାରିବେ। ଲକ୍ଡାଉନ ସମୟରେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ କମିଶନରେଟ ପୋଲିସର ଏଭିଳି ନିଆରା ପ୍ରୟାସକୁ ବୁଦ୍ଧିଜୀବୀ ପ୍ରସଂଶା କରିଛନ୍ତି।

## ଶ୍ରୀମନ୍ଦିର ସେବାୟତଙ୍କୁ ମିଳିବ ୫ହଜାର ଟଙ୍କାର ସହାୟତା

**ଉପକୃତ ହେବେ ୨୧୩୦ ପରିବାର**

ପୁରୀ ଅଫିସ,୧୭।୪

ଲକ୍ଡାଉନ୍ଯୋଗୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ଥିବାରୁ ଏହାର ପ୍ରଭାବ ସେବାୟତଙ୍କ ଉପରେ ପଡ଼ିଛି। ତେଣୁ ପ୍ରତି ସେବାୟତ ପରିବାରକୁ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ ଲାଗି ନିଷ୍ପତ୍ତି ନେଇଛି ଶ୍ରୀମନ୍ଦିର ପ୍ରଶାସନ। ଏହି ଟଙ୍କା ସିଧାସଳଖ ପ୍ରତ୍ୟେକ ପରିବାର ମୁଖ୍ୟଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯିବ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି।

କରୋନା ଭୟାବହତାକୁ ଦେଖି ଗତ ମାସ ୨୦ ତାରିଖରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଛି । କେବଳ ମହାପ୍ରଭୁଙ୍କ ଦୈନନ୍ଦିନ ନୀତିକାନ୍ତି ଚାଲିଛି। ସେବାୟତମାନେ ଯାଇ ମହାପ୍ରଭୁଙ୍କ ସେବାପୂଜା କରୁଛନ୍ତି। ଫଳରେ ମନ୍ଦିରକୁ ଭକ୍ତ ଯାଉ ନ ଥିବାରୁ ସେବାୟତମାନେ ଦି ପଇସା ରୋଜଗାର କରିପାରୁ ନାହାନ୍ତି । ଶହ ଶହ ସେବାୟତ ଠାକୁରଙ୍କ ସେବାପୂଜା କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ଏତଦ୍ବ୍ୟତୀତ ଭକ୍ତ ଆସୁ ନ ଥିବାରୁ ଅବଢା ପ୍ରାୟ ବନ୍ଦ ରହିଛି। ଫଳରେ ବହୁସଂଖ୍ୟକ ସୁଆର ସେବକ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ଏହି କଟକଣା ସମୟରେ ସେବାୟତ ପରିବାର କିପରି ପ୍ରତିପୋଷଣ ହୋଇପାରିବେ ସେଥିଲାଗି ଏହି ନିଷ୍ପତ୍ତି ନେଇଛି । ପ୍ରାୟ ୨୧୩୦ ସେବାୟତ ପରିବାରକୁ ପ୍ରତ୍ୟେକ ୫ ହଜାର ଟଙ୍କା ଲେଖାଏ ମୋଟ ୧କୋଟି ୬ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିପାଇଁ ସମସ୍ତ ପରିବାର ମୁଖ୍ୟଙ୍କ ବ୍ୟାଙ୍କ ଆକାଉଣ୍ଟ ମଗାଯାଇଛି। ଯେଉଁମାନଙ୍କ ଆକାଉଣ୍ଟ ନାହିଁ ସେମାନେ ତୁରନ୍ତ ଆକାଉଣ୍ଟ ଖୋଲିବାକୁ କୁହାଯାଇଛି । ୫/୬ ଦିନ ମଧ୍ୟରେ ପ୍ରତ୍ୟେକ ପରିବାରକୁ ଏହି ଟଙ୍କା ପହଞ୍ଚିବ ବୋଲି ନୀତି ପ୍ରଶାସକ ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମନ୍ଦିର ପ୍ରଶାସନର ଏହି ନିଷ୍ପତ୍ତିକୁ ସେବାୟତ ବିନାୟକ ଦାସ ମହାପାତ୍ର ସ୍ୱାଗତ କରିଛନ୍ତି। ବୀମା ଆଧାରରେ ତାଲିକା ଠିକ୍ ନୁହେଁ । ପ୍ରତ୍ୟେକ ନିଯୋଗରୁ ଆଧାରକାର୍ଡ ଏବଂ ପରିବାର ସଦସ୍ୟଙ୍କ ତାଲିକା ମଗାଯାଇ ଏହି ଟଙ୍କା ପ୍ରଦାନ କରାଯାଉ ବୋଲି ସେ କହିଛନ୍ତି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

କ୍ର.ସଂ. (୧) ଇ-ଟେଣ୍ଡର ନଂ.: ଡିଆର୍ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୦୮-୨୦୨୦-୨୧, ତାରିଖ: ତା୧୩।୦୪।୨୦୨୦ରିଖ। କାର୍ଯ୍ୟ: ବିଳାସପୁର ଡିଭିଜନର ଚିହ୍ନିତ ସ୍ଥାନଗୁଡ଼ିକରେ ଆଉଟସୋର୍ସିଂ ମାଧ୍ୟମରେ ଡିଜିଟାଲ ଅଲଟ୍ରାସୋନିକ୍ ଫ୍ଲ ଡିଟେକ୍ଟର୍ସ (ୟୁଏସ୍ଏଫ୍‌ଡି) ସହିତ ଏ.ଟି. ୱେଲ୍ଡଗୁଡ଼ିକର ଅଲଟ୍ରାସୋନିକ୍ ପରୀକ୍ଷଣ ଏବଂ ଭାରତୀୟ ରେଳ ମାନକ ଏବଂ ୱେଲ୍ଡଗୁଡ଼ିକର ଅଲଟ୍ରାସୋନିକ୍ ପରୀକ୍ଷଣ ସ୍ୱତନ୍ତ୍ରତା (୨୦୧୨ରେ ସଂଶୋଧିତ) ଅନୁଯାୟୀ ତାହାର ରିପୋର୍ଟିଂ । ଟେଣ୍ଡର ମୂଲ୍ୟ: ₹୬୫,୫୯,୬୮୬/- । ଅମାନତ ଜମା ରାଶି: ₹୧,୩୧,୨୦୦/- । ସମାପ୍ତି ଅବଧି: ୦୯ ମାସ।

ଟେଣ୍ଡର ଦାଖଲ ଆରମ୍ଭ ତାରିଖ: ତା୨୪।୦୪।୨୦୨୦ରିଖ ୧୧.୦୦ ଘଟିକାରୁ। ଟେଣ୍ଡର ଦାଖଲର ଶେଷ ତାରିଖ: ତା୦୮।୦୫।୨୦୨୦ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ ।

ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍ସାଇଟ୍: http://www.ireps.gov.inରେ ଉପଲବ୍ଧ । ଉପରୋକ୍ତ ଟେଣ୍ଡରଗୁଡ଼ିକ ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟାନ୍ୟ ବିଡ୍ ଗ୍ରହଣ କରାଯିବ ନାହିଁ।

ଡିଭିଜନାଲ ରେଲୱେ ମ୍ୟାନେଜର (ଇଂ.)
CPR/10/11 ଏସ୍.ଇ.ସି. ରେଳପଥ/ବିଳାସପୁର
South East Central Railway @secrail

## ଉଜୁଡ଼ିଗଲା ସହର ସୌନ୍ଦର୍ଯ୍ୟକରଣ



ଭୁବନେଶ୍ୱର, ୧୭।୪(ବ୍ୟୁରୋ)

ହକି ବିଶ୍ୱକପ୍ ସମୟରେ ଭୁବନେଶ୍ୱରରେ ସୌନ୍ଦର୍ଯ୍ୟକରଣ ପାଇଁ ନାନା କିସମର ବୃକ୍ଷଲତା ଲଗାଯାଇଥିଲା। କରୋନା ମାଡ଼ରେ ଏବେ ସେସବୁ କେଉଁଠି ପାଣି ନପାଇ ଶୁଖି ଗଲାଣି ତ ଆଉ କେଉଁଠି ଭଙ୍ଗାକୁଣ୍ଡରେ ନିଜ ମରଣ ଦିନକୁ ଅପେକ୍ଷା କରିରହିଛି। ଏଥିପ୍ରତି କାହାର ନିଘା ନାହିଁ। ପ୍ରଥମେ ପ୍ରଳୟଙ୍କାରୀ ବାତ୍ୟା ଫନି ଓ ଏବେ ମହାମାରୀ କରୋନାର ମୁକାବିଲା କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି ସତ କିନ୍ତୁ ସହର ସୌନ୍ଦର୍ଯ୍ୟକରଣ କଥା ସମ୍ପୂର୍ଣ୍ଣ ଭୂଲି ଯାଇଥିବା ନଜରକୁ ଆସୁଛି।

**ପାଣି ନ ପାଇ ମରିଗଲାଣି ଅଧିକାଂଶ ବୃକ୍ଷ**

ବିଏମ୍ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ସହରରେ ଉକ୍ତ ମଲା ଗଛ କୁଣ୍ଡଗୁଡ଼ିକୁ ବାହାର କରାଯାଇ ସେଠାରେ ଅଳଙ୍କାରୀ ବୃକ୍ଷ ଲଗାଯିବାକୁ ଯୋଜନା ହୋଇଛି। ଫନି ପରେ ପରେ ହିଁ ଉକ୍ତ ବୃକ୍ଷଗୁଡ଼ିକ କିଛି ମାତ୍ରାରେ ଶୁଖି ମରିଯାଇଥିଲା। ଯାହାର ନିରାକରଣ ପାଇଁ ଆଲୋଚନା ହୋଇଛି ଓ ସ୍ୱତନ୍ତ୍ର ବଜେଟ୍ ବି କରାଯାଇଛି। କରୋନା ମହାମାରୀର ମୁକାବିଲା କରିବା ପରେ ସହର ସୌନ୍ଦର୍ଯ୍ୟକରଣ ପ୍ରତି ଧ୍ୟାନ ଦିଆଯିବ। ଉଲ୍ଲେଖଯୋଗ୍ୟ, ରାଜ୍ୟର ସର୍ବାଧିକ କରୋନା ଆକ୍ରାନ୍ତ ଭୁବନେଶ୍ୱରରୁ ଚିହ୍ନଟ ହେବା ପରେ ବିଏମ୍ସି ସଂକ୍ରମଣକୁ ଏଡ଼ାଇବା ପାଇଁ ଅଣ୍ଟା ଭିଡ଼ିଛି। ପ୍ରବଳ ଗ୍ରୀଷ୍ମତାପ କାରଣରୁ ଜନପଥ, ସଚ୍ଚିବାଳୟ ମାର୍ଗ ଓ ବିଦ୍ୟୁତ୍ ମାର୍ଗର ଦୁଇ ପାର୍ଶ୍ୱ ଓ ମଝିରେ ଥିବା ଥିବା ସୌନ୍ଦର୍ଯ୍ୟକରଣ ବୃକ୍ଷଗୁଡ଼ିକ ଅଧିକାଂଶ ଶୁଖି ମରିଯାଇଛି। ତେଣୁ ଏଗୁଡ଼ିକରେ ଟିକେ ପାଣି ଦେବାକୁ ଭୁବନେଶ୍ୱରର କିଛି ବୁଦ୍ଧିଜୀବୀ ବିଏମ୍ସିକୁ ଦାବି ଜଣାଇଛନ୍ତି।



**ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା**
**ଏକ୍ୟୁ (AQ) ସିରିଜ୍**
**ବିଶେଷ ସୂଚନା**

ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଅନ୍ତର୍ଗତ ଏକ୍ୟୁ (AQ) ସିରିଜ୍ର କୁପନ୍ ସଂଗ୍ରହ କରିଥିବା ସ୍ୱଳ୍ପ ସଞ୍ଚୟ ଜମାକାରୀମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସାମ୍ପ୍ରତିକ କରୋନା ଭୂତାଣୁ ସଂକ୍ରମଣ (Covid-19) ଓ ତଦ୍ଜନିତ ତାଲାବନ୍ଦ (lockdown) ପରିସ୍ଥିତି ପରିପ୍ରେକ୍ଷୀରେ, ଏହି ଯୋଜନାର ଉଠାଣ ତା୨୬।୦୪।୨୦୨୦ ପରିବର୍ତ୍ତେ ତା୨୬।୦୭।୨୦୨୦ରିଖରେ ଅନୁଷ୍ଠିତ ହେବ ।

ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ
ଅର୍ଥ ବିଭାଗ, ଓଡ଼ିଶା ସରକାର
OIPR-05001/11/0002/2021

"ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। -ଶ୍ରୀଅରବିନ୍ଦ

# ଏୟାର ଇଣ୍ଡିଆ ନୂଆ ସିଏମ୍‌ଡି ପାଇବ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ଆପଏଣ୍ଟମେଣ୍ଟସ୍ କମିଟି ଅଫ୍ କ୍ୟାବିନେଟ (ଏସିସି) କେନ୍ଦ୍ରରେ ସଚିବ ସ୍ତରୀୟ ପଦ ପାଇବା ପାଇଁ ୨୮ ଜଣ ଆଇଏଏସ୍ ଅଧିକାରୀଙ୍କ ନାମ ସମ୍ବଳିତ ତାଲିକାକୁ ଅନୁମୋଦନ କରିଛି। ଏମାନଙ୍କ ମଧ୍ୟରେ ରହିଛନ୍ତି ଅଂଶଧନ ବିକ୍ରି କରିବାକୁ ଗ୍ରାହକ ଖୋଜୁଥିବା ଏୟାର ଇଣ୍ଡିଆର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ରାଜୀବ ବଂସଲ। ଏୟାର ଲାଇନ୍‌ର ସିଏମ୍‌ଡି ଭାବେ ଫେବୃୟାରୀରୁ ଅଶ୍ୱିନୀ ଲୋହାନିଙ୍କଠାରୁ ଦାୟିତ୍ୱ ନେଇ ତାଙ୍କ ଦ୍ୱିତୀୟ ପାଳିରେ ରହିଛନ୍ତି। ତେବେ ସଚିବ ସ୍ତରୀୟ ପଦଗୁଡିକ ପାଇଁ ନାମ ତାଲିକା ପ୍ରକାଶ ପାଇବା ପରେ ଏୟାର ଇଣ୍ଡିଆରେ ବଂସଲଙ୍କ ଭବିଷ୍ୟତ ସମ୍ପର୍କରେ କିଛି ମନଗଢା କଥା ପଦାକୁ ଆସିଛି। ଏୟାର ଇଣ୍ଡିଆର ସିଏମ୍‌ଡି ପଦ ଏକ ଅତିରିକ୍ତ ସଚିବ ସ୍ତରୀୟ ପଦ। ଏହି ପରିସ୍ଥିତିରେ ବଂସଲ ଏବେ ସଚିବ ସ୍ତରକୁ ଉଠିବେ। ଏୟାର ଇଣ୍ଡିଆ ଖୁବ୍‌ଶୀଘ୍ର ଜଣେ ନୂଆ ସିଏମଡି ପାଇବ ବୋଲି ଏହା ଦର୍ଶାଉ ନାହିଁ କି? ସରକାର ଏବେ ବି ଏୟାର ଇଣ୍ଡିଆକୁ ବିକ୍ରି କରିବାକୁ ବ୍ୟଗ୍ର। କିନ୍ତୁ ଏହା କୋଭିଡ-୧୯ ସଂକ୍ରମଣର ପ୍ରଭାବ ଯୋଗୁ ବିଳମ୍ବ ହେଉଛି। ପ୍ରଥମ ପ୍ରୟାସରେ ଏହା ବିଫଳ ହୋଇଥିଲା, କିନ୍ତୁ ଶତ ପ୍ରତିଶତ ଅଂଶଧନ ବିକ୍ରି କରିବାକୁ ପ୍ରସ୍ତାବ ରଖାଯିବା ପରେ ସରକାର ଏଥିରେ ସଫଳ ହେବେ ବୋଲି ଆଶାବାଦୀ ଅଛନ୍ତି।

### ମୁଖ୍ୟ ସଚିବଙ୍କୁ ସମର୍ଥନ

କୋଭିଡ୍-୧୯ ସଂକ୍ରମଣ ଯୋଗୁ ଉପୁଜିଥିବା ଗମ୍ଭୀର ସ୍ୱାସ୍ଥ୍ୟ ସଂକଟକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର କେସ୍‌ରେ ଗତ ମାସରେ ମହାରାଷ୍ଟ୍ରର ମୁଖ୍ୟ ଶାସନ ସଚିବ ଅଜୟ ମେହେଟ୍ଟାଙ୍କ କାର୍ଯ୍ୟକାଳ ଦ୍ୱିତୀୟ ଥର ୩ ମାସ ପାଇଁ ବୃଦ୍ଧି କରାଯାଇଥିଲା। ସରକାରଙ୍କ ଦ୍ୱାରା ଚାଲୁ ରହିଥିବା କରୋନା ମହାମାରୀ ବିରୋଧ ଲଢେଇର ନେତୃତ୍ୱ ନେଇ ଆସୁଛନ୍ତି ମେହେଟ୍ଟା। ତେବେ ଜଣାପଡୁଛି ଯେ, ମେହେଟ୍ଟା ତାଙ୍କ ପଦରେ ତିନିମାସ ରହିବାକୁ ନେଇ କେହି ଜଣେ ହେଲେ ବି ଖୁସି ନାହାନ୍ତି। ମହାରାଷ୍ଟ୍ରରେ ଶାସକ ଶିବସେନା ସହ ମେଣ୍ଟ କରିଥିବା କଂଗ୍ରେସର କେତେକ ନେତା ମେହେଟ୍ଟାଙ୍କ ବିବାଦୀୟ କାର୍ଯ୍ୟଶୈଳୀ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଶ୍ରୟସ୍ଥଳୀରେ ଲୋକମାନଙ୍କୁ ଶୁଖିଲା ରାଶନ ବଦଳରେ ରନ୍ଧାଖାଦ୍ୟ ଯୋଗାଇ ଦେବା ସମ୍ପର୍କରେ ମେହେଟ୍ଟାଙ୍କ ପ୍ରସ୍ତାବ ବିରୋଧରେ ସେମାନେ ଅଭିଯୋଗ କରିଛନ୍ତି। ତେବେ ରାଜ୍ୟ ଅମଲାତନ୍ତ୍ରର ବହୁ ସଂଖ୍ୟକ ପ୍ରଶାସକ ମୁଖ୍ୟ ଶାସନ ସଚିବଙ୍କ ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ସେମାନେ କହିଛନ୍ତି ଯେ, କ୍ୟାବିନେଟରେ ନିଆଯାଇଥିବା ନିଷ୍ପତ୍ତିକୁ ମେହେଟ୍ଟା ବଦଳାଇପାରିବେନାହିଁ। ସୂତ୍ରରୁ ଜଣାପଡିଛି ଯେ, ମେହେଟ୍ଟା କେନ୍ଦ୍ର ସରକାରଙ୍କ ନିୟମ ସମ୍ପର୍କରେ କ୍ୟାବିନେଟକୁ ସୂଚନା ଦେଇଥିଲେ ଏବଂ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କରିଥିଲେ। ଆଶ୍ରୟସ୍ଥଳୀ ଗୁଡିକରେ ଶୁଖିଲା ରାଶନ ସାମଗ୍ରୀ ଯୋଗାଇଦେବା ଦ୍ୱାରା ଚୋରି ଏବଂ ଦୁର୍ନୀତି ବଢ଼ିବାର ସମ୍ଭାବନା ରହିଛି ବୋଲି ମେହେଟ୍ଟା ଦର୍ଶାଇଥିଲେ ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ତାଙ୍କ ମତକୁ ସମର୍ଥନ କରିଥିଲେ।

### ବାବୁଙ୍କୁ ଆଶ୍ୱସ୍ତି

ଏକ ଅସାଧାରଣ ଓ ବହୁ ପ୍ରତୀକ୍ଷିତ ନିଷ୍ପତ୍ତି ନେଇ ମୋଦି ସରକାର ଡେପୁଟି ସେକ୍ରେଟାରୀଙ୍କ ଠାରୁ ଯୁଗ୍ମ ସଚିବ ସ୍ତର ଯାଏ ସବୁ ଅଧିକାରୀଙ୍କ କେନ୍ଦ୍ରୀୟ ପ୍ରତିନିଯୁକ୍ତିକୁ ବଢାଇ ଦେଇଛନ୍ତି। ସେମାନେ ସମସ୍ତେ କେନ୍ଦ୍ରୀୟ ପ୍ରତିନିଯୁକ୍ତିରେ ଅଛନ୍ତି ଏବଂ ସେମାନଙ୍କ କାର୍ଯ୍ୟକାଳ ଏହି ମାସ ଶେଷ ସୁଦ୍ଧା ପୂରିବାକୁ ଥିଲା। ଏବେ ସେମାନଙ୍କ କାର୍ଯ୍ୟକାଳ ୩୦ ଜୁନ୍ ଯାଏ ବୃଦ୍ଧି କରାଯାଇଛି। ଏହି ନିଷ୍ପତ୍ତି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଆପଏଣ୍ଟମେଣ୍ଟ କମିଟି ଅଫ୍ କ୍ୟାବିନେଟ( ଏସିସି) ଦ୍ୱାରା ନିଆଯାଇଥିଲା। ଯେଉଁ ଅଧିକାରୀମାନେ ସେମାନଙ୍କ କାର୍ଯ୍ୟକାଳ ପୂରଣ କରୁଛନ୍ତି କିମ୍ବା ସେବା ନିବୃତ୍ତ ପରେ କାର୍ଯ୍ୟକାଳ ବୃଦ୍ଧି କରୁଛନ୍ତି ସେମାନଙ୍କ କ୍ଷେତ୍ରରେ ଏହି ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ( ଡିଓପିଟି) ଦର୍ଶାଇଥିବା ଜଣାପଡିଛି। ଏହି ନିର୍ଦ୍ଦେଶନାମା ଯୁଗ୍ମ ସଚିବ,ନିର୍ଦ୍ଦେଶକ ଏବଂ ଡେପୁଟି ସେକ୍ରେଟାରୀ ସ୍ତରର ଅଧିକାରୀମାନଙ୍କ ପାଇଁ ଆଶ୍ୱସ୍ତି ଆଣିପାରେ। କିନ୍ତୁ କେନ୍ଦ୍ରୀୟ ପ୍ରତିନିଯୁକ୍ତିରେ କାର୍ଯ୍ୟକାଳ ପୂରଣ କରିଥିବା କିମ୍ବା ଆଉ ୫ କି ୭ବର୍ଷ ପୂରଣ କରିବାକୁ ଥିବା ଅନେକ ଅତିରିକ୍ତ ସଚିବଙ୍କୁ ସଂକଟରେ ପକାଇଦେଇଛି। ସାରା ଦେଶ ଲକ୍‌ଡାଉନରେ ଥିବାବେଳେ ସରକାରଙ୍କ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ମନେହୁଏ।

Email: dilipcherian@gmail.com

# କାଳ କବଳରେ କୋଣାର୍କ

ଡ.ପ୍ରଫୁଲ୍ଲ କୁମାର ସାହୁ

ଐତିହ୍ୟ ହେଉଛି ସଭ୍ୟତାର ପରିଚାୟକ। ଗୋଟିଏ ଜାତିର ଗର୍ବ ଓ ଗୌରବ। ସଭ୍ୟତା ଆରମ୍ଭରୁ ମଣିଷ ତା'ର କଳାବୋଧ ଓ ସର୍ଜନଶୀଳ ପ୍ରତିଭା ବଳରେ ଏମିତି କିଛି କୀର୍ତ୍ତି ସ୍ଥାପନ କରିଛି, ଯା'ର ସଂରଚନା ବୈଚିତ୍ର୍ୟ ଦେଖି ବିସ୍ମିତ ହୋଇଛି ବିଶ୍ୱ। ପୃଥିବୀର ୧୬୫ଟି ଦେଶରେ ଏମିତି ୧୦୫୨ଟି ସ୍ଥାପତ୍ୟ ରହିଛି, ଯାହାକୁ ମିଳିଛି ବିଶ୍ୱ ଐତିହ୍ୟର ମାନ୍ୟତା।

ବିଶ୍ୱ ଐତିହ୍ୟ ମାନ୍ୟତା ପାଇଥିବା ଭାରତର ୩୭ଟି ସ୍ଥାପତ୍ୟ ମଧ୍ୟରେ ରହିଛି କଳିଙ୍ଗ କଳାର ସର୍ବଶ୍ରେଷ୍ଠ ନିଦର୍ଶନ କୋଣାର୍କର ସୂର୍ଯ୍ୟମନ୍ଦିର। ଓଡ଼ିଶାର ଯେଉଁ ତିନୋଟି ବିଶାଳ ମନ୍ଦିରର ସ୍ୱତନ୍ତ୍ର ପରିଚୟ ରହିଛି,ତାହା ହେଲା ଏକାଦଶ ଶତାବ୍ଦୀରେ ନିର୍ମିତ ଲିଙ୍ଗରାଜ ମନ୍ଦିର, ଦ୍ୱାଦଶ ଶତାବ୍ଦୀର ଜଗନ୍ନାଥ ମନ୍ଦିର ଓ ତ୍ରୟୋଦଶ ଶତାବ୍ଦୀର କୋଣାର୍କ ମନ୍ଦିର। ଏହି ତିନୋଟି କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିର ମଧ୍ୟରେ ଏକମାତ୍ର କୋଣାର୍କକୁ ମିଳିଛି ବିଶ୍ୱ ଐତିହ୍ୟର ମାନ୍ୟତା। ଉଦିତ ସୂର୍ଯ୍ୟଙ୍କ କୋମଳ କିରଣରେ ସ୍ନାତ କୋଣାର୍କ ସ୍ଥାପତ୍ୟର ଏକ ଅନବଦ୍ୟ କୃତି। ସୂର୍ଯ୍ୟଦେବଙ୍କ ରଥର ଐତିହାସିକ ସ୍ମୃତି ସ୍ୱରୂପ ଚବିଶଟି ଚକକୁ ନେଇ ଅଭିକଳ୍ପିତ ଏହି ବିଶାଳ ରଥାକୃତି ମନ୍ଦିରକୁ ଟାଣୁଛନ୍ତି ସାତଟି ଚପଳ ଚଞ୍ଚଳ ଅଶ୍ୱ। ଭାରତୀୟ ଉପମହାଦେଶର ପୂର୍ବ ଉପକୂଳରେ ଗଙ୍ଗବଂଶୀୟ ନରପତି ଲାଙ୍ଗୁଳା ନରସିଂହ ଦେବଙ୍କ ଦ୍ୱାରା ନିର୍ମିତ ୨୨୯ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିରର ସର୍ବାଙ୍ଗରେ ଝଟକୁଛି ସୂକ୍ଷ୍ମ କାରୁକାର୍ଯ୍ୟ। ତ୍ରୟୋଦଶ ଶତାବ୍ଦୀର ରାଜବଂଶୀୟ ରୁଚିର ଶ୍ରେଷ୍ଠ ନିଦର୍ଶନ ହୋଇ ଛିଡାହୋଇଛି ତା'ର ଶୈଳ୍ପିକ ନୈପୁଣ୍ୟ, ଆକାର, ଅନୁପାତ ଓ ସ୍ଥାପତ୍ୟ ଭିତ୍ତିକ ଅଳଂକରଣ। କୋଣାର୍କ କେବଳ ଧର୍ମ, ମୋକ୍ଷ ଓ ପରମାର୍ଥର ତୀର୍ଥ ସ୍ଥଳୀ ନୁହେଁ,ଏହା ଅମ୍ଳାନ ସୌନ୍ଦର୍ଯ୍ୟର ଏକ ନନ୍ଦନ ବନ। ରମ୍ୟ କଳାର ଚାରୁ ଚିତ୍ରଶାଳା। ଯୁଗ ଯୁଗ ଧରି ସେ ସେମିତି ଠିଆ ହୋଇଛି ଅନାସକ୍ତ ଭାବରେ, ଅଥଚ ଅଗଣିତ ଦର୍ଶକ ଆସି ତା'ର ଅନିନ୍ଦ୍ୟ ରୂପ ଲାବଣ୍ୟକୁ ଉପଭୋଗ କରିଚାଲିଛନ୍ତି ବିମୁଗ୍ଧ ଚିତ୍ତରେ। ତା'ର ନାମକରଣ ପଛରେ ବି ରହିଛି ଭୌଗୋଳିକ ତାତ୍ପର୍ଯ୍ୟ। ଗୋଟିଏ କୋଣରେ ନିର୍ମିତ ହୋଇ ଥିବାରୁ ଅର୍କ କ୍ଷେତ୍ରର ନାମ କୁଆଡେ କୋଣାର୍କ। ମନ୍ଦିରର ଅତ୍ର ତତ୍ର ସର୍ବତ୍ର ବି ଦେଖିବାକୁ ମିଳେ ଜ୍ୟାମିତିକ ଢାଞ୍ଚାର ନମୁନା। ସତ୍ୟ ଓ ବାସ୍ତବତାର ଭାବ ନିର୍ଯ୍ୟାସ ହେଉଛି ମଣିଷର ସୌନ୍ଦର୍ଯ୍ୟବୋଧ, ଯାହାକୁ ଭାବନିଷ୍ଠ ଭାବେ ପ୍ରକାଶ କରିଛି ଭାରତୀୟ ସ୍ଥାପତ୍ୟ କଳା।

ବିଶେଷ କରି ପ୍ରକୃତି ଓ ପୁରୁଷର ସଂବେଦାତ୍ମକ ସମ୍ପର୍କକୁ ପରମାର୍ଥ ଭାବନା ଭିତରେ ବ୍ୟକ୍ତ କରିବାର ପରମ୍ପରା ଭାରତୀୟ କଳାକୁ ଆଣିଦେଇଛି ଏକ ସ୍ୱତନ୍ତ୍ର ପରିଚୟ। କୁହାଯାଏ ନରନାରୀଙ୍କ ମିଳିତ ରୂପ ଯେମିତି ଆଦିମ, ସେମିତି ପବିତ୍ର। ମନ୍ଦିର ଗାତ୍ରରେ ଖୋଦିତ ନଗ୍ନ ନଟନଟୀଙ୍କ ଯୌନ ଲୀଳା ସେହି ପବିତ୍ର ଭାବନାର ଏକ କଳାତ୍ମକ ପରିପ୍ରକାଶ। ଜୀବନର ଏହି କୋମଳ ତଥା ଗୋପନ ମାଧୁର୍ଯ୍ୟକୁ ଏତେ ସ୍ପଷ୍ଟ ଭାବେ ଚିତ୍ରିତ କରିବା ହିଁ ଓଡିଆ କଳା ନୈପୁଣ୍ୟର ବିଶେଷତ୍ୱ। କେବଳ ମଣିଷ ନୁହେଁ,ସବୁ ପ୍ରକାର ପ୍ରାଣୀମାନଙ୍କ କାମ କ୍ରୀଡ଼ାକୁ ଏଠାରେ ଚିତ୍ରିତ କରାଯାଇଛି ଅତି ସ୍ୱାଭାବିକ ଢଙ୍ଗରେ। ଅନେକ ଦର୍ଶକ ହୁଏତ ଏହାକୁ ଯୌନ ଜାନ୍ତବତା ଭାବି ଆମୋଦିତ ହୁଅନ୍ତି, ମାତ୍ର ଏଭଳି ସ୍ଥୂଳ ଦୃଷ୍ଟିରେ ନ ଥାଏ କଳାର ଭାବସତ୍ତାକୁ ଉପଲବ୍ଧି କରିବାର ଉନ୍ମୁଖତା। ମନ୍ଦିର ଅଭ୍ୟନ୍ତରରେ ପ୍ରବେଶ କରି ଦେବତାଙ୍କ ବିଗ୍ରହ ଦେଖିବା ପାଇଁ ମଣିଷ ମନର ଅନ୍ତକରଣରେ ଯେଉଁ ଚିତ୍ତଶୁଦ୍ଧି ଆବଶ୍ୟକ, ତା'ର ଏକ ପରୀକ୍ଷଣ ହେଉଛି ମନ୍ଦିର ବହିର୍ଭାଗରେ ଥିବା ଯୌନଲୀଳା ସଂଦର୍ଶନଜନିତ ପ୍ରତିକ୍ରିୟା। ଏହି ଦୃଷ୍ଟିରୁ ପ୍ରାଚୀନ ମୂଲ୍ୟବୋଧ,ଭାରତୀୟ ଜ୍ଞାନବିଜ୍ଞାନ ତଥା ଦାର୍ଶନିକ ଚେତନା ଆଧାରରେ ଏସବୁ ଚିତ୍ରର ଶିଳ୍ପତତ୍ତ୍ୱ ତଥା ବୃହତ୍ତର ବ୍ୟଞ୍ଜନାକୁ ଉପଲବ୍ଧି ନ କରି ତାକୁ ଅଶ୍ଳୀଳ ବୋଲି ଇଙ୍ଗିତ କରିବାର ଅର୍ଥ ଆମର ଅଜ୍ଞତା ଓ ଦାୟିତ୍ୱହୀନତା। କଲ୍ୟାଣମୟୀ ନାରୀର ନାନା ପ୍ରକାର ରୂପ ତଥା ଆମ ସମାଜ ଜୀବନର ପ୍ରତିଟି କଥା ରୂପାୟିତ ହୋଇଛି କୋଣାର୍କ ଗାତ୍ରରେ। କେଉଁଠି ଉତ୍ସବମୁଖର ଗ୍ରାମୀଣ ଜୀବନ ଚିତ୍ର ଖୋଦିତ ହୋଇଛି ତ କେଉଁଠି ପ୍ରଦର୍ଶିତ ହୋଇଛି ଯୁଦ୍ଧ ଭୂମିରେ ବିଜୟ କୌଶଳ। ଏସବୁ ଚିତ୍ରରେ ପ୍ରଦର୍ଶିତ ପ୍ରତ୍ୟେକଟି ମୁଦ୍ରା ହେଉଛି ସମଗ୍ର ବିଶ୍ୱର ସୃଷ୍ଟି, ବିକାଶ ଓ ପ୍ରଳୟ ଉପରେ ପର୍ଯ୍ୟବସିତ ଏକ ବିରାଟ ଭାବବୃତ୍ତର ସାଙ୍କେତିକ ରୂପ। ସଂପୂର୍ଣ୍ଣ ଭେଦାଭେଦ ବିବର୍ଜିତ ଏ ପରିକଳ୍ପନାରେ ନାଁ ଅଛି ସାଂପ୍ରଦାୟିକ ସଂକୀର୍ଣ୍ଣତା ନା ଧାର୍ମିକ ବିଭେଦତା। ସେଥିପାଇଁ କୁହାଯାଏ ବିଶ୍ୱରେ କୋଣାର୍କ ହେଉଛି ଏକମାତ୍ର ଅସାମ୍ପ୍ରଦାୟିକ ମନ୍ଦିର। କବି ଦୃଷ୍ଟିରେ ଏହା ଏକ ମନ୍ଦିର ନୁହେଁ, ବରଂ ପ୍ରସ୍ତର ଗାତ୍ରରେ ଲିଖିତ ଏକ ମହାକାବ୍ୟ। ବିଶ୍ୱ କବି ରବୀନ୍ଦ୍ର ନାଥଙ୍କ ଭାଷାରେ ପଥର ଏଠି ମଣିଷଠାରୁ ଅଧିକ ମୁଖର। ତେଣୁ ତା'ର ଯୁଗୋତୀର୍ଣ୍ଣ କଳା ନୈପୁଣ୍ୟକୁ ନେଇ ଲେଖାଯାଇଛି ଅନେକ କାବ୍ୟ କବିତା। ସେଥି ମଧ୍ୟରୁ ସବୁଠାରୁ ସୁଖପାଠ୍ୟ ହେଉଛି ପଣ୍ଡିତ ଗୋପବନ୍ଧୁ ଦାସଙ୍କ 'ଧର୍ମପଦ'। ଏକ କିମ୍ବଦନ୍ତୀକୁ ଆଧାର କରି ସେ ତ୍ୟାଗର ଯେଉଁ ଉଚ୍ଚ ଆଦର୍ଶ ସୃଷ୍ଟି କରିଛନ୍ତି, ତା' ଧର୍ମପଦକୁ ଆଣିଦେଇଛି ଅବିଶ୍ୱସନୀୟ ପାଠକୀୟ ଆଦୃତି। ରୋମାଣ୍ଟିକ କବି ମାୟାଧର ମାନସିଂହ କିନ୍ତୁ କୋଣାର୍କକୁ ଏକ ବିଗତ ଯୌବନା ସୁନ୍ଦରୀ ନାରୀ ସହିତ ତୁଳନା କରି ଲେଖିଛନ୍ତି -'ହେ କୋଣାର୍କ ବିଗତ ଯୌବନା, ମୌନ ଦୁଃଖେ ସୈକତ ଶୟନା,ସସଅଂଗେ ଅଂଗେ ଚୁମ୍ବିବାକୁ ନିରବଧି କରଇ ଭାବନା ତୋହରେ ଗୋ ଗତ ଯଉବନା'।

ଅନ୍ୟପକ୍ଷରେ ମନ୍ଦିର ଗଢିବା କିମ୍ବା ଐତିହ୍ୟ ସୁରକ୍ଷାକୁ କେବେ ସହଜ ଦୃଷ୍ଟିରେ ଦେଖନ୍ତିନି ସୌଖୀନ ସାମ୍ୟବାଦୀମାନେ। ସେଥିପାଇଁ କବି ସଚ୍ଚି ରାଉତରାୟ କୋଣାର୍କର ସୌନ୍ଦର୍ଯ୍ୟରେ ଅଭିଭୂତ ହେବା ପରିବର୍ତ୍ତେ ମାନବବାଦୀ ଦୃଷ୍ଟିଭଙ୍ଗୀ ନେଇ ପଢିଛନ୍ତି ମନ୍ଦିର ନିର୍ମାଣ ପଛରେ ଥିବା ଲକ୍ଷେ ବେନାମୀ ଜୀବନର କରୁଣ କାହାଣୀ। କବିଙ୍କ ଭାଷାରେ-'ତୁମେ ଦେଖିଅଛ ଶିଳାରେ ତା'ର ତ ରମ୍ୟ କଳାର ରୂପ, ମୁଁ ଦେଖିଛି ତହିଁ କୋଟି କଙ୍କାଳ ଭଗ୍ନ ବୁକୁର ସ୍ତୂପ'। ମାତ୍ର କୋଣାର୍କକୁ ଯିଏ ଯେଉଁ ଦୃଷ୍ଟିରେ ଦେଖୁନା କାହିଁକି, କଳିଙ୍ଗ ସ୍ଥାପତ୍ୟ ଧାରାରେ କୋଣାର୍କର ସ୍ଥାନ କେବଳ ଶୀର୍ଷରେ ନୁହେଁ,ଏହା ବିଶ୍ୱର ବିସ୍ମୟ।

ଏହାର କାରୁକାର୍ଯ୍ୟ କେବଳ ଆମକୁ ବିଭୋର କରେନି, ପ୍ରସ୍ତର ଗାତ୍ରରେ ସ୍ଥାପତ୍ୟର ବ୍ୟାଖ୍ୟାନ ଶୈଳୀ ଆମ ଆଗରେ ଖୋଲିଦିଏ ଐତିହ୍ୟର ଏକ ଅମୂଲ୍ୟ ବାତାୟନ।

ତେଣୁ କୋଣାର୍କ ସହିତ ସ୍ୱତଃ ଯୋଡି ହୋଇ ରହିଛି ଓଡ଼ିଶାର ଭାବାବେଗ, ସ୍ୱାଭିମାନ ଓ ଇତିହାସ। ମାତ୍ର ବିଡମ୍ବନାର ବିଷୟ ଅବିଶ୍ୱସ୍ତ ଦାୟାଦଙ୍କ ଦୟାରୁ ତା'ର ଅସ୍ତିତ୍ୱକୁ ନେଇ ଏବେ ସୃଷ୍ଟି ହୋଇଛି ସଂକଟ।

୧୩ଶ ଶତାବ୍ଦୀର ମନ୍ଦିର ରୂପେ ଯାହା ଆଜି ବିଦ୍ୟମାନ, ତା' ହେଉଛି ପ୍ରକୃତରେ ସୂର୍ଯ୍ୟମନ୍ଦିରର ମୁଖଶାଳା (୧୨୮ଫୁଟ) ବା ଜଗମୋହନ। ସୁରକ୍ଷା ଅଭାବରୁ ଧ୍ୱଂସ ପାଇସାରିଛି ୨୨୯ ଫୁଟ ଉଚ୍ଚତା ବିଶିଷ୍ଟ ମୁଖ୍ୟ ମନ୍ଦିର। ଏବେ ଓଡ଼ିଶାବାସୀଙ୍କ ପାଇଁ ଆହୁରି ଅସନ୍ତୋଷର କାରଣ ହୋଇଛି ମରାମତି ନାଁରେ ମନ୍ଦିରର କାରୁକାର୍ଯ୍ୟପୂର୍ଣ୍ଣ ପଥର ବଦଳରେ ଲାଗୁଛି ସମତଳ ପଥର। ଏହାଦ୍ୱାରା କାଳକ୍ରମେ ଏକ ସମତଳ ପଥର ସ୍ତୂପରେ ପରିଣତ ହୋଇଯିବ ବିଶ୍ୱବିଖ୍ୟାତ କୋଣାର୍କ ମନ୍ଦିର। କାଳର କରାଳ ଗତିରେ ହଜିଯିବ କଳିଙ୍ଗ ସ୍ଥାପତ୍ୟର ଅସଲ ଖାନଦାନି। ଆମେ ଜାଣିରଖିବା ଉଚିତ ବିଶ୍ୱ ଐତିହ୍ୟ ଭାବରେ କୋଣାର୍କ କେବଳ ଆମ ରାଜ୍ୟ ବା ରାଷ୍ଟ୍ରର ନୁହେଁ,ଏହା ସମଗ୍ର ବିଶ୍ୱର ସମ୍ପତ୍ତି। ବିଶ୍ୱବ୍ୟାପୀ ଏଭଳି ଐତିହ୍ୟର ସୁରକ୍ଷା ନିମନ୍ତେ ରହିଛି ଆନ୍ତର୍ଜାତିକ ସଂଗଠନ ୟୁନେସ୍କୋ।

୧୯୫୯ ମସିହାର କଥା। ଇଜିପ୍ଟର ନୀଳ ନଦୀ ଉପରେ ଚାଲିଥାଏ ପୃଥିବୀର ଅନ୍ୟତମ ବୃହତ୍ ନଦୀବନ୍ଧ ଯୋଜନା ଆସ୍ୱାନ ଡ୍ୟାମର ନିର୍ମାଣ କାର୍ଯ୍ୟ। ଏହାଦ୍ୱାରା ଜଳମଗ୍ନ ହେବାକୁ ଯାଉଥିବା ବିସ୍ତୃତ ଅଞ୍ଚଳ ମଧ୍ୟରେ ରହିଥାଏ ତିନି ହଜାର ବର୍ଷର ପ୍ରାଚୀନ ଓ ଅତିକାୟ ମନ୍ଦିର ଆବୁ ସିମ୍ବେଲ। ଇଜିପ୍ଟ ସରକାରଙ୍କ ଅନୁରୋଧ କ୍ରମେ ଏହି ଯମଜ ମନ୍ଦିରକୁ ନୀଳନଦୀ ଗର୍ଭରୁ ଉଦ୍ଧାର କରିବା ଦାୟିତ୍ୱ ବହନ କରେ ୟୁନେସ୍କୋ। ଏକ ଅବିଶ୍ୱସନୀୟ ଆନ୍ତର୍ଜାତିକ ପ୍ରୟାସ ବଳରେ ମନ୍ଦିର ଦ୍ୱୟକୁ ଅତି ସୂକ୍ଷ୍ମ ଭାବେ କାଟି କୋଡିଏରୁ ତିରିଶ ଟନ୍ ବିଶିଷ୍ଟ ବ୍ଲକରେ ପରିଣତ କରି ଦିଆଗଲା ଏବଂ ତାକୁ ବୋହିନେଇ ରଖାଗଲା ୬୫ ମି.ରୁ ଅଧିକ ଉଚ୍ଚରେ ଥିବା ଏକ ନିରାପଦ ସ୍ଥାନରେ। ସେଠାରେ ଆଧୁନିକ ଯନ୍ତ୍ରପାତି ଓ ପ୍ରାବିଧିକ ଜ୍ଞାନକୌଶଳ ବଳରେ ପଥରକୁ ଖଞ୍ଜି ଆବୁ ସିମ୍ବଲକୁ ପୁନଃ ସ୍ଥାପନ କରାଗଲା ଅବିକଳ ଭାବରେ। ଷାଠିଏ ବର୍ଷ ତଳେ ଯଦି ଏଭଳି ଚମକପ୍ରଦ ଉପଲବ୍ଧି ସମ୍ଭବ ହୋଇ ପାରିଛି, ତେବେ ପ୍ରାବିଧିକ ଉତ୍କର୍ଷର ଶୀର୍ଷରେ ଥାଇ ଆଜି କାହିଁକି ରକ୍ଷା କରାଯାଇ ପାରିବନି କୋଣାର୍କର ଚିରନ୍ତନତା ? ଏ ପ୍ରଶ୍ନ ସହିତ ଯୋଡି ହୋଇ ରହିଛି ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନ।

ଅଧ୍ୟାପକ,ଫୁଲମତୀ ହେମ୍ବ୍ରମ
ମହାବିଦ୍ୟାଳୟ,ପଡ଼ିଆବେଡ଼ା,ମୟୂରଭଞ୍ଜ।
ମୋ-୯୪୩୮୫୫୦୮

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଏପ୍ରିଲ ୧୯୯୫

- ଚାଇନା ଇରାନକୁ ୨ଟି ୩୦୦ ମେଗାୱାଟ ରିଆକ୍ଟର ଓ ଆଣବିକ ଜ୍ଞାନକୌଶଳ ଯୋଗାଇ ଦେବା ନେଇ ନିଷ୍ପତ୍ତିକୁ ଆମେରିକାର ବିରୋଧ।
- ୩୦୦ ଜଣ ଯାତ୍ରୀଙ୍କୁ ନେଇ ଇଂଲିଶ ଚ୍ୟାନେଲ ପାର ହେଉଥିବା ଫ୍ରାନ୍ସର ଏକ ନୌକା ନିଖୋଜ ହୋଇଥିବାର ଖବର ମିଳିଛି।
- ଆଣବିକ ପ୍ରତିଷ୍ଠାନ ନିରୀକ୍ଷଣ ପ୍ରଶ୍ନ ନେଇ ଭାରତ ସହ କଥାବାର୍ତ୍ତା କରିବାକୁ ପାକିସ୍ତାନର ପ୍ରସ୍ତାବ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | | | | | | | | | | 7 | | | | 4 |
| 9 | | | | | | | A | | | | | | C | 2 |
| | | E | 0 | C | | | 1 | | 4 | | | | | |
| 4 | 1 | | | 6 | | | | 7 | | | 2 | 9 | | B |
| | | 2 | | | 3 | | | C | | 5 | | 1 | 0 | E |
| | | | | | D | 6 | 9 | | B | | | | 1 | |
| 1 | C | | 8 | | | | | | 0 | | A | | D | |
| 6 | | | | | | | | | | | | 5 | | |
| E | | 8 | A | | 1 | | | 4 | | | | 7 | | |
| | 5 | B | | 3 | E | | | | | 9 | | | A | |
| | | | | | 2 | 1 | | 0 | | A | | B | | |
| B | E | 1 | 9 | | | | | | C | D | | | 5 | |
| C | 6 | | | | | 4 | | | | B | | E | | D |
| | | | B | | A | D | 7 | | 5 | 3 | | | | 6 |
| | | | 6 | D | | 3 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | E | 5 | 7 | 2 | 4 | 9 | 8 | A | 6 | 0 | 3 | D | C | B |
| D | 6 | 4 | 9 | 1 | 0 | 3 | C | E | 2 | 5 | B | 8 | A | 7 |
| A | 9 | 0 | 8 | B | 3 | 7 | D | 2 | 4 | E | C | 1 | 5 | 6 |
| 3 | C | 7 | 5 | 6 | D | 4 | B | 0 | 8 | A | 1 | 9 | E | 2 |
| 2 | 8 | B | C | A | E | 6 | 1 | 5 | D | 7 | 9 | 3 | 4 | 0 |
| 0 | D | C | B | 5 | A | 1 | 2 | 9 | E | 3 | 8 | 6 | 7 | 4 |
| 5 | 1 | 8 | 3 | 9 | 6 | 0 | 7 | 4 | A | B | 2 | E | D | C |
| B | 2 | 9 | 4 | 7 | 8 | E | A | 3 | C | 6 | D | 5 | 0 | 1 |
| 4 | 7 | 6 | E | C | 2 | D | 5 | 8 | 1 | 9 | 0 | A | B | 3 |
| E | A | 3 | 0 | D | 1 | C | 6 | B | 7 | 4 | 5 | 2 | 8 | 9 |
| 8 | 5 | E | 2 | 4 | C | B | 9 | D | 0 | 1 | 6 | 7 | 3 | A |
| C | B | A | 6 | E | 9 | 5 | 0 | 1 | 3 | 8 | 7 | 4 | 2 | D |
| 9 | 0 | 1 | D | 3 | 7 | A | E | C | 5 | 2 | 4 | B | 6 | 8 |
| 7 | 4 | D | 1 | 8 | 5 | 2 | 3 | 6 | B | C | A | 0 | 9 | E |
| 6 | 3 | 2 | A | 0 | B | 8 | 4 | 7 | 9 | D | E | C | 1 | 5 |

ଗତକାଲିର ଉତ୍ତର

# କହିଲେ କହିବ କହିଲା

ଦେବେନ୍ଦ୍ର କର

କରୋନା ଲାଗି ଚାରିଆଡେ ଲକ୍‌ଡାଉନ। ଗାଁ ସହର ସବୁଆଡ ଗୋଟିଏ ଚିତ୍ର। ଅମାନିଆଙ୍କୁ ସାବାଡ କରିବାକୁ ପୋଲିସ୍ ଭାଇମାନେ ଏଠିସେଠି ପଇଁତରା ମାରୁଛନ୍ତି। କାମଧନ୍ଦା ବନ୍ଦ ଘରେ ବସି ବସି ମତେ ଖୁବ୍ ବୋର ଲାଗୁଥାଏ। ସକାଳୁ ଉଠିବା ପୁରୁଣା ଅଭ୍ୟାସ ତାକୁ ବଦଳାଇ ପାରୁନି। ସବୁଦିନ ପରି ଆଜି ବି ବଡିଭୋରୁ ଉଠି ପଡି ନିତ୍ୟକର୍ମ ସାରି ଦେଇଥାଏ। କ'ଣ କରିବି ମୋବାଇଲରେ ଖବରକାଗଜ ପଢିବାକୁ ଭାବିଲି ପୁଣି କାହିଁ ମନହେଲା ଟିକେ ଫେସ୍‌ବୁକ ଦେଖିନେବା। ଫେସ୍‌ବୁକ୍ ଖୋଲୁ ଖୋଲୁ ଆଖି ପଡିଲା କରୋନାକୁ ନେଇ ଏକ ଲେଖା ଉପରେ। 'ଜୀବନ ସାରା ରୋଜଗାର କରି ମାସ ଗୋଟାକ ନିଅଣ୍ଟିଆ ବଜେଟ, ତା'ହେଲେ ମାସ ଗୋଟାଏ ରୋଜଗାର କରି କ'ଣ କୋଠା ତୋଳିବ। ସରକାରଙ୍କୁ ସହଯୋଗ କରନ୍ତୁ ଏବଂ ନିଜ ଘରେ ସୁରକ୍ଷିତ ରୁହନ୍ତୁ।' ଏହି ବାର୍ତ୍ତାର ସତ୍ୟତା ତ ଥିଲା, ପୁଣି ଭାବିଲି ଲେଖିବା ଲୋକ ତ ଲେଖିଦେଲା ହେଲେ ମୂଳ କଥାଟା ହେଲା ଆମେ ମଧ୍ୟବିତ୍ତ କାମଦାମ ନ କଲେ ଘର ଚଳିବ କେମିତି। ଏହି ଲେଖାରେ କିଛି ପ୍ରତିକ୍ରିୟା ଦେବି। ଏଇ ସମୟରେ ବୋଉ ଘର ଭିତରୁ ଡାକ ଦେଲା ବଜାର ଯାଇ ଦି' ପକେଟ କ୍ଷୀର ନେଇ ଆସ ଚା' କରିବା। ବୋଉ କଥା ନ ସରଣୁ ଚଟାପଟ ଶାର୍ଟଟେ ଗଳେଇ ବାହାରି ପଡିଲି ବଜାର। କଲୋନି ରାସ୍ତାଟା ପୂରାପୂରି ଶୂନଶାନ୍ ପଡିଥାଏ। ଜଣେ କେହି ବି ନଜର ପଡୁ ନ ଥାନ୍ତି। କିଛି ବାଟ ଆସିଛି ମତେ କେହି ଜଣେ ଡାକିଲେ ଦେବୁ କିରେ ଏ ଦେବୁ କୁଆଡେ ଯାଉଛୁ? ବୁଲିପଡି ଦେଖିଲି ଆମ କଲୋନିର ବିପିନବାବୁ ତାଙ୍କ ଗ୍ରୀଲ ପାଖରେ ଡାକୁଛନ୍ତି। ପାଖକୁ ଯାଇଁ ପଚାରିଲି କ'ଣ କହୁଛନ୍ତି?। ହଁ କ'ଣ କହୁଥିଲି କି ବଜାର ଆଡେ ଯାଉଛୁ ଯଦି ଆମର ଦି'ଟା ଜିନିଷ ଆଣି ଦିଅନ୍ତୁନି। ହଁ କହୁନାହାନ୍ତି, କ'ଣ ଆସିବ ମୁଁ କହିଲି। ବ୍ୟାଗ ଆଉ ପଇସାଟା ଦେଇ କହିଲେ, ଅଧ କଡାଏ ପାନ ଆଉ ଦି ପ୍ୟାକେଟ କ୍ଷୀର ଆସିବ। ବିପନବାବୁ କେବେ ତ କିଛି ବରାଦ କରନ୍ତିନି, ଆଜି ପ୍ରଥମ। ବର୍ତ୍ତମାନ ସମୟ ପରିସ୍ଥିତି ବି ସମ୍ପୂର୍ଣ୍ଣ ଭିନ୍ନ। ମନା କରିବା ଉଚିତ ମନେକଲିନି, ମୁଁ ଆସୁଛି। ଏଥର ଚୁପଚାପ୍ ନିଜ ରାସ୍ତାରେ ଆଗକୁ ବଢ଼ିଲି।

ବିପିନବାବୁଙ୍କ ଗୋଟିଏ ବୋଲି ପୁଅ ମଧ୍ୟପ୍ରଦେଶ ଭୋପାଳରେ ଏକ କମ୍ପାନୀରେ ଚାକିରି କରେ। ଘରେ କେବଳ ବିପିନବାବୁ ଓ ତାଙ୍କ ସ୍ତ୍ରୀ। ତରବରିଆ ଲକ୍‌ଡାଉନ ଘୋଷଣା ପରେ ପୁଅ ଆଉ ଫେରିପାରିଲା ନାହିଁ। ଏମିତିରେ ସାହି ପଡ଼ିଶାରେ କିଏ କେତେବେଳେ ଛୋଟ ମୋଟ ବୋଲ କହିଲେ ମୁଁ ଆଦୌ ମନାକରେନି। ପ୍ରଥମେ କ୍ଷୀର ପକେଟ କିଣିଦେଲି, ଏବେ ପାନଟା କିଣିବାକୁ ହେବ। ଆଖ ପାଖରେ ପାନ ଦୋକାନ କାହିଁ ନଜର ପଡୁ ନ ଥାଏ। ସବୁ ବନ୍ଦ, ଟିକେ ଅଧିକ ବାଟ ଚାଲିବାକୁ ପଡିବ। ଏପଟେ ଖରା ବି କାଟିଲାଣି। ମନେପଡିଗଲା ଆନିକଟ ପାଖରେ ସକାଳ ଓଳି ଜଣେ ପାନ ବେପାରୀ ଛିଡା ହୁଏ। ମନ ଊଣା ନ କରି ଚାଲିଲି ଆନିକଟ ପାଖକୁ। ଆଜି ଆଇଁଷ ବାର, ଦୋକାନରେ ବି ଖୁବ୍ ଗହଳି ଲାଗିଥାଏ। ସତରେ ଏ ଲକ୍‌ଡାଉନରେ ବି ଆଇଁଷ ଚାହିଦା କମିନି। ଦୋକାନ ସାମ୍ନାରେ ଗୋଲ ଗୋଲ ବୃତ୍ତ ଚିତ୍ର ହୋଇଥାଏ। ଗ୍ରାହକମାନେ ନିୟମ ମାନି ଗୋଲରେ ଛିଡା ହୋଇଥାନ୍ତି। ଯାହା ହଉ ପାନ ବାଲାଟା ଆଜି ବି ଛିଡା ହୋଇଛି। ଚଟାପଟ ଧାଇଁ ଯାଇ ପାନ ଅଧ କଡାଏ କିଣିଲି। ବିପିନବାବୁ ଦାଣ୍ଡ ରାସ୍ତାରେ ଛିଡା ହୋଇଥିଲେ। ହସହସ ମୁହଁରେ ତାଙ୍କ ବ୍ୟାଗଟି ଗ୍ରହଣ କଲେ ଆଉ ବଜାର ହାଲ୍‌ଚାଲ ପଚାରି ବୁଝିଲେ। ଘରେ ଚା' କରିବ ବୋଲି ଅପେକ୍ଷା କରିଥିବ ଅଳ୍ପରେ ଉତ୍ତର ଦେଇ ଘର ଆଡକୁ ମୁହାଁଇଲି। ଘରର ଛୋଟମୋଟ କାମରେ ଦୁଇଦିନ କୁଆଡେ କଟିଗଲା ଆଦୌ ଖେୟାଲ ରହିଲା ନାହିଁ। ସେଦିନ ସକାଳୁ ସକାଳୁ କଲୋନି ରାସ୍ତାରେ ବିପିନବାବୁଙ୍କ ସହିତ ଭେଟ ହୋଇଗଲା। ଭଲମନ୍ଦ ପଚାରୁ ପଚାରୁ କହିଲେ, ଆରେ ଦେବୁ ସେଦିନ ପାନ କୋଉଠୁ ଆଣିଲୁ ଜମାରୁ ଭଲ ପଡିଲା ନାହିଁ। ମେଞ୍ଚାଏ ଛୋଟ ପତ୍ର ଥିଲା ଆଉ କେଇଟା ପାଚିଲା ପତ୍ର। ମୁଁ କହିଲି ଆନିକଟ ପାଖରୁ, ଆମ ବଜାର ଉପର ସବୁ ଦୋକାନ ବନ୍ଦ ଥିଲା। ଏଣୁ ସେଆଡେ ଯିବାକୁ ପଡିଲା। ବିପିନବାବୁ କହିଲେ, ନ ଆଣି ବରଂ ଫେରି ଆସିଥିଲେ ଭଲ ହୋଇଥାନ୍ତା। ମୋର ତ ପାନ କିଣାରେ ଆଦୌ ଅଭିଜ୍ଞତା ନାହିଁ ଏଣୁ କିଛି ନ କହି ଚୁପ୍ ରହିଲି। ବିପିନବାବୁ ପୁଣି କହିଲେ, ତୁ ୨୩ଟଙ୍କା କ୍ଷୀର ପ୍ୟାକେଟ କାହିଁକି ଆଣିଲୁ ୨୫ଟଙ୍କା ପ୍ୟାକେଟ ଆଣିଲୁନି। ୨୩ଟଙ୍କା କ୍ଷୀର ପ୍ୟାକେଟ ଢଙ୍କସର ପାଣି। ମୁଁ କହିଲି, ଆମର ତ ବରାବର ୨୩ଟଙ୍କା ପ୍ୟାକେଟ ଆଣୁ, ଭଲ ବି ପଡ଼େ। ନା ନା ଜମା ନୁହେଁ, ୨୫ଟଙ୍କା ପ୍ୟାକେଟ ଆଣ, ୨୩କୁ ଭୁଲିଯିବୁ। ହକ୍ ପଇସା ଦବ ଭଲ ଜିନିଷ କାହିଁକି ନ ଆଣିବ। ବିପିନବାବୁଙ୍କ କଣ୍ଠସ୍ୱର ଟିକେ କାହିଁ ଅଡୁଆ ଅଡୁଆ ଲାଗିଲା। ମୁଁ ଆଉ କିଛି ଶୁଣିବା କହିବା ମୁଡ୍‌ରେ ନ ଥିଲି। ଗୁରୁଜନ ଲୋକ କ'ଣ ଆଉ ଯୁକ୍ତି କରିବି, ହଉ ମୁଁ ଆସୁଛି କହି ଆଗକୁ ବଢିଲି। ବାଟ ଯାକ ମୁଣ୍ଡରେ ଏଇ କିଛି କ୍ଷଣର କଥା ଗୋଳେଇ ଘାଣ୍ଟି ହେଉଥାଏ। ମନେ ମନେ ଭାବୁଥାଏ ବୋଲ ଶୁଣ ତା' ସହିତ ଟିପ୍ପଣୀ ବି ଶୁଣ। ଆଉ ଯଦି ମୁହଁ ଖୋଲି କହିବେ କ'ଣ ନା କହିଲା। ଦେଖୁଚ ତ ବଜାର ବନ୍ଦ ସେଥିରେ ପୁଣି ଏତେ ବାଛବିଚାର। ସବୁ କଥାକୁ ମୁଣ୍ଡରୁ କାଢିବାକୁ ଚେଷ୍ଟା କଲି। ଏଥର ଚୁପଚାପ ନିଜ କାମକୁ ଧ୍ୟାନ ଦେଇ ବଜାର ରାସ୍ତା ଧରିଲି।

ମଙ୍ଗଳାବାଗ, ନିୟୋଗି କଲୋନି, କଟକ,
ମୋ-୯୯୩୭୯୬୩୯୧୦

## ଏଇ ଭାରତରେ

ବିନା ମାଟିରେ ହାଇଡ୍ରୋପୋନିକ ଉପାୟରେ କେବଳ ପାଣିରେ ଚାଷ କରାଯିବା ଜାଣିଛନ୍ତି। କିନ୍ତୁ ଏବେ ତାମିଲନାଡୁର କୃଷି ଇଞ୍ଜିନିୟର ପ୍ରଭୁ ଶଙ୍କର ପବନରେ ହିଁ ଚାଷ କରୁଛନ୍ତି। ଏହା ଜାଣି ଆଶ୍ଚର୍ଯ୍ୟ ଲାଗୁଥିବ, କିନ୍ତୁ ସତ। ଏହି ପଦ୍ଧତିକୁ କୁହାଯାଉଛି ଏରୋପୋନିକ। ବିନା ମାଟିରେ ପବନରେ ଗଛର ଚେରକୁ ଝୁଲାଇ ଦିଆଯାଇ ଏହି ଚାଷ କରାଯାଉଛି। ଆଦୌ ବର୍ଷା ହେଉ ନ ଥିବା କିମ୍ବା କମ୍ ବର୍ଷା ହେଉଥିବା ଅଞ୍ଚଳରେ ଏହି ପଦ୍ଧତିରେ ଚାଷ କରାଯାଇପାରିବ ବୋଲି କହନ୍ତି ୪୭ ବର୍ଷୀୟ ଶଙ୍କର। ଏଥିରେ କୀଟମାନଙ୍କ ଭୟ ବି ରହୁନି। ପ୍ରଭୁ ୧୦ ହଜାର ବର୍ଗଫୁଟ୍ ଫାର୍ମରେ ଟମାଟୋ,ଆଳୁ, ବାଇଗଣ, ବିଟ୍, ଗାଜର, ପିଆଜ, ପୋଦିନା ଆଦି ୧୮ ପ୍ରକାର ପରିବା ଚାଷ କରୁଛନ୍ତି। କୋଏମ୍ବାଟୁର୍‌ରେ ରୁହନ୍ତି ପ୍ରଭୁ। ୧୦ ବର୍ଷ ଗବେଷଣା କରିବା ପରେ ସେ ଏହି ପଦ୍ଧତିରେ ଚାଷ କରୁଛନ୍ତି। ପାରମ୍ପରିକ ଉପାୟରେ ଯେତିକି ଅମଳ ହେଉଛି ଏରୋପୋନିକ୍‌ରେ ସେ ୧୫ ଗୁଣ ଅଧିକ ପରିବା ଫଳାଉଛନ୍ତି। ପାରମ୍ପରିକ ଚାଷ ପାଇଁ ଆବଶ୍ୟକ ପାଣିର ମାତ୍ର ୧୦ ପ୍ରତିଶତରେ ଏହି ଚାଷ ହୋଇପାରୁଛି। ଉକ୍ତ ଚାଷକୁ ବ୍ୟାପକ କରିବା ପାଇଁ ତାଙ୍କ ନିଜସ୍ୱ କମ୍ପାନୀ ନେଓପୋନିକସ୍ ପ୍ରୋଜେକ୍ଟସ୍ ଇଣ୍ଡିଆ ଅଧୀନରେ ଜାନୁୟାରୀ ୨୦୧୯ରେ ସେ 'ନେଓପୋନିକ' ଷ୍ଟାର୍ଟଅପ୍ ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ ସେ ଚାଷୀମାନଙ୍କୁ ଏରୋପୋନିକ ଫାର୍ମ ନିର୍ମାଣ କରିବାରେ ସହାୟତା କରୁଛନ୍ତି। ଫାର୍ମର ନାମ ରଖିଛନ୍ତି 'ନେଓ ଫାର୍ମ'। ବ୍ୟବସାୟିକଭିତ୍ତିରେ ଚାଷ କରିବାକୁ ଚାହୁଁଥିବା କୃଷକମାନଙ୍କୁ ଏହି ପଦ୍ଧତି ଢ଼େର ଲାଭ ଦେବ ବୋଲି କହନ୍ତି ଶଙ୍କର। ୧୯୯୮ରେ ସେ ଚାକିରି ଛାଡି ଫାର୍ମ କରିଥିଲେ। ୬ ଜଣିଆ ଟିମ୍ ଏଠାରେ କାର୍ଯ୍ୟ କରିବା ପରେ ଧୀରେ ଧୀରେ ଏହି ଚାଷରେ ସଫଳତା ପାଇଥିଲେ।

## ଚିରନ୍ତନୀ

ଶକତି ନାହିଁ କାହାର, ବିଧିର ନିୟୋଗ-
ଘଟିବ ସେ ଦୁହିଁଙ୍କ ବିୟୋଗ
ଦିବସର ଅବସାନେ।
ସେ ଲାଗି କି ପଡିଚି ଭାଳେଣି ?
କିଏ ଆର ପାର ଲାଗି ଆଗ ହୋଇ
ମାଗିବ ମେଲାଣି ?

(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଲକ୍‌ଡାଉନ୍ ପାଇଁ ଭତ୍ତା ମିଳୁ

ମହାଶୟ,

ଚାଇନାର ଉହାନ୍ ସହରରୁ ଆସି ସାରା ବିଶ୍ୱରେ ମୃତ୍ୟୁର ତାଣ୍ଡବ ରଚିଚାଲିଛି ମାରାତ୍ମକ କରୋନା। ଏଥିପାଇଁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ଲକ୍‌ଡାଉନ୍ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କିନ୍ତୁ ଏହି ଲକ୍‌ଡାଉନ୍ ଦ୍ୱାରା ରାଜ୍ୟର ଗରିବ ତଥା ମଧ୍ୟମ ବର୍ଗର ଲୋକମାନଙ୍କର ଜୀବିକା ସିଧାସଳଖ ପ୍ରଭାବିତ ହେଉଛି, ଯାହା ଫଳରେ ନିତିଦିନିଆ ଘର ଚଳିବା ମୁସ୍କିଲ୍ ହୋଇଯାଇଛି। ଏହାକୁ ଦୃଷ୍ଟିରେ ରଖି ସରକାର ଭତ୍ତା ଘୋଷଣା କରନ୍ତୁ। ଠିକ୍ ଯେମିତି ବାତ୍ୟା ଫନୀ ପରେ କରାଯାଇଥିଲା। ଏହାଦ୍ୱାରା ଲୋକଙ୍କ ମନୋବଳ ବି ବୃଦ୍ଧି ପାଇବ।

ସନ୍ନ୍ୟାସୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

### ମିଥ୍ୟା ଅପପ୍ରଚାର ନ ହେଉ

'କରୋନା ଭାଇରସ୍' ଆଳରେ କୌଣସି ମିଥ୍ୟା ଅପପ୍ରଚାର କରା ନ ଯାଉ। କାରଣ ଧୈର୍ଯ୍ୟ ହିଁ ଏକମାତ୍ର ବିକଳ୍ପ ବ୍ୟବସ୍ଥା। ବିଭିନ୍ନ ସାମଗ୍ରୀ ସହଜରେ ମିଳିବା ପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବା ଆବଶ୍ୟକ। କୌଣସି ମୁନାଫାଖୋର ବ୍ୟବସାୟୀ ଏଥିରୁ ପ୍ରଚୁର ଲାଭ ଉଠାଇବା ଉଚିତ ନୁହେଁ। ସାମୂହିକ ସ୍ୱାର୍ଥ ହିଁ ମହାମାରୀ ଭଳି ସଂକ୍ରାମକ ରୋଗରୁ ଦୂରେଇ ପାରିବ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ମାତାପିତାଙ୍କ ଶ୍ରାଦ୍ଧ ବୋଝ

ଯେଉଁ ମାଆ ସନ୍ତାନମାନଙ୍କୁ ଦଶମାସ ଦଶଦିନ ଗର୍ଭରେ ଧରି ଶେଷରେ ବୁକୁଫଟା ପ୍ରସବ ବେଦନାକୁ ଦାନ୍ତଚିପି ସହିଯାଇ ଭୂମିଷ୍ଠ କରାଇଲା ଓ ଜୀବନ ସାରା ଶକ୍ତି ଥିବା ପର୍ଯ୍ୟନ୍ତ ଉପଯୁକ୍ତ ଯତ୍ନ ନେବାର ଟିକିଏ ବି ହେଳା କରିନାହିଁ ଓ ଯେଉଁ ପିତା ଅକ୍ଳାନ୍ତ ପରିଶ୍ରମର ଉପାର୍ଜନରେ ସନ୍ତାନମାନଙ୍କୁ ଦାଣ୍ଡରେ ଠିଆ କରାଇଲା, ସେମାନଙ୍କ ଜୀବଦଶାରେ ତ ସନ୍ତାନମାନେ ଉପଯୁକ୍ତ ଯତ୍ନ ନେଲେନି, ଏଭଳି କି ମୃତ୍ୟୁ ପରେ ମଧ୍ୟ ପ୍ରତିବର୍ଷ ତାଙ୍କର ଶ୍ରାଦ୍ଧ ଦେବାକୁ ଉଚିତ ମନେ ନ କରି ଲାଭକ୍ଷତିର ହିସାବ କରି ଧନୀ ବ୍ୟକ୍ତିମାନେ ଗୟାରେ ପିଣ୍ଡଦାନ କରି ଦେଇ ସବୁଦିନ ପାଇଁ ଶ୍ରାଦ୍ଧ ବୋଝକୁ ମୁଣ୍ଡରୁ ଉତ୍ତାରିଦେଲେ। ସେହିପରି ନିର୍ଦ୍ଧନ ବ୍ୟକ୍ତିମାନେ ମଧ୍ୟ ନିକଟରେ ଥିବା ମନ୍ଦିର ବେଢାରେ ଶ୍ରାଦ୍ଧ ଦେଇ ନିଜକୁ ବୋଝମୁକ୍ତ ବୋଲି ବିବେଚନା କଲେ। ଶ୍ରଦ୍ଧା ଶବ୍ଦରୁ ଶ୍ରାଦ୍ଧର ସୃଷ୍ଟି। ପ୍ରତିବର୍ଷ ପିତାମାତାଙ୍କୁ ମନେ ପକାଇ ବର୍ଷରେ ଥରେ ଶ୍ରାଦ୍ଧ ଦିଆଯାଏ। କିଛି ନ ହେଲେ ମଧ୍ୟ ଘରେ ଟିକିଏ ଭାତ, ଡାଲି, ତରକାରି କରି ପିତାମାତାଙ୍କ ଉଦ୍ଦେଶ୍ୟରେ ବାଢିଆଡେ ବାଢିଦେବା ଏତେ ବ୍ୟୟସାପେକ୍ଷ ନୁହେଁ। କୃତଘ୍ନ ସନ୍ତାନମାନେ ଜୀବିତାବସ୍ଥାରେ କିମ୍ବା ମୃତ୍ୟୁ ପରେ ମଧ୍ୟ ପିତାମାତାଙ୍କ ମହତ୍ତ୍ୱକୁ ବୁଝି ନ ପାରି ଶ୍ରାଦ୍ଧକୁ ବୋଝ ବୋଲି ଭାବୁଛନ୍ତି।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଡିଜିଟାଲ୍ କ୍ଷେତ୍ରରେ ଭାରତ ବେଶ୍ ଆଗରେ ରହିଛି। ଏମିତି କି, ବ୍ରିଟେନ ଓ ଆମେରିକା ମଧ୍ୟ ଏ କ୍ଷେତ୍ରରେ ଭାରତଠାରୁ ପଛରେ ଅଛନ୍ତି। ଗାର୍ଟନର ଇଙ୍କ ନାମକ ଏକ ସଂସ୍ଥାର ସର୍ଭେ ରିପୋର୍ଟ ଅନୁସାରେ ଅଧିକାଂଶ ଭାରତୀୟ କର୍ମଚାରୀ ଆଧୁନିକ ଟେକ୍ନୋଲୋଜିକୁ ଜାଣିବା ପାଇଁ ଆଗ୍ରହ ଦେଖାଉଛନ୍ତି। ୨୭ ପ୍ରତିଶତ ଭାରତୀୟ କର୍ମଚାରୀ ଡିଜିଟାଲ୍ କ୍ଷେତ୍ରରେ ବର୍ତ୍ତମାନ ସମ୍ପୂର୍ଣ୍ଣ ଦକ୍ଷ ହୋଇ ସାରିଛନ୍ତି। ଏହା ବ୍ୟତୀତ ପ୍ରତି ୧୦ ଜଣରୁ ୭ଜଣ ବ୍ୟକ୍ତି ଡିଜିଟାଲ୍ ଅଗ୍ରଗତିକୁ ବ୍ୟକ୍ତିତ୍ୱ ବୃଦ୍ଧି ତଥା ଅଧିକ ଆୟର ଏକ ମାଧ୍ୟମ ମନେକରନ୍ତି।

# ସୋସିଆଲ ମିଡିଆ ଛାଡ଼ିଲେ ପରିଣିତି



**ମୁମ୍ବାଇ:** କରୋନା ଭାଇରସ୍‌କୁ ନେଇ ସାରା ଦେଶରେ ଲକ୍‌ଡାଉନ ଚାଲିଥିବା ବେଳେ ଏବେ ବଲିଉଡ୍ ସେଲିବ୍ରିଟିମାନେ ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ ଥିବା ଦେଖାଯାଉଛି। ହେଲେ ବଲିଉଡ୍ ନାୟିକା ପରିଣିତି ଚୋପ୍ରା ଏବେ ସୋସିଆଲ ମିଡିଆ ଛାଡିଥିବା ସମସ୍ତଙ୍କୁ ଟିକେ ଅଲଗା ଲାଗିଛି। ପରିଣିତି ନିଜ ପାଇଁ ସୋସିଆଲ ମିଡିଆରୁ କିଛିଦିନ ବିରତି ନେଇଥିବା ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରୀରେ ଲେଖିଥିବା ଦେଖାଯାଇଛି। ତେବେ ସମ୍ପୂର୍ଣ୍ଣ ରୂପେ ନୁହେଁ, ସେ କିଛି ସମୟ ପାଇଁ ସୋସିଆଲ ମିଡିଆରୁ ଦୂରେଇ ରହିବେ ବୋଲି ଲେଖିଛନ୍ତି। ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଖୁବ୍‌ଶୀଘ୍ର ସେ ତାଙ୍କ ପ୍ରଶଂସକଙ୍କୁ ଭେଟିବେ। ଅର୍ଥାତ୍ ଅଳ୍ପ କିଛିଦିନ ପାଇଁ ସେ ସୋସିଆଲ ମିଡିଆ ଛାଡୁଛନ୍ତି ବୋଲି ଜଣାପଡିଛି। ନିକଟରେ ସେ ବୋହୂ ବେଶରେ ସଜେଇ ହୋଇ ସୋସିଆଲ ମିଡିଆରେ ଯେଉଁ ଫଟୋ ଅପଲୋଡ କରିଥିଲେ, ତାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଆଉ ଏବେ ସେ ସୋସିଆଲ ମିଡିଆ କିଛି ସମୟ ପାଇଁ ଛାଡିବା ଘଟଣା ତାଙ୍କ ପ୍ରଶଂସକଙ୍କୁ ସାମାନ୍ୟ ନିରାଶ କରିଛି ବୋଲି କୁହାଯାଉଛି। ଏହି ଅଭିନେତ୍ରୀ ଖୁବ୍‌ଶୀଘ୍ର ଦିବାକର ବାନାର୍ଜୀଙ୍କ ଫିଲ୍ମ 'ସନ୍ଦିପ ଔର ପିଙ୍କି ଫରାର'ରେ ନଜର ଆସିବେ ବୋଲି ଜଣାପଡିଛି। ଏଥିରେ ତାଙ୍କ ସହ 'ଇସ୍‌କଜାଦେ'ର ସହକଳାକାର ଅର୍ଜୁନ କପୁରଙ୍କୁ ମଧ୍ୟ ଦେଖିବାକୁ ମିଳିବ।

# କରୋନା ଭାଇରସ୍‌କୁ ନଷ୍ଟ କରିବ ନୂଆ ମାସ୍କ




**ନୂଆଦିଲ୍ଲୀ:** କରୋନା ଭାଇରସ୍ ଏବେ ସାରା ବିଶ୍ୱରେ ତା'ର କାୟା ମେଲାଇଛି। ଏହି ରୋଗ ନିୟନ୍ତ୍ରଣ ପାଇଁ ଔଷଧ ବାହାର କରିବାକୁ ସବୁ ଦେଶର ବିଶେଷଜ୍ଞମାନେ ଉଦ୍ୟମ ଜାରି ରଖିଛନ୍ତି। ତେବେ ଏ କ୍ଷେତ୍ରରେ ଏକ ସଫଳତା ହାସଲ କରିଛନ୍ତି ସିଏସ୍‌ଏମ୍‌ସିଆର୍‌ଆଇର ବୈଜ୍ଞାନିକମାନେ। ଗୁଜରାଟର ଭାବନଗରରେ ଥିବା ସେଣ୍ଟ୍ରାଲ ସଲ୍ଟ ଆଣ୍ଡ ମେରାଇନ୍ କେମିକାଲ୍ସ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ବୈଜ୍ଞାନିକମାନେ ଏଭଳି ଏକ ମାସ୍କ ତିଆରି କରିଛନ୍ତି, ଯାହା କରୋନା ଭାଇରସ୍‌କୁ ନଷ୍ଟ କରିବାରେ ବିଶେଷଭାବେ ସହାୟକ ହୋଇପାରିବ। ଭୂତାଣୁ ଏହି ମାସ୍କ ସଂସ୍ପର୍ଶରେ ଆସିବା ମାତ୍ରେ ଆପେ ଆପେ କିଛି ସମୟ ପରେ ନଷ୍ଟ ହୋଇ ଯିବ। ବୈଜ୍ଞାନିକଙ୍କ କହିବା ଅନୁସାରେ, ସ୍ୱତନ୍ତ୍ର ମ୍ୟାଟେରିଆଲ୍‌ରେ ତିଆରି କରାଯାଇଥିବା ମାସ୍କରେ ଛିଦ୍ରଯୁକ୍ତ ଏକ ବିଶେଷ ସାମଗ୍ରୀ ବ୍ୟବହାର କରାଯାଇଛି। ଏହାକୁ ଅଲଗ ଅଲଗା ପରସ୍ତ କରି ତିଆରି କରାଯାଇଛି, ଯାହା ୧୫୦ ମାଇକ୍ରୋମିଟରର ମୋଟା। ଏହି ମାସ୍କ ୬୦ ନେନୋମିଟର କିମ୍ବା ତା'ଠାରୁ ଅଧିକ ଯେକୌଣସି ଭାଇରସ୍‌କୁ ନଷ୍ଟ କରିପାରିବ ବୋଲି ଦାବି କରାଯାଇଛି। ତେବେ ଏହି ମାସ୍କକୁ ଏପର୍ଯ୍ୟନ୍ତ କୌଣସି ଡାକ୍ତରୀ ମାନ୍ୟତା ମିଳି ପାରିନାହିଁ। ସବୁଠୁ ବଡ଼ କଥା ହେଉଛି ଏହି ମାସ୍କକୁ ଧୋଇବା ପରେ ପୁଣି ଥରେ ବ୍ୟବହାର କରିହେବ। ସଂସ୍ଥାର ବୈଜ୍ଞାନିକମାନେ ଏକ ସପ୍ତାହ ମଧ୍ୟରେ ଏଭଳି ଏକ ମାସ୍କ ତିଆରି କରିବାରେ ସକ୍ଷମ ହୋଇଛନ୍ତି। ମାନ୍ୟତା ମିଳିବା ପରେ ଏହାକୁ ଡାକ୍ତର ତଥା ସ୍ୱାସ୍ଥ୍ୟକର୍ମୀଙ୍କ ବ୍ୟବହାର ପାଇଁ ଅଧିକ ଉତ୍ପାଦନ କରାଯିବ ବୋଲି ଜଣାପଡ଼ିଛି।

# ଭୂତାଣୁ ଚିହ୍ନଟ କରିବ କୁକୁର



**ଲଣ୍ଡନ:** କରୋନା ଭୂତାଣୁ ଯୋଗୁ ସମଗ୍ର ବିଶ୍ୱବାସୀ ଚିନ୍ତାରେ। ଏହି ମାରାତ୍ମକ ଭୂତାଣୁ ଯୋଗୁ ହଜାର ହଜାର ଲୋକଙ୍କ ଜୀବନ ହାନି ହୋଇସାରିଥିବା ବେଳେ ଲକ୍ଷାଧିକ ଲୋକ ସଂକ୍ରମିତ ହୋଇ ଚିକିତ୍ସିତ ହେଉଛନ୍ତି। ଏଭଳି ପରିସ୍ଥିତିରେ ପ୍ରତ୍ୟେକ ଦେଶର ବୈଜ୍ଞାନିକମାନେ ଦିନରାତି ଏକ କରି ଏହି ଭୂତାଣୁ ରୋକିବାକୁ ପ୍ରାଣପଣେ ଚେଷ୍ଟା ଚଳାଇଛନ୍ତି। ଇତିମଧ୍ୟରେ କିଛି ବୈଜ୍ଞାନିକ ଏକ ନୂଆ ଉପାୟ ଖୋଜି ପାଇଛନ୍ତି। ଯାହାଦ୍ୱାରା ଏହି ଭୂତାଣୁ ବ୍ୟାପିବାରୁ ରୋକାଯାଇପାରିବ। ବାସ୍ତବରେ ଏହି ମହାମାରୀକୁ ରୋକିବାରେ କୁକୁରମାନଙ୍କ ସହାୟତା ନିଆଯିବ। କୁକୁର ଶୁଙ୍ଘି ଏହି ଭୂତାଣୁ ଚିହ୍ନଟ କରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି।

ସାଧାରଣତଃ ମଣିଷ ତୁଳନାରେ କୁକୁରର ଘ୍ରାଣଶକ୍ତି ୧୦ ହଜାର ଗୁଣ ଅଧିକ। ଖାଲି ଏତିକି ନୁହେଁ, ଡ୍ରଗ୍ସ ଏବଂ ବିସ୍ଫୋରକ ସାମଗ୍ରୀ ଚିହ୍ନଟ କରିବାର କ୍ଷମତା ମଧ୍ୟ କୁକୁରଙ୍କ ରହିଛି। ଲଣ୍ଡନ୍ ସ୍କୁଲ ଅଫ୍ ହାଇଜିନ୍ ଏବଂ ଟ୍ରପିକାଲ ମେଡିସିନ୍ ଦ୍ୱାରା କରାଯାଇଥିବା ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, କୁକୁରମାନେ ଶ୍ୱାସରୋଗ ସହିତ ଜଡ଼ିତ ଯେକୌଣସି ରୋଗକୁ ସହଜରେ ଜାଣିପାରିଥାନ୍ତି। କୁକୁରମାନେ ଶୁଙ୍ଘି ମ୍ୟାଲେରିଆ ଭଳି ରୋଗ ମଧ୍ୟ ଚିହ୍ନଟ କରିବାରେ ସକ୍ଷମ ଅଟନ୍ତି। ଏହି କଥା ଜଣାପଡ଼ିବା ପରେ ବ୍ରିଟେନ୍‌ର ଚାରିଟେବୁଲ ଟ୍ରଷ୍ଟ ବୈଜ୍ଞାନିକମାନଙ୍କ ସହିତ ମିଶି ଏହା ଉପରେ ଗବେଷଣା ଜାରି ରଖିଛି। କୁକୁର କରୋନା ଭାଇରସ୍ ଚିହ୍ନଟ କରିବାରେ ସହଯୋଗ କରିପାରିବ କି ନାହିଁ ତାହା ଜାଣିବା ପାଇଁ ଚେଷ୍ଟା ଚାଲିଛି। ଅନୁଷ୍ଠାନ ପକ୍ଷରୁ କୁହାଯାଇଛି, ଏନେଇ କୁକୁରମାନଙ୍କୁ ସ୍ୱତନ୍ତ୍ର ତାଲିମ ଦେବାକୁ ପଡ଼ିବ। ଏଥିସହ ଉକ୍ତ ସଂସ୍ଥା ଏହା ଉପରେ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଦେଇଛି। ଲଣ୍ଡନ ସ୍କୁଲ୍ ଅଫ୍ ହାଇଜିନ୍ ଏବଂ ଟ୍ରପିକାଲ ମେଡିସିନ୍‌ର ରୋଗ ନିୟନ୍ତ୍ରଣ ମୁଖ୍ୟ କହିଛନ୍ତି, କୁକୁରମାନେ ମ୍ୟାଲେରିଆକୁ ସଠିକ୍ ଭାବରେ ଚିହ୍ନଟ କରିବାରେ ସକ୍ଷମ ଅଟନ୍ତି। ତେଣୁ ମହାମାରୀ କରୋନା ଭୂତାଣୁ ଚିହ୍ନଟ କରିବାରେ କୁକୁରମାନେ ସହାୟକ ହେବେ ବୋଲି ଆଶା ଏବଂ ବିଶ୍ୱାସ।

# କାର୍‌କୁ ଘର କରିଛନ୍ତି ଦମ୍ପତି

**ୱାଶିଂଟନ୍:** କରୋନା ମହାମାରୀ ଯୋଗୁ କରାଯାଇଥିବା ଲକ୍‌ଡାଉନ୍‌ରେ ଅନେକ ଲୋକ ବିଭିନ୍ନ ସ୍ଥାନରେ ଫସି ରହିଛନ୍ତି। ଏମିତି ସମୟରେ ଫସିଛନ୍ତି ଇଂଲଣ୍ଡର ଏକ ଦମ୍ପତି। ଏହି ଦମ୍ପତି ବିଶ୍ୱ ଭ୍ରମଣରେ ବାହାରିଥିଲେ। ମାତ୍ର ଚାରିଆଡ଼େ ଲକ୍‌ଡାଉନ୍ ହୋଇଥିବାରୁ ସେମାନେ ବର୍ତ୍ତମାନ ମ୍ୟାନ୍‌ମାରରେ ଫସି ରହିଛନ୍ତି। ଏ ପରିସ୍ଥିତିରେ ସେମାନେ ନିଜ କାରକୁ ଘର କରିନେଇଛନ୍ତି। କାରଣ ଏହା ବ୍ୟତୀତ ତାଙ୍କ ନିକଟରେ ଅନ୍ୟ କୌଣସି ବିକଳ୍ପ ନ ଥିଲା।

ଦମ୍ପତିଙ୍କ ନାମ ଆଲ୍‌ଡୋ ଜିଆକିଣ୍ଟୋ ଏବଂ ଭେରା କୋଜଲୋଭାସ୍କାଇ। ତାଙ୍କ କାର୍ ଗତ ଦୁଇ ସପ୍ତାହ ଧରି ମ୍ୟାନ୍‌ମାରର ୱାଲମାର୍ଟ ପାର୍କିଂ ସ୍ଥାନରେ ରହିଥିଲା। କାର୍‌ରେ ଏକ ଛୋଟ ରୋଷେଇ ଘର ଅଛି। ଯେଉଁଥିରେ ସେ ରୋଷେଇ କରୁଛନ୍ତି। ଆଲ୍‌ଡୋଙ୍କ କହିବା ଅନୁଯାୟୀ, ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ରାଶନ ସାମଗ୍ରୀ ରହିଛି। ଏହା ବ୍ୟତୀତ କାର୍ ଭିତରେ ଏକ ଛୋଟ ବେଡ୍ ରହିଛି। ଯେଉଁଥିରେ ସେ ଶୋଉଛନ୍ତି। ଆଲଡୋ କହିଛନ୍ତି, ଲକ୍‌ଡାଉନ୍ ଯୋଗୁ ତାଙ୍କ ଜୀବନରେ କିଛି ପରିବର୍ତ୍ତନ ହୋଇନାହିଁ। ସେ ଏହା ମଧ୍ୟ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ଉଭୟ ସ୍ୱାମୀ-ସ୍ତ୍ରୀ ସୁସ୍ଥ ଅଛନ୍ତି। ବାସ୍ତବରେ, ଆଲ୍‌ଡୋ ପେସାରେ ଜଣେ ରୋଷେୟା। ସେ ଇଂଲଣ୍ଡରେ ଏକ 'ଫିସ୍ ଆଣ୍ଡ ଚିପ୍ସ' ରେଷ୍ଟୁରାଣ୍ଟର ମାଲିକ। ଏହି ସମୟରେ ତାଙ୍କ ସ୍ତ୍ରୀ ଭେରା ଆଇଟି କ୍ଷେତ୍ରରେ ଥିଲେ। ୨୦୧୬ରେ ସେ ଚାକିରି ଛାଡ଼ି ବିଶ୍ୱ ଭ୍ରମଣରେ ବାହାରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଦମ୍ପତି ୫୦ଟି ଦେଶ ବୁଲିସାରିଛନ୍ତି। ଲକ୍‌ଡାଉନ୍ ଶେଷ ହେଲେ ସେମାନେ ପୁଣି ଯାତ୍ରା ଆରମ୍ଭ କରିବେ ବୋଲି ଜଣାପଡ଼ିଛି।



# 'ଡିଜାଇନର୍ ଡ୍ରେସ୍ ପାଇଁ ପଇସା ନ ଥିଲା'



ସୁସ୍ମିତା ସେନ୍

**ମୁମ୍ବାଇ:** ୧୯୯୪ ମସିହାରେ ସୁସ୍ମିତା ସେନ୍ ମିସ୍‌ଇଣ୍ଡିଆ କଣ୍ଟେଷ୍ଟ ଜିତିଥିଲେ। ଗତ କିଛିଦିନ ତଳେ ସେ ତାଙ୍କର ପୁରୁଣା ଦିନର ଏକ ଭିଡିଓ ଶେୟାର କରିଥିଲେ। ଏହି ଭିଡିଓ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ସେ ମିସ୍ ଇଣ୍ଡିଆ ଜର୍ସି ବିଷୟରେ କହୁଛନ୍ତି ଯେ, ମିସ୍ ଇଣ୍ଡିଆ ଟାଇଟଲ ଜିତିବା ପାଇଁ ଯେଉଁ ଡ୍ରେସ୍ ପିନ୍ଧିଥିଲେ ତାହା କୌଣସି ଡିଜାଇନର୍ ଡ୍ରେସ ନ ଥିଲା। ମହଙ୍ଗା ମଧ୍ୟ ନ ଥିଲା। ସେହି ଡ୍ରେସକୁ ଜଣେ ଛୋଟ ଟେଲର ବନେଇଥିଲେ। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଫାରୁଖ ଶେଖ୍‌ଙ୍କ ପୁରୁଣା ଶୋ 'ଜିନା ଇସି କା ନାମ ହୈ'ରେ ସେ ତାଙ୍କ ପୂରା ପରିବାର ସହ ଆସିଥିଲେ ଏବଂ ସେହି ଜର୍ସି ବିଷୟରେ କହିଥିଲେ। ସେତେବେଳେ ଅଧିକ ପଇସା ନ ଥିଲା ଡିଜାଇନର୍ ଡ୍ରେସ କିଣିବା ପାଇଁ। ମଧ୍ୟବିତ୍ତ ପରିବାରରର ହୋଇଥିବା ବେଳେ ମା' ମୋତେ ପ୍ରେରଣା ଦେଇଥିଲେ। ଲୋକେ ଡ୍ରେସ ନୁହେଁ ସୁନ୍ଦରତା ଦେଖିବେ ବୋଲି କହିଥିଲେ। ଏହା ତାଙ୍କୁ ମିସ୍ ଇଣ୍ଡିଆ କଣ୍ଟେଷ୍ଟ ଜିତିବାର ପ୍ରେରଣା ଦେଇଥିଲା। ଦେଶରେ ସବୁଆଡେ ଲକ୍‌ଡାଉନ୍ ଚାଲିଥିବାବେଳେ ବଲିଉଡ ଅଭିନେତା ଅଭିନେତ୍ରୀମାନେ ଭିନ୍ନ ଉପାୟରେ ନିଜ ସମୟ ବିତାଉଛନ୍ତି। ସୁସ୍ମିତା ତାଙ୍କର ଏହି ପୁରୁଣା ଫଟୋ ଏବଂ ଭିଡିଓ ଇନ୍‌ଷ୍ଟାରେ ଶେୟାର କରି ଭାବବିହ୍ୱଳ ହୋଇପଡ଼ିଛନ୍ତି।

# ସାନିଟାଇଜର୍ ଓ ମାସ୍କରେ ବାହାଘର

**ପାଟନା:** ନା ବାଣ ବାଜା ରୋଷଣୀ, ନା ଭୋଜିଭାତ। ବିବାହ ପାଇଁ ଏସବୁ କିଛି ଦରକାର ନାହିଁ। କେବଳ ମାସ୍କ ଆଉ ସାନିଟାଇଜର୍ ବ୍ୟବହାର କରି ଏକ ବିବାହ ସମ୍ପନ୍ନ ହୋଇଛି ବିହାର ବରବିଘା ବଜାରର ଝଣ୍ଡା ଚୋକ ଅଞ୍ଚଳରେ। ଏହି ଅଞ୍ଚଳର ଯୁବକ ଗୌରବଙ୍କ ବିବାହ ନବାଦା ଅଞ୍ଚଳରେ ସ୍ଥିର ହୋଇଥିଲା। ଗତବର୍ଷରୁ ବିବାହ ସ୍ଥିର ହୋଇଥିଲେ ବି ବିଭିନ୍ନ କାରଣରୁ ଘୁଞ୍ଚି ଚାଲିଥିଲା। ଆଉ ଏବେ ଲକଡାଉନ୍ କାରଣରୁ ବି ବିବାହ ହେବାର ନ ଥିଲା। କିନ୍ତୁ ପାରିବାରିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ ବିବାହ କରିବା ପାଇଁ ଉଭୟ ପରିବାର ନିଷ୍ପତ୍ତି ନେଇଥିଲେ। ଶେଷରେ ଉଭୟ ଗୌରବ ଓ ତାଙ୍କ ଭାବି ସ୍ତ୍ରୀଙ୍କ ପକ୍ଷରୁ ଲୋକେ ବିବାହ ନିମନ୍ତେ ସ୍ଥାନୀୟ ପ୍ରଶାସନର ଅନୁମତି ଲୋଡ଼ିଥିଲେ। ତେବେ ପ୍ରଶାସନର ଅନୁମତି ଅନୁସାରେ ବିବାହ ଉତ୍ସବରେ ଯୋଗଦେବା ନିନ୍ତେ ମାତ୍ର ତିନିଜଣଙ୍କୁ ହିଁ ପାସ୍ ମିଳିଥିଲା। ଫଳରେ ପଣ୍ଡିତଙ୍କ ଉପସ୍ଥିତିରେ ବର- ବଧୂଙ୍କ ଘରୁ ଜଣେ ଲେଖାଏଁ ଉପସ୍ଥିତ ରହି ବିବାହ ସମ୍ପନ୍ନ କରିଥିଲେ।



ତେବେ ବିବାହ ପୂର୍ବରୁ ସମସ୍ତେ ମୁହଁରେ ମାସ୍କ ଲଗାଇଥିଲେ ଏବଂ ସାନିଟାଇଜରରେ ପ୍ରଥମେ ଭଲଭାବେ ହାତ ସଫା କରିଥିଲେ। ବିବାହ ଶେଷ ହେବା ପରେ କନ୍ୟା ବିଦା ବି ସଙ୍ଗେ ସଙ୍ଗେ ହୋଇ ଯାଇଥିଲା।

# ପ୍ରାଣୀଙ୍କ ମିନି ରେଷ୍ଟୁରାଣ୍ଟ

**ନୂଆଦିଲ୍ଲୀ:** ବିଶ୍ୱର ବିଭିନ୍ନ ସହରରେ ଏବେ ଲକ୍‌ଡାଉନ୍ ଚାଲିଥିବାରୁ ରାଜରାସ୍ତା ଉପରେ ବେଶ୍ ଆରାମରେ ବୁଲୁଛନ୍ତି ବିଭିନ୍ନ ଜୀବ। ରାସ୍ତା ଉପରେ ସେମାନଙ୍କୁ ହଇରାଣ କରିବା ପାଇଁ କେହି ରହୁ ନାହାନ୍ତି। କିନ୍ତୁ ଅନେକ ସ୍ଥାନରେ ପ୍ରାଣୀମାନେ ନିଜର ଖାଦ୍ୟ ପାଇଁ ଲୋକଙ୍କ ଉପରେ ନିର୍ଭର କରୁଛନ୍ତି। ଏଥିପାଇଁ ହିଁ କେତେକ ସ୍ଥାନରେ ବିଭିନ୍ନ ପ୍ରକାରର ଜୀବଜନ୍ତୁଙ୍କୁ ବହୁ ଅସୁବିଧାର ସାମ୍ନା କରିବାକୁ ପଡୁଛି। ଏଭଳି ଜୀବଜନ୍ତୁଙ୍କୁ କିଛି ଅଞ୍ଚଳରେ ପରିବେଶବିତ୍ ତଥା ସାମାଜିକ କାର୍ଯ୍ୟକର୍ତ୍ତାମାନେ ଖାଦ୍ୟ ଦେଉଛନ୍ତି। ତେବେ ଏଭଳି ଜୀବମାନଙ୍କୁ ଖାଦ୍ୟ ଦେବା ସହ ଖୁସିରେ ସମୟ କଟାଇବା ପାଇଁ ଆମେରିକାର ଡେଟ୍ରଏଟ୍‌ରେ ରହୁଥିବା ଜେମ୍ସ ରିଲେଣ୍ଡ ନିଜ ଘର ବାହାରେ ଏକ ଛୋଟ ରେଷ୍ଟୁରାଣ୍ଟ ତିଆରି କରିଛନ୍ତି। ଏହି ରେଷ୍ଟୁରାଣ୍ଟରେ ସେ ସୁନ୍ଦରଭାବେ ଫୁଡ୍ ପାର୍କ, ପିକ୍‌ନିକ୍ ଟେବୁଲ୍ ସହିତ ବିଭିନ୍ନ ପ୍ରକାର ଖାଦ୍ୟ ଝୁଡ଼ି ବି ରଖିଛନ୍ତି। ଜୀବଜନ୍ତୁଙ୍କ ପାଇଁ ଖାଦ୍ୟ ସହିତ ପାଣି ପିଇବା ପାଇଁ ବି ଏଠାରେ ସୁବିଧା ରହିଛି। ଏହି ରେଷ୍ଟୁରାଣ୍ଟରେ କେତେକ ଜୀବଜନ୍ତୁଙ୍କ ପଥର ମୂର୍ତ୍ତି କରାଯାଇ ରେଷ୍ଟୁରାଣ୍ଟକୁ ଆକର୍ଷଣୀୟ କରାଯାଇଛି। ତେବେ ଲକ୍‌ଡାଉନ୍ ସମୟରେ କିଛି ଲୋକଙ୍କ ଏଭଳି ଭିନ୍ନ ଚିନ୍ତାଧାର ଓ କାମ ନିଶ୍ଚିତଭାବେ ପରିବେଶ ପାଇଁ ଶୁଭଙ୍କର ହୋଇପାରିବ।



# ଅମିତାଭଙ୍କ 'ବ୍ଲଗ୍'କୁ ପୂରିଲା ୧୨ ବର୍ଷ



**ମୁମ୍ବାଇ:** ସମଗ୍ର ଦେଶରେ ବର୍ତ୍ତମାନ ଚାଲିଛି ଲକ୍‌ଡାଉନ୍। ଏବେ ଘରୁ କେହି ବାହାରକୁ ବାହାରୁ ନାହାନ୍ତି। ଏହି ସମୟରେ ବଲିଉଡ୍‌ର ନାମୀଦାମୀ କଳାକାରମାନେ ମଧ୍ୟ ଘରେ ସମୟ ବିତାଇବା ସହ ସୋସିଆଲ ମିଡିଆ ଜରିଆରେ ଫ୍ୟାନ୍‌ମାନଙ୍କ ସହ ସବୁକିଛି ଶେୟାର କରୁଛନ୍ତି। ଏଥିରୁ ବାଦ୍ ପଡ଼ିନାହାନ୍ତି ମହାନାୟକ ଅମିତାଭ ବଚ୍ଚନ। ସେ ଅଧିକାଂଶ ସମୟ ସୋସିଆଲ ମିଡିଆରେ ଆକ୍ଟିଭ୍ ରହୁଛନ୍ତି। ତାଙ୍କର ଏକ ପର୍ସନାଲ ବ୍ଲଗ ମଧ୍ୟ ଅଛି। ଯେଉଁଥିରେ ଅମିତାଭ ପ୍ରତିଦିନ କିଛି ନା କିଛି ଲେଖିଥାନ୍ତି। ଏହି ବ୍ଲଗ୍‌କୁ ଏବେ ୧୨ ବର୍ଷ ପୂରିଛି। ଯାହାକୁ ନେଇ ଅମିତାଭ ଟୁଇଟ୍ କରି ନିଜର ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଦିନଟିଏ ବି ଏଥିରେ ସେ ଲେଖା ବନ୍ଦ କରିନାହାନ୍ତି। ୨୦୦୮ ଏପ୍ରିଲ ୧୭ରେ ଅମିତାଭ ଏହି ବ୍ଲଗ ଆରମ୍ଭ କରିଥିଲେ। ଏଥିସହିତ ଅମିତାଭ ସମସ୍ତଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଛନ୍ତି।

## ଅବକାରୀ ବିଭାଗର ଚଢ଼ାଉ: ୪ ଅଟକ

ବେଗୁନିଆ,୧୭।୪(ଡି.ଏନ.ଏ.): ବେଗୁନିଆ ବ୍ଲକ ଅଞ୍ଚଳରେ ବେଆଇନ ଭାବେ ମଦ କାରବାର ଚାଲିଥିବା ଖବର ପାଇ ଖୋର୍ଦ୍ଧା ଅବକାରୀ ଏବଂ ଭୁବନେଶ୍ୱର ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ଶୁକ୍ରବାର ମିଳିତ ଚଢ଼ାଉ କରାଯାଇଥିଲା। ବେଗୁନିଆ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪ ଜଣଙ୍କୁ ପୋଲିସ ଅଟକ ରଖିଛି। ଚଢ଼ାଉ ସମୟରେ ୬୦ ଲିଟର ବିଦେଶୀ ମଦ, ୩୯ ଲିଟର ବିୟର ବ୍ୟବହୃତ ୨ ବାଇକ୍‌କୁ ଜବତ କରାଯାଇଛି। ବିକ୍ରି କରୁଥିବା ଅଭିଯୋଗରେ ରାସୋଳ ଗାଁ ବାରିକ ସାହିରୁ ଜଣେ, ଦେଉଳଟାଙ୍ଗୀ ଗାଁରୁ ୨ଜଣ, ଗେଡିଆପଲ୍ଲୀର ଜଣଙ୍କୁ ଅଟକ ରଖାଯାଇଛି।

## ସଂକ୍ଷେପରେ

### ବିଜୁବାବୁଙ୍କ ଶ୍ରାଦ୍ଧୋତ୍ସବ

**ପିପିଲି, ୧୭।୪(ସ୍ୱ.ପ୍ର/ଡି.ଏନ.ଏ):** ପିପିଲି ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୩ତମ ଶ୍ରାଦ୍ଧୋତ୍ସବ ଶୁକ୍ରବାର ପାଳନ କରାଯାଇଛି। ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ତାଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ଯୁଧିଷ୍ଠିର ସ୍ୱାଇଁ, ବିଜେଡି ଜିଲା ସାଧାରଣ ସମ୍ପାଦକ କିଶୋର ଛୋଟରାୟ, ଆମ୍ବା ଅଧକ୍ଷ ଧରଣୀଧର ସାହୁ, ଆଇନଜୀବୀ ଶ୍ରୀଧର ପ୍ରଧାନ, ଯୁବ ବିଜେଡି ଜିଲା ଉପସଭାପତି ନାରାୟଣ ସ୍ୱାଇଁ, ପିପିଲି-ଡେଲାଙ୍ଗ ବିଜେଡି କାର୍ଯ୍ୟାଳୟ ସମ୍ପାଦକ ସନ୍ତୋଷ ସାହୁ, ପୂର୍ବତନ ଏନ୍‌ଏସି ଅଧକ୍ଷ ସେକ୍ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

### ୩୦ ହଜାର ଟଙ୍କା ଜରିମାନା ଆଦାୟ

**ଖୋର୍ଦ୍ଧା ଅଫିସ,୧୭।୪:** କରୋନା ଲକ୍‌ଡାଉନ ବେଳେ ବାଇକ୍ ଓ ବିନା ମାସ୍କରେ ବୁଲିଲେ ଜରିମାନା ଆଦାୟ କରାଯିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ଏହା ସତ୍ତ୍ୱେ ଏହି ନିୟମକୁ ଉଲ୍ଲଂଘନ କରି କେତେଜଣ ଅମାନିଆ ବିଭିନ୍ନ ଆଳରେ ବାଇକ ଧରି ବୁଲୁଛନ୍ତି। ଏମାନଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଶୁକ୍ରବାର ସୁଦ୍ଧା ଖୋର୍ଦ୍ଧା ପ୍ରଶାସନ ପକ୍ଷରୁ ବାଇକଚାଳକ ଓ ବିନା ମାସ୍କରେ ବୁଲୁଥିବା ଲୋକଙ୍କଠାରୁ ୩୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଉପଜିଲାପାଳ ଶାନ୍ତନୁ ମହାନ୍ତି କହିଛନ୍ତି।

### ମାଲଗୋଦାମରେ ଗୁଟ୍‌ଖା ଦୋକାନ ଖୋଲା

**କଟକ ଅଫିସ,୧୭।୪:** କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସାରା ଦେଶରେ ଲକ୍‌ଡାଉନ ଜାରି ରହିଛି। ଏ ନେଇ ସ୍ୱଚ୍ଛତା, ସଚେତନତା ଓ ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦିଆଯାଉଛି। ଏପରି କି ମଦ୍ୟପାନ ଓ ତମାଖୁ ସେବନକୁ ବାରଣ କରାଯାଉଛି। ହେଲେ ମାଲଗୋଦାମ ଅଞ୍ଚଳରେ ଏହାର କିଛି ପ୍ରଭାବ ପଡୁଥିବା ଭଳି ମନେ ହେଉନାହିଁ। ପ୍ରତିଦିନ ପୂର୍ବାହ୍ଣରେ ସବୁ ଗୋଦାମ ସାମ୍ନାରେ ଭିଡ଼ ପରିଲକ୍ଷିତ ହେଉଛି। ଗୁଆ, ପାନମସଲା, ଜର୍ଦ୍ଦା ଆଦି ମିଳୁଥିବା ଦୋକାନଗୁଡ଼ିକ ଖୋଲା ରହୁଛି। କଟକଣା ସତ୍ତ୍ୱେ କେତେକ ପାନ ଦୋକାନରେ ଚୋରାରେ ପାନ, ଗୁଟ୍‌ଖା ଓ ସିଗାରେଟ ବିକ୍ରି କରାଯାଉଛି। ଫଳରେ ଅନେକ ବ୍ୟବସାୟୀ ଏହି ସାମଗ୍ରୀ କିଣିବା ପାଇଁ ମାଲଗୋଦାମ ଆସୁଛନ୍ତି। ମାତ୍ର ଜିଲା ପ୍ରଶାସନ ଏବଂ କଟକ ମହାନଗର ନିଗମ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତେବେ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ପଚାରିବାରେ କହିଛନ୍ତି, ଏ ନେଇ ମୋ' ପାଖରେ କୌଣସି ସୂଚନା ନାହିଁ। ଯଦି କୌଣସି ବ୍ୟବସାୟୀ ଗୁଟ୍‌ଖା ଓ ସିଗାରେଟ ଆଦି ବିକ୍ରି କରୁଥାନ୍ତି ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ୫କୁ ଘୁଞ୍ଚିଲା ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ ଅଫିସ୍,୧୭।୪:** ଚଳିତ ବର୍ଷର ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଏପ୍ରିଲ ୧୮ ତାରିଖ(ଶନିବାର) ଅନୁଷ୍ଠିତ ହେବାର ଥିଲା। ହେଲେ କରୋନା ଭୂତାଣୁର ମୁକାବିଲା ପାଇଁ ଲକ୍‌ଡାଉନ୍ ଘୋଷଣା କରାଯାଇଥିବା ଯୋଗୁ କୋର୍ଟ କାର୍ଯ୍ୟ ପ୍ରଭାବିତ ହୋଇଛି। ଏଣୁ ଶନିବାର ଅନୁଷ୍ଠିତ ହେବାକୁ ଥିବା ଲୋକଅଦାଲତ ଆସନ୍ତା ୫ତାରିଖରେ ଅନୁଷ୍ଠିତ ହେବ । ସମସ୍ତ ନିମ୍ନ ଅଦାଲତଗୁଡ଼ିକ ଏନେଇ ଅବଗତ କରାଯାଇଥିବା ସୂଚନା ମିଳିଛି।

### ଅସହାୟଙ୍କୁ ଖାଦ୍ୟ ପ୍ୟାକେଟ୍ ବଣ୍ଟନ

**କଟକ ଅଫିସ୍,୧୭।୪:** କଟକ ମାରୱାଡି ସମାଜର ଅଧକ୍ଷ କିଶନ କୁମାର ମୋଦିଙ୍କ ନେତୃତ୍ୱରେ ୨ହଜାରରୁ ଅଧିକ ଖାଦ୍ୟ ପ୍ୟାକେଟ୍ ଗରୀବ ପରିବାରଙ୍କ ମଧ୍ୟରେ ବଣ୍ଟା ଯାଇଛି । ଏଥିରେ କିରଣ ମୋଦି, ବିନିତା ମୋଦି, ରୀତା ମୋଦି, ସୁମନ ମୋଦି, ସଙ୍ଗୀତା ସାଙ୍ଗନାରିଆ, ସ୍ୱପ୍ନା ସାଙ୍ଗନାରିଆ, ମୀରା ସାଙ୍ଗନାରିଆ, ଅର୍ଚ୍ଚନା ସାଙ୍ଗନାରିଆ, ରୀତା ବାଗଡ଼ିଆ, ସରୀତା ଭରାଲାବାଲା ପ୍ରମୁଖ ସହଯୋଗ କରିଥିଲେ । ନନ୍ଦଗାଁଉ ବୃଦ୍ଧ ଗୋ ସେବା ଆଶ୍ରମର ପ୍ରତିଷ୍ଠାତା ଦିନ ଦୟାଲ କ୍ୟାଲ ବଣ୍ଟନ କାର୍ଯ୍ୟର ତଦାରଖ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନୋଜ କୁମାର ଧାନୁକା ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଲକ୍‌ଡାଉନ୍: ବଦଳୁଛି ଟ୍ରେଣ୍ଡ

**ଭୁବନେଶ୍ୱର, ୧୭।୪(ବ୍ୟୁରୋ)**

ଲକ୍‌ଡାଉନ୍ ସମୟରେ ଘରେ ବସି ଟାଇମ୍‌ପାସ୍ କରିବା ଏବେ ସମସ୍ତଙ୍କ ଚିନ୍ତାର ବିଷୟ। ବିଶେଷକରି ୱାର୍କ ଫ୍ରମ୍ ହୋମ୍ କରୁ ନଥିବା ଲୋକଙ୍କ ପାଇଁ ଏହି ଲକ୍‌ଡାଉନ ଅଧିକ କଠିନ ହୋଇଯାଇଛି। ଏଭଳିସ୍ଥଳେ ଟାଇମ୍‌ପାସ୍‌ର ପ୍ରମୁଖ ମାଧ୍ୟମ ପାଲଟିଛି ସୋସିଆଲ ମିଡ଼ିଆ। ଇନ୍‌ଷ୍ଟାଗ୍ରାମ୍, ଟିକ୍‌ଟକ୍, ଫେସ୍‌ବୁକ୍ ଆଦି ସୋସିଆଲ ମିଡ଼ିଆର ଗଦା ଗଦା ଚ୍ୟାଲେଞ୍ଜ ଲୋକଙ୍କୁ କେବଳ ସମୟ କାଟିବାରେ ସାହାଯ୍ୟ କରୁନି, ବରଂ କ୍ରିଏଟିଭ୍ ହେବାରେ ମଧ ସାହାଯ୍ୟ କରୁଛି। କେବଳ ସାଧାରଣ ଲୋକ ନୁହେଁ, ବହୁ ସେଲିବ୍ରିଟିଙ୍କୁ ମଧ ଏହି ଚ୍ୟାଲେଞ୍ଜରେ ଅଂଶଗ୍ରହଣ କରିବାର ଦେଖିବାକୁ ମିଳୁଛି।

## ଡାଲ୍‌ଗୋନା କଫି



କରୋନା ଲକ୍‌ଡାଉନ୍ ଯୋଗୁଁ ଦକ୍ଷିଣ କୋରିଆରୁ ଆରମ୍ଭ ହୋଇଥିବା ଏହି କଫି ଚ୍ୟାଲେଞ୍ଜ ଏବେ ଇଣ୍ଟରନେଟ୍ ସେନ୍‌ସେସନ୍‌ରେ ପରିଣତ ହୋଇଛି। ଇନ୍‌ଷ୍ଟାଣ୍ଟ କଫି ପାଉଡରରେ ଚିନି ଓ ସାମାନ୍ୟ ଗରମ ପାଣି ମିଶାଇ ଏହାକୁ ଫୋମ୍ ବା ଫେଣ ହେବା ପର୍ଯ୍ୟନ୍ତ ଫେଣ୍ଟିବା ପରେ ଏହା ଉପରେ ଥଣ୍ଡା ପାଣି ଓ ବରଫ ପକାଇ ଏହି କଫି ପ୍ରସ୍ତୁତ କରାଯାଏ। ତେବେ କୌଣସି ହ୍ୱିସ୍କର ବ୍ୟବହାର ନକରି ଏହାକୁ ହାତରେ ଫେଣ୍ଟାଯାଇଥାଏ। ଦୀର୍ଘ ସମୟ ଧରି ହାତରେ ଫେଣ୍ଟାଯାଉଥିବାରୁ ଲକ୍‌ଡାଉନ୍‌ରେ ନିଜ ମନରେ ଥିବା ରାଗ ତଥା ଫ୍ରଷ୍ଟ୍ରେଶନ କାଢ଼ିବାର ଏହା ଏକ ଭଲ ଉପାୟ ବୋଲି ମଧ କୁହାଯାଉଛି। ତେବେ ଭାରତରେ ଏହି କଫିର ଲୋକପ୍ରିୟତା ଆଗରୁ ରହିଥିଲେ ମଧ ବର୍ତ୍ତମାନର ଟ୍ରେଣ୍ଡ ଏହାକୁ ସୋସିଆଲ ମିଡ଼ିଆରେ ଲୋକପ୍ରିୟ କରାଇଛି।

## ଇନ୍‌ଷ୍ଟା ଲାଇଭ୍

କେବଳ କୁକିଂ ଚ୍ୟାଲେଞ୍ଜ ନୁହେଁ, ନିଜ ପ୍ରତିଭା ପ୍ରଦର୍ଶନ ପାଇଁ ସୋସିଆଲ୍ ମିଡ଼ିଆ ଏବେ ପାଲଟିଛି ଏକ ଉତ୍କୃଷ୍ଟ ପ୍ଲାଟ୍‌ଫର୍ମ। କଣ୍ଠଶିଳ୍ପୀଙ୍କଠାରୁ ଆରମ୍ଭକରି ଅଭିନେତା, ଅଭିନେତ୍ରୀ, ଚିତ୍ରଶିଳ୍ପୀ, ନୃତ୍ୟଶିଳ୍ପୀଙ୍କ ପର୍ଯ୍ୟନ୍ତ, ସମସ୍ତେ ଏବେ ଇନ୍‌ଷ୍ଟାଗ୍ରାମକୁ ନିଜ କଳା ପ୍ରଦର୍ଶନର ମାଧ୍ୟମ ଭାବେ ବ୍ୟବହାର କରୁଛନ୍ତି। ପୂର୍ବରୁ କେବଳ ବ୍ଲଗର୍‌ମାନେ ଏହି ସୋସିଆଲ ସାଇଟ୍‌କୁ ବ୍ଲଗିଂ ସାଇଟ୍ ଭାବେ ବ୍ୟବହାର କରୁଥିବା ବେଳେ ଲକ୍‌ଡାଉନ୍‌ରେ କିନ୍ତୁ ଏହା କମନ୍ ପ୍ଲାଟଫର୍ମରେ ପରିଣତ ହୋଇଛି। ଏପରିକି କ୍ରିସ୍ ମାର୍ଟିନ୍, ମିଲି ସାଇରସ୍, ଜନ୍ ଲିଜେଣ୍ଡଙ୍କ ଭଳି ସେଲିବ୍ରିଟିମାନେ ନିଜ ପ୍ରଶଂସକଙ୍କ ପାଇଁ ଇନ୍‌ଷ୍ଟାଗ୍ରାମରେ ଲାଇଭ୍ ପର୍ଫମ କରୁଛନ୍ତି। ସେହିଭଳି ମିଡ଼ିଆ ସଂସ୍ଥାଗୁଡ଼ିକ ମଧ ବିଶେଷଜ୍ଞଙ୍କ ସହ ଏଠାରେ ଲାଇଭ୍ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରୁଛନ୍ତି। ଷ୍ଟାଣ୍ଡଅପ୍ କମେଡିଆନ୍, ଫିଟ୍‌ନେସ୍ ଇନ୍‌ଫ୍ଲୁଏନ୍ସର୍‌ମାନେ ମଧ ଇନ୍‌ଷ୍ଟା ଲାଇଭ୍‌ରେ ନିଜ ଫଲୋର୍ସମାନଙ୍କୁ ମନୋରଞ୍ଜନ କରୁଛନ୍ତି।

## ଫିଟ୍‌ନେସ୍ ଚ୍ୟାଲେଞ୍ଜ



ପ୍ଲାଙ୍କ୍ ଚ୍ୟାଲେଞ୍ଜ ହେଉ କି ସ୍କିପିଙ୍ଗ୍ ଚ୍ୟାଲେଞ୍ଜ, ଲକ୍‌ଡାଉନ୍‌ରେ ଲୋକଙ୍କୁ ଫିଟ୍ ରଖିବାରେ ଏହି ଚ୍ୟାଲେଞ୍ଜଗୁଡ଼ିକ ବିଶେଷ ଭାବେ ସହାୟ ହେଉଛି। ବର୍ତ୍ତମାନ ସମୟରେ ଜିମ୍ ବନ୍ଦ ଥିବାବେଳେ ବାହାରକୁ ମର୍ଣ୍ଣିଂ ୱାକ୍ ପାଇଁ ଗଲେ ପୋଲିସ ଉଠାଇନେଉଛି। ଏଭଳିସ୍ଥଳେ ଲୋକ ସୋସିଆଲ୍ ମିଡ଼ିଆ ଫିଟ୍‌ନେସ୍ ଚ୍ୟାଲେଞ୍ଜକୁ ବେଶ୍ ଗୁରୁତ୍ୱର ସହ ନେଉଛନ୍ତି। ବଡ଼ ବଡ଼ ଫିଟ୍‌ନେସ୍ ବିଶେଷଜ୍ଞ ଏବଂ ଇନ୍‌ଫ୍ଲୁଏନ୍ସରମାନେ ନିଜ ଫଲୋର୍ସମାନଙ୍କୁ ଭିନ୍ନଭିନ୍ନ ଏକ୍ସରସାଇଜ୍ କରିବାକୁ ଚ୍ୟାଲେଞ୍ଜ ଦେଉଛନ୍ତି। ଆଉ ଧୀରେ ଧୀରେ ଏହା ଟ୍ରେଣ୍ଡ କରୁଛି। ସି ଟେନ୍ ଡୁ ଟେନ୍ ଚ୍ୟାଲେଞ୍ଜ, ନୋ ଇକ୍ୟୁପ୍‌ମେଣ୍ଟ ୱାର୍କଆଉଟ୍ ଚ୍ୟାଲେଞ୍ଜ ଆଦି ବହୁଳ ଭାବେ ଲୋକପ୍ରିୟ ହୋଇଛି। ଏପଟେ ଓଡ଼ିଶାରେ ମଧ ଏହି ଫିଟ୍‌ନେସ୍ ଚ୍ୟାଲେଞ୍ଜର କମ୍ ଲୋକପ୍ରିୟତା ଦେଖିବାକୁ ମିଳିନି। 'ମି ଭୁବନେଶ୍ୱର' ପକ୍ଷରୁ ଆରମ୍ଭ ହୋଇଥିବା 'ଲକ୍‌ଡାଉନ୍ ସ୍କ୍ୱାଡ୍'ରେ ଫିଟ୍‌ନେସ୍ ଉର୍ଜା ଭୂୟାଁଙ୍କ ଭଳି ଇନ୍‌ଫ୍ଲୁଏନ୍ସରମାନେ ଫେସ୍‌ବୁକ୍ ଲାଇଭ୍ ମାଧ୍ୟମରେ ଲୋକଙ୍କୁ ଘରେ ୱାର୍କଆଉଟ୍ କରିବାର ବିଭିନ୍ନ ଉପାୟ ଶିଖାଉଛନ୍ତି। ସେହିଭଳି ପ୍ରମୁଖ ଓଡ଼ିଶୀ ଗୁରୁମାନେ ବିଭିନ୍ନ ଡ୍ୟାନ୍ସ ଚ୍ୟାଲେଞ୍ଜ ଦେଇ ନିଜ ଶିଷ୍ୟାଶିଷ୍ୟଙ୍କୁ ଫିଟ୍ ରହିବାକୁ କହୁଛନ୍ତି।



## ଅନ୍‌ଲାଇନ୍ ଅନ୍ତାକ୍ଷରୀ

ଆଗରୁ ସାଙ୍ଗସାଥି ଏବଂ ପରିବାର ଲୋକ ଏକାଠି ହୋଇ ଖେଳୁଥିବା ଅନ୍ତାକ୍ଷରୀ ଏବେ ଅନ୍‌ଲାଇନ୍ ଟ୍ରେଣ୍ଡରେ ପରିଣତ ହୋଇଛି। ଲୋକେ ନିଜ ସୋସିଆଲ ମିଡ଼ିଆ ଷ୍ଟୋରୀ ଫିଚର୍ ମାଧ୍ୟମରେ ଅନ୍ତାକ୍ଷରୀ ଖେଳୁଛନ୍ତି। ଜଣେ ଗାଉଥିବା ଗୀତର ଶେଷ ଅକ୍ଷରରେ ଆଉଜଣେ ଗୀତ ଗାଉଛି। ତା'ପରେ ସେ ଆଉଜଣକୁ ଟ୍ୟାଗ୍‌କଲେ ସେ ଉକ୍ତ ଗୀତର ଶେଷ ଅକ୍ଷରରୁ ଆଉଏକ ଗୀତ ଗାଉଛି। ଟାଇମ୍‌ପାସ୍ କରିବାର ଏହା ଏକ ଭଲ ଉପାୟ ହୋଇପାରିଛି।

## କରୋନା କଟ୍

ଲକ୍‌ଡାଉନ୍ ପାଇଁ ଏବେ ବଡ଼ ବଡ଼ ସେଲୁନ୍ ସହ ଛୋଟ ଛୋଟ ବାରିକ ଦୋକାନ ମଧ ବନ୍ଦ ରହିଛି। ଲକ୍‌ଡାଉନ୍‌କୁ ମାସେ ବିତିଯାଇଥିବା ବେଳେ ଏପଟେ ଚୁଟି କାଟିବା ଅନେକଙ୍କ ପାଇଁ ଜରୁରୀ ହୋଇପଡ଼ିଛି। ଏଭଳିସ୍ଥଳେ ଲୋକେ ନିଜ ହାତରେ କଇଁଚି ଧରିବାକୁ ବାଧ ହୋଇଛନ୍ତି। ପରିବାର ମଧ୍ୟରେ ଜଣେ ଅନ୍ୟଜଣକର ହେୟାରକଟ୍ ସହ ସେଭିଂ ମଧ କରିଦେଉଛି। ତେବେ ଏହି ଭିଡ଼ିଓକୁ ଲୋକେ ହାର୍ସଟ୍ୟାଗ୍ କରୋନାକଟ୍ ନାମରେ ସୋସିଆଲ ମିଡ଼ିଆରେ ଅପ୍‌ଲୋଡ୍ କରିବା ପରେ ଏହା ଏକ ଟ୍ରେଣ୍ଡରେ ପରିଣତ ହୋଇଛି। କେବଳ ଏତିକି ନୁହେଁ, କରୋନା ପକୋଡା, ଅନ୍‌ଲାଇନ୍ ବିଙ୍ଗୋ, ସେଫ୍ ହ୍ୟାଣ୍ଡ ଚ୍ୟାଲେଞ୍ଜ, ହ୍ୟାଣ୍ଡ ଇମୋଜୀ ଚ୍ୟାଲେଞ୍ଜ, ଟ୍ୟାଗ୍ ୟୋର୍ କୁଇନ୍ସ, ଟୟଲେଟ୍ ପେପର ଚ୍ୟାଲେଞ୍ଜ, ଅଣ୍ଟିଲ୍ ଟୁମୋରୋ ଚ୍ୟାଲେଞ୍ଜ ଆଦି ଏବେକାର ସମୟରେ ଟ୍ରେଣ୍ଡ ପାଲଟିଛି।

## ହ୍ୱାଟ୍ସ ଆପ୍ ମାଧ୍ୟମରେ ପିଲା ପଢ଼ିବେ ପାଠ

**ଖୋର୍ଦ୍ଧା ଅଫିସ,୧୭।୪**

କରୋନା ଲାଗି ଦେଶରେ ଦ୍ୱିତୀୟ ପର୍ଯ୍ୟାୟ ଲକଡାଉନ ମେ ୩ ତାରିଖ ପର୍ଯ୍ୟନ୍ତ ରହିଛି। ରାଜ୍ୟ ସରକାର ଜୁନ ୧୭ ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍କୁଲ, କଲେଜ ପାଠପଢ଼ା ବନ୍ଦ ରଖିଛନ୍ତି। ଏହି ସମୟରେ ପିଲାଙ୍କୁ ଶିକ୍ଷା ପ୍ରଦାନ ଲାଗି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର କହିଛନ୍ତି, ପିଲାଙ୍କୁ ଘରେ ରହି ହ୍ୱାଟ୍‌ସଆପ ମାଧ୍ୟମରେ ଶିକ୍ଷାଦାନ ଲାଗି ନିଷ୍ପତ୍ତି ନିଆଯାଇଛି। ଏ ନେଇ ଶିକ୍ଷା ସଂଯୋଗ ଗ୍ରୁପ୍ ମାଧ୍ୟମରେ ପିଲାଙ୍କୁ ପଢାଇବାକୁ କୁହାଯାଇଛି। ଦ୍ୱିତୀୟଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ପାଠ ପଢାଇବା ଲାଗି ହ୍ୱାଟ୍‌ସ ଆପ୍ ଗ୍ରୁପ୍ ଗଠନ ଲାଗି ଜିଲାର ୧୦ଟି ବ୍ଲକ ଏବଂ ୟୁଏଲ୍‌ବିକୁ ପରାମର୍ଶ ଦିଆଯାଇଛି। ଏ ନେଇ ସମସ୍ତ ବ୍ଲକ ଶିକ୍ଷାଧିକାରୀ, ସିଆର୍‌ସିସି ଓ ପ୍ରଧାନଶିକ୍ଷକଙ୍କ ସହିତ ଆଲୋଚନା ସରିଛି। ପ୍ରତି କ୍ଲାସ ଲାଗି ଗୋଟିଏ ଲେଖାଏଁ ଗ୍ରୁପ୍ କରାଯିବ। ଯେଉଁ ଅଭିଭାବକମାନଙ୍କର ଆଣ୍ଡ୍ରଏଡ ମୋବାଇଲ ରହିଛି, ସେମାନଙ୍କୁ ଏହି ଗ୍ରୁପ୍‌ରେ ସାମିଲ କରାଯିବ। ଅନ୍ୟମାନଙ୍କ ଲାଗି ଆଲୋଚନା ଚାଲିଛି। ଏତଦ୍‌ବ୍ୟତୀତ ଛାତ୍ରୀଛାତ୍ରମାନେ ମୋବାଇଲରେ ଦୀକ୍ଷା ଆପ୍ ଡାଉନଲୋଡ କରି ପୁସ୍ତକଗୁଡ଼ିକ ପଢିପାରିବେ। ମୋବାଇଲ ପ୍ଲେ ଷ୍ଟୋରରୁ ଉଜ୍ଜ୍ୱଳ ଓ ଉତ୍‌ଥାନ ଅପ୍ ଡାଉନଲାଉଡ କରି ପିଲାମାନେ ପୁସ୍ତକ ପାରିପାରିବେ। ଖୁବ୍‌ଶୀଘ୍ର ପିଲାଙ୍କ ଘରେ ପାଠପୁସ୍ତକ ପହଞ୍ଚାଇ ଦିଆଯିବ ବୋଲି ମହାପାତ୍ର କହିଛନ୍ତି।




ଲକ୍‌ଡାଉନ୍ ଯୋଗୁ ଶୁକ୍ରବାର ବିଜୁ ବାବୁଙ୍କର ଶ୍ରାଦ୍ଧ ଦିବସରେ କଟକ ସ୍ଥିତ ଆନନ୍ଦ ଭବନ ବନ୍ଦ ହୋଇ ରହିଛି।

## ବାଲିହରଚଣ୍ଡୀ ପୀଠ ହେଲା ବିଶୋଧନ

**ବ୍ରହ୍ମଗିରି, ୧୭।୪(ଡି.ଏନ.ଏ.)**

କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷାପାଇବା ପାଇଁ ସାରା ଦେଶରେ ଲକ୍‌ଡାଉନ, ସାମାଜିକ ଦୂରତା ରକ୍ଷା ସହ ବିଭିନ୍ନ ଜନସମାଗମ ସ୍ଥାନକୁ ସାନିଟାଇଜେଶନ କରାଯାଉଛି। ଏହିକ୍ରମରେ ବ୍ରହ୍ମଗିରି ଅଗ୍ନିଶମ ବିଭାଗ ପକ୍ଷରୁ ଶୁକ୍ରବାର ମା' ବାଲିହରଚଣ୍ଡୀ ପୀଠକୁ ବିଶୋଧନ କରାଯାଇଛି। ବାଲିହରଚଣ୍ଡୀ ପୀଠ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ହୋଇଥିବାରୁ ଏଠାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏ ନେଇ ଉକ୍ତ ପୀଠକୁ ସୋଡିୟମ ହାଇପୋକ୍ଲୋରାଇଡ ସିଞ୍ଚନ କରାଯାଇ ବିଶୋଧନ କରାଯାଇଛି।

## ଛାତିରୁ ଅଲଗା ହେଲା ମୁହଁ

**କଟକ ଅଫିସ,୧୭।୪**



### ଏସ୍‌ସିବିରେ ବିରଳ ଅସ୍ତ୍ରୋପଚାର

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ହୋଇଛି ଏକ ବିରଳ ଅସ୍ତ୍ରୋପଚାର। ଆକସ୍ମିକ ଦୁର୍ଘଟଣାର ଶିକାର ହୋଇଥିବା ଜଣେ ୧୪ ବର୍ଷୀୟା ବାଳିକାଙ୍କ ଛାତିରୁ ମୁହଁକୁ ଅଲଗା କରାଯାଇଛି। ବାଳିକା ଜଣଙ୍କ ଦୁର୍ଭାଗ୍ୟବଶତଃ ପୋଡ଼ି ହୋଇଯାଇଥିଲେ। ଯେଉଁଥିରେ ତାଙ୍କ ମୁହଁର ତଳ ପାର୍ଶ୍ୱ ଛାତିରେ ଲାଗିଯାଇଥିଲା।

କରୋନାଜନିତ ଚିନ୍ତାରେ ସମଗ୍ର ରାଜ୍ୟ ବ୍ୟଥିତ ହେଉଥିବାବେଳେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଡାକ୍ତରମାନେ ଏକ ସଫଳପୂର୍ଣ୍ଣ ଅସ୍ତ୍ରୋପଚାର କରିଛନ୍ତି। ସୂଚନା ମୁତାବକ, ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ବଡ଼ଖୋଲି ଗ୍ରାମର ପୂଜା ସେଠୀ (୧୪) କିଛି ମାସ ତଳେ ପୋଡ଼ି ହୋଇଯାଇଥିଲେ। ସନ୍ଧ୍ୟା ଦୀପ ଲଗାଉଥିବାବେଳେ ତାଙ୍କ ଶରୀରରେ ନିଆଁ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ପୂଜାଙ୍କୁ ପ୍ରଥମେ ଆସ୍କା ଡାକ୍ତଖାନା ଏବଂ ପରେ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଡାକ୍ତରମାନେ ତାଙ୍କୁ ଏସ୍‌ସିବିକୁ ସ୍ଥାନାନ୍ତରିତ କରିଥିଲେ। ଏସ୍‌ସିବି ମେଡିକାଲରେ ଦୀର୍ଘ ଦିନ ଧରି ଚିକିତ୍ସା ହେବା ପରେ ଗତ ଜାନୁୟାରୀ ମାସରେ ତାଙ୍କୁ ପ୍ଲାଷ୍ଟିକ ସର୍ଜରୀ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ଗତ ୬ତାରିଖରେ ପ୍ରଫେସର ବିଭୂତି ଭୂଷଣ ପଟ୍ଟନାୟକଙ୍କ ନେତୃତ୍ୱରେ ଡା. ଆଶିଷ ପଟ୍ଟନାୟକ, ଡା. ରଶ୍ମିରଞ୍ଜନ ମହାନ୍ତି, ଡା. ଦୀପକ ସାହୁ, ଡା. ମହେଶ ମଣ୍ଡଳ, ଏବଂ ଡା. ରୋଜାଲିନ ମିଶ୍ର ସଫଳତାର ସହ ଏହି ଅସ୍ତ୍ରୋପଚାର କରିଥିଲେ।

## ଘରୋଇ ହିଂସା ରୋକିବାକୁ କଲ୍ ସେଣ୍ଟର

**କଟକ ଅଫିସ,୧୭।୪:** ଘରୋଇ ହିଂସାକୁ ରୋକିବା ପାଇଁ ରାଜ୍ୟ ପୋଲିସ ବିଭାଗ ତରଫରୁ ଗୋଟିଏ ପରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି। ଏହିକ୍ରମରେ ଖୁବ୍‌ଶୀଘ୍ର 'ଫୋନ୍ ଆପ୍' କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି ବୋଲି ରାଜ୍ୟ ପୋଲିସ ମୁଖ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମ ଅନୁଯାୟୀ, ରାଜ୍ୟସ୍ତରୀୟ ଏକ କଲ୍ ସେଣ୍ଟର୍ ଖୋଲାଯିବ। ଘରୋଇ ହିଂସା ନେଇ ଅଭିଯୋଗ ଏବଂ ସୂଚନା ଶୁଣିବା ପାଇଁ ଏହି କଲ୍ ସେଣ୍ଟର କାର୍ଯ୍ୟ କରିବ। ଗତ ୧୪ତାରିଖରେ କରୋନା ଭୂତାଣୁ ମୁକାବିଲା ନେଇ ରାଜ୍ୟର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘରୋଇ ହିଂସା ନେଇ ଚିନ୍ତା ପ୍ରକାଶ କରିଥିଲେ। ଲକ୍‌ଡାଉନ୍ ସମୟରେ ଯେମିତି ଘରୋଇ ହିଂସାକୁ ରୋକାଯାଇପାରିବ, ସେନେଇ ଠୋସ୍ ପଦକ୍ଷେପ ନେବାପାଇଁ ରାଜ୍ୟ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ରାଜ୍ୟପୋଲିସ ମହାନିର୍ଦ୍ଦେଶକ ଅଭୟ ଅଭିଯୋଗକାରିଣୀଙ୍କୁ ଥାନାକୁ ଆସିବାକୁ ପଡ଼ିବ ନାହିଁ, ବରଂ ପୋଲିସ ନିଜେ ସେମାନଙ୍କ ଘରକୁ ଯାଇ ପୋଲିସ ଏଫ୍‌ଆଇଆର୍ ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଫୋନ୍ ମାଧ୍ୟମରେ ଅଭିଯୋଗ ଗ୍ରହଣ ଉପରେ ମଧ ଗୁରୁତ୍ୱ ଦେଇଥିଲେ। ଏବେ ଆଉ ଗୋଟିଏ ପାଦ ଆଗକୁ ଯାଇ ଏବେ 'ଫୋନ୍ ଆପ୍' କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ଅପରାଧ ନଥି ସଂସ୍ଥା(ଏସ୍‌ସିଆର୍‌ବି)ର ରାଜ୍ୟସ୍ତରୀୟ କଲ୍ ସେଣ୍ଟର୍ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଯଦି ଘରୋଇ ହିଂସା ବାବଦରେ କୌଣସି ଠାରେ ଠୋସ୍ ସୂଚନା ମିଳେ, ତେବେ ଅବସ୍ଥା ଜାଣିବା ପାଇଁ ସରଜମିନ୍ ତଦନ୍ତ ଦିଗରେ ପଦକ୍ଷେପ ନିଆଯିବ। ଏସ୍‌ସିଆର୍‌ବି ଏବାବଦରେ ସଂପୃକ୍ତ ଜିଲାର ଆଇଏସିଏଡବ୍ଲ୍ୟୁର ଡିଏସ୍‌ପି କିମ୍ବା ଅତିରିକ୍ତ ଏସ୍‌ପିଙ୍କୁ ଅଧିକ କାର୍ଯ୍ୟାନୁଷ୍ଠାନ ପାଇଁ ଅବଗତ କରିବ ବୋଲି ସୂଚନା ମିଳିଛି।

## ମଟନ ପାଇଁ ଆସି ଔଷଧ ନେବା ଆଳ

**ଖୋର୍ଦ୍ଧା ଅଫିସ,୧୭।୪**

### ପୁରୁଣା ପ୍ରେସ୍‌କ୍ରିପ୍‌ଶନ ଆଣି ଧରାପଡ଼ିଲେ ଯୁବକ

ଲକଡାଉନ ବେଳେ ମାସ୍କ ନ ପିନ୍ଧିଲେ ଓ ବିନା କାରଣରେ ବାଇକରେ ବୁଲିଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ସରକାରଙ୍କ ନିର୍ଦ୍ଦେଶ ରହିଛି। ତେବେ କେତେଜଣ ଅମାନିଆ ବିଭିନ୍ନ ଆଳ ଦେଖାଇ ବଜାରରେ ବୁଲୁଥିବା ନଜରକୁ ଆସିଛି। ଅନେକ ବ୍ୟକ୍ତି ପୋଲିସ ଓ ପ୍ରଶାସନ ଆଖିରେ ଧୂଳି ଦେଇ ହାତରେ ପୁରୁଣା ଔଷଧ ଚିଠା ଧରି ବଜାରରେ ବୁଲୁଛନ୍ତି। ଶୁକ୍ରବାର ଖୋର୍ଦ୍ଧା ସହରର ପୋଷ୍ଟ ଅଫିସ ଛକ ନିକଟରେ ଯାଞ୍ଚ ବେଳେ ଏଭଳି ଏକ ଘଟଣା ଦେଖିବାକୁ ମିଳିଥିଲା। ଜଣେ ଯୁବକ ଏକ ପୁରୁଣା ପ୍ରେସ୍‌କ୍ରିପ୍‌ଶନ ଧରି ଯାଉଥିବାବେଳେ ପୋଲିସ ତାଙ୍କୁ ଅଟାଇଥିଲେ। ନିଜକୁ ଜଣେ ରୋଗୀ ଏବଂ ଔଷଧ କିଣିବା ଲାଗି ଆସିଥିବା ସେ କହିଥିଲେ। ତେବେ ପୋଲିସ ସମ୍ପୃକ୍ତ ପ୍ରେସ୍‌କ୍ରିପ୍‌ଶନ ଯାଞ୍ଚ କରିବାରୁ ତାଙ୍କ ମିଛ ଧରାପଡ଼ିଯାଇଥିଲା। ମଟନ କିଣିବା ଲାଗି ବଜାରକୁ ଆସିଥିବା ସେ ସ୍ୱୀକାର କରିଥିଲେ। ପୋଲିସ ଭୟରେ ଏକ ପୁରୁଣା ପ୍ରେସ୍‌କ୍ରିପ୍‌ଶନ ଧରି ବୁଲୁଥିବା କହିଥିଲେ। କେବଳ ଏହି ଗୋଟିଏ ଘଟଣା ନୁହେଁ ପ୍ରତିଦିନ ଶତାଧିକ ଯୁବକ ମେଡିସିନ୍ କିଣିବା ତଥା ମେଡିକାଲ ଯିବା ବାହାନାରେ ବୁଲୁଛନ୍ତି ବୋଲି ଖୋର୍ଦ୍ଧା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି।

## ସମ୍ପତ୍ତି ପାଇଁ ହତ୍ୟା କରିଥିଲେ ମଝିଆ ପୁଅ

**ଖୋର୍ଦ୍ଧା ଅଫିସ,୧୭।୪**

### ବ୍ରିଜ ତଳୁ ବାବାଜିଙ୍କ ମୃତଦେହ ମିଳିବା ଘଟଣା

### ଅଭିଯୁକ୍ତ ଗିରଫ

### ଶିକୁଳି ଓ ପୋଷାକ ଜବତ

ଖୋର୍ଦ୍ଧା ଟାଉନ (ଆଦର୍ଶ) ଥାନା ଅନ୍ତର୍ଗତ ପୁରୁସାହି ନିକଟ ବ୍ରିଜ ତଳୁ ବାବାଜିଙ୍କ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାସ୍ କରିଛି ପୋଲିସ। ବାବାଜି ଭାବେ ଏକ ମଠରେ ରହୁଥିବା ଗଗନ ବେହେରାଙ୍କୁ ସମ୍ପତ୍ତି ପାଇଁ ହତ୍ୟା କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ତଥା ଗଗନଙ୍କ ମଝିଆ ପୁଅ ନରେଶ ଚନ୍ଦ୍ର ବେହେରାଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଶିକୁଳି ଏବଂ ରକ୍ତଭିଜା ସାର୍ଟ ପ୍ୟାଣ୍ଟକୁ ଜବତ କରାଯାଇଛି। ପୁଞ୍ଜିଭୂତ ଅସନ୍ତୋଷ ଓ ସମ୍ପତ୍ତି ଭାଗବଣ୍ଟାକୁ ନେଇ ନରେଶ ନିଜ ବାପାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ଥାନା ଅଧିକାରୀ ଉମାଶଙ୍କର ସିଂ କହିଛନ୍ତି।

ସୂଚନା ଅନୁଯାୟୀ, ସମ୍ପତ୍ତି ଭାଗବଣ୍ଟାକୁ ନେଇ ଗଗନଙ୍କ ଘରେ ପାରିବାରିକ ଅଶାନ୍ତି ଲାଗିରହିଥିଲା। ଗଗନ ପୁରୁସାହି ନିକଟ ନୂଆଗାଁସ୍ଥିତ ଏକ ମଠରେ ରହୁଥିଲେ। ତାଙ୍କ ତିନିପୁଅଙ୍କ ମଧ୍ୟରୁ ସାନପୁଅ ପ୍ରଥମେ ବିବାହ କରିଥିଲେ। ବିବାହ ପରେ ସେ ଘରେ ରହୁଥିଲେ। ଅନ୍ୟ ଦୁଇପୁଅ ବିବାହ କରି ନ ଥିଲେ। ଅନ୍ୟପଟେ ଗଗନ ସାନ ପୁଅକୁ ସହଯୋଗ କରୁଥିଲେ। ତିନି ପୁଅଙ୍କ ମଧ୍ୟରେ ସମ୍ପତ୍ତି ଭାଗବଣ୍ଟା କରି ନ ଥିଲେ। ଏହାକୁ ନେଇ ବାପାଙ୍କ ଉପରେ ନରେଶ (ଗିରଫ ଅଭିଯୁକ୍ତ) ଙ୍କର ଅସନ୍ତୋଷ ରହିଥିଲା। ବାପାଙ୍କୁ ରାସ୍ତାରୁ ସବୁଦିନ ପାଇଁ ହଟାଇବା ଲାଗି ସେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ପ୍ରତିଦିନ ପରି ଗୁରୁବାର ରାତିରେ ଗଗନ ନିଜ ସ୍କୁଟି ଯୋଗେ ଘରୁ ଖାଇବା ଧରି ମଠକୁ ଯିବାବେଳେ ଗାଁର ତ୍ରିନାଥ ମନ୍ଦିରରେ ମୁଣ୍ଡିଆ ମାରୁଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ନରେଶ କ୍ରୋଧ ସମ୍ବରଣ କରି ନ ପାରି ପାଖରେ ଥିବା ଏକ ଲୁହାଶିକୁଳିରେ ଗଗନଙ୍କ ପଛପଟୁ ମୁଣ୍ଡକୁ ପ୍ରହାର ଦେଇଥିଲେ। ସେ ପଡ଼ିଯିବା ପରେ ଶିକୁଳିରେ ବେକକୁ ଟାଣି କାନ୍ଥରେ ପିଟି ହତ୍ୟା କରିଥିଲେ। ଏହାକୁ ଦୁର୍ଘଟଣାର ରୂପ ଦେବା ଲାଗି ମୃତଦେହକୁ ସ୍କୁଟିରେ ନେଇ ବ୍ରିଜ ତଳେ ଫିଙ୍ଗି ଚାଲିଆସିଥିଲେ। ପ୍ରମାଣ ନଷ୍ଟ କରିବା ଲାଗି ସେ ପିନ୍ଧିଥିବା ରକ୍ତଭିଜା ପୋଷାକକୁ ଧୋଇଦେଇଥିଲେ। ଏ ନେଇ ଗଗନଙ୍କ ସ୍ତ୍ରୀ ତଥା ନରେଶଙ୍କ ମା' ଶୈଳବାମାଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ଦଫା ୩୦୨ ଓ ୨୦୧ରେ କେସ୍ ନଂ. ୧୩୯/୨୦ ରୁଜୁ କରିଛି।

# ସହାୟତାକୁ ଅନାଇଛନ୍ତି ପ୍ରବାସୀ ଓଡ଼ିଆ ଶ୍ରମିକ

- ସମସ୍ୟା ଜଣାଇଲେଣି ୬୩ ହଜାର ଶ୍ରମଜୀବୀ
- ରାଜ୍ୟକୁ ଫେରିଲେ ଅସନ୍ତୋଷ ବଢ଼ିବା ଆଶଙ୍କା

ଭୁବନେଶ୍ୱର, ୧୭।୪(ବ୍ୟୁରୋ)

ଲକ୍‌ଡାଉନ ପରେ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ ମୁଣ୍ଡରେ ଲଦିହୋଇଯାଇଛି ଦୁଃଖର ପାହାଡ଼। କରୋନା ଛଡ଼ାଇନେଇଛି କର୍ମନିୟୋଜନର ପନ୍ଥା। ଦାନା ମୁଠାଏ ପାଇଁ ରାଜ୍ୟ ବାହାରେ ଦିନରାତି ଖଟୁଥିବା ଏହି ମେହନତି ମଣିଷମାନେ ନାହିଁ ନ ଥିବା ସମସ୍ୟା ଭୋଗୁଥିବାବେଳେ ଏବେ ସେମାନଙ୍କୁ ଘାରିଛି ଭିଟାମାଟିକୁ ଫେରିବା ଚିନ୍ତା। ଅନ୍ୟପଟେ ଏପରି ଅସମୟରେ ସେମାନଙ୍କୁ ଯଥାସମ୍ଭବ ସହାୟତାର ହାତ ବଢ଼ାଇବାକୁ ରଣନୀତି ପ୍ରସ୍ତୁତ କରୁଛନ୍ତି ରାଜ୍ୟ ସରକାର। ତଥାପି ସେମାନଙ୍କ ନିକଟରେ ସହାୟତା ପହଞ୍ଚୁ ନ ଥିବା ଅଭିଯୋଗ ହେଉଛି। ଦୁର୍ଦ୍ଦିନରେ ଥିବା ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ ସମସ୍ୟା ବୁଝିବାକୁ ନିକଟରେ କେତେଜଣ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ଏବେ ଏହି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ପାଗ ଭିଡ଼ିଛନ୍ତି ସରକାର।

କରୋନା ପାଇଁ ଲାଗୁ ହୋଇଥିବା ଲକ୍‌ଡାଉନ୍ କାରଣରୁ ରାଜ୍ୟ ବାହାରେ ଦେଢ଼ ଲକ୍ଷରୁ ଅଧିକ ପ୍ରବାସୀ ଓଡ଼ିଆ ଶ୍ରମିକ ଫସି ରହିଛନ୍ତି। ହାତରେ କାମ ନ ଥିବାବେଳେ ସେମାନେ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ସେମାନଙ୍କ ଦୁଃଖ ବୁଝିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କଣ୍ଟ୍ରୋଲ୍ ରୁମ୍ ନମ୍ବର ଜାରି କରାଯାଇଛି। ଏବେ ସୁଦ୍ଧା ପାଖାପାଖି ୬୩ହଜାର ଶ୍ରମିକ କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ କରି ନିଜ ସମସ୍ୟା ଜଣାଇଥିବା ଜଣେ ଅଧିକାରୀ କହିଛନ୍ତି। ପ୍ରବାସୀ ଶ୍ରମିକଙ୍କ ସୁଖସୁବିଧା ବୁଝିବାକୁ ସରକାର ୧୧ଜଣ ଅଫିସରଙ୍କୁ ଦାୟିତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଓଡ଼ିଆ ଶ୍ରମିକଙ୍କ ପାଇଁ ରହିବା, ଖାଇବା ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ଏ ବାବଦ ଖର୍ଚ୍ଚ ଓଡ଼ିଶା ସରକାର ବହନ କରିବେ ବୋଲି ସେ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ତଥାପି ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ ଦୁଃଖ ଲାଘବ ହେଉନାହିଁ। ଠିକ୍ ଭାବେ ଖାଇବା ମିଳୁ ନ ଥିବାରୁ ସେମାନେ ପ୍ରତିକ୍ରିୟା ପ୍ରକାଶ କରିବା ଆରମ୍ଭ କଲେଣି। ଏବେଠାରୁ ସମସ୍ୟା ଦୂର ନ କଲେ ସେମାନେ ଫେରିଲେ ଶ୍ରମିକ ଅସନ୍ତୋଷ ତେଜିପାରେ ବୋଲି ଆଶଙ୍କା କରାଯାଉଛି। ଫଳରେ ସମସ୍ୟା ବଢ଼ିବା ଆଗରୁ ଏହାର ସମାଧାନ କରିବାକୁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି।

ନୟାଗଡ଼ ଜିଲା ଶରଣକୁଳ ଥାନା ଭାଲିଆଡ଼ିହି ଗ୍ରାମର ଯୋଗେନ୍ଦ୍ର ଦାଶ କୁହନ୍ତି, ଗୁଜୁରାଟର ବରେଲି ଅଞ୍ଚଳରେ ପ୍ରାୟ ୨୦୦ ଓଡ଼ିଆ ଶ୍ରମିକ ସୂତାକଳରେ କାମ କରୁଛନ୍ତି। କମ୍ପାନୀ ବନ୍ଦ ହେବାପରେ ସେମାନଙ୍କ ପାଖରେ ଟଙ୍କା ନାହିଁ। କମ୍ପାନୀ ମାଲିକ କିମ୍ବା ଗୁଜରାଟ ସରକାରଙ୍କ ତରଫରୁ ସେମାନଙ୍କ ଲାଗି ଖାଇବା, ପିଇବା ବ୍ୟବସ୍ଥା ଠିକ୍‌ରେ କରାଯାଉନାହିଁ। ଓଡ଼ିଶା ସରକାରଙ୍କ କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ କରିବାକୁ ବାରମ୍ବାର ଚେଷ୍ଟା କରାଯାଉଥିଲେ ମଧ୍ୟ ତାହା ସମ୍ଭବ ହେଉନାହିଁ। ରାଜ୍ୟ ସରକାରଙ୍କ ତରଫରୁ କୌଣସି ଯୋଗାଯୋଗ ହୋଇପାରୁନାହିଁ। ଫଳରେ ସେମାନଙ୍କ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଥିବା ଯୋଗେନ୍ଦ୍ର କହିଛନ୍ତି। ସେହିପରି ତାମିଲନାଡୁର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ କହିବା କଥା, କମ୍ପାନୀ ପକ୍ଷରୁ ଥରେ ରାସନ ସାମଗ୍ରୀ ଦିଆଯାଇଥିଲା। ତାହା ଶେଷ ହେବାକୁ ବସିଲାଣି। ୧୫ଦିନ ହେଲା ସବୁକିଛି ନିଜ ହାତରୁ ଖର୍ଚ୍ଚ କରିବାକୁ ପଡୁଛି। ୮ ଦିନ ତଳେ କେତେଜଣ ପୋଲିସ କର୍ମଚାରୀ ଆସି ତଥ୍ୟ ସଂଗ୍ରହ କରି ନେଇଥିଲେ। ଏହାର କାରଣ ପଚାରିବାରୁ ଓଡ଼ିଶା ସରକାର ତଥ୍ୟ ମାଗିଥିବା ସେମାନେ କହିଥିଲେ। ତୁରନ୍ତ ସହାୟତାର ହାତ ବଢ଼ାଇବାକୁ ସମ୍ପୃକ୍ତ ଶ୍ରମିକମାନେ ଦାବି କରିଛନ୍ତି।

## ଭୁବନେଶ୍ୱର ଫେରନ୍ତା ଯୁବତୀଙ୍କୁ ମାଡ଼
### ଯୁବକ ଥାନାରେ ଅଟକ

**ରସୁଲପୁର, ୧୭।୪(ଡିଏନଏ):** ଯାଜପୁର ଜିଲା ରସୁଲପୁର ବ୍ଲକ ଅରଡିଆ-କୁସୁନପୁର ଗ୍ରାମର ଦଳିତ ସାହିର ଜଣେ ଯୁବତୀ ଭୁବନେଶ୍ୱରରେ ରହି ପାଠପଢୁଥିବାବେଳେ ସେ ଗତ ୧୫ ତାରିଖରେ ଘରକୁ ଫେରିଥିଲେ। ତାଙ୍କଠାରେ କରୋନା ଲକ୍ଷଣ ପରିଲକ୍ଷିତ ହେଉ ନ ଥିବାରୁ ସ୍ୱାସ୍ଥ୍ୟ ଟିମ୍ ପକ୍ଷରୁ ତାଙ୍କୁ ୧୪ ଦିନ ହୋମ କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଥିଲା। ତେବେ ଶୁକ୍ରବାର ସକାଳୁ ସେ ପରିବାର ଲୋକଙ୍କ ସହିତ ବାହାରକୁ ଆସିଥିବାବେଳେ ତାଙ୍କୁ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ବିରୋଧ କରିଥିଲେ। ଯୁବତୀଙ୍କ ସମେତ ତାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଯୁବକମାନେ ଯୁବତୀ ଓ ତାଙ୍କ ପରିବାର ଲୋକଙ୍କୁ ମାଡ଼ ମାରି ଆହତ କରିଥିଲେ। କୁଆଖିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଦଳିତ ପରିବାରକୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲା। ପୋଲିସ ଏହି ଘଟଣାରେ ଜଣେ ଯୁବକଙ୍କୁ ଅଟକ ରଖି ପଚରା ଉଚୁରା କରୁଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ମନୋଜ କୁମାର ସ୍ୱାଇଁ କହିଛନ୍ତି।

## ସଫେଇ କର୍ମଚାରୀଙ୍କୁ ବି ଛାଡ଼ିଲାନି ପୋଲିସ
### ମାଡ଼ ପ୍ରତିବାଦରେ କାର୍ଯ୍ୟବନ୍ଦ, ମିଳିଲା କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି



ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ସଫେଇ କର୍ମଚାରୀମାନେ।

ଫୁଲବାଣୀ ଅଫିସ, ୧୭।୪

ଲକ୍‌ଡାଉନ୍‌ରେ ସାମାଜିକ ଦୂରତ୍ୱ ରକ୍ଷା କରିବା ନିମନ୍ତେ ପୋଲିସ ବିଭାଗର କେତେଜଣ ତଳିଆ କର୍ମଚାରୀ କିଛି ନ ବୁଝି ଲୋକଙ୍କୁ ମାଡ଼ ମାରୁଛନ୍ତି। ଶୁକ୍ରବାର ଫୁଲବାଣୀ ପୌର ପରିଷଦର ଜଣେ କର୍ମଚାରୀଙ୍କୁ ମାଡ଼ ମରାଯାଇଛି। ଏହାର ପ୍ରତିବାଦରେ ପୌର ପରିଷଦର ସଫେଇ କର୍ମଚାରୀମାନେ ଆଉ କାର୍ଯ୍ୟ କରିବେ ନାହିଁ ବୋଲି ଅଡ଼ି ବସିଥିଲେ। ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସମସ୍ୟା ସମାଧାନ ହୋଇଛି।

ଫୁଲବାଣୀ ହନୁମାନ ମନ୍ଦିର ଛକ ନିକଟରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ସଫେଇ ସୁପରଭାଇଜର ଅନିରୁଦ୍ଧ ମୁଖୀ କାମ ତଦାରଖ କରୁଥିଲେ। ସେଠାରେ ଥିବା ୨ ଜଣ କନଷ୍ଟେବଳ ବାହାରେ ବୁଲୁଥିବାରୁ ଅନିରୁଦ୍ଧଙ୍କୁ ମାଡ଼ ମାରିଥିଲେ। ଅନିରୁଦ୍ଧ ତାଙ୍କ ପରିଚୟପତ୍ର ଦେଖାଇଥିଲେ ମଧ୍ୟ ସେମାନେ ତାହାକୁ ଦେଖି ନ ଥିଲେ। ଏହାପରେ ଅନିରୁଦ୍ଧ ଆସି ପୌର ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। କଥା ପ୍ରଘଟ ହେବାରୁ ସମସ୍ତ ସଫେଇ କର୍ମଚାରୀ କାମ ବନ୍ଦ କରି ପୌର କାର୍ଯ୍ୟାଳୟକୁ ଆସି ଏହି ଘଟଣା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ପୌର ନିର୍ବାହୀ ଅଧିକାରୀ ବଳଦେବ ବେହେରା ଏ ସମ୍ପର୍କରେ ଉପଜିଲାପାଳଙ୍କୁ ସୂଚନା ଦେଇଥିଲେ। ଉପ ଜିଲାପାଳ ଏ ସମ୍ପର୍କରେ ଫୁଲବାଣୀ ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁଙ୍କୁ ଜଣାଇଥିଲେ। ଏସ୍‌ଡିପିଓ ମୁର୍ମୁ ପୌର କାର୍ଯ୍ୟାଳୟରେ ପହଞ୍ଚି ସଫେଇ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ସଫେଇ କର୍ମଚାରୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ।

## ପୂର୍ବତନ ମନ୍ତ୍ରୀ ସହରାଇ ଓରାମଙ୍କ ପରଲୋକ

କେନ୍ଦୁଝର/ବଡ଼ବିଲ, ୧୭।୪(ସ୍ୱ.ପ୍ର.)



ସହରାଇ ଓରାମ (ଫାଇଲ ଫଟୋ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଏକାନ୍ତ ଅନୁଗତ କୁହାଯାଉଥିବା ପୂର୍ବତନ ମନ୍ତ୍ରୀ ତଥା ଚମ୍ପୁଆ ନିର୍ବାଚନମଣ୍ଡଳୀର ପ୍ରାକ୍ତନ ବିଧାୟକ ସହରାଇ ଓରାମଙ୍କ ଶୁକ୍ରବାର ଅପରାହ୍ନରେ ତାଙ୍କ ବଡ଼ବିଲ ଭଦ୍ରାସାହି ସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ସେ କିଛି ମାସ ହେଲା ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ନିର୍ଭୀକ ଆଦିବାସୀ ନେତା ଭାବରେ ପରିଚିତ ସହରାଇ ବିଜେଡି ଗଠନରେ ପ୍ରମୁଖ ଭୂମିକା ନେଇଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି।

ସହରାଇଙ୍କ ନିଜ ଘର ଚମ୍ପୁଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଂସେଇକଳା ପଞ୍ଚାୟତ ନାରାୟଣପୁର ସ୍ଥିତ କିତିରିମିଳା ଗ୍ରାମରେ। ସେ ଚମ୍ପୁଆ ନିର୍ବାଚନ ମଣ୍ଡଳୀରୁ ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ୩ ଥର ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ନୀଳମଣି ରାଉତରାୟଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ମତ୍ସ୍ୟ ବିଭାଗ ମନ୍ତ୍ରୀ, ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରିତ୍ୱରେ ଉପ ଖଣି ବିଭାଗ ମନ୍ତ୍ରୀ ଓ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସହରାଇଙ୍କ ଶେଷ ଦର୍ଶନ ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିଛନ୍ତି।

## ଗଞ୍ଜାମରୁ ଭୁବନେଶ୍ୱର ଯିବା ମନା
### ୨ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ

**ଛତ୍ରପୁର, ୧୭।୪(ଡି.ଏନ୍.ଏ.):** ରାଜ୍ୟରେ ସର୍ବାଧିକ କରୋନା ଆକ୍ରାନ୍ତ ଭୁବନେଶ୍ୱରରେ ଚିହ୍ନଟ ହୋଇଥିବାରୁ ଖୋର୍ଦ୍ଧା ଜିଲାକୁ ହଟ୍‌ସ୍ପଟ ଅଞ୍ଚଳ ଭାବେ ସରକାର ଘୋଷଣା କରିଛନ୍ତି। ତେଣୁ ଭୁବନେଶ୍ୱର ପଟୁ ଆସୁଥିବା ଲୋକ ଓ ଅଧିକାରୀଙ୍କ ଉପରେ ଗଞ୍ଜାମ ଜିଲା ପ୍ରଶାସନ ନଜର ରଖିଛି। ଜରୁରୀ କାର୍ଯ୍ୟ ନ ଥିଲେ ଗଞ୍ଜାମକୁ କାହାରିକୁ ପ୍ରବେଶ କରାଇ ଦିଆଯାଉନି। ସେହିପରି ବର୍ତ୍ତମାନ ସମୟରେ ଜିଲାରୁ ଆଉ କେହି ଭୁବନେଶ୍ୱର ଯିବେନି ବୋଲି ଯୋଗାଯୋଗ ବେଳେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। କେତେଜଣ ଅଧିକାରୀ ଭୁବନେଶ୍ୱର ଯାଇ ଲକଡାଉନ୍ ଯୋଗୁ ଫସି ରହିଥିଲେ। ପରେ ସେମାନେ ଗଞ୍ଜାମ ଫେରିଥିଲେ। ତେବେ ସମସ୍ତ ପ୍ରତିଷେଧମୂଳକ ପଦକ୍ଷେପ ନିଆଯାଇଥିବାରୁ ସେମାନଙ୍କ ଦ୍ୱାରା ସଂକ୍ରମଣ ଆଶଙ୍କା ନାହିଁ ବୋଲି ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ଅନୁମତି ନ ନେଇ ଓ ନ ଜଣାଇ ଭୁବନେଶ୍ୱର ଯାଇଥିବା ୨ ଜଣ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

## ଲାଗିଲା କଟକଣା: ସମୁଦ୍ରରୁ ମାଛ ଧରା ୨ ମାସ ବନ୍ଦ

ପାରାଦୀପ, ୧୭।୪ (ସ୍ୱ.ପ୍ର.)

କରୋନା ଭୂତାଣୁ ପ୍ରତିହତ କରିବା ପାଇଁ ସାରା ଦେଶରେ ଲକ୍‌ଡାଉନ୍ ଜାରି ରହିଥିବା ବେଳେ ଏବେ କେତେକ କ୍ଷେତ୍ରରେ ନିୟମ କୋହଳ କରାଯାଇଛି। ସେଥିମଧ୍ୟରେ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ମାଛ ଧରିବାକୁ ଯାଇପାରିବେ ବୋଲି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଘୋଷଣା କରିଛନ୍ତି। କିନ୍ତୁ ଅନ୍ୟପଟେ ରାଜ୍ୟ ମତ୍ସ୍ୟ ବିଭାଗ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ୨ ମାସ ପାଇଁ ମାଛଧରା ଉପରେ କଟକଣା ଜାରି କରାଯାଇଛି। ଗତ ୯ ତାରିଖରେ ମତ୍ସ୍ୟ ବିଭାଗ ବିଜ୍ଞପ୍ତି ନଂ. ୫୯୯ରେ ଦର୍ଶାଇଛନ୍ତି ଯେ, ଓଡ଼ିଶା ସାମୁଦ୍ରିକ ମାଛଧରା ନିୟମ ଅନୁସାରେ ଏପ୍ରିଲ ୧୫ରୁ ଜୁନ୍ ୧୬ ତାରିଖ ପର୍ଯ୍ୟନ୍ତ ସାମୁଦ୍ରିକ ମାଛଧରା ଉପରେ କଟକଣା ଲାଗୁ କରାଗଲା। ଏହି ସମୟ ମଧ୍ୟରେ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଯାଇପାରିବେ ନାହିଁ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ଅନ୍ୟପଟେ କରୋନା ପାଇଁ ବିଦେଶକୁ ମାଛ ରପ୍ତାନି ହୋଇପାରୁ ନ ଥିବାରୁ ଗତ ୨୦ ତାରିଖରୁ ମାଛଧରା ବନ୍ଦ ରହିଥିବା ବେଳେ ମତ୍ସ୍ୟ ବିଭାଗ କଟକଣା ଯୋଗୁ ମତ୍ସ୍ୟଜୀବୀମାନେ ଏବେ ବି ସମୁଦ୍ରକୁ ଯାଇପାରିବେ ନାହିଁ ବୋଲି ମାଛଧରା ଟ୍ରଲର ମାଲିକ ଅରବିନ୍ଦ ସ୍ୱାଇଁ କହିଛନ୍ତି।

## ପଶୁପକ୍ଷୀଙ୍କୁ ବଣ୍ଟାହେଲା ଜବତ ଜଳଖିଆ, ମିଠା

### ୩ ଜଳଖିଆ ଦୋକାନ ସିଲ୍ କଲା ପ୍ରଶାସନ

ଯାଜପୁର ଅଫିସ, ୧୭।୪



ଜଳଖିଆ ଦୋକାନ ସିଲ୍ କରାଯାଉଛି।

ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ଦର୍ପଣୀଗଡ଼ ବଜାରରେ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଚଢାଉ କରି ୩ଟି ଦୋକାନକୁ ସିଲ କରାଯାଇଛି। ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଓ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ବଜାରରେ ସାମାଜିକ ଦୂରତା ଓ ନିଷିଦ୍ଧ ଦୋକାନଗୁଡ଼ିକ ସଂକ୍ରାନ୍ତରେ ଅନୁଧ୍ୟାନ କରିବା ସହ ଅଯଥା ବାଇକ ଧରି ବୁଲୁଥିବା ଅମାନିଆଙ୍କୁ ସାବାଡ଼ କରିଥିଲେ। ଜଳଖିଆ ଦୋକାନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ବିଜୟ କୁମାର ସାହୁ ଓ ଚଇନ ବାରିକଙ୍କ ଦୋକାନରେ ଜଳଖିଆ ବିକ୍ରି ଅଭିଯୋଗ ପାଇ ତାହାର ସତ୍ୟତା ପରଖି ଦୋକାନ ଦୁଇଟିକୁ ସିଲ କରି ଦେଇଥିଲେ। ସେହିପରି ସୁଧାକର ବାରିକଙ୍କ ସେଲୁନ୍‌କୁ ମଧ୍ୟ ସିଲ କରାଯାଇଥିଲା। ସମସ୍ତ ଦୋକାନୀ ଯେପରି ସାମାଜିକ ଦୂରତା ବଜାୟ ରଖନ୍ତି, ସେଥିପାଇଁ ସେମାନଙ୍କୁ ସଚେତନ କରାଯାଇଥିଲା। ଅପରପକ୍ଷେ ଜବତ ବରା, ଗୁଲଗୁଲା, ମିଠାକୁ କୁକୁର, ମାଙ୍କଡ ଓ ପଶୁପକ୍ଷୀଙ୍କୁ ବଣ୍ଟନ କରାଯାଇଥିଲା। ଏହି ଚଢ଼ାଉରେ ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ତହସିଲଦାର ବରଣେନ୍ଦୁ ମହାନ୍ତି, ବଡ଼ଚଣା ଥାନା ଇନ୍ସପେକ୍ଟର ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ।

## ଆଇଆଇସିଙ୍କ ସମେତ ୬ ଆହତ

### ଥାନାରେ ଯୁବକଙ୍କ ଉନ୍ମତ୍ତକାଣ୍ଡ

ରଣପୁର, ୧୭।୪(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ଥାନାରେ ଶୁକ୍ରବାର ଜଣେ ନିଶାଗ୍ରସ୍ତ ଯୁବକ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ଯୁବକଙ୍କ ଆକ୍ରମଣରେ ଥାନା ଆଇଆଇସି ରଶ୍ମିରଞ୍ଜନ ଦାଶଙ୍କ ସମେତ ୨ଜଣ ପୁରୁଷ ଓ ଜଣେ ମହିଳା କନ୍‌ଷ୍ଟେବଳ, ୨ଜଣ ହୋମଗାର୍ଡ ଆହତ ହୋଇଛନ୍ତି। ସମସ୍ତେ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ତେବେ ହୋମଗାର୍ଡ କେଦାରନାଥ ନାୟକଙ୍କ ଅବସ୍ଥା ଗୁରୁତର ରହିଛି। ପୋଲିସଠାରୁ ମିଳିଥିବା ସୂଚନା ଅନୁସାରେ ରଣପୁର ଖୁଣ୍ଟିଆ ସାହିରି ଗଣେଶ ପ୍ରଧାନ (୩୫) ରଣପୁର ବଜାରରେ ଏକ ପାନ ଦୋକାନ କରି ଚଳୁଥିଲେ। ତେବେ କିଛିମାସ ହେବ ସେ ପାନ ଦୋକାନ ବନ୍ଦ କରି ଏଣେତେଣେ ବୁଲୁଥିଲେ। ଗୁରୁବାର ରାତି ପ୍ରାୟ ୯ଟାରେ ରଣପୁର ଥାନା ସମ୍ମୁଖରେ ଗଣେଶ ନିଶା ସେବନ କରି ପୋଲିସକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରି ସମୟରେ ହୋମଗାର୍ଡ କେଦାରନାଥ ପ୍ରତିବାଦ କରିବାରୁ ସେ ତାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଶୁକ୍ରବାର ପୋଲିସ ଗଣେଶଙ୍କୁ ତାଙ୍କ ଘରୁ ଧରିଆଣି ଅଟକ ରଖିଥିଲା। ତେବେ ଥାନା ଭିତରେ ଗଣେଶ ଆଇଆଇସିଙ୍କ ସମେତ ଅନ୍ୟମାନଙ୍କୁ କାମୁଡାକାମୁଡି ସହ ମାରପିଟ୍ କରି ଫେରାର ହେବାକୁ ଉଦ୍ୟମ କରିଥିଲେ। ପୋଲିସ ୧୧୧/୨୦ରେ ଏକ ମାମଲା ରୁଜୁ କରି ଗଣେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି।

## ମତ୍ସ୍ୟ ଓ ପ୍ରାଣୀ ସମ୍ପଦ କ୍ଷେତ୍ର ସ୍ୱାଭାବିକ ସ୍ଥିତିକୁ ଫେରିବ: ମନ୍ତ୍ରୀ
### ଅଧିକାରୀ ଓ କର୍ମଚାରୀଙ୍କୁ ସଦର ମହକୁମା ନ ଛାଡ଼ିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭।୪(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗତ ୧୩ତାରିଖରୁ କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ର ଯଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ କ୍ଷେତ୍ରକୁ ଲକ୍‌ଡାଉନ୍ କଟକଣାରୁ ମୁକ୍ତ ରଖାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟ ଆରମ୍ଭ ହୋଇଛି। ମାଛ, ମାଂସ, ଅଣ୍ଡା, ଦୁଗ୍ଧ ଆଦିକୁ ଅତ୍ୟାବଶ୍ୟକ ଦ୍ରବ୍ୟଭାବେ ଘୋଷଣା କରାଯିବା ସହ ଏହାର ଉତ୍ପାଦନ, ବିକ୍ରିବଟା ଓ ପରିବହନକୁ କୋହଳ କରାଯାଇଛି। ଆସନ୍ତା ଦିନରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ କ୍ଷେତ୍ରକୁ ତା'ର ସ୍ୱାଭାବିକ ସ୍ଥିତିକୁ ଫେରାଇ ଆଣିବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି।

ଲୋକସେବା ଭବନଠାରେ ଶୁକ୍ରବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆୟୋଜିତ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ସାହୁ କହିଛନ୍ତି, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଓ ମତ୍ସ୍ୟ ଅଧିକାରୀଙ୍କ ସହିତ ଜିଲାର ସଦ୍ୟତମ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଜିଲାରେ ମାଛଚାଷ, ମାଛଧରା ଓ ଏହାର ବିକ୍ରି ଏବଂ ପ୍ରାଣୀ ପାଳନ ଏବଂ ପ୍ରାଣୀ ଚିକିତ୍ସାଳୟ ଆଦି କ୍ଷେତ୍ର ଖୋଲା ରହିବା ସରକାରଙ୍କ ଦ୍ୱାରା ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ସାମାଜିକ ଦୂରତ୍ୱ ନିୟମକୁ ମାନି ଆନୁଷଙ୍ଗିକ କ୍ଷେତ୍ରର ସମସ୍ତ କାର୍ଯ୍ୟ କରାଯିବ। ପଞ୍ଚାୟତସ୍ତରରେ ଥିବା ସମସ୍ତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଅଧୀନରେ ଥିବା କାର୍ଯ୍ୟାଳୟଗୁଡ଼ିକ ପୂର୍ବପରି କାର୍ଯ୍ୟ କରିବ।

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ କମିଶନର ଆର୍. ରଘୁପ୍ରସାଦ କହିଛନ୍ତି ଯେ, ଜିଲାସ୍ତରରେ ଥିବା ସମସ୍ତ ମତ୍ସ୍ୟ ଓ ପ୍ରାଣୀଜାତ ଦ୍ରବ୍ୟର ଉତ୍ପାଦନ, ସଂଗ୍ରହ, ପ୍ରକ୍ରିୟାକରଣ, ପରିବହନ ଓ ବିକ୍ରିବଟା ଆଦି ପୂର୍ବଭଳି ଚାଲୁ ରହିବ। ଗୋଖାଦ୍ୟ, କୁକୁଡ଼ା ଖାଦ୍ୟ, ମାଛଚାଷ ଆଦି ଅତ୍ୟାବଶ୍ୟକ ଖାଦ୍ୟର ଉତ୍ପାଦନ ଏବଂ ବିକ୍ରିବଟା କାର୍ଯ୍ୟ ଚାଲୁରହିବ। ସମସ୍ତ ପ୍ରାଣୀ ଚିକିତ୍ସାଳୟ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ବ୍ୟବସ୍ଥା, ଲାଇଭ୍‌ଷ୍ଟକ୍ ସେଣ୍ଟର, କୃତ୍ରିମ ପ୍ରଜନନ କେନ୍ଦ୍ର, ଟିକାକରଣ ଆଦି ସମସ୍ତ ପ୍ରାଣୀ ସମ୍ପଦ ସେବା ବ୍ୟବସ୍ଥା ଖୋଲାରହିବ।

## ରାଇପଡ଼ା ହତ୍ୟା ଘଟଣା: ୨ ଭାଇ ଜେଲ ଗଲେ



ରଣପୁର, ୧୭।୪(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ତହସିଲ ଚାନ୍ଦପୁର ଥାନାର ରାଇପଡା ଗାଁରେ କାଜୁ ଜଙ୍ଗଲକୁ ନେଇ ଦୁଇ ଆଦିବାସୀଙ୍କ ହତ୍ୟା ଘଟଣାରେ ପୋଲିସ ନୂଆସାହିର ଦୁଇଭାଇ ବିକାଶ ଜେନା ଓ ପ୍ରକାଶ ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଗତ ୧୦ତାରିଖରେ କାଜୁ ଜଙ୍ଗଲ ବିବାଦ ଘଟଣାରେ ନୂଆସାହି ଲୋକଙ୍କ ଆକ୍ରମଣରେ ଆଦିବାସୀ ସାହିର ଦୁର୍ଗା ପ୍ରଧାନ(୫୦) ଓ ବିରଞ୍ଚି ପ୍ରଧାନ(୫୫) ପ୍ରାଣ ହରାଇଥିଲେ। ଏଥିରେ ଅନ୍ୟ ୨୩ଜଣ ଆହତ ହୋଇଥିଲେ। ଏହି ଘଟଣାରେ ପୂର୍ବରୁ ଜଣେ ଗିରଫ ହୋଇଥିଲେ।

## ସ୍ୱାବ୍ ପରୀକ୍ଷା ପାଇଁ ୪ ବ୍ୟକ୍ତିଙ୍କୁ ନିଆଗଲା ମେଡିକାଲ

**କୁଜଙ୍ଗ, ୧୭।୪(ଡି.ଏନ.ଏ.):** କୁଜଙ୍ଗ ବ୍ଲକ ଅଧୀନ ବାଗୋଇ ଗ୍ରାମର ୪ଜଣ ବ୍ୟକ୍ତିଙ୍କୁ କରୋନା ସନ୍ଦିଗ୍ଧ ଭାବେ ଚିହ୍ନଟ କରାଯାଇଛି। ତେଣୁ ସେମାନଙ୍କ ସ୍ୱାବ୍ ପରୀକ୍ଷା ପାଇଁ ସମସ୍ତଙ୍କୁ ଶୁକ୍ରବାର ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଠାରେ ସେମାନଙ୍କ ସ୍ୱାବ୍ ପରୀକ୍ଷା କରାଯିବ। ଯଦି କେହି ପଜିଟିଭ ଚିହ୍ନଟ ହୁଅନ୍ତି ତେବେ ଚିକିତ୍ସା କରାଯିବ ବୋଲି ସୂଚନା ମିଳିଛି। ଅଙ୍ଗନୱାଡି କର୍ମୀମାନେ ଏମାନଙ୍କୁ ସନ୍ଦିଗ୍ଧଭାବେ ଚିହ୍ନଟ କରିଥିଲେ। ସୂଚନା ଅନୁସାରେ, ଉକ୍ତ ବ୍ୟକ୍ତି ଭୁବନେଶ୍ୱରରେ ରୁହନ୍ତି। ତେବେ ସେଠାରୁ କେବେ ଫେରିଛନ୍ତି ସେ ସମ୍ପର୍କରେ ଏବେ ତଥ୍ୟ ସଂଗ୍ରହ କରାଯାଉଛି। ପରୀକ୍ଷା ପାଇଁ ଯାଇଥିବା ୪ ବ୍ୟକ୍ତି ଗୋଟିଏ ପରିବାର ବୋଲି ଜଣାପଡ଼ିଛି। କୁଜଙ୍ଗ ଥାନା ଅଧିକାରୀ ଦିଲୀପ ସାହୁ ତାଙ୍କ ଟିମ୍ ଉକ୍ତ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

## କର୍ତ୍ତବ୍ୟରେ ଅବହେଳା: ଏବିଡିଓ ନିଲମ୍ବିତ

**ବିଞ୍ଝାରପୁର, ୧୭।୪ (ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଏବିଡିଓ ଜ୍ଞାନେନ୍ଦ୍ର ଲେଙ୍କାଙ୍କୁ କର୍ତ୍ତବ୍ୟରେ ଅବହେଳା ପାଇଁ ଗତ ୧୫ ତାରିଖ ନିଲମ୍ବନ କରାଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବଙ୍କ ପତ୍ର ସଂଖ୍ୟା-୭୫୨୭/୨୦ ଅନୁଯାୟୀ ଏହି ନିଲମ୍ବନ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶଥାଉ କି, ଏବିଡିଓ ଲେଙ୍କା ବିନା ସୂଚନାରେ ଗତ ମାର୍ଚ୍ଚ ୨୦ରୁ ୨୯ତାରିଖ ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିଥିଲେ। ଏଥିଯୋଗୁ ତାଙ୍କୁ ନିଲମ୍ବିତ କରାଯିବା ସହ ତୁରନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ସୀମା ପାରିହେଉଥିବା ୧୧ ବଙ୍ଗୀୟ ଶ୍ରମିକ ଧରାପଡ଼ିଲେ

### ବୋଲେରୋ ଜବତ, ସମସ୍ତେ କ୍ୱାରାଣ୍ଟାଇନ୍‌ରେ

ଭୋଗରାଇ, ୧୭।୪(ଡି.ଏନ୍.ଏ.)



ସିଜ୍ ହୋଇଥିବା ବୋଲେରୋ କମର୍ଦ୍ଧା ଥାନାରେ ଅଟକ।

କରୋନା ଲାଗି ସମଗ୍ର ଦେଶ ଲକ୍‌ଡାଉନ୍ ଥିବାବେଳେ ଗତ ଗୁରୁବାର ରାତିରେ ଏକ ବୋଲେରୋରେ ବାଲେଶ୍ୱର ଜିଲା ଭୋଗରାଇ ସୀମାନ୍ତ ପାରିହେଉଥିବା ୧୧ଜଣ ବଙ୍ଗୀୟ ଶ୍ରମିକ ପୋଲିସ ହାତରେ ଧରାପଡ଼ିଛନ୍ତି। ବୋଲେରୋକୁ ଜବତ କରାଯାଇ ସମସ୍ତଙ୍କୁ କମର୍ଦ୍ଧା ଜଗନ୍ନାଥ ସରକାରୀ ଉଚ୍ଚବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖି ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଛି।

ବୋଲେରୋ ଡ୍ରାଇଭର ଗାଡ଼ି ସମ୍ମୁଖରେ କମିଶନରେଟ୍ ପୋଲିସ ଲେଖି ଭୁବନେଶ୍ୱର-କଟକରେ କାର୍ଯ୍ୟରତ ବଙ୍ଗୀୟ ଶ୍ରମିକଙ୍କୁ ବସାଇ ଚତୁରତାର ସହ ଖସି ପଳାଉଥିବା ବେଳେ ପାଟ୍ରୋଲିଂ କରୁଥିବା ପୋଲିସ ଓ ଡାକ୍ତରଙ୍କ ହାବୁଡ଼ରେ ପଡ଼ିଥିଲେ। ଉକ୍ତ ଗାଡ଼ିରେ ଡ୍ରାଇଭରଙ୍କ ସହ ୧୦ଜଣ ବସିଯାଉଥିବା ସନ୍ଦେହ ଘେରକୁ ଆସିବାରୁ ପୋଲିସ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ସମସ୍ତ କାଗଜପତ୍ର ନକଲି ଥିବାରୁ ସେମାନଙ୍କୁ ଅଟକାଯାଇ କ୍ୱାରାଣ୍ଟାଇନରେ ରଖାଯାଇ ଚିକିତ୍ସା କରାଯାଉଛି। ଲକ୍‌ଡାଉନ ନିୟମ ଉଲ୍ଲଂଘନ ଅଭିଯୋଗରେ କମର୍ଦ୍ଧା ପୋଲିସ ଏକ ମାମଲା (ନଂ. ୩୬/୨୦) ରୁଜୁ କରି ଗାଡ଼ିକୁ ସିଜ୍ କରିଛି। ଅପରପକ୍ଷେ ଭିନ୍ନ ରାଜ୍ୟରେ ଫସିଥିବା ବାଲେଶ୍ୱର ଜିଲା ସମେତ ପଡ଼ୋଶୀ ପଶ୍ଚିମବଙ୍ଗର ବହୁ ବ୍ୟକ୍ତି ଆନ୍ଧ୍ର ମାଛ ଓ ଅଣ୍ଡା ଗାଡ଼ିରେ ଲୁଚି ପଳାଇ ଆସୁଥିବା ଖବର ମିଳୁଛି। ଗୁରୁବାର ରାତିରେ ଭୋଗରାଇ ଅଞ୍ଚଳର ବହୁ ଯୁବକ ଲୁଚି ପଳାଇ ଆସିଥିଲେ। ଏନେଇ ଗାଁ ଲୋକେ ଡାକ୍ତରଖାନା, ପ୍ରଶାସନ ଓ ପୋଲିସକୁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ମାସ୍କ ନ ପିନ୍ଧି ତଣ୍ଡ ଗଣିଲେ ୪୦ ଅମାନିଆ

**କାଶୀନଗର, ୧୭।୪(ଡି.ଏନ୍.ଏ.):** ସରକାର ମାସ୍କ ବ୍ୟବହାରକୁ ବାଧ୍ୟତାମୂଳକ କରିଥିଲେ ମଧ ଅନେକ ଲୋକ ଏହାକୁ ବେଖାତିର କରୁଛନ୍ତି। ଗଜପତି ଜିଲା କାଶୀନଗର ଅଞ୍ଚଳରେ ଏଭଳି ୪୦ ଅମାନିଆ ନିୟମକୁ ବେଖାତିର କରି ଶୁକ୍ରବାର ତଣ୍ଡ ଗଣିଛନ୍ତି। ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଏସ୍ଆଇ ଟି. ରାଙ୍ଗାବାବୁ, ମମତା ପଣ୍ଡା ଏବଂ ଟିମ୍ ବିଭିନ୍ନ ସ୍ଥାନରେ ଯାଞ୍ଚ କରି ମାସ୍କ ବ୍ୟବହାର କରୁ ନ ଥିବା ୪୦ ଜଣଙ୍କୁ ଥାନାକୁ ଆଣି ୨୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରିଥିଲେ। ଜିଲା ପ୍ରଶାସନ ନିର୍ଦ୍ଦେଶରେ କାଶୀନଗର ପୋଲିସ ମାସ୍କ ପିନ୍ଧୁ ନ ଥିବା ଲୋକଙ୍କ ଉପରେ କଡ଼ା ନଜର ରଖିଛି।

### ନକଲି ମଦ ପ୍ରସ୍ତୁତି ସରଞ୍ଜାମ ଜବତ

**ଭୁବନ, ୧୭।୪(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ଅଧୀନ ୧୫ନଂ. ୱାର୍ଡର ବିଷ୍ଣୁ ଗୁରୁଙ୍କ ଘରୁ ଶୁକ୍ରବାର ଭୋର୍ ସମୟରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ନକଲି ମଦ ପ୍ରସ୍ତୁତି ସରଞ୍ଜାମ ଜବତ କରିଛି। ଏସ୍ଡିପିଓ ସୁପ୍ରସନ୍ନ ମଲ୍ଲିକ, ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ଘଟଣାସ୍ଥଳରୁ ୫୩୮ଟି ନକଲି ବୋତଲ, ଲେଭଲ୍, ଠିପି, ରାସାୟନିକ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତ ଫେରାର ଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

### ଟ୍ରକ୍ ଧକ୍କାରେ ଜଣେ ମୃତ

**ବଅଁରପାଳ, ୧୭।୪(ଡି.ଏନ.ଏ.):** ଅନୁଗୋଳ ଜିଲା ୧୪୯ନଂ. ଜାତୀୟ ରାଜପଥର ବଅଁରପାଳ ଓଭରବ୍ରିଜ୍ ନିକଟରେ ଶୁକ୍ରବାର ଏକ ଟ୍ରକ୍ ଧକ୍କାରେ ତାଳଚେର ବଡଦାଣ୍ଡସାହିର ଅଶୋକ ଦାସଙ୍କ ମୃତ୍ୟୁ ଘଟିଛି। ଅଶୋକ ଓ ଅନ୍ୟ ଜଣେ ବାଇକରେ ଯାଉଥିବାବେଳେ ଟ୍ରକ୍ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଅଶୋକଙ୍କ ମୃତ୍ୟୁ ହୋଇଥିଲା। ଗୁରୁତରଙ୍କୁ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

### ଲିଭାଗଲା ଇଟାଭାଟି ନିଆଁ

**କାମାକ୍ଷାନଗର, ୧୭।୪(ଡି.ଏନ.ଏ.):** ବେଆଇନ ଇଟାଭାଟି ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଢେଙ୍କାନାଳ ଜିଲା କାମାକ୍ଷାନଗର ତହସିଲ ପ୍ରଶାସନ। ଲକ୍ଡାଉନ୍ ସମୟରେ ଆଇନ ଉଲ୍ଲଂଘନ କରି ଇଟା ପୋଡ଼ା ଯାଉଥିବାବେଳେ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ନିଆଁ ଲିଭା ଯାଇଛି। ଖୁଣ୍ଟାପଶି, ନୂଆ ଆଳତୁମା ଏବଂ ବାଉଁଶପାଳର ୩ ଇଟାଭାଟି ଉପରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ତହସିଲଦାର ସଞ୍ଜୟ ରାଉତ କହିଛନ୍ତି।

# ଲକ୍ଡାଉନ୍ ହେଲା ଚାଷୀଙ୍କ ପାଇଁ କାଳ

**କୋକସରା, ୧୭।୪(ଡି.ଏନ.ଏ.)**

ପ୍ରଥମେ କରାବର୍ଷା ଓ ତାର କିଛିଦିନ ପରେ ଲକ୍ଡାଉନ କଳାହାଣ୍ଡି ଜିଲା କୋକସରା ବ୍ଲକର ପନିପରିବା ଓ ତରଭୁଜ ଚାଷୀଙ୍କ ପାଇଁ କାଳ ସାବ୍ୟସ୍ତ ହୋଇଛି। ଏଥିଯୋଗୁ ଶତାଧିକ ଚାଷୀ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ପନିପରିବା ସହିତ ତରଭୁଜ ଚାଷ କରି ଲାଭବାନ ହେବାକୁ ଚାଷୀମାନେ ଆଶା ବାନ୍ଧିଥିଲେ। ଏଥିପାଇଁ ଧାରକରଜ କରି ଚାଷ କାମ ଆରମ୍ଭ କରିଥିଲେ। ହେଲେ ଭାଗ୍ୟ ସାଥ୍ ଦେଲାନି। ଚାଷ ଆରମ୍ଭର କିଛିଦିନ ପରେ କରାବର୍ଷା ମାଡରେ ଚାଷ ନଷ୍ଟ ହୋଇଥିଲା। ତଥାପି ଚାଷୀମାନେ ମନକୁ ବୁଝାଇ ପୁଣିଥରେ ଉଜୁଡି ଯାଉଥିବା ଚାଷକୁ ସଜାଡି ଥିଲେ। ଜମିରେ ଦିନରାତି ଏକା କରି ପନିପରିବା ସହିତ ତରଭୁଜ ଫଳାଇବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ଝାଳବୁଝା ପରିଶ୍ରମ ଯୋଗୁ ଫସଲ ବି ଭଲ ହୋଇଥିଲା। ହେଲେ କରୋନା ଆତଙ୍କ ଏଡ଼ାଇବାକୁ ସରକାର ପକ୍ଷରୁ ଲକ୍ଡାଉନ ଘୋଷଣା ହେବା ପରେ ଚାଷୀମାନଙ୍କ ଚିନ୍ତା ବଢ଼ିଛି। ବ୍ୟବସାୟୀମାନେ ପନିପରିବା ନେବାକୁ ଆସୁନାହାନ୍ତି। ଫଳରେ ବିକ୍ରି ନ ହୋଇ ପନିପରିବା ଜମିରେ ସେମିତି ପଡି ରହିଛି। ତରଭୁଜର ଅବସ୍ଥା ବି ସେମିତି। ପ୍ରତିଦିନ ପନିପରିବା ସହିତ ତରଭୁଜ ପଚି ନଷ୍ଟ ହେଉଛି।

କୋକସରା ବ୍ଲକ ଏକ ଅଣ ଜଳସେଚିତ ଅଞ୍ଚଳ। ବ୍ଲକର ୪ ପଞ୍ଚାୟତର କେତେକ ଗ୍ରାମ ଡାଲୁଆ। ଏହାବ୍ୟତୀତ ବ୍ଲକର ଅନ୍ୟ ପଞ୍ଚାୟତରେ ଖରିଫ ଋତୁ ଧାନ ଅମଳ ସରିବା ପରେ ମୁଖ୍ୟତଃ ଚାଷୀମାନେ ଡାଲି ଜାତୀୟ ଫସଲ କରିଥାନ୍ତି। ମୁତ୍ରାନଦୀକୂଳିଆ ଅଞ୍ଚଳଥିବା ବଡପୋଡାଗୁଡା, ବାବେକୋରହା, ଭାଲିଆଯୋର, କାଉଡୋଲା ସୁନାମାଳ, ଗମ୍ଭାରିଗୁଡା, ମଜୁରସାଇ, ଫୁଟଗାଁ, ଡଙ୍ଗରିଗୁଡା ଓ କମଳନଦୀ କୂଳ ଆଦି ଅଞ୍ଚଳର ଚାଷୀମାନେ କୋବି, ଟମାଟୋ,ବାଇଗଣ, ଲଙ୍କା ମାଖନ, ଭେଣ୍ଡି, କଲରା, ମକା, ପିଆଜ, ତରଭୁଜ ଆଦି ଚାଷକରି ଜୀବାକା ନିର୍ବାହ କରିଥାନ୍ତି। ଚଳିତ ବର୍ଷ ମଧ୍ୟ ଶତାଧିକ ଚାଷୀଙ୍କ ପନିପରିବା ଚାଷ ଭଲ ହୋଇଥିଲା। ପ୍ରଥମେ କରାମାଡ ରେ ଚାଷ ନଷ୍ଟହୋଇ ଥିବାବେଳେ





- ଜମିରେ ପଚୁଛି ପନିପରିବା ଓ ତରଭୁଜ
- ହାଟ,ବଜାର ବନ୍ଦ ଯୋଗୁ ବ୍ୟବସାୟ ମାନ୍ଦା
- ଆସୁନାହାନ୍ତି ଅନ୍ୟ ଜିଲାର ବ୍ୟବସାୟୀ
- ଋଣ ଚିନ୍ତାରେ ଚାଷୀକୁଳ

ଏବେ ଲକ୍ ଡାଉନ ଯୋଗୁ ବିକ୍ରି ବନ୍ଦ ହୋଇଯାଇଛି। ଫଳରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷୀମାନେ କିପରି ଋଣ ପରିଶୋଧ କରିବେ ସେନେଇ ଚିନ୍ତାରେ ପଡିଛନ୍ତି। ଡଙ୍ଗରିଗୁଡାର ସହଦେବ ମାଝି କୁହନ୍ତି, ମୁଁ ୫ ଏକର ଜମିରେ ତରଭୁଜ ଚାଷ କରିଥିଲି। ଚଳିତ ବର୍ଷ ଲକ୍ଷାଧିକ ଟଙ୍କା ଲାଭ ହେବ ବୋଲି ଆଶା କରିଥିଲି। ସେଥିପାଇଁ ଦିନରାତି ତରଭୁଜ ବାଡିରେ ଶୋଇ ଭାଲୁ, ହେଟାବାଘ ଆଦି ବନ୍ୟଜନ୍ତୁଙ୍କ କବଳରୁ ତରଭୁଜ ଚାଷକୁ ବଞ୍ଚାଇ ରଖିଥିଲି। ହେଲେ ଲକ୍ଡାଉନ ଯୋଗୁ ମୋ ପରି ଅନେକ ଚାଷୀଙ୍କ ଆଶା ଭାଙ୍ଗି ଯାଇଛି। ଏବେ ମୁଖ୍ୟ ବଜାର ସହ କୋକସରା, ଆମପାଣି, ଲଦୁଗାଁ ଆଦି ସାପ୍ତାହିକ ବଜାର ୩ ସପ୍ତାହ ହେଲା ବନ୍ଦ ରହିଛି। ଗାଡ଼ି ମୋଟର ବନ୍ଦ ଯୋଗୁ ଅନ୍ୟ ଜିଲାର ବ୍ୟବସାୟୀମାନେ ଆସି ପାରୁନାହାନ୍ତି। ଫଳରେ ଜମିରେ ତରଭୁଜ ପଚି ନଷ୍ଟ ହେଉଛି। ସେହିପରି ଡଙ୍ଗରିଗୁଡ ଚାଷୀ ଉମାକାନ୍ତ କେତକୀଙ୍କ ତରଭୁଜ ଓ ପନିପରିବା ପଚି ନଷ୍ଟ ହେଉଥିବା କହିଛନ୍ତି। ସୁନାମାଳର ଚାଷୀ ଶୁକ୍ରୁ ଭାଟି, ଜୟସେନ ଭାଟି, ଭଳ ରୋତି, ବୈରାଗୀ ସାହୁ, ସୀମା ନାଏକ, ବିଦ୍ଧୁ ହଂସ ଆଦି ଚାଷୀଙ୍କ ପିଆଜ, ମକା, ପନିପରିବା ଆଦି ଲକ୍ଡାଉନ ଯୋଗୁ ବିକ୍ରି ନ ହୋଇ ପଡି ରହିଥିବା ଅଭିଯୋଗ କରିଛନ୍ତି। ଏପରି ଚାଷୀଙ୍କୁ ସରକାର କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏନେଇ କୋକସରା ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ତପନ କୁମାର ପାତ୍ର କୁହନ୍ତି, ପନିପରିବା ଚାଷ ପାଇଁ ବିଭାଗ ପକ୍ଷରୁ କୌଣସି କ୍ଷତିପୂରଣ ଦେବାର ବ୍ୟବସ୍ଥା ନାହିଁ। ଏ ନେଇ ଚାଷୀମାନେ ତହସିଲ କାର୍ଯ୍ୟାଳୟରେ ଆବେଦନ କରି ପାରିବେ ବୋଲି ସେ କହିଛନ୍ତି।

## ସ୍ୱାସ୍ଥ୍ୟ ବିଭାଗ ନେବ ୧୯,୯୯୦ ଘରର ସ୍ୱାସ୍ଥ୍ୟ ବିବରଣୀ

**ଜୟପୁର,୧୭।୪(ଡି.ଏନ୍.ଏ.)**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କୋରାପୁଟ ଜିଲା ଜୟପୁର ପୌରାଞ୍ଚଳର ପ୍ରତ୍ୟେକ ଘରର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ବିବରଣୀ ସଂଗ୍ରହ କରିବ ଜିଲା ସ୍ୱାସ୍ଥ୍ୟ ବିଭାଗ। ଜୟପୁର ପୌରାଞ୍ଚଳର ୨୮ଟି ୱାର୍ଡର ସାହି ଓ ବସ୍ତିରେ ରହୁଥିବା ୧୯,୯୯୦ଟି ଗୃହକୁ ଯାଇ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ବିବରଣୀ ସଂଗ୍ରହ କରିବେ ୪୧ ଜଣ ଅଙ୍ଗନୱାଡ଼ି ଓ ୭ ଜଣ ଆଶାକର୍ମୀ। ସହରର ସମସ୍ତ ସାଧାରଣ ଲୋକ ଓ ନାଗରିକଙ୍କ କାଶ, ଛିଙ୍କ, ଜ୍ୱର ଓ ଅନ୍ୟ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟ ୬ଦିନ ଭିତରେ ଜିଲା ସ୍ୱାସ୍ଥ୍ୟ ବିଭାଗ ନିକଟରେ ଦାଖଲ କରାଯିବ। ଜୟପୁର ସହରର ବିଭିନ୍ନ ୱାର୍ଡକୁ ନେଇ ୩ଟି ଜୋନରେ ବିଭକ୍ତ କରାଯାଇଛି। କୋଭିଡ୍-୧୯ ସଂକ୍ରମଣ ପରିସ୍ଥିତି ସୃଷ୍ଟି ହେଲେ ଉକ୍ତ ଜୋନକୁ ସିଲ୍ କରାଯିବ। ଏଭଳି ଆପତ୍ତ କାଳରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ସହ ପୌରସଂସ୍ଥା, ପୋଲିସ ଓ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। କରୋନୀ ସନ୍ଦିଗ୍ଧଙ୍କୁ କୋଭିଡ୍ ହସ୍ପିଟାଲରେ ପହଞ୍ଚାଇବା ଟାଏ ଏହି ଦଳ କାମ କରିବ। ସେହି ସମୟ ଭିତରେ ଦଳର କେହି ସଦସ୍ୟ ନିଜ ଘରକୁ ଯାଇପାରିବେ ନାହିଁ। ସେମାନଙ୍କର ରହିବା ଓ ଖାଇବାର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି।

**ରିପୋର୍ଟ ସଂଗ୍ରହ କରିବେ ୪୮ ଅଙ୍ଗନୱାଡ଼ି, ଆଶାକର୍ମୀ**



ଆଶା, ଅଙ୍ଗନୱାଡ଼ି କର୍ମୀ ଘର ଘର ବୁଲି ତଥ୍ୟ ନେଉଛନ୍ତି।

## ମହିଳାଙ୍କ ଶବଦାହ ପାଇଁ ଆସିଲେନି ସମ୍ପର୍କୀୟ

**ବରଗଡ଼ ଅଫିସ,୧୭।୪**

ଅନ୍ଧବିଶ୍ୱାସ, ସାମାଜିକ କୁସଂସ୍କାର ଏବେ ବି ମଣିଷ ମନରୁ ଦୂର ହୋଇ ପାରିନାହିଁ। ତାର ଏକ ଦୁଃଖଦ ଚିତ୍ର ବରଗଡ଼ ସହର ଉପକଣ୍ଠ ବରଡ଼ୋଲ ଗ୍ରାମରେ ଦେଖିବାକୁ ମିଳିଛି। ସେହି ଗାଁର ଏକ ପରିବାରର ଜଣେ ସଦସ୍ୟ କୁଷ୍ଠ ରୋଗରେ ଆକ୍ରାନ୍ତ ଥିଲେ। ହେଲେ ସେହି ପରିବାର ଅନ୍ୟ ଜଣେ ମହିଳା ଅସୁସ୍ଥ ଥିଲେ। ଶୁକ୍ରବାର ତାଙ୍କର ପରଲୋକ ଘଟିଥିଲା। ହେଲେ ସମ୍ପୃକ୍ତ ମହିଳାଙ୍କ ଶବଦାହ ପାଇଁ ସମ୍ପର୍କୀୟ କିମ୍ବା ସାହି ପଡ଼ିଶା ଲୋକ ଆସିଲେ ନାହିଁ। ଶେଷରେ ଶୁକ୍ରବାର ବରଗଡ଼ର ଏକ ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ସମ୍ପୃକ୍ତ ମହିଳାଙ୍କ ଶବଦାହ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ମୃତକ ହେଲେ ବରଡ଼ୋଲ ଗ୍ରାମର ମିଥିଳା ସାହୁ(୪୮)। ତାଙ୍କର ଜଣେ ବଡ଼ଭାଇ ବ୍ୟତୀତ ପରିବାରରେ ଆଉ କେହି ନାହାନ୍ତି। ମିଥିଳା ରୋଗାକ୍ରାନ୍ତ ଥିଲେ। ଶୁକ୍ରବାର ତାଙ୍କ ଦେହାନ୍ତ ହୋଇଥିଲା। ତେବେ ତାଙ୍କର ଜଣେ ସମ୍ପର୍କୀୟ କୁଷ୍ଠ ରୋଗରେ ଆକ୍ରାନ୍ତ ଥିବା ଯୋଗୁ ମିଥିଳାଙ୍କ ଶବ ସଂସ୍କାର ପାଇଁ କେହି ସମ୍ପର୍କୀୟ କିମ୍ବା ସାହି ପଡ଼ିଶା ଆସି ନ ଥିଲେ।



ସ୍ୱେଚ୍ଛାସେବୀମାନେ ଶବଦାହ କରୁଛନ୍ତି।

**ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଶେଷକୃତ୍ୟ ସମ୍ପନ୍ନ**

ପୋଲିସଠାରୁ ସୂଚନା ପାଇ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ପହଞ୍ଚି ଚାରିକାନ୍ଧ ଦେବା ସହିତ ସ୍ଥାନୀୟ ଜୀରାନଦୀ କୂଳ ସ୍ୱର୍ଗଦ୍ୱାରକୁ ମୃତଦେହ ନେଇଥିଲେ। ସେଠାରେ ମିଥିଳାଙ୍କ ଶେଷକୃତ ସମ୍ପନ୍ନ କରାଯାଇଥିଲା। ନିଷ୍ଠା ପରିବାରର ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ରୋହିତ ସାହୁ, କ୍ଷୀରୋଦ୍ର ସାହୁ, ଲିଙ୍ଗରାଜ ସାହୁ, ଜୟନ୍ତ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟ ତୁଲାଇଥିଲେ।

## ସାମାଜିକ ଦୂରତା ଭୁଲିଗଲେ ସୋରଡ଼ା ବିଧାୟକ

**ପାରଳାଖେମୁଣ୍ଡି, ୧୭।୪ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିକୁ ଗୁରୁବାର ସୋରଡ଼ା ବିଧାୟକ ତଥା ଗଜପତି ଜିଲା ବିଜେଡି ପର୍ଯ୍ୟବେକ୍ଷକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଗସ୍ତକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେ ଗଞ୍ଜାମ ଜିଲାର ହୋଇଥିବାବେଳେ ଲକ୍ଡାଉନ ସମୟରେ କିପରି ଗଜପତି ଜିଲାରେ ପ୍ରବେଶକରି ଜନଗହଳିପୂର୍ଣ୍ଣ ସ୍ଥାନରେ ଜନସାଧାରଣଙ୍କୁ ମାସ୍କ ବଣ୍ଟନ କଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାସ୍କ ବଣ୍ଟନ ବେଳେ ସେ ଆଦୌ ସାମାଜିକ ଦୂରତା ରକ୍ଷା କରି ନ ଥିଲେ। ସ୍ୱାଇଁଙ୍କ ପାଇଁ କାହିଁକି କୌଣସି ନିୟମ ଲାଗିଲା ନାହିଁ ବୋଲି ଜିଲା କଂଗ୍ରେସ ପ୍ରଶ୍ନ ଉଠାଇଛି। ପାରଳାଖେମୁଣ୍ଡି ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା ଏହାକୁ ନେଇ ତୀବ୍ର ବିରୋଧକରି ଏ ସମ୍ପର୍କରେ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କୁ ଜଣାଇଛନ୍ତି। ସେହିପରି ବିଧାୟକଙ୍କ ଗସ୍ତ ସମୟରେ ଜିଲା ପ୍ରଶାସନର ପ୍ରମୁଖ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଅନ୍ୟକୁ ସଚେତନ କରୁଥିବା ଅଧିକାରୀମାନେ କିପରି ସାମାଜିକ ଦୂରତା ଭୁଲିଗଲେ ବୋଲି ଭାଜପା ପ୍ରତିକ୍ରିୟାରେ ପ୍ରକାଶ କରିଛି। ଜିଲା ସଭାପତି ତଥା ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର, ପୂର୍ବତନ ନଗରପାଳ ପି.କ୍ରିଷ୍ଣା ଏନେଇ ଅଭିଯୋଗ ଆଣିଛନ୍ତି।

## କ୍ୱାରାଣ୍ଟାଇନରେ ରୁହନ୍ତୁ ୨ ଅଧିକାରୀ

**ଜୟପୁର,୧୭।୪(ଡି.ଏନ୍.ଏ.)**

କୋଭିଡ୍-୧୯ ସଂକ୍ରମଣରେ ଦେଶର ପ୍ରମୁଖ ହଟ୍ସ୍ପଟ୍ ଭିତରେ ଭୁବନେଶ୍ୱର ରହିଛି। କୋରାପୁଟ ଜିଲାର ଦୁଇ ଉଚ୍ଚ ଅଧିକାରୀ ଭୁବନେଶ୍ୱରରେ ସପ୍ତାହରୁ ଅଧିକ ସମୟ ରହି ଜୟପୁର ଫେରିଛନ୍ତି। ଏଠାକୁ ଫେରିବା ପରେ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କିମ୍ବା ସେମାନଙ୍କୁ କ୍ୱାରାଣ୍ଟାଇନରେ ରହିବା ବ୍ୟବସ୍ଥା ପ୍ରଶାସନ କରିନାହିଁ। ଗତ ସପ୍ତାହରେ ସମବାୟ ବ୍ୟାଙ୍କର ଜଣେ ଅଧିକାରୀ ଲକ୍ଡାଉନ ସମୟରେ ଭୁବନେଶ୍ୱରରେ ରହିବା ପରେ ଜୟପୁର ଫେରିଛନ୍ତି। ଉକ୍ତ ଅଧିକାରୀ ଅଫିସ୍ ଗାଡ଼ି ନେଇ ଭୁବନେଶ୍ୱର ଯାଇଥିବା ବେଳେ ସାଥିରେ ଡ୍ରାଇଭର ମଧ ଥିଲେ। ଗତ ସପ୍ତାହରେ ଉକ୍ତ ଅଧିକାରୀ ଜୟପୁର ଫେରିଥିଲେ। ସେହିପରି ଗତ ୨୮ ତାରିଖରୁ କୋରାପୁଟ ଜିଲା କୃଷି ବିଭାଗର ଜଣେ ଅଧିକାରୀ ଭୁବନେଶ୍ୱର ଯାଇ ସେଠାରେ ରହିବା ପରେ ଶୁକ୍ରବାର ଜୟପୁର ଫେରିଛନ୍ତି। ଉପରୋକ୍ତ ଦୁଇ ଅଧିକାରୀ କୋରାପୁଟ ଫେରିବା ପରେ ବିଭିନ୍ନ ଜିଲାସ୍ତରୀୟ ବୈଠକ ଓ ଭିଡିଓ କନଫରେନ୍ସିଂରେ ଯୋଗ ଦେଇଛନ୍ତି।

**କୋଭିଡ୍ ହଟ୍ସ୍ପଟ୍ ଭୁବନେଶ୍ୱରରୁ ଦୁଇ ଅଧିକାରୀ ଜୟପୁର ଫେରିଛନ୍ତି**

## କାଜୁ ବଗିଚାକୁ ନେଇ ଗଣ୍ଡଗୋଳ ଘଟଣାରେ ୧୧ ଗିରଫ

**କୋଡିଙ୍ଗା,୧୭।୪(ଡି.ଏନ.ଏ.)**

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ତହସିଲର ଭାଲୁଗୁଡ଼ା ଓ ନବରଙ୍ଗପୁର ତହସିଲର ବାସିନି ଗ୍ରାମ ମଧ୍ୟରେ କାଜୁ ବଗିଚାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଖବରପାଇ ଗ୍ରାମବାସୀଙ୍କୁ ବୁଝାଶୁଝା କରିବାକୁ ପହଞ୍ଚିଥିବା ପୋଲିସକୁ କେତେଜଣ ଗ୍ରାମବାସୀ ଆକ୍ରମଣ କରିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ, ଏସ୍ପି ଫୋର୍ସ ସହିତ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏହି ଘଟଣାରେ ବାସିନି ଗ୍ରାମର ୩୯ ଜଣଙ୍କୁ ଥାନାକୁ ଅଣାଯାଇଥିଲା। ଏମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ରତନ ଭତ୍ରା, ରମେଶ ଗୌଡ, ସମ୍ବାରୁ ଗୌଡ,ଫୁଲଦାସ ଭତ୍ରା, ସନସାଇ ଭତ୍ରା, ଚୈତୁରାମ ପୂଜାରୀ,ଲଛମନ ଭତ୍ରା, ଦାମୋଦର ଭତ୍ରା, ମାଧବ ଗୌଡ,କୈଳାସ ପୂଜାରୀ ଓ ଲଳିତା ଭତ୍ରା। ଅନ୍ୟମାନଙ୍କୁ ଥାନାରେ ମୁଚାଲିକାରେ ଛଡାଯାଇଛି। କେସ୍ ନଂ. ୪୬/୨୦ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ଦୀର୍ଘବର୍ଷ ହେବ ଦୁଇ ଗ୍ରାମର ସୀମାରେ ଏହି କାଜୁ ବଗିଚା ରହିଛି। ଏହାକୁ ନେଇ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗୁଛି।

**ଲକ୍ଡାଉନ ସ୍ଥିତି ପରଖିଲେ ଡିଆଇଜି**

## ସାମାଜିକ ଦୂରତ୍ୱକୁ ପ୍ରାଥମିକତା



ବଜାର ପରିଦର୍ଶନ କରୁଛନ୍ତି ଡିଆଇଜି।

**ରାୟଗଡ଼ା ଅଫିସ,୧୭।୪**

ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସାଫିନ ଅହମ୍ମଦ କେ. ଲକ୍ଡାଉନ ସ୍ଥିତି ସମୀକ୍ଷା ପାଇଁ ଶୁକ୍ରବାର ରାୟଗଡ଼ା ଗସ୍ତ କରିଛନ୍ତି। ଲୋକେ ସାମାଜିକ ଦୂରତ୍ୱ କିପରି ମାନୁଛନ୍ତି, ଲକ୍ଡାଉନ ନିୟମ କିଭଳି ପାଳୁଛନ୍ତି, ତାହାର ତଦାରଖ କରିଛନ୍ତି ଡିଆଇଜି। ରାୟଗଡ଼ା ସହର, ଜେକେପୁର ବୁଲିବା ସହ ବ୍ୟବସାୟୀଙ୍କୁ ଭିଡ଼ ସୃଷ୍ଟି ନ କରିବା ପାଇଁ ତାଗିଦ୍ କରିଥିଲେ। ଏହାପରେ ରାୟଗଡ଼ା ଏସ୍ପିଙ୍କ କାର୍ଯ୍ୟାଳୟରେ ଜିଲାପାଳ ପ୍ରମୋଦ କୁମାର ବେହେରା ଓ ଏସ୍ପି ଶ୍ରବଣା ବିବେକ ଏମ୍ଙ୍କ ସହ କରୋନା ମୁକାବିଲା ନେଇ ଏକ ସମୀକ୍ଷା ବୈଠକ କରିଥିଲେ ଡିଆଇଜି। ସମସ୍ତଙ୍କୁ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ସେ ଗୁରୁତ୍ୱ ଦେଇଛନ୍ତି। ରାୟଗଡ଼ା ବଜାର ପରିଦର୍ଶନ ବେଳେ ଏସ୍ଡିପିଓ ତପନ ନାରାୟଣ ରଥ ଉପସ୍ଥିତ ଥିଲେ।

## ସହାୟତା ବାଣ୍ଟିଲା ନାରୀ ସୁରକ୍ଷା ସମିତି

**ଛେଣ୍ଡିପଦା,୧୭।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କତଡା ପଞ୍ଚାୟତ ମହ୍ଲାରସାହିରେ ଶୁକ୍ରବାର ନାରୀ ସୁରକ୍ଷା ସମିତି ଓ ପଞ୍ଚଶୀଳ ବୁଦ୍ଧ ବିହାର ଟ୍ରଷ୍ଟ ନାଲ୍କୋନଗର ଆନୁକୂଲ୍ୟରେ ୩୦ ପରିବାରକୁ ଚାଉଳ, ଡାଲି, ତେଲ, ବିସ୍କୁଟ ବଣ୍ଟନ କରାଯାଇଛି। ସଙ୍ଗଠନ ସମ୍ପାଦିକା ସ୍ମିତାରାଣୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସଂଯୋଜିକା ଅଞ୍ଜନା ମହାଖୁଡ, ସାମାଜିକ କର୍ମୀ ସଞ୍ଜିତ ପଟ୍ଟନାୟକ, ଟ୍ରଷ୍ଟ ମୁଖ୍ୟ ସ୍ୱରୂପ କୁମାର ବାସ୍କେ, କ୍ଷେତ୍ର ମୋହନ ଭୋଇ, ଧନେଶ୍ୱର ବେହେରା, ୱାର୍ଡମେମ୍ବର ପାର୍ବତୀ ନାଏକ, ବିଶ୍ୱଜିତ ପଟ୍ଟନାୟକ, ଶାନ୍ତିଲତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ପ୍ରଧାନମନ୍ତ୍ରୀ କେୟାର୍ସ ଫଣ୍ଡକୁ ଦାନ



ମାହେଶ୍ୱରୀ ରାଇସ୍ ମିଲ୍ ଏମ୍ଡି ବ୍ୟାଙ୍କ ପରିଚାଳକଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

**ମାଧପୁର, ୧୭।୪**

କରୋନା ମୁକାବିଲା ପାଇଁ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମାଧପୁର ମାହେଶ୍ୱରୀ ରାଇସ ମିଲ୍ ତରଫରୁ ପ୍ରଧାନମନ୍ତ୍ରୀ କେୟାର୍ସ ଫଣ୍ଡକୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି। ମିଲ୍ ଏମ୍ଡି ଚିତ୍ତରଞ୍ଜନ ମେହେର ଏକ ଚେକ୍ ଆଠମଲ୍ଲିକ ଆଇସିଆଇସିଆଇ ବ୍ୟାଙ୍କ ପରିଚାଳକଙ୍କ ମାଧ୍ୟମରେ ପିଏମ୍ କେୟାର ଫଣ୍ଡକୁ ପ୍ରଦାନ କରିଛନ୍ତି।

# ସରକାରୀ ସହାୟତାରୁ ବଞ୍ଚିତ ପ୍ରକୃତ ନିର୍ମାଣ ଶ୍ରମିକ

**ନୂଆପଡା ଅଫିସ,୧୭।୪**

- ଶ୍ରମ କାର୍ଯ୍ୟାଳୟରେ ତାଲା ଝୁଲୁଛି
- ଅଭିଯୋଗ କରିବାକୁ ଆସିଲେ ଅଧିକାରୀଙ୍କ ସାକ୍ଷାତ ମିଳୁନି
- ଫାଇଦା ଉଠାଉଛନ୍ତି ରାଜନୈତିକ ବ୍ୟକ୍ତି

ଲକ୍ଡାଉନ ଯୋଗୁ ପ୍ରଭାବିତ ହୋଇଥିବା ନିର୍ମାଣ ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସରକାର ଘୋଷଣା କରିଛନ୍ତି। ଏଥିରେ ନୂଆପଡ଼ା ଜିଲାର ମୋଟ ୭୧ହଜାର ଶ୍ରମିକଙ୍କୁ ୧୦କୋଟି ୬୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ହେଲେ ଶ୍ରମ କାର୍ଯ୍ୟାଳୟର ଦୋଷ ଦୁର୍ବଳତା ଏବଂ ଦଲାଲରାଜ ଯୋଗୁ ହଜାରରୁ ଉର୍ଦ୍ଧ୍ୱ ପ୍ରକୃତ ନିର୍ମାଣ ଶ୍ରମିକ ଏହି ସହାୟତାରୁ ବାଦ୍ ପଡିଛନ୍ତି। ଅନ୍ୟପକ୍ଷେ ଚଞ୍ଚକତା କରି ବହୁ ଅଣ ଶ୍ରମିକ ଏହି ଯୋଜନାରୁ ଫାଇଦା ନେଉଥିବା ଅଭିଯୋଗ ହେଉଛି।

ମିଳିଥିବା ସୂଚନା ଅନୁଯାୟୀ, ବିଭିନ୍ନ ଅଣ ସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କୁ ସରକାରଙ୍କ ଶ୍ରମ ମନ୍ତ୍ରଣାଳୟ ତରଫରୁ ପଞ୍ଜୀକୃତ କରି ସହାୟତା ପ୍ରଦାନ କରାଯାଇଥାଏ। ହେଲେ ବିଗତ ଦିନରେ ଦଲାଲମାନେ ବିଭାଗୀୟ ଅଧିକାରୀମାନଙ୍କୁ ସନ୍ତୁଷ୍ଟ କରି ବହୁସଂଖ୍ୟାରେ ମହିଳା ପୁରୁଷଙ୍କ ନାମ ତାଲିକାଭୁକ୍ତ କରିଥିଲେ। ଅନ୍ୟପକ୍ଷେ ପ୍ରକୃତ ଶ୍ରମିକ ଶ୍ରେଣୀର ଲୋକ ବାରମ୍ବାର ଅଫିସକୁ ଦୌଡିଥିଲେ ମଧ୍ୟ ଏହି ତାଲିକାରୁ ବାଦ୍ ପଡିଥିଲେ। ଯାହାର ପରିଣାମ ଏବେ ଭୋଗିବାକୁ ପଡୁଛି। ସରକାର କରୋନା ସହାୟତା ଦେବାକୁ ଘୋଷଣା କରିଥିବାରୁ ପ୍ରକୃତ ଶ୍ରମିକ ଶ୍ରେଣୀର ଲୋକେ ସହାୟତାରୁ ବାଦ ପଡିଛନ୍ତି। ଏକ ବେସରକାରୀ ତଥ୍ୟ ମୁତାବକ ଜିଲାର ୫୦ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ବାଦ୍ ପଡିଥିବା ଅଭିଯୋଗ ହୋଇଛି। ଏବେ ପଞ୍ଚାୟତ ଏବଂ ଏନଏସି କର୍ମଚାରୀଙ୍କ ଜରିଆରେ ପ୍ରତି ଶ୍ରମିକଙ୍କୁ ୧୫ଶହ ଟଙ୍କା ଲେଖାଏ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ନୂଆପଡା ବ୍ଲକରେ ୧୭୮୩୪ ଶ୍ରମିକ, କୋମନାରେ ୧୪୯୪୫ ଶ୍ରମିକ, ଖଡିଆଳ ବ୍ଲକରେ ୧୪୮୫୪ ଶ୍ରମିକ, ସିନାପାଲି ବ୍ଲକରେ ୯୩୭୯ ଶ୍ରମିକ, ବୋଡେନରେ ୧୧୩୦୯ ଶ୍ରମିକ, ଖଡିଆଳ, ଖରିଆରରୋଡ୍ ଏବଂ ନୂଆପଡା ଏନଏସିରେ ଯଥାକ୍ରମେ ୧୦୧୧, ୧୫୮୮ ଏବଂ ୯୮୯ଜଣ ଶ୍ରମିକ (ମୋଟ ୭୧ହଜାର୯୦୮ଜଣ)ଙ୍କୁ ୧୦କୋଟି ୬୫ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିବା ଜିଲା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ ଜଣାପଡିଛି।

ଅନ୍ୟପକ୍ଷେ ବାଦ୍ ପଡିଥିବା ଲୋକଙ୍କ ଅଭିଯୋଗ ଶୁଣିବାକୁ କେହି ନାହାନ୍ତି। ଖରିଆରରୋଡ୍ରେ ଥିବା ଶ୍ରମ କାର୍ଯ୍ୟାଳୟରେ ତାଲା ଝୁଲୁଥିବାରୁ ଶ୍ରମିକମାନେ ନିରାଶ ହୋଇ ଫେରୁଛନ୍ତି। ଏ ସଂକ୍ରାନ୍ତରେ କେତେଜଣ ରାଜନୈତିକ ଦଳର ନେତାଙ୍କ ପାଖରେ ସହାୟତାରୁ ବଞ୍ଚିତ ଶ୍ରମିକମାନେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତୁମେ ମାନେ ଆଉ ଥରେ ଆବେଦନ କଲେ ପଦକ୍ଷେପ ନିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଉଥିବା ଶୁଣିବାକୁ ମିଳୁଛି। ଏ ସଂକ୍ରାନ୍ତରେ ଜିଲାପାଳ ମଧୁସ୍ମିତା ସାହୁଙ୍କୁ ପଚାରିବାକୁ ସେ କହିଛନ୍ତି, ରାଜନୈତିକ ଦଳ ନିଜର ଫାଇଦା ପାଇଁ ଯଦି ଏପରି କରୁଥିବେ ଏଥିରେ ସେ କ'ଣ କରିବେ ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ଏଭଳି ମହାମାରୀ ସମୟରେ କୌଣସି ବ୍ୟକ୍ତି ରାଜନୀତି ନ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ଜିଲା ପ୍ରଶାସନ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

## ସୁସ୍ଥ ରହିବା

ଗୃହେ ରହି ସର୍ବେ ସୁସ୍ଥ ରହିବା
କରୋନା ଦାଉରୁ ବରତି ଯିବା ।
ପୋଲିସି, ଡାକ୍ତର କରନ୍ତି ସେବା
ଧୈର୍ଯ୍ୟକୁ ତାଙ୍କର ସଲାମ ଦେବା ।
ଭାରତ ସୀମାରେ ସୈନିକ ଭାଇ
ପହରା ଦିଅନ୍ତି ଆମରି ପାଇଁ
ପ୍ରଶାସନ ଆମ ପାଳୁଛି ନିତି
ସହୁଛି ଅନେକ ବରଷା, ତାତି ।
ସହାୟ କରିବା ଧର୍ମଟି ଆମ
ପାଳନ କରିବା ହୋଇଣ ନମ୍ର ।
ସେହି ତ୍ୟାଗ ତାଙ୍କ ସତେ ଅମୂଲ୍ୟ
ଗୃହେ ରହି ଦେବା ତ୍ୟାଗର ମୂଲ୍ୟ ।

*–**ମଧୁସ୍ମିତା ସ୍ୱାଇଁ,** ପାଣିକଟା, ଝିଙ୍କଟି ଶାସନ,ବାଲକାଟି, ଖୋର୍ଦ୍ଧା*

## ଆସିଲାଣି ଖରାଦିନ

ଆସିଲାଣି ଖରାଦିନ
ଟାଣ ହେବ ଖରା
ପାଣିଟୋପେ ମିଳିବନି
ଶୁଖିଯିବ ଧରା ।
ତାତିରେ ଫୁଟିବ ବାଲି
ହେବ ନାହିଁ ଚାଲି
ସାଥିରେ ଚପଲ ନେବ
ଯିବ ନାହିଁ ଖାଲି ।
ଖରାଦିନ ଭାରି କଷ୍ଟ
ଜାଣି ରଖ ଭାଇ
ଉହ ପବନରେ ଦେହ
ଲାଗେ ତାଇଁ ତାଇଁ ।
ଶରୀରକୁ ହିତ ପାଇଁ
ଦହି, ଲେମ୍ବୁ ପାଣି
ମନେ ରଖ ଭାଇମାନେ
ଏହି ହିତ ବାଣୀ ।

*–**ତପନ କୁମାର ସ୍ୱାଇଁ,** ଆଇବିଲି, ଜଗତ୍‌ସିଂହପୁର*

## କରୋନା



କରୋନା ରାକ୍ଷାସ କରିବ ବିନାଶ
ମନେ ଭାବି ଏହି କଥା
ସମଗ୍ର ବିଶ୍ୱକୁ ମାଡି ଚାଲୁଅଛି
ମନରେ ଦେଇ ସେ ବ୍ୟଥା ।
ଚୀନ୍‌ର ଚାଲାକି ଧରା ପଡିଲାଣି
ନିଜ କର୍ମ ନିଜେ ଭୋଗେ
ପର ଅମଙ୍ଗଳ ପାଞ୍ଚିଥିବାରୁ ସେ
ବିନାଶ ହେବ ଦୁର୍ଯ୍ୟୋଗେ ।
ଭୂତାଣୁ ଛାଡିଛି କାଶ ସର୍ଦ୍ଦି ଜ୍ୱର
ଛିଙ୍କ ଆସି ଘନଘନ
ମୁହେଁ ମାସ୍କ ବାନ୍ଧି ହାତକୁ
ସାବୁନ ଧୋଇବା
ବାରମ୍ବାର ନିତିଦିନ ।
ରୋଗୀଠାରୁ କିଛି ଦୂରେ ରହି କରି
ନିଜେ ସଚେତନ ହେବା
ରୋଗ ନ ବ୍ୟାପିବ ପଣ କରି ସର୍ବେ
ଲୋକଙ୍କୁ ବୁଝାଇ ଦେବା ।
ପ୍ରିୟ ସରକାର ରହି ଉଜାଗର
କରୁଛି ସେ ପ୍ରତିକାର
ଲୋକ ସମାଗମ ସଭାସମିତି
କଟକଣା କରି ତା'ର ।

*–**ବୃନ୍ଦାବନ କୁମ୍ଭାର,** ପ୍ରଧାନ ଶିକ୍ଷକ, ସିଆଳଝୁଡୁଙ୍ଗି ପ୍ରକଳ୍ପ ଉପ୍ରା ସ୍କୁଲ, ଟିଟିଲାଗଡ ।*

ପୁରାଣ କଥା

# ଏକାକୀ ଖାଇବନି



କୃଷ୍ଣ ସୁଦାମା କଥା ଅବା କାହାକୁ ଅଜଣା ! କିନ୍ତୁ ଯାହା ଖୁବ୍ କମ୍ ଲୋକଙ୍କୁ ଜଣା ତାହା ହେଲା ସୁଦାମାଙ୍କ ଦାରିଦ୍ର୍ୟର କାରଣ । ମାତ୍ର ମୁଠାଏ ଖୁଦ ଭଜା ବଦଳରେ ସୁଦାମା ପାଇଥିଲେ ଅଲୌକିକ ବିଭୁକୃପା ଏବଂ ସକଳ ସାଂସାରିକ ଐଶର୍ଯ୍ୟ ।

ସୁଦାମାଙ୍କର ପିଲାଦିନର କଥା । ସେତେବେଳେ ସେ ପ୍ରଭୁ ଶ୍ରୀକୃଷ୍ଣଙ୍କ ସହିତ ଗୁରୁକୁଳରେ ପଢୁଥିଲେ । ଦିନେ ଗୁରୁପତ୍ନୀ ଜାଳେଣି କାଠ ଆଣିବା ପାଇଁ ସମସ୍ତଙ୍କୁ ବଣକୁ ପଠାଇଥିଲେ । ଗଲାବେଳେ ମୁଠାଏ ଖୁଦଭଜା ସୁଦାମାଙ୍କ ଗାମୁଛା କାନିରେ ବାନ୍ଧିଦେଇ କହିଲେ- ଭୋକ ହେଲେ ସମସ୍ତେ ଏତକ ବାଣ୍ଟି କରି ଖାଇବ । ପିଲାମାନେ ବଣରେ ଥିଲାବେଳେ ହଠାତ୍ ଜୋରରେ ମେଘ ପବନ ମାଡି ଆସିଲା । ଯିଏ ଯୁଆଡ଼େ ପାଇଲେ ଆଶ୍ରୟ ପାଇଁ ଦୌଡିଲେ । ସୁଦାମା ଗୋଟିଏ ଗଛ ଉପରକୁ ଚଢିଗଲେ । ବର୍ଷା ଅନେକ ସମୟ ପର୍ଯ୍ୟନ୍ତ ଲାଗି ରହିଲା । ସୁଦାମାଙ୍କୁ ଭୋକ ଲାଗିଲା । ଗାମୁଛା କାନିରେ ଥିବା ଖୁଦ ମୁଠାକୁ ସେ ଖୋଲିଲେ । ଭାବିଲେ ଏତକ ମୁଁ ଏକୁଟିଆ ଖାଇଦେଲେ ମୋ ପେଟ ପୂରିଯିବ । କ୍ଷଣକ ପାଇଁ ଲୋଭର ବଶବର୍ତ୍ତୀ ହୋଇ ସେ ସବୁତକ ଖୁଦ ଭଜା ଖାଇଦେଲେ । ହେଲେ ତା'ର ପରିଣାମ ହେଲା ଭୟଙ୍କର । ଘୋର ଦାରିଦ୍ର୍ୟ ତାଙ୍କୁ ଗ୍ରାସ କରି ଆସିଲା, ଯେଉଁଥିରୁ ମୁକ୍ତି ପାଇବା ତାଙ୍କ ପାଇଁ ସମ୍ଭବ ନ ଥିଲା । ଫଳରେ ଦିନ ଦିନ ଧରି ତାଙ୍କୁ ମୁଠାଏ ଖାଇବାକୁ ବି ମିଳିଲାନି ।

ଦିନେ ତାଙ୍କର ପତ୍ନୀ ତାଙ୍କୁ ପରାମର୍ଶ ଦେଲେ, 'କି ତୁମର ପିଲାଦିନର ବନ୍ଧୁ ଶ୍ରୀକୃଷ୍ଣ ଏବେ ଦ୍ୱାରକାର ରାଜା । ତୁମେ ଟିକେ ତାଙ୍କ ପାଖକୁ ଯାଇ ଆମର ଦୁଃଖ ଜଣାନ୍ତନି । ରାଜା ଚାହିଁଲେ ଆମର ଦରିଦ୍ର ଅବସ୍ଥା ନିମିଷକରେ ଦୂର ହୋଇଯିବ ।'

ପ୍ରଥମେ ପ୍ରଥମେ ପତ୍ନୀଙ୍କ କଥାରେ ସୁଦାମା ଅମଙ୍ଗ ହୋଇଥିଲେ ବି ଶେଷରେ ସୁଦାମା ରାଜିହେଲେ । ହେଲେ ସଖାଙ୍କ ପାଖକୁ ଖାଲି ହାତରେ କିପରି ଯିବେ । ଘରେ ତ କିଛି ନାହିଁ । ଶେଷକୁ ମାଗି ଆଣିଥିବା ଖୁଦ ମୁଠାକୁ ନିଜେ ନ ଖାଇ ତାକୁ ଭାଜି କରି ସୁଦାମାଙ୍କ ହାତରେ ଧରାଇଦେଲେ ପତ୍ନୀ । ସୁଦାମା ତାକୁ ଗାମୁଛାରେ ବାନ୍ଧି ଦ୍ୱାରକା ଅଭିମୁଖେ ଚାଲିଲେ । ବାଟରେ ଅନେକ ଦିନ କଟିଗଲା । ପ୍ରବଳ ଭୋକ ଲାଗୁଥିଲେ ବି ସେଥିରୁ ସେ କାଣିଚାଏ ବି ନ ଖାଇ ଅତି ସନ୍ତର୍ପଣରେ ନେଇ ପ୍ରଭୁଙ୍କ ପାଖରେ ପହଞ୍ଚିଥିଲେ । ସଖା ଶ୍ରୀକୃଷ୍ଣ ତାକୁ ଆଗ୍ରହର ସହ ଖାଇଲେ । ସେ ତ ବିଶ୍ୱମ୍ଭର । ସେଇ ଖୁଦ ମୁଠାକ ହିଁ ସୁଦାମାଙ୍କୁ ସକଳ କୁକର୍ମରୁ ମୁକ୍ତ କରି ଋଣ ପରିଶୋଧ କରିଦେଲା । ସୁଦାମାଙ୍କର କୃତକର୍ମର ପ୍ରାୟଶ୍ଚିତ୍ତ ହୋଇଗଲା ଏବଂ ସେ ଅଚଳାଚଳ ବିଭବର ଅଧିକାରୀ ହୋଇଗଲେ ।

ତେଣୁ କୁହାଯାଏ 'ଏକ ସ୍ୱାଦୁ ନ ଭୁଞ୍ଜିତ... ।' ନଦୀ ତା'ର ଜଳକୁ ସମସ୍ତଙ୍କୁ ଦାନ କରୁଥିବାରୁ ତା'ର ପାଣି ମିଠା । କିନ୍ତୁ ସମୁଦ୍ର ସବୁ ନଦୀଙ୍କୁ ଶୋଷଣ କରୁଥିବାରୁ ତା'ର ପାଣି ଲୁଣିଆ ।

*– **କମଳା ମିଶ୍ର,** ମଧୁସୂଦନନଗର, ୟୁନିଟ-୪, ଭୁବନେଶ୍ୱର*

## ଆଇନା



ବିଦିଶା
୧୧ ବର୍ଷ

ଗିନିଜ୍ ୱାର୍ଲ୍ଡ ରେକର୍ଡ

# ଲଗାତର ୬ଦିନ ନୃତ୍ୟ



ପିଲାଏ, ତୁମମାନଙ୍କୁ ନାଚିବାକୁ ଭାରି ମଜା ଲାଗେ ନା ! ଆଜିକାଲି ଅନେକ ପିଲା ଏହାକୁ କ୍ୟାରିୟର କରିବାକୁ ଆଗେଇ ଆସୁଛନ୍ତି । ତେବେ ପିଲାମାନେ ଭାବିଲ ଦେଖି ଜଣେ ଅତି ବେଶିରେ କେତେ ସମୟ ପର୍ଯ୍ୟନ୍ତ ନାଚ କରିପାରିବ !

ଦି ଘଣ୍ଟା କି ପାଞ୍ଚ ଘଣ୍ଟା ଏମିତି କେତେ ସମୟ ନାଚ କରିପାରନ୍ତି, କିନ୍ତୁ ଜଣେ ପୂରା ୧୩୮ ଘଣ୍ଟା (ଯାହା ପ୍ରାୟ ୬ଦିନ ସହ ସମାନ) ଯେ ନାଚ କରିପାରେ ଏକଥାକୁ କେହି ହୁଏତ ବିଶ୍ୱାସ କରିବେନି । କିନ୍ତୁ ଏମିତି ଏକ ଆଶ୍ଚର୍ଯ୍ୟଜନକ କାମ କରି ଦେଖାଇଛନ୍ତି ସ୍ୱିଡେନର କେରୀ ସ୍ୱିଡେକି । କେରୀ ପ୍ରଥମେ ନୃତ୍ୟ କ୍ଷେତ୍ରରେ କିଛି ନୂଆ ଦେଖାଇବାକୁ ଡ୍ୟାନ୍ସ ଡ୍ୟାନ୍ସ ରିଭୋଲୁସନ୍ (ଡିଡିଆର)ରେ ଯୋଗ ଦେଇଥିଲେ । କାଲିଫର୍ନିଆ ବେକର୍ସଫିଲ୍ଡରେ ତାଙ୍କ ଘର । ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ଏହି ଡିଡିଆରରେ ସାମିଲ୍ ହୋଇ ନିଜର ନୃତ୍ୟ ପ୍ରତିଭା ପ୍ରଦର୍ଶନ କରିଥାନ୍ତି । କିନ୍ତୁ କେରୀ ଏତେ ମୋଟା ଥିଲେ ଯେ ପ୍ରଥମେ ଆଦୌ ନାଚ କରିପାରୁ ନ ଥିଲେ । ଏଥିପାଇଁ ତାଙ୍କୁ ଲୋକେ ଥଟ୍ଟା ବି କରୁଥିଲେ, ଯେଉଁଥିପାଇଁ ସେ ଭଲଭାବେ ନାଚ କରିବାର ଶପଥ ନେଇଥିଲେ । ଆଉ ଧୀରେ ଧୀରେ ଦୀର୍ଘ ସମୟ ଲେଖାଏ ନାଚ କରି ସେ ନିଜର ଓଜନ କମ୍ କରି ନିଜକୁ ଫିଟ୍ ରଖି ପାରିଥିଲେ । ଆଉ ଏହା ପରଠାରୁ ନୃତ୍ୟ କ୍ଷେତ୍ରରେ ସେ ଧୀରେ ଧୀରେ ରେକର୍ଡ କରିବାକୁ ଲାଗିଲେ । ତାଙ୍କର ଅନେକଗୁଡ଼ିଏ ରେକର୍ଡ ମଧ୍ୟରେ ରହିଛି ଦୀର୍ଘ ୧୩୮ ଘଣ୍ଟାର ନୃତ୍ୟ ପ୍ରଦର୍ଶନ । ଏତେ ସମୟ ନାଚ କରି ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରି ଦେଇଛନ୍ତି ।

## ଖିଲିଖିଲି ହସ

➡ଥରେ ସ୍କୁଲରୁ ଫେରିବା ପରେ ପପୁ ତା' ଅଜାଙ୍କୁ ପଚାରିଲା, ଆଚ୍ଛା ଅଜା, ଆମ କ୍ଲାସରେ ମୋତେ ସବୁଠାରୁ ବଡ ବୋଲି କାହିଁକି କହୁଛନ୍ତି ତାହା ମୁଁ ଜାଣିପାରୁନାହିଁ । ଏକଥା ଶୁଣି ଅଜା ଟିକେ ମୁରୁକି ହସିଦେଇ କହିଲେ, ଆରେ ବୋକା, ତୁ ଗତ ପାଞ୍ଚ ବର୍ଷ ହେଲା ସେହି ପଞ୍ଚମ କ୍ଲାସରେ ହିଁ ଅଛୁ ।

*–ମୁସକାନ୍ ବିଶ୍ୱାଳ, ରଘୁନାଥପୁର, ଜଗତ୍‌ସିଂହପୁର*

➡ଗୋପାଳ: ଆରେ ରାମ, ସମସ୍ତେ କହନ୍ତି, ବିଲେଇ ଯଦି କାହା ସାମନାରେ ଚାଲିଯାଏ ତା'ହେଲେ ଅଶୁଭ ।
ରାମ : ହଁ, ଏକଥା ମୁଁ ଶୁଣିଛି ।
ଗୋପାଳ : ହେଲେ ମୋ କ୍ଷେତ୍ରରେ ଏହାର ବିପରୀତ ହୋଇଥିଲା । ଥରେ ମୁଁ ସାଇକେଲରେ ଯାଉଥିବା ବେଳେ ମୋ ସାମ୍ନାରେ ବିଲେଇ ଚାଲିଗଲା । ହେଲେ ମୁଁ କିଛି ଭାବିବା ପୂର୍ବରୁ ସେ ବିଲେଇର ଆକ୍ସିଡେଣ୍ଟ ହୋଇଗଲା ।

*–ତୁଷାର କୁମାର ସାହୁ, ଯାଜପୁର*

ଗପ

# ଘୁଙ୍ଗୁର



ସଙ୍ଗୀତର ଧୁନ୍ ଶୁଣୁ ଶୁଣୁ ରାନୀ ନାଚି ଉଠେ । ଟିଭି ଅବା ରେଡିଓ ଯେତେବେଳେ ଯେଉଁଠି ଗୀତ ବାଜେ ରାନୀର ପାଦ ଆଉ ଥୟ ଧରେନାହିଁ । ଗୋରା ତକତକ କୁନି କୁନି ପାଦ ଦୁଇଟି ଏତିକି ବେଳରୁ ସୁର,ତାଳ,ଲୟକୁ ବୁଝିବାଟା ବି କମ୍ କଥା ନୁହେଁ । ବାପା ମାଆ ଝିଅଟିର ପ୍ରତିଭା ଦେଖି ବେଶ୍ ଖୁସି । ହେଲେ ବୁଢୀ ଜେଜେମାଆକୁ ନାତୁଣୀର ଏମିତି ସଉକ ଜମା ପସନ୍ଦ ନୁହଁ । "କି ଯୁଗ ହେଲା ଲୋ ମାଆ । ଏଇ ଝିଅପିଲାଟା ହେଇ ଦିନରାତି ଥେଇ ଥେଇ ହେଇ ନାଚୁଛି । ହେଇଟି ବେଳ ଥାଉ ଥାଉ ତାକୁ ବୁଝେଇ ଦିଅ । ନଇଲେ ମୋ ବଉଁଶ ନାଆ ପକେଇଦେବ ।" –ବୁଢୀ ଦିନରାତି ପୁଅ ବୋହୂ ଉପରେ ଗରଗର ହୁଏ । ପାଦ ବାଡେଇ ବାଡେଇ ଘରଯାକ ବୁଲେ । ଯେତେ ଯାହା ହେଲେ ବୁଢୀ ଘରର ମୁରବି । ପୁଅ ବୋହୂ ବା କରିବେ କ'ଣ ?

ଏଣେ ରାନୀର ତା' ସଉକ ଉପରେ ଆଉ ନିୟନ୍ତ୍ରଣ ନ ଥାଏ । ଏଥର ବାପାଙ୍କ ଆଗରେ ତା'ର ଗୋଟିଏ ଜିଦ୍ । ତାକୁ ଘୁଙ୍ଗୁର ହଳେ ଦରକାର,ସେ ଓଡିଶୀ ଶିଖିବ । ବୁଢ଼ୀକୁ ଡରି ବାପା ମାଆ ଝିଅଟିକୁ ବୁଝାନ୍ତି । ରାତିରେ ନ ଖାଇ କାନ୍ଦି କାନ୍ଦି ଶୁଏ । ପୁଣି ସକାଳୁ "ତାକ୍ ତେରେକଟ୍ ତାକ" କହି ନାଚି ଘରଯାକ ଘୂରିବୁଲେ ।

ଏସବୁ ଭିତରେ ରାନୀକୁ ଏବେ ପନ୍ଦର ବର୍ଷ ପୂରିଲା । ବୟସ ସହ ଇଚ୍ଛାଶକ୍ତିଟା ବି ବଢି ବଢି ଚାଲିଥାଏ । ଜେଜେମାଆର ତାଗିଦ୍ ଆଉ ବାପାମାଆଙ୍କ ବୁଝେଇବା ପରେ ମଧ୍ୟ କଳାପ୍ରତି ଥିବା ଅହେତୁକ ପ୍ରେମକୁ ରାନୀ ରୋକି ପାରୁ ନ ଥାଏ । ଦିନେ ଘରେ ହାତଲେଖା ଚିଠିଟିଏ ଛାଡି ରାନୀ ତା' ସଉକ ପୂରା କରିବାକୁ ଘରୁ ଚାଲିଯାଇଥିଲା ମାମୁଘରକୁ ଭୁବନେଶ୍ୱର । ପ୍ରଖ୍ୟାତ ସଙ୍ଗୀତ ମହାବିଦ୍ୟାଳୟରେ ନାମଲେଖାଇ ଦେଲେ ମାମୁ । ଏପଟେ ରାନୀକୁ ଝୁରି ଝୁରି ବୁଢୀ ଦିନକୁଦିନ ଅସୁସ୍ଥ ହେବାକୁ ଲାଗିଲା । ନାତୁଣୀର ଅନୁପସ୍ଥିତି ତାକୁ ବୃଦ୍ଧାକାଳରେ ବେସାହାରା କରିପକାଉଥିଲା । ରାନୀର ଖିଲିଖିଲିଆ ହସ, ତା' ପାଉଁଜି ଶବ୍ଦ,ତା' ନୃତ୍ୟର ଧୁନ୍ ସବୁ ବୁଢୀ କାନରୁ ଝଙ୍କୃତ ହେଲେ ହେଁ ପାଖରେ ନ ଥିଲା ରାନୀ । ବୟସକ୍ରମେ ପକ୍ଷାଘାତ ରୋଗରେ ପଡି ବୁଢ଼ୀ ଶଯ୍ୟାଶାୟୀ ହେଲା । ଶେଷ ସମୟରେ ଖାଲି ରାନୀ ରାନୀ ହେଉଥାଏ । ଗାଁରୁ ଖବର ପାଇ ରାନୀ ଘରକୁ ଫେରିଲା । ନାତୁଣୀକୁ ଦେଖୁ ଦେଖୁ ବୁଢୀ ତା'ର ଥର ଥର କଣ୍ଠରେ 'ମା ରାନ' କହି ଦୁଇଧାର ଲୁହ ଗଡେଇ ଚାଲିଗଲା ଆରପାରିକୁ । ହାତମୁଠାରେ ଧରିଥିବା ଘୁଙ୍ଗୁର ହଳଟି ଭୂଇଁରେ ପଡି ଶବ୍ଦକରିବା ସହ ତା' ଶେଷଇଚ୍ଛାକୁ ଜାହିର କରିଦେଉଥିଲା ।

*–**ଯାଜ୍ଞସେନୀ ସାହୁ** ସେମିଳିଗୁଡା, କୋରାପୁଟ*

## ତୁମ ତୂଳୀରୁ





**ଅନନ୍ୟା ରୁପାଲୀ ତ୍ରିପାଠୀ,** ପଞ୍ଚମ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମାଲକାନଗିରି





**ସତ୍ୟଶ୍ରୀୟା ପାଣିଗ୍ରାହୀ,** ଷଷ୍ଠ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ପାଟଣାଗଡ, ବଲାଙ୍ଗୀର



**ତ୍ରିନାଥ ନନ୍ଦୀ,** ଅଷ୍ଟମ, ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ଜଳେଶ୍ୱର, ବାଲେଶ୍ୱର



## ମନିଟରିଂ ସେଣ୍ଟର ପାଇଁ ୯୦ ଏଏସ୍ଓ ନିଯୁକ୍ତ

**ଭୁବନେଶ୍ୱର,୧୭।୪:** ମୁଖ୍ୟମନ୍ତ୍ରୀଙ୍କ ଅଫିସ୍‌ର ଅଭିଯୋଗ ଶୁଣାଣି ସେଲ୍ ପରିସରରେ ଥିବା 'ମନିଟରିଂ ସେଣ୍ଟର' ପାଇଁ ୯୦ଜଣ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍ଓ)ଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଛି। ଗୃହବିଭାଗ ପକ୍ଷରୁ ଏ ନେଇ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି।

## ସଂକ୍ଷେପରେ

### ଲୋକଙ୍କ ପାଖରେ ପହଞ୍ଚିବ ଔଷଧ

**ଖୋର୍ଦ୍ଧା ଅଫିସ,୧୭।୪ :** ଲକ୍‌ଡାଉନ ସମୟରେ ଲୋକଙ୍କ ପାଖରେ ଔଷଧ ପହଞ୍ଚାଇବା ପାଇଁ ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ୫ଟି ଔଷଧ ଦୋକାନକୁ ଚିହ୍ନଟ କରାଯାଇଛି। ସେଗୁଡ଼ିକ ହେଲା ପୋଲୋ ଫାର୍ମାସୀ, ଆର୍ଶୀବାଦ ମେଡିକାଲ ଷ୍ଟୋର, ବସନ୍ତ ମେଡିକାଲ ଷ୍ଟୋର, ଫାର୍ମାକେୟାର ଏବଂ ଟକ୍‌ୱାଲ ମେଡିକାଲ ଷ୍ଟୋର। ବିଭିନ୍ନ ରୋଗରେ ପୀଡ଼ିତ ଥିବା ଲୋକେ ଏଣିକି ସୁବିଧାରେ ଔଷଧ ପାଇପାରିବେ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା

**ନିଶ୍ଚିନ୍ତକୋଇଲି,୧୭।୪(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କେରିଲୋ ପଞ୍ଚାୟତର ଅଧିବାସୀମାନେ କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପଣ୍ଡକୁ ୬୦ହଜାର ପ୍ରଦାନ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ବ୍ଲକ ପ୍ରାକ୍ତନ ଅଧକ୍ଷ ଗିରିଶ ମହାପାତ୍ରଙ୍କ ନେତ୍ରତ୍ୱରେ ଶୁବଳ ଚନ୍ଦ୍ର ରାଉତ, ସୁଶାନ୍ତ ମଲ୍ଲିକ, ଶୁତମ ବେହେରା, ଅଶୋକ ଓଝା, ବ୍ରଜମୋହନ ପଣ୍ଡା, ଗିରିଜା ଭୂଷଣ ସାମଲ ପ୍ରମୁଖ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓ କର୍ଣ୍ଣଦେବ ସମାଦ୍ଧାରଙ୍କୁ ଉକ୍ତ ରାଶି ପ୍ରଦାନ କରିଛନ୍ତି।

### ରିଲିଫ ପାଣ୍ଠିକୁ ଦାନ

**ବାରଙ୍ଗ, ୧୭। ୪(ଡି.ଏନ.ଏ):** ମହାମାରୀ କରୋନା ମୁକାବିଲା କରିବା ଲାଗି ବହୁ ବଦାନ୍ୟ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅର୍ଥ ରାଶି ଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ରଘୁନାଥପୁର ପଞ୍ଚାୟତର ମିଶନ ଶକ୍ତିର ୩୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୪୦ ହଜାର ୫ଶହ ଟଙ୍କା ପ୍ରଦାନ କରିଛନ୍ତି। ପଞ୍ଚାୟତର ସମିତିସଭ୍ୟା ଝୁନା ରାଉତ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁଙ୍କୁ ଅର୍ଥ ଦେଇଛନ୍ତି। ଏହି ସମୟରେ ଭୁବନେଶ୍ୱର ବିଡିଓ ତ୍ରିଲୋଚନ ମହାନ୍ତି ଉପସ୍ଥିତ ଥିଲେ।

### ବିଜୁ ଶ୍ରାଦ୍ଧୋତ୍ସବ ପାଳିତ

**କଟକ ସଦର,୧୭।୪(ଡି.ଏନ.ଏ.):** ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ୨୩ତମ ଶ୍ରାଦ୍ଧୋତ୍ସବ ଶୁକ୍ରବାର କଟକ ସଦର ବ୍ଲକ ଅନ୍ତର୍ଗତ ବିରିବାଟୀ ପଲ୍ଲୀ ପରିଷଦ ଆନୁକୂଲ୍ୟରେ ନିରାଡମ୍ବର ଭାବେ ପାଳିତ ହୋଇଥିଲା। ଏଥିରେ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା, ଆମ୍ଭାର ସଭାପତି ସମର ବେହେରା, ରଜନୀକାନ୍ତ ସାହୁ, ତ୍ରିଲୋଚନ ସ୍ୱାଇଁ, ଅକ୍ଷୟ ପରିଡା ଓ ସଦର ଯୁବ ବିଜେଡି ସଭାପତି ହିମାଂଶୁ ଦାସ ଯୋଗଦେଇଥିଲେ। ସେମାନେ ସ୍ୱର୍ଗତ ବିଜୁବାବୁଙ୍କର ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପଲ୍ଲୀ ପରିଷଦର ସମ୍ପାଦକ ବିଶ୍ୱ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୫୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇଥିଲା।

### ଦିନରାତି ଖୋଲାରହୁଛି ଦୋକାନ

**ନିରାକାରପୁର,୧୭।୪(ଡି.ଏନ୍.ଏ.):** କରୋନା ସଂକ୍ରମଣ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍‌ଡାଉନ ଜାରି ରହିଛି। ନିର୍ଦ୍ଦିଷ୍ଟ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବାକୁ ନିର୍ଦ୍ଦେଶ ରହିଥିଲେ ମଧ ଖୋର୍ଦ୍ଧା ଜିଲା ନିରାକାରପୁର ଓ ଏହାର ଆଖପାଖ ଅଞ୍ଚଳରେ ଏହାର ଖୋଲା ଉଲ୍ଲଂଘନ କରାଯାଉଛି। ପନିପରିବା, ରାଶନ ଓ ଔଷଧ ଦୋକାନ ଦିନବେଳା ଖୋଲୁଥିବା ବେଳେ ଅନ୍ୟାନ୍ୟ ଦୋକାନ ରାତି ୧୧ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଖୋଲା ରହୁଛି। ଏହାଛଡା ସାମାଜିକ ଦୂରତା ରକ୍ଷା ନ କରି ଏଠାରେ କ୍ରିକେଟ, ତାସ, ପଶା ଖେଳ ଚାଲିଛି। ପ୍ରଶାସନ ପକ୍ଷରୁ ସୀମା ସିଲ୍ କରାଯିବା ସତ୍ତ୍ୱେ ବାଲି, ଗୋଡି, ମାଙ୍କଡା ପଥର ବୋଝେଇ ଗାଡି ଅବାଧରେ ଯାତାୟାତ କରୁଛନ୍ତି। ଏହା ସାଙ୍ଗକୁ ନୂତନ ଘର ତିଆରି ଓ ଅନ୍ୟ ନିର୍ମାଣ କାର୍ଯ୍ୟ କରାଯାଉଛି। ଏ ସମ୍ପର୍କରେ ନିରାକାରପୁର ଥାନା ଏଏସ୍ଆଇ ଶରତ ଚନ୍ଦ୍ର ପାଇକରାୟଙ୍କୁ ପଚାରିବାରୁ ସେ କହିଥିଲେ, ଆମେ ପାଟ୍ରୋଲିଂ କରୁଛୁ, ଯେଉଁଠି ଏଭଳି କାର୍ଯ୍ୟ ହେଉଥିବା ଦେଖୁଛୁ ସେମାନଙ୍କୁ ତାଗିଦ କରୁଛୁ। ରାତିରେ ଦୋକାନ ଖୋଲାଯିବା ପ୍ରସଙ୍ଗରେ ସେ ତଦନ୍ତ କରି ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି।

# ଅସ୍ତିତ୍ୱ ହରାଉଛି ରତ୍ନଚିରା



**ଶୁଖୁଛି ନଦୀ, ପ୍ରଦୂଷିତ ହୋଇଛି ପାଣି**

କିଶୋର ମହାପାତ୍ର

ସାକ୍ଷୀଗୋପାଳ,୧୭।୪(ଡି.ଏନ.ଏ.)

ସତ୍ୟବାଦୀ ଅଞ୍ଚଳର ଜୀବନଧାରା ଭାବେ ପରିଚିତ ରତ୍ନଚିରା ନଦୀ ଏବେ ଅସ୍ତିତ୍ୱ ହରାଇଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର ଅଭାବରୁ ଏହି ନଦୀ ପୋତି ହୋଇପଡୁଛି। ଏହି ନଦୀ କୂଳରେ ବାସ କରୁଥିବା ପ୍ରାୟ ୧୦୦ଟି ଗ୍ରାମର ଲୋକେ ବର୍ଷାଋତୁରେ ଜଳ ନିଷ୍କାସନ ସମସ୍ୟା ଯୋଗୁ ହଇରାଣ ହେଉଥିବାବେଳେ ଗ୍ରୀଷ୍ମଋତୁରେ ପାଣି ବିନା ତହଳବିକଳ ହୋଇଥାନ୍ତି। ଏବେ ଏପ୍ରିଲ ମାସ ଅଧାବେଳକୁ ଏହି ନଦୀ ଶୁଖିବାକୁ ବସିଲାଣି। ଅନେକ ସ୍ଥାନରେ ନଦୀଶଯ୍ୟା ଶୁଖିଲା ପଡ଼ିଛି। କିଛି ଖାଲୁଆ ସ୍ଥାନରେ ଅନାବନା ଦଳ ଭର୍ତ୍ତି ରହିଥିବାରୁ ପାଣି ପ୍ରଦୂଷିତ ହୋଇଛି। ଆଗକୁ ଜଳକଷ୍ଟ ଉତ୍କଟ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

ରତ୍ନଚିରା ନଦୀ ପିପିଲି ହରିପୁରଠାରୁ ଭାର୍ଗବୀ ନଦୀରୁ ବାହାରି ସତ୍ୟବାଦୀ, ପୁରୀ ସଦର ଓ ବ୍ରହ୍ମଗିରି ବ୍ଲକର ତଳମୁଣ୍ଡ ଗୋବର୍ଦ୍ଧନପୁର ପର୍ଯ୍ୟନ୍ତ ଦୀର୍ଘ ୫୦ କିଲୋମିଟର ପର୍ଯ୍ୟନ୍ତ ବୋହି ଆସିଛି। ଏହାକୁ ସରକାରୀ କାଗଜପତ୍ରରେ ଖଲାସି ନାଳ ଭାବେ ଚିତ୍ରଣ କରାଯାଇଛି। ଏହି ଖଲାସି ନାଳର ଜଳ ପରିଚାଳନା ଭାର ଭୁବନେଶ୍ୱର ଡ୍ରେନେଜ ଡିଭିଜନ ହାତରେ ରହିଛି। ଦିନ ଥିଲା ଭାର୍ଗବୀ ନଦୀର ବନ୍ୟାଜଳକୁ ନିୟନ୍ତ୍ରଣ କରିବାରେ ରତ୍ନଚିରା ସହାୟକ ହେଉଥିଲା। ରତ୍ନଚିରା ନଦୀ ଖନନ ସହ ଦଳ ସଫେଇ ପାଇଁ ବାରମ୍ବାର ଦାବି ହେଉଛି। ମାତ୍ର ପ୍ରଶାସନ ଶୁଣୁନାହିଁ। ଏଥିଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜଳକଷ୍ଟରୁ ରକ୍ଷା ପାଇଁ ତୁରନ୍ତ ନଦୀରେ ପାଣି ଛାଡ଼ିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ନେଇ ସାକ୍ଷୀଗୋପାଳ ଜଳସମ୍ପଦ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରଘୁନାଥ ସ୍ୱାଇଁ କହିଛନ୍ତି, ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନିଆଯିବ।

**ଐତିହାସିକ ପୃଷ୍ଠଭୂମି**

ଦ୍ୱାଦଶ ଶତାବ୍ଦୀରୁ ଚିରସ୍ରୋତା ରତ୍ନଚିରା ଉପକୂଳବାସୀଙ୍କ ଜଳପଥ ଭାବେ ବ୍ୟବହୃତ ହେଉଥିଲା। ସେତେବେଳେ ଗମନାଗମନ ବ୍ୟବସ୍ଥା ସୁଗମ ନ ଥିବାରୁ ମଠ, ମନ୍ଦିର ଓ ଗୃହ ନିର୍ମାଣ ପାଇଁ ଡଙ୍ଗାରେ ପଥର ଆସୁଥିଲା। ହାଟ ବଜାରଠାରୁ ଦୈନନ୍ଦିନ ଜୀବନରେ ରତ୍ନଚିରା ସହାୟକ ହେଉଥିଲା। ଏହାର ଜଳରାଶିକୁ କୃଷି କାର୍ଯ୍ୟରେ ଲଗାଯିବା ସହିତ ମାଛ ମାରି ମତ୍ସ୍ୟଜୀବୀ ଜୀବିକା ନିର୍ବାହ କରୁଥିଲେ। ସେହିପରି ରତ୍ନଚିରା କୂଳରେ ଗଢ଼ିଉଠିଥିବା ଜନବସତି, ପୁରାତନ ମଠ, ମନ୍ଦିର ଓ ଆଶ୍ରମଗୁଡ଼ିକୁ ନେଇ ରଚିତ କାବ୍ୟ କବିତାକୁ ଅନୁଶୀଳନ କଲେ ଏହାର ଐତିହାସିକ ପୃଷ୍ଠଭୂମି ହୃଦୟସ୍ପର୍ଶୀ ବୋଲି ଜଣାପଡ଼େ।

## ୧୦୦ କି.ମି. ଚାଲିଲେ ୫ ଯୁବକ

ପିପିଲି,୧୭।୪(ଡି.ଏନ.ଏ)



ଚାଲିବାକୁ ବଳ ପାଉନାହିଁ। ତଥାପି କଷ୍ଟେମଷ୍ଟେ ପାଦ ପକାଇବାକୁ ପଡୁଛି। ଭୋକ ବାଟ କଢାଇ ନେଉଛି। ଢେଙ୍କାନାଳରୁ ପିପିଲି ପାଖାପାଖି ୧୦୦ କିମି ଚାଲି ଚାଲି ଘରକୁ ଫେରିଛନ୍ତି କେତେଜଣ ଦିନମଜୁରିଆ। ଶୁକ୍ରବାର ପିପିଲି ବଜାରରେ ଏମାନେ ପହଞ୍ଚିଛନ୍ତି। ଢେଙ୍କାନାଳ କପିଳାସସ୍ଥିତ ଅନ୍ନପୂର୍ଣ୍ଣା ରାଇସ ମିଲରେ କାମ କରୁଥିଲେ ପୁରୀ ଜିଲା ସୁକଳ ଓ ବ୍ରହ୍ମଗିରିର କେତେଜଣ ଯୁବକ। ସେମାନେ ହେଲେ ବାମବରଡାର ବଳରାମ ସ୍ୱାଇଁ, ଚଣ୍ଡପଡ଼ାର ଚନ୍ଦ୍ର ଶେଖର ବିଶ୍ୱାଳ, ଦାମୋଦରପୁରର ପ୍ରକାଶ ଜେନା, ମାନସ ଜେନା ଏବଂ ଶମ୍ଭେଶ୍ୱର ଜେନା। ତେବେ କରୋନା ପାଇଁ କମ୍ପାନୀରେ କାମ ବନ୍ଦ ହୋଇଯିବା ପରେ ଦୁଃଖକଷ୍ଟରେ କିଛିଦିନ ବିତାଇଲେ। ଖାଇବା ସମସ୍ୟା ସାଙ୍ଗକୁ ପଇସାପତ୍ର ସବୁ ଶେଷ ହୋଇଗଲା। ଭୋକର ଦାଉ ଯେତେବେଳେ ବଢ଼ିଲା ସେତେବେଳେ ଘରମୁହାଁ ହୋଇଛନ୍ତି ଏହି ଯୁବକମାନେ। ଗୁରୁବାର ରାତି ୧୨ଟାରେ ଢେଙ୍କାନାଳରୁ ପାଦ କାଢିଥିଲେ। ଶୁକ୍ରବାର ଅପରାହ୍ନ ୫ଟାରେ ଏମାନେ ପିପିଲିରେ ପହଞ୍ଚିଥିଲେ। ରାତି ପାହିଲେ ନିଜ ନିଜ ଗାଁ ଅଭିମୁଖେ ବାହାରିବେ ବୋଲି ଏହି ଯୁବକମାନେ କହିଛନ୍ତି। ଖବର ପାଇ ପିପିଲିର ପିପୁଲ ଫର୍ ସେବା ଏବଂ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ, ବାଟମହାବୀର କ୍ଲବ ପକ୍ଷରୁ ସେମାନଙ୍କୁ ଖାଇବା ପାଇଁ ଦିଆଯାଇଥିଲା।

## ସାପ କାମୁଡ଼ାରେ ବୃଦ୍ଧା ମୃତ

ବ୍ରହ୍ମଗିରି, ୧୭।୪(ଡି.ଏନ.ଏ.)

ବ୍ରହ୍ମଗିରି ଥାନା ଅନ୍ତର୍ଗତ ମାତଲାପୁର ଗ୍ରାମରେ ସାପ କାମୁଡାରେ ଶୁକ୍ରବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ ଉକ୍ତ ଗ୍ରାମର କନକ ଜେନା (୬୨) ଶୁକ୍ରବାର ସକାଳୁ ଜମିକୁ ଧାନ କାଟିବାକୁ ଯାଇଥିଲେ। ଏହି ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ଲାଗି ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଯୌତୁକ ପାଇଁ ନିର୍ଯାତନା : ୪ ଗିରଫ

ନିମାପଡ଼ା, ୧୭।୪(ଡି.ଏନ.ଏ)

ଚାରିଛକ ଫାଣ୍ଡି ଅନ୍ତର୍ଗତ ଦାଣ୍ଡିଆପଡ଼ା ଗ୍ରାମର ମଲ୍ଲିକା ଭୋଇ ନାମ୍ନୀ ବଧୂଙ୍କୁ ଯୌତୁକ ଦାବିରେ ନିର୍ଯାତନା ଦେବା ସହ ଆକ୍ରମଣ କରିବା ଅଭିଯୋଗରେ ୪ଜଣଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ମଲ୍ଲିକାଙ୍କ ସ୍ୱାମୀ ମାଧବ ଭୋଇ, ଦେଢଶୁର ମିଟୁଆ ଭୋଇ, ରାଜକିଶୋର କାଣ୍ଡି, ସାଗର କାଣ୍ଡି। ସୂଚନା ଅନୁଯାୟୀ, ମଲ୍ଲିକାଙ୍କୁ ଗତ ୧୫ ତାରିଖରେ ଶାଶୁ, ଯାଆ, ଦେଢଶୁର ପ୍ରମୁଖ ନିଷ୍ଠୁର ମାଡ ମାରିଥିଲେ । ମଲ୍ଲିକାଙ୍କ ବାପା ଓ ଭାଇ ତାଙ୍କ ଶାଶୁ ଘରେ ପହଞ୍ଚି ପଚାରିବାରୁ ଶାଶୁଘର ଲୋକେ ସେମାନଙ୍କୁ ଗାଲିଗୁଲଜ କରି ମାଡ଼ ମାରିଥିଲେ। ଏ ନେଇ ମଲ୍ଲିକା ଗତ ବୁଧବାର ଥାନାରେ ଅଭିଯୋଗ କରିଥିଲେ । ପୋଲିସ କେସ୍ ନଂ.୯୦/୨୦ ରୁଜୁ କରିଥିଲା। ଅନ୍ୟପକ୍ଷରେ ଯାଆ କୁନି ଭୋଇଙ୍କୁ ମଲ୍ଲିକାଙ୍କ ବାପା ଓ ଭାଇ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ହତ୍ୟା ଧମକ ଦେଇଥିବା ଚାରିଛକ ଫାଣ୍ଡିରେ ପାଲଟା ଅଭିଯୋଗ ହୋଇଛି। ପୋଲିସ କେସ୍ ନଂ. ୮୯/୨୦ ରୁଜୁ କରିଛି ।

## ବନ୍ଦ ଲଜ୍‌ରେ ଦେହ ବେପାର

**ବିରୋଧ କରିବାରୁ ୩ ଯୁବକଙ୍କୁ ଆକ୍ରମଣ**

**ପୁରୀ ଅଫିସ,୧୭।୪:** ବର୍ତ୍ତମାନ କରୋନା କଟକଣା ଜାରି କରାଯାଇଛି । ଲକ୍‌ଡାଉନ ଯୋଗୁ ବନ୍ଦ ରହିଛି ସମସ୍ତ ହୋଟେଲ, ଲଜ୍ ଏବଂ ଅନ୍ୟାନ୍ୟ ବ୍ୟବସାୟ ପ୍ରତିଷ୍ଠାନ। ହେଲେ ଶୁକ୍ରବାର ବଡ଼ଦାଣ୍ଡର ଦୁଇଟି ଲଜ୍‌ରେ ଦେହବ୍ୟବସାୟ ଚାଲୁଥିବା ନେଇ ୩ଜଣ ଯୁବକ ବିରୋଧ କରିବାରୁ ସେମାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ୩ ଯୁବକଙ୍କୁ ମାଡ଼ ମରାଯାଇଛି ଏବଂ ସେମାନେ ଡାକ୍ତରଖାନାରେ ଚିକିତ୍ସିତ ଥିବା ଆଇଆଇସି କୁଳମଣୀ ସେଠୀ ସ୍ୱୀକାର କରିଥିଲେ ମଧ ଦେହ ବ୍ୟବସାୟ ନେଇ କୌଣସି ଅଭିଯୋଗ ହୋଇ ନ ଥିବା କହିଛନ୍ତି। ତେବେ କଣ ପାଇଁ ଯୁବମାନଙ୍କୁ ଆକ୍ରମଣ କରାଯାଇଛି ସେ ନେଇ ପୋଲିସ କୌଣସି ସୂଚନା ଦେଇନାହିଁ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ପୁରୀ ସମୁଦ୍ରରୁ ବିରଳ ସାର୍କ ଶିକାର

ପୁରୀ ଅଫିସ,୧୭।୪

ପୁରୀ ସମୁଦ୍ରରୁ ବିରଳ ପ୍ରଜାତିର ସାର୍କ ମାଛ ଶିକାର କରାଯାଉଛି। ମୁନାଫାଖୋର ମାଛ ଚାଲାଣକାରୀ ମତ୍ସ୍ୟଜୀବୀଙ୍କୁ ହାତ କରି ଏହି ମାଛକୁ ବିଦେଶକୁ ରପ୍ତାନୀ କରୁଛନ୍ତି। ସଚେତନ ଅଭାବରୁ ସାଧାରଣ ମତ୍ସ୍ୟଜୀବୀ ଏହି ମାଛର ମୂଲ୍ୟ ଜାଣିପାରୁ ନ ଥିବାବେଳେ କମ୍ ଟଙ୍କାରେ କିଣି ମାଲାମାଲ୍ ହେଉଛନ୍ତି ମାଛ ଚାଲାଣକାରୀ। ଏମିତିକି ପୁରୀ ସମୁଦ୍ରରୁ ବିରଳ ପ୍ରଜାତିର ସାର୍କ ଏବଂ ଅନ୍ୟ ମାଛ ଧରାପଡୁଛନ୍ତି। ମାତ୍ର ମତ୍ସ୍ୟଜୀବୀମାନେ ସେହି ମାଛର ଉପାଦେୟତା ଏବଂ ଏହାକୁ ଧରିବା କଥା କି ନାହିଁ ସେ ବିଷୟରେ ଜାଣିପାରୁ ନାହାନ୍ତି । ଫଳରେ କେତେକ ପ୍ରଜାତିର ମାଛ ବିଲୁପ୍ତପ୍ରାୟ ହୋଇଥିଲେ ମଧ ସେମାନଙ୍କୁ ସୁରକ୍ଷା ଦିଆଯାଇ ପାରୁନାହିଁ। ଅନ୍ୟପକ୍ଷରେ କରୋନା କଟକଣା ପାଇଁ ବର୍ତ୍ତମାନ ସମୁଦ୍ରକୁ ମତ୍ସ୍ୟଜୀବୀମାନେ ପ୍ରାୟତଃ ଯାଉନାହାନ୍ତି। ଯନ୍ତ୍ରଚାଳିତ ବୋଟ୍, ଡଙ୍ଗା, ଟ୍ରଲର ଆଦି ଚଳାଚଳ କରୁନାହିଁ। ସମୁଦ୍ର ଶାନ୍ତ ରହିଥିବାରୁ ବିଭିନ୍ନ ପ୍ରକାର ଜଳଜୀବ କୂଳମୁହାଁ ହେଉଛନ୍ତି, ଯାହାକି ଏକ ଶୁଭ ଲକ୍ଷଣ ବୋଲି ବନ୍ୟପ୍ରାଣୀ ତତ୍ତ୍ୱାବଧାରକ କହିଛନ୍ତି।

ପୁରୀ ସହରର ମତ୍ସ୍ୟଜୀବୀମାନେ ପ୍ରତ୍ୟହ ଡଙ୍ଗା ନେଇ ସମୁଦ୍ରକୁ ମାଛ ମାରିବାକୁ ଯାଇଥାନ୍ତି। ହଜାର ହଜାର ସଂଖ୍ୟାରେ ମତ୍ସ୍ୟଜୀବୀ ସମୁଦ୍ରରୁ ମାଛ ମାରି ସେମାନଙ୍କ ପରିବାର ଚଳାଇଥାନ୍ତି। ସମୁଦ୍ର ଭିତରେ ଜାଲ ପକାଇ ମାଛ ଧରିବା ସହ ସୂତି ମଧ ପକାଇଥାନ୍ତି। ବେଳେବେଳେ ଜାଲରେ ବିରଳ ପ୍ରଜାତିର ମାଛ ପଡୁଥିଲେ ମଧ ମତ୍ସ୍ୟଜୀବୀମାନେ ଚିହ୍ନି ନ ପାରି ଏହାକୁ ସାଧାରଣ ମାଛ ଦାମ୍‌ରେ ବିକ୍ରି କରିଥାନ୍ତି। ବର୍ତ୍ତମାନ କରୋନା କଟକଣା ପାଇଁ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ମାରିବାକୁ ଯାଉନାହାନ୍ତି। ତଥାପି କାଁ ଭାଁ ମତ୍ସ୍ୟଜୀବୀ ଯାଉଛନ୍ତି। ଶୁକ୍ରବାର ଅପରାହ୍ନରେ ମତ୍ସ୍ୟଜୀବୀଙ୍କ ଜାଲରେ ଏକ ବିରଳ ପ୍ରଜାତିର ସାର୍କ ମାଛ ପଡିଥିଲା। ସମ୍ପୃକ୍ତ ମତ୍ସ୍ୟଜୀବୀଙ୍କୁ କି ମାଛ ବୋଲି ପଚାରିବାରୁ ସେ ଜାଣି ନ ଥିବା କହିଥିଲେ। ବର୍ତ୍ତମାନ ବ୍ୟବସାୟୀ ଆସୁ ନ ଥିବାରୁ ସେ ଏହାକୁ ଘରକୁ ନେଇଯାଇଥିଲେ।



- **ସଚେତନତା ନାହିଁ, ଜାଣିପାରୁ ନାହାନ୍ତି ମତ୍ସ୍ୟଜୀବୀ**
- **କରୋନା ପାଇଁ ଶାନ୍ତ ସମୁଦ୍ର, କୂଳମୁହାଁ ଜଳଜୀବ**

ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଆକାଶ ରଞ୍ଜନ ରଥ କହିଛନ୍ତି ଏହା ବିରଳ କିମ୍ବା ବିଲୁପ୍ତ ପ୍ରାୟ ପ୍ରଜାତିର ହାମରହେଡେଡ୍ ସାର୍କ। ଆଇୟୁସିଏନ୍ (ଇଣ୍ଟରନ୍ୟାଶନାଲ ୟୁନିୟନ ଫର କଞ୍ଜରଭେଶନ ଅଫ୍ ନେଚର) ଅନୁସାରେ ଏହାକୁ ଧରିବା କିମ୍ବା ବିକ୍ରି କରିବା ସମ୍ପୂର୍ଣ୍ଣ ବେଆଇନ। ଏହା ସାଧାରଣତଃ ସମୁଦ୍ର ତଳ ଭାଗରେ ବାସ କରିଥାନ୍ତି । ମୁହଁର ଅଗ୍ରଭାଗରେ ଥିବା ହାମର (ହାତୁଡ଼ି ସଦୃଶ)ରେ ଛୋଟ ଜଳଜୀବଙ୍କୁ ବାଡେଇ ନିସ୍ତେଜ କରିବା ପରେ ଖାଇଥାନ୍ତି। ଏମାନେ ସାଧାରଣତଃ ଜାଲରେ ପଡ଼ି ନ ଥାନ୍ତି । ୨୦୦୫ ପୂର୍ବରୁ ପୁରୀ ସମୁଦ୍ର ଏବଂ ଚିଲିକାରେ ଏମାନଙ୍କୁ ଦେଖିବାକୁ ମିଳୁଥିଲା। ଦୀର୍ଘ ୧୫ ବର୍ଷ ହେଲାଣି ଏହି ପ୍ରଜାତିର ସାର୍କଙ୍କ ଅସ୍ତିତ୍ୱ ନ ଥିଲା। ଏହି ପ୍ରଜାତିର ଛୋଟ ସାର୍କ ସାଧାରଣତଃ ମୁହାଣ ଏବଂ ସମୁଦ୍ର କୂଳ ପାଖାପାଖି ଦେଖାଯାଆନ୍ତି। ବଡ଼ ସାର୍କ ଗଭୀର ସମୁଦ୍ରରେ ରୁହନ୍ତି। କରୋନା କଟକଣା ଯୋଗୁ ଏବେ ସମୁଦ୍ରକୁ ମତ୍ସ୍ୟଜୀବୀମାନେ ଯାଉ ନାହାନ୍ତି। ତେଣୁ ଏହି ପ୍ରଜାତିର ସାର୍କ ସହିତ ଅନ୍ୟ କେତେକ ଜଳଜୀବ କୂଳମୁହାଁ ହୋଇଥିବା ରଥ କହିଛନ୍ତି । କିଛିଦିନ ତଳେ ଗୋପାଳପୁରରେ ଏକ ବର୍ଲିନ ହ୍ୱେଲ ଜାଲରେ ପଡ଼ିବା ଏହାକୁ ଅନ୍ୟ ଏକ ପ୍ରମାଣ ବୋଲି ରଥ ସୂଚନା ଦେଇଛନ୍ତି ।

## ବିଜୁବାବୁଙ୍କ ଶ୍ରାଦ୍ଧଦିବସ

ପୁରୀ ଅଫିସ,୧୭।୪

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ଗୁରୁବାର ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିଜେଡି ରାଜ୍ୟ ସମ୍ପାଦକ ତଥା ଜୀବନ ବିନ୍ଦୁ ଜିଲା ସଂଯୋଜକ ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ୬୩ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏଥିରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଓ ବେଣୁଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସକାଳେ ବିଜେଡି ଜିଲା ସବ୍ୟସାଚୀ ମହାପାତ୍ର ସିଂହଦ୍ୱାରରେ ଦୀପ ଦାନ କରିଥିବାବେଳେ ବିଜେଡି ନଗର ସଭାପତି ଭକ୍ତଚରଣ ଦାସ ମେଡିକାଲ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ନିରାଶ୍ରୟଙ୍କୁ ଖାଦ୍ୟ ବଣ୍ଟନ

ଭୁବନେଶ୍ୱର, ୧୭।୪(ବ୍ୟୁରୋ)

ଲକ୍‌ଡାଉନ୍ ପାଇଁ ଦୂରଦୁରାନ୍ତରୁ ଆସି ଭୁବନେଶ୍ୱରରେ କାମ କରୁଥିବା ବହୁ ଦିନମଜୁରିଆ ବିଭିନ୍ନ ସ୍ଥାନରେ ଅଟକି ରହିଛନ୍ତି। ବିଶେଷକରି ଫୁଲବାଣୀ, ନୂଆପଡ଼ା, କେନ୍ଦ୍ରାପଡ଼ା, ବୌଦ୍ଧ, ନୟାଗଡ଼ ସହ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ଆସିଥିବା ଶ୍ରମିକଙ୍କ ପାଇଁ ଏହି ଲକ୍‌ଡାଉନ୍ ଏକ ପ୍ରକାର ଅଭିଶାପ ପାଲଟି ଯାଇଛି। ଗତ ୨୦ରୁ ଊର୍ଦ୍ଧ୍ୱ ଦିନ ହେବ ସେମାନେ ଖାଇବାପିଇବା ସହ ପରିବାର ପ୍ରତିପୋଷଣ କରିବାରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳିସ୍ଥିତିରେ ବିଭିନ୍ନ ବିଏମ୍‌ସି ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ସହଯୋଗର ହାତ ବଢ଼ାଯାଉଛି। ଏହି କ୍ରମରେ ସାମାଜିକକର୍ମୀ ନମ୍ରତା ଚଢ଼ାଙ୍କ ସହ ୨୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ପ୍ରତିଦିନ ୨୦୦ରୁ ଅଧିକ ନିରାଶ୍ରୟ ଲୋକଙ୍କୁ ସ୍ଥାନୀୟ ଖଣ୍ଡଗିରି ଓ କଳିଙ୍ଗ ବିହାର ଅଞ୍ଚଳର ବିଭିନ୍ନ ସ୍ଥାନରେ ରନ୍ଧା ଖାଦ୍ୟ ସହ ବିଭିନ୍ନ ପ୍ରକାରର ଶୁଖିଲା ଖାଦ୍ୟ ଯୋଗାଇ ଦେଉଛନ୍ତି। ଗୁରୁବାର ମଧ ଏହି କାର୍ଯ୍ୟ ଜାରି ରହିଥିବାବେଳେ ସ୍ଥାନୀୟ ଅଞ୍ଚଳର ଏସ୍‌ଏଚ୍‌ଜି ମହିଳାଙ୍କ ସହ ସାମାଜିକକର୍ମୀ ଚଢ଼ା ଓ ହୁଙ୍କାର ଓଡ଼ିଆ ସଙ୍ଗଠନ ସମ୍ପୃକ୍ତ ଶ୍ରମିକଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରିଥିବା ଜଣାପଡ଼ିଛି।

# ଉପବାସରେ କୁଟୀରଶିଳ୍ପ କାରିଗର

କୃଷ୍ଣପ୍ରସାଦ, ୧୭।୪ (ଡି.ଏନ.ଏ.)



କୁଟୀରଶିଳ୍ପ ପାଇଁ ଓଡ଼ିଶା ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଲକ୍‌ଡାଉନ ଯୋଗୁ ଶିଳ୍ପୀ ପରିବାର ଆଜି ଭୋକ ଉପବାସରେ ଦିନ କାଟୁଛନ୍ତି। ଏଭଳି ଦେଖିବାକୁ ମିଳିଛି ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବଡଅଁଳ ପଞ୍ଚାୟତ ହରିଜନସାହିରେ। ସାହିରେ ୩୦ ପରିବାର ବାସ କରନ୍ତି। ସେମାନେ ସକାଳୁ ଉଠି କିଆ ଗଛ ବଣ ବୁଲି ତାର ଚେର ସଂଗ୍ରହ କରିଥାନ୍ତି। ସେହି ଚେରରେ ଟୋକେଇ, କୁଲା, ଫୁଲ ଚାଙ୍ଗୁଡି ତିଆରି କରିଥାନ୍ତି। ସେହିଭଳି ଖଜୁରି ଗଛର ପତ୍ର ଆଣି ସେଥିରେ ଝାଡୁ, ଫୁଲଦାନୀ ଆଦି ତିଆରି କରନ୍ତି। ତାହାକୁ ଗାଁକୁ ଗାଁ ବୁଲି ବିକ୍ରି କରି ନିଜର ପରିବାର ପୋଷଣ କରିଥାନ୍ତି। କିଆ ଚେରରେ ତିଆରି ସାମଗ୍ରୀର ଚାହିଦା ଖୁବ୍ ଭଲ। ଦେଖିବା ପାଇଁ ବେତ ତିଆରି ଜିନିଷ ଭଳି ସୁନ୍ଦର। ଏହା ଅଳ୍ପ ଦାମରେ ବି ମିଳିଥାଏ। ତେଣୁ ଗ୍ରାହକମାନଙ୍କ ଚାହିଦା ରହିଥାଏ। ସେମାନେ ପୁରୀ ସହର, ସମୁଦ୍ର କୂଳ, ଗଞ୍ଜାମ ଜିଲା, ଖୋର୍ଦ୍ଧା ଜିଲା ବାଲୁଗାଁ, ବାଣପୁର, କଟକ, ନୟାଗଡକୁ ପ୍ରସ୍ତୁତ ସାମଗ୍ରୀ ନେଇ ବିକ୍ରି କରି ରୋଜଗାର କରନ୍ତି। କେତେଜଣ ବ୍ୟବସାୟୀ ଘରକୁ ଆସି ବହୁ ପରିମାଣରେ ସାମଗ୍ରୀ କିଣି ନେଇ ରାଜ୍ୟ ବାହାରେ ବ୍ୟବସାୟ କରିଥାନ୍ତି। କରୋନା ପାଇଁ ଲକ୍‌ଡାଉନ ପରେ ସେମାନେ ଆଉ ଘରୁ ବାହାରି ପାରୁନାହାନ୍ତି କି ବ୍ୟବସାୟୀମାନେ ମଧ ଆସି ପାରୁନାହାନ୍ତି। ଜେମା ନାୟକ କୁହନ୍ତି, ପ୍ରତିବର୍ଷ ବିଷୁବ ସଂକ୍ରାନ୍ତିରେ ଓଡ଼ିଶାର ୨ୟ ବାଲିଯାତ୍ରା କୃଷ୍ଣପ୍ରସାଦ ବ୍ଲକ ଦେଉଳପଡା ପଣାଯାତ୍ରାରେ ସେମାନେ ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ବିକ୍ରି କରିଥାନ୍ତି। ସେହି ଉଦ୍ଦେଶ୍ୟରେ ସମସ୍ତ ପରିବାର ବହୁସଂଖ୍ୟାରେ ସାମଗ୍ରୀ ତିଆରି କରି ରଖିଛନ୍ତି। ହେଲେ କରୋନା ପାଇଁ ଯାତ୍ରା ବନ୍ଦ ହେଲା। ସେମାନେ ଘରୁ ବାହାରକୁ ଯାଇ ପାରୁନାହାନ୍ତି। ତିଆରି କରିଥିବା ସାମଗ୍ରୀ ବିକ୍ରି କରି ନ ପାରି ଘରେ ରଖିଛନ୍ତି। ସରକାର ଦେଇଥିବା ୧ ହଜାର ଟଙ୍କା ୫ ଦିନରେ ସରିଗଲା। ଏବେ ସେମାନେ ଖାଇବେ କ'ଣ ସେହି ଚିନ୍ତା ଘାରିଛି। ସରକାର ସେମାନଙ୍କୁ ଗାଁ ଗାଁ ବୁଲି ସାମଗ୍ରୀ ବିକ୍ରି କରିବାକୁ ଅନୁମତି ଦେବାକୁ ନିବେଦନ କରିଛନ୍ତି। ଯାହାଦ୍ୱାରା କୁଟୀର ଶିଳ୍ପର ବିକାଶ ହେବ ଏବଂ ସେମାନଙ୍କ ପରିବାରଙ୍କୁ ମୁହଁରେ ମୁଠାଏ ଖାଦ୍ୟ ଦେଇପାରିବେ।

## ପେଣ୍ଟିଂରେ କରୋନା ସଚେତନତା ବାର୍ତ୍ତା




ଟ୍ରାଫିକ ଛକରେ କରାଯାଇଥିବା ପେଣ୍ଟିଂ।

**ନୟାଗଡ଼ ଅଫିସ,୧୭।୪:** ପେଣ୍ଟିଂରେ କରୋନା ସଚେତନତା ବାର୍ତ୍ତା ଦେଇଛନ୍ତି ନୟାଗଡ ଚିତ୍ରକର ସଂଘର କର୍ମକର୍ତ୍ତା। ନୟାଗଡ ଟ୍ରାଫିକ ଛକରେ ସେମାନେ ଚିତ୍ର ଅଙ୍କନ ସହ ଲେଖାକୁ ସ୍ଥାନ ଦେଇଛନ୍ତି। ଏହା କରୋନାର ଭୟାବହତା ଓ ଘରେ ରହି ସୁସ୍ଥ ରୁହନ୍ତୁ ବୋଲି ଦର୍ଶାଉଛି। ପରେ ଖୁଣ୍ଟୁବନ୍ଧର ୩ଜଣ ଛାତ୍ର ଅନୁରୂପ ଭାବେ ଚିତ୍ରକୁ ଆହୁରି ସୁନ୍ଦର କରି ଆଙ୍କିଛନ୍ତି। ଅମାନିଆମାନେ ପ୍ରଶାସନକୁ ଅସହଯୋଗ କରନ୍ତୁ ନାହିଁ ବୋଲି ଚିତ୍ର କହୁଛି। ଜିଲା ସଭାପତି ବିଜୟ ସାହୁଙ୍କ ନେତୃତ୍ୱରେ ଏହି ବାର୍ତ୍ତା ବିଭିନ୍ନ ରାସ୍ତାରେ କରାଯାଇ ସଚେତନତା କରାଯାଉଛି।

## ପାଣି ମଡ଼ାଇ ବଞ୍ଚାଇଲେ ଆଖୁ ଫସଲ

**ନୟାଗଡ଼ ଅଫିସ,୧୭।୪:** କରୋନା କଟକଣା ଯୋଗୁ ନୟାଗଡ ଜିଲାରେ ଆଖୁ ଫସଲ ଉଜୁଡିବାରେ ଲାଗିଥିଲା। କିଛି ସ୍ଥାନରେ ଏହା ନଷ୍ଟ ହୋଇଗଲାଣି। ଏପରିସ୍ଥଳେ କୃଷି କାର୍ଯ୍ୟ ପାଇଁ ସରକାର ଅନୁମତି ଦେବା ପରେ ଆଖୁଚାଷୀ ତତ୍ପର ହୋଇ ଉଠିଛନ୍ତି। ମରିବାକୁ ଯାଉଥିବା ଆଖୁ ଫସଲରେ ପାଣି ମଡାଇ ବଞ୍ଚାଇ ରଖିବାକୁ ପ୍ରୟାସ କରିଛନ୍ତି। ଜିଲାର ଚିନିକଳରେ ତାଲା ଝୁଲୁଥିଲେ ମଧ୍ୟ କିଛି ଚାଷୀ ଆଖୁ ଫସଲକୁ ବଞ୍ଚାଇ ରଖିଛନ୍ତି। ପନିପରିବା ଚାଷୀ ବି ଫସଲ ସୁରକ୍ଷା ଦେବାକୁ ଆରମ୍ଭ କରିଛନ୍ତି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

**୧୭।୪(ସ୍ୱ.ପ୍ର):** ବରୀ ତହସିଲ ପକ୍ଷରୁ ଶୁକ୍ରବାର ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇଛି। ଏନେଇ ଜରିମାନା ବାବଦରେ ୧୦ହଜାର ୫୦୦ଟଙ୍କା ଆଦାୟ କରାଯାଇଥିବା ଜଣାପଡିଛି। ବେଆଇନଭାବେ ବରୀ ଅଞ୍ଚଳରେ ଟ୍ରାକ୍ଟରଗୁଡ଼ିକ ଚୋରାରେ ବାଲି ନଦୀରୁ ନେଇ ଚଢ଼ାଦାମରେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ବ୍ରାହ୍ମଣୀ ନଦୀରୁ ଏକ ଟ୍ରାକ୍ଟର କଣାଘାଟରୁ ବାଲି ବୋଝେଇ କରି ଆସୁଥିବା ଖବର ପାଇ ତହସିଲ ପକ୍ଷରୁ ଚଢ଼ାଉ କରାଯାଇଥିଲା। ତହସିଲଦାର ସରୋଜକାନ୍ତ ନାୟକ ଟ୍ରାକ୍ଟରକୁ ଜବତ କରିବା ପରେ ଜୋରିମାନା ଆଦାୟ କରି ଟ୍ରାକ୍ଟରଟିକୁ ଛାଡ଼ି ଦେଇଥିଲେ।

# ୨ ରିଟେଲରଙ୍କୁ ଜବାବ ତଲବ

**ହିତାଧିକାରୀଙ୍କୁ କମ୍ ଖାଉଟି ସାମଗ୍ରୀ ବଣ୍ଟନ ମାମଲା**

■ ମାସିକ ଆବଣ୍ଟନ କୋଟା ସ୍ଥଗିତ

**ଯାଜପୁର ଅଫିସ/କୋରେଇ(ସ୍ୱ.ପ୍ର.),୧୭।୪**

ସାଧାରଣ ବଣ୍ଟନ ବ୍ୟବସ୍ଥା (ନିୟନ୍ତ୍ରଣ) ଆଦେଶ-୨୦୧୬ ଉଲ୍ଲଂଘନ କରିବା ଅଭିଯୋଗରେ ଯାଜପୁର ଜିଲା କୋରେଇ ବ୍ଲକର ଦୁଇ ରିଟେଲରଙ୍କ ବିରୋଧରେ ଜବାବ ତଲବ ହୋଇଛି। ଯାଜପୁର ଉପଜିଲାପାଳ ତଥା ସନନ୍ଦ ପ୍ରାଧିକାରୀ ନାରାୟଣ ଚନ୍ଦ୍ର ଧଳ ତାଙ୍କ ପତ୍ରସଂଖ୍ୟା ୧୪୦/୧୬।୪।୨୦୨୦ରେ କୋରେଇ ବ୍ଲକ ଅନ୍ଧାରୀ ଗ୍ରାମ ପଞ୍ଚାୟତ କିଆପଦା ଗ୍ରାମର ରିଟେଲର ଲକ୍ଷ୍ମୀଧର ଦାସ ଏବଂ ପତ୍ରସଂଖ୍ୟା ୧୩୬/୧୬।୪।୨୦୨୦ରେ ରଗଡ଼ି ଗ୍ରାମର ରାଧେଶ୍ୟାମ ସ୍ୱାଇଁଙ୍କ ମାସିକ ବଣ୍ଟନ କୋଟାକୁ ସ୍ଥଗିତ ରଖିବା ସହ ୭ଦିନ ମଧ୍ୟରେ କାରଣ ଦର୍ଶାଇବାକୁ ନିର୍ଦ୍ଦେଶ ହୋଇଛି। ଅନ୍ୟଥା ଉକ୍ତ ଦୁଇଜଣଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶରେ ଦର୍ଶାଯାଇଛି।

ସୂଚନାଯୋଗ୍ୟ ଯେ, ଲକଡାଉନ ପରିପ୍ରେକ୍ଷୀରେ ରାଜ୍ୟ ସରକାର ଗରିବ ଲୋକଙ୍କୁ ଅତିରିକ୍ତ ୫କେ.ଜି. ଲେଖାଏଁ ଚାଉଳ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଯାଜପୁର ଜିଲା କୋରେଇ ବ୍ଲକ ଅନ୍ଧାରୀ ଗ୍ରାମ ପଞ୍ଚାୟତର ଉକ୍ତ ୨ ରିଟେଲର ଲୋକଙ୍କ ଖାଉଟୀ ସାମଗ୍ରୀକୁ ଲୁଟ କରି ହିତାଧିକାରୀଙ୍କୁ ୫ କେଜି ଲେଖାଏଁ କମ ଚାଉଳ ଦେଉଥିବା ସରପଞ୍ଚ ପଙ୍କଜିନୀ ମହାକୁଡ଼ କୋରେଇ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ବ୍ଲକ ଯୋଗାଣ ଅଧିକାରୀ ତଦନ୍ତ କରି ଆବଶ୍ୟକ ରିପୋର୍ଟ ଉପଜିଲାପାଳଙ୍କ କାର୍ଯ୍ୟାଳୟ (ଯୋଗାଣ ବିଭାଗ)ରେ ଦାଖଲ କରିଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ନିୟମିତ ଖବର ପ୍ରକାଶ ପାଇଥିଲା। ଏହାପରେ ଉପଜିଲାପାଳ ଉକ୍ତ ଦୁଇ ରିଟେଲରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଉପଜିଲାପାଳ ଧଳ ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଛନ୍ତି ଯେ, ବିକ୍ରୟ କେନ୍ଦ୍ରରେ ପ୍ରଦର୍ଶିତ ଜମା ଏବଂ ମୂଲ୍ୟସୂଚୀ ଫଳକ ଠିକରୂପେ ସମ୍ପାଦନ ହୋଇନାହିଁ। କେନ୍ଦ୍ର ସମ୍ମୁଖରେ ଚାଉଳ ଓ ଗହମ ଶସ୍ୟନମୁନା ରଖୁନାହାନ୍ତି। କମ ପରିମାଣର ଚାଉଳ ଓ ଗହମ ବଣ୍ଟନ କରି ସରକାରଙ୍କ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ମୂଲ୍ୟ ନେଉଛନ୍ତି। ଖାଉଟି ଦ୍ରବ୍ୟ ବଣ୍ଟନ ସମୟରେ ହିତାଧିକାରୀଙ୍କୁ ଦୁର୍ବ୍ୟବହାର କରୁଛନ୍ତି। କେନ୍ଦ୍ରରେ କୌଣସି ହିତାଧିକାରୀ ନାମ ତାଲିକା ଜନସାଧାରଣଙ୍କ ଅବଗତି ନିମନ୍ତେ ଦର୍ଶାଯାଉ ନାହିଁ, କେନ୍ଦ୍ରର ମହଜୁଦ ଓ ବିକ୍ରୟ ଖାତା ନିୟମିତ ଭାବରେ ସମ୍ପାଦନ କରିନାହାନ୍ତି। ଯାହାକି ସନନ୍ଦର ସର୍ତ୍ତକୁ ଉଲ୍ଲଂଘନ କରିଛନ୍ତି ବୋଲି ନୋଟିସରେ କୁହାଯାଇଛି। ତେବେ କାର୍ଡ ପିଛା ୫ କିଲୋ ଲେଖାଏଁ ଖାଉଟି ସାମଗ୍ରୀ କାଟି ରଖୁଥିବା ନେଇ ଅଭିଯୋଗ ହୋଇଥିବାବେଳେ ତଦନ୍ତ ଅଧିକାରୀ ପିଏଚଏଚ କାର୍ଡରେ ୧ କେଜି ଓ ଏଏୱାଇ କାର୍ଡ ପିଛା ୨ କେଜି ଲେଖାଏଁ କମ ଦେଉଥିବା ରିପୋର୍ଟରେ ଦର୍ଶାଇଛନ୍ତି। ଯାହାକି ଆଗାମୀ ଦିନରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ଉପରେ ସନ୍ଦେହ ପ୍ରକାଶ ପାଇଛି। କୋରେଇ ବ୍ଲକ ଯୋଗାଣ ଅଧିକାରୀ ପ୍ରଶାନ୍ତ ନାୟକ ତଦନ୍ତ ଆଧାରରେ ଉପଯୁକ୍ତ ରିପୋର୍ଟ ଦାଖଲ କରିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କହିଛନ୍ତି।

## ସପ୍ତାହକ ଭିତରେ ମିଳିବ ରାଶନ ସାମଗ୍ରୀ



ଅସହାୟ ପରିବାରକୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି।

**ବ୍ରହ୍ମବରଦାରେ ୨ ଗରିବ ପରିବାର ଚିହ୍ନଟ**

**ରସୁଲପୁର,୧୭।୪(ଡିଏନଏ)**

ରସୁଲପୁର ବ୍ଲକ ବ୍ରହ୍ମବରଦାରେ ପ୍ରଥମ କରୋନା ରୋଗୀ ଚିହ୍ନଟ ହେବାପରେ ଏହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଚିହ୍ନଟ କରାଯାଇଥିଲା। ଏହି କାରଣରୁ ଉକ୍ତ ଅଞ୍ଚଳରେ ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହିକ୍ରମରେ ଶୁକ୍ରବାର ବ୍ରହ୍ମବରଦା ଅଞ୍ଚଳର ପହିସାହିର ସୁଭଦ୍ରା ଦାସ (ଶତପ୍ରତିଶତ ଦିବ୍ୟାଙ୍ଗ) ପରିବାର ଓ ବ୍ରହ୍ମବରଦା ହାଟରେ ରହୁଥିବା ଜଣେ ନିଃସହାୟ ବିଧବା ଶାନ୍ତିଲତା ବେହେରାଙ୍କୁ ପ୍ରଶାସନ ଚିହ୍ନଟ କରି ସହାୟତା ପ୍ରଦାନ କରିଛି। ସାମାଜିକକର୍ମୀ ମଣ୍ଟୁ ଦାସ ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ପ୍ରଶାସନିକ ଅଧିକାରୀ ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ା, ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଯୋଗାଣ ଅଧିକାରିଣୀ ଟୁନାରାଣୀ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଯାଞ୍ଚ କରିବା ପରେ ଦୁଇ ପରିବାରକୁ ସାମୟିକ ଭାବେ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏଥିସହ ସମ୍ପୃକ୍ତ ପରିବାରକୁ ଆସନ୍ତା ସପ୍ତାହରେ ରାଶନ ସାମଗ୍ରୀ ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଦୁଇ ପରିବାରକୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ପ୍ରଶାସନ ସୂଚନା ଦେଇଛି। ବିଧବା ଶାନ୍ତିଲତାଙ୍କର କୌଣସି ସନ୍ତାନ ନାହାନ୍ତି। ତାଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି। ଏ ବାବଦରେ ମହିଳାଙ୍କୁ ୫କେଜି ଚାଉଳ ମିଳିବ। ମାତ୍ର ଏଥିରେ ମାସସାରା ଚଳିବା ତାଙ୍କ ପକ୍ଷେ କଷ୍ଟକର ହୋଇପଡିବ। ତେଣୁ ତାଙ୍କୁ ଅନ୍ତ୍ୟୋଦୟ କାର୍ଡ ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି। ଏହି କାର୍ଡ ପ୍ରଦାନ କରିବା ସମ୍ଭବପର ନୁହେଁ। ବ୍ଲକ ଅଞ୍ଚଳରେ ଅନ୍ତ୍ୟୋଦୟ ହିତାଧିକାରୀ ଖାଲି ହେଲେ ଏ ଦିଗରେ ମହିଳାଙ୍କ ସମସ୍ୟାକୁ ବିଚାରକୁ ନିଆଯାଇ ପାରିବ। ଏବେ ଯାହା ସମ୍ଭବପର ତାହା ଉପରେ ପଦକ୍ଷେପ ନିଆଯାଉଛି ବୋଲି ଯୋଗାଣ ଅଧିକରିଣୀ ଟୁନାରାଣୀ ସାହୁ ମତ ରଖିଛନ୍ତି।

## ୫-ଟି ସଚିବଙ୍କ କୋଭିଡ୍-୧୯ ହସ୍ପିଟାଲ ପରିଦର୍ଶନ



୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ଅନ୍ୟମାନେ କୋଭିଡ୍-୧୯ ହସ୍ପିଟାଲର ବିଭିନ୍ନ କାର୍ଯ୍ୟ ତଦାରଖ କରୁଛନ୍ତି।

**ପାରାଦୀପ, ୧୭।୪ (ସ୍ୱ.ପ୍ର.)**

କରୋନା ମୁକାବିଲା ପାଇଁ ବିଭିନ୍ନ ଜିଲାରେ କୋଭିଡ୍-୧୯ ହସ୍ପିଟାଲ ସ୍ଥାପନ କରାଯାଉଛି। ଏହି କ୍ରମରେ ପାରାଦୀପଠାରେ ୧୦୦ଶଯ୍ୟା ବିଶିଷ୍ଟ କୋଭିଡ୍-୧୯ ହସ୍ପିଟାଲ ପ୍ରସ୍ତୁତ କରାଯାଇଛି। ଶୁକ୍ରବାର ୫-ଟି ସଚିବ ଭି.କେ. ପାଣ୍ଡିଆନ ପାରାଦୀପଠାରେ ପହଞ୍ଚି ଉକ୍ତ ହସ୍ପିଟାଲରେ ରୋଗୀ ସେବା ଲାଗି ଉଦ୍ଦିଷ୍ଟ ହେବା ଭଳି ବ୍ୟବସ୍ଥା କରିବାକୁ ଜିଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ୫-ଟି ସଚିବଙ୍କ ଗସ୍ତ ସମୟରେ ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପାରାଦୀପ ବେଳାଭୂମି ରାସ୍ତା ପାର୍ଶ୍ୱରେ ପୌରପାଳିକା ପକ୍ଷରୁ ନିର୍ମିତ ଯାତ୍ରୀ ନିବାସକୁ କୋଭିଡ୍-୧୯ ହସ୍ପିଟାଲ କରାଯାଇଛି। ବେଡ୍ ପାଇଁ ଖର୍ଚ୍ଚ କରାଯାଇଥିବା ସମସ୍ତ ଅର୍ଥ ପାରାଦୀପ ବନ୍ଦର ପକ୍ଷରୁ କରାଯାଇଛି।

## ମାସ୍କ, ହେଲ୍‌ମେଟ ନ ପିନ୍ଧି ଝଗଡ଼ା

**ନୟାଗଡ଼ ଅଫିସ,୧୭।୪**

କରୋନା ସଂକ୍ରମଣ ରୋକିବା ପାଇଁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଗୁରୁବାର ରାତିରେ ନୟାଗଡ ସହରରେ ମାସ୍କ ଓ ହେଲମେଟ ନ ପିନ୍ଧି ସ୍କୁଟି ଚଳାଉଥିବାବେଳେ ପୋଲିସ ଅଟକାଇବାରୁ ସମ୍ପୃକ୍ତ ଦୁଇ ଭଉଣୀଭାଇ ଝଗଡା କରିବା ଘଟଣା ଆଲୋଚନାର ବିଷୟ ହୋଇଥିଲା। ସ୍କୁଟି ଚଳାଉଥିବା ଭାଇ ହେଲମେଟ କିମ୍ବା ମାସ୍କ ପିନ୍ଧି ନ ଥିବାବେଳେ ପଛରେ ବସିଥିବା ଭଉଣୀ ମଧ୍ୟ ମାସ୍କ ପିନ୍ଧି ନ ଥିଲେ। ଏହି ସମୟରେ ନୟାଗଡ଼ ତହସିଲଦାର, ଟାଉନ ଥାନା ଆଇଆଇସିଙ୍କ ସହ ପୋଲିସ କର୍ମଚାରୀ ସେମାନଙ୍କୁ ଅଟକାଇଥିଲେ। ଭଉଣୀ ଉପରୋକ୍ତ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଝଗଡା କରିଥିଲେ। ପୋଲିସ ଭାଇକୁ ଅଟକ ରଖିବା ପରେ ଭଉଣୀ ନୀରବତା ଅବଲମ୍ବନ କରିଥିଲେ। ଶେଷରେ ନିଜ ସମ୍ପର୍କୀୟଙ୍କୁ ଡକାଇ ସେମାନେ ଜରିମାନା ଦେବାରୁ ଘଟଣାର ରଫାଦଫା କରାଯାଇଥିଲା।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ରତ୍ନଗିରି,୧୭। ୪(ଡି.ଏନ.ଏ.)**

ବରୀ ବ୍ଲକ ଅଧୀନ ଅନ୍ୟାସୀପୁର ଗ୍ରାମର ଶଙ୍କର ମଲିକ(୫୫) ବୁଧବାର ଚାଷ କାମ ସାରି ଦୁଧେଇ ନଦୀକୁ ଯାଇଥିବାବେଳେ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବରୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରିପାରି ନ ଥିଲା। ମାତ୍ର ଶୁକ୍ରବାର କଳାମାଟିଆ ପଞ୍ଚାୟତ ନିକଟସ୍ଥ ଜୋରକୂଳଠାରେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଲାଗିଥିବା ଖବରପାଇ ବରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡିଛି।

## ମସ୍ତିଷ୍କ ବିକୃତଙ୍କ ମୃତଦେହ ଉଦ୍ଧାର

### ଖାଦ୍ୟାଭାବ ଓ ଅସୁସ୍ଥତା କାରଣରୁ ମୃତ୍ୟୁ ହୋଇଥିବା ଚର୍ଚ୍ଚା

**ରଘୁନାଥପୁର,୧୭।୪(ଡି.ଏନ.ଏ.):** ରଘୁନାଥପୁର ଥାନା ଅଧୀନ କଟକ-ପାରାଦୀପ ରାଜ୍ୟ ରାଜପଥର ବର୍ତ୍ତି ନିକଟସ୍ଥ ରାସ୍ତା ପାର୍ଶ୍ୱ କୁଡ଼ିଆରୁ ଜଣେ ମସ୍ତିଷ୍କ ବିକୃତ ଭିନ୍ନକ୍ଷମ ବ୍ୟକ୍ତିଙ୍କ ମୃତଦେହକୁ ଶୁକ୍ରବାର ପୋଲିସ ଉଦ୍ଧାର କରିଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ୪୮ ଘଣ୍ଟା ମଧ୍ୟରେ ହୋଇଥିବା ଅନୁମାନ କରାଯାଉଛି। ଖାଦ୍ୟାଭାବ ଓ ଅସୁସ୍ଥତା ଯୋଗୁ ମୃତ୍ୟୁ ହୋଇଥିବା ଚର୍ଚ୍ଚା ହେଉଛି। ଲକ୍‌ଡାଉନ୍ ଯୋଗୁ ଦୋକାନବଜାର ବନ୍ଦ ଥିବାରୁ ମାନସିକ ବିକାରଗ୍ରସ୍ତମାନେ ଖାଇବାକୁ ପାଉନାହାନ୍ତି। ଗତ ମାସ ୨୫ ତାରିଖଠାରୁ ସମାଜ ବିକାଶ ମିଶନର ସଦସ୍ୟମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଖାଦ୍ୟ ଯୋଗାଉଥିଲେ। ଅସୁସ୍ଥତା ଥିବାରୁ ତାଙ୍କୁ ନେଇ ମେଡିକାଲରେ ଚିକିତ୍ସା କରାଇଥିଲେ ବୋଲି ସଂଗଠନ ସମ୍ପାଦକ ସରିତ ମହାପାତ୍ର ସୂଚନା ଦେଇଛନ୍ତି। ମାତ୍ର ୧୫ ତାରିଖଠାରୁ ଏହି ବ୍ୟକ୍ତିଙ୍କ ଆଉ ଦେଖା ମିଳି ନ ଥିଲା। ଅନୁଷ୍ଠାନ ସଦସ୍ୟ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପୋଲିସ କୌଣସି ପ୍ରକାରେ ସୂଚନା ପାଇ ତାଙ୍କ ମୃତଦେହ ଉଦ୍ଧାର କରିଛି। ପରିଚୟ ମିଳି ନ ଥିବାରୁ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରି ପାରାଦୀପସ୍ଥିତ ଫ୍ରୋଜେନ ରୁମ୍‌ରେ ରଖିଛି। ମୃତଦେହ ଉଦ୍ଧାର କାର୍ଯ୍ୟରେ ସମାଜ ବିକାଶ ମିଶନର ସଦସ୍ୟ ସହଯୋଗ କରିଥିଲେ। ଏସ୍‌ଡିପିଓ ଡିଆର୍ ଜେନା ଓ ଆଇଆଇସି ନିରଞ୍ଜନ ମଲିକ ଘଟଣାସ୍ଥଳ ପରିଦର୍ଶନ କରି ଏହାର ତଦନ୍ତ କରିଛନ୍ତି।

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଟକ ଘଟଣା

## ପୂର୍ବତନ ସମିତିସଭ୍ୟଙ୍କୁ ପୋଲିସ ଜେରା

**ବାଲିକୁଦା,୧୭।୪(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଅଧୀନ ଇଚ୍ଛାପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ ବେଉରା ଗୁରୁବାର ନିର୍ମାଣ ଶ୍ରମିକଙ୍କୁ କରୋନା ସହାୟତା ରାଶି ବାଣ୍ଟୁଥିଲେ। ଏହି ସମୟରେ ଉକ୍ତ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଆର୍ତ୍ତବନ୍ଧୁ ବିଶ୍ୱାଳଙ୍କ ସମେତ ୧୦ଜଣ ତାଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଅଟକ ରଖିଥିଲେ। ଶୁକ୍ରବାର ପୂର୍ବତନ ସମିତିସଭ୍ୟଙ୍କୁ ଆଇଆଇସି ଥାନାକୁ ଡାକି ପଚରା ଉଚରା କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ସମିତିସଭ୍ୟ ବିଶ୍ୱାଳଙ୍କ ସ୍ତ୍ରୀ କଲ୍ୟାଣୀ ହେଉଛନ୍ତି ବର୍ତ୍ତମାନର ସମିତିସଭ୍ୟ। ତେଣୁ ସେ ବ୍ଲକର ବିଭନ୍ନ ପଞ୍ଚାୟତ କଂଗ୍ରେସ କର୍ମୀଙ୍କୁ ନେଇ ବିଡିଓଙ୍କୁ ଭେଟିଥିଲେ। କର୍ମୀମାନେ ଉକ୍ତ ଘଟଣା ସମ୍ପର୍କରେ ବିଡିଓଙ୍କ ସହ ଆଲୋଚନା କରିଥିଲେ। ସାଧାରଣ ଲୋକଙ୍କ ପାଇଁ ଆମକୁ କେସ ଖାଇବାକୁ ପଡୁଛି ବୋଲି ବିଡିଓଙ୍କୁ କହିଥିଲେ। ଏଥିସହିତ ଏହାର ସମାଧାନ କରିବାକୁ ନିବେଦନ କରିଥିଲେ। ଯେହେତୁ ଜିଲାପାଳଙ୍କ ନିର୍ଦ୍ଦେଶରେ ମାମଲା ରୁଜୁ ହୋଇଥିଲା ତେଣୁ ଜିଲାପାଳଙ୍କ ପରାମର୍ଶ ଲୋଡ଼ିଥିଲେ ବିଡିଓ। ଜିଲାପାଳ ବିଡିଓଙ୍କୁ ପୂର୍ବତନ ସମିତିସଭ୍ୟ ବିଶ୍ୱାଳ ଆଗକୁ ଯେପରି ଏଭଳି କାମ ନ କରିବେ ତାହା ଥାନାରେ ଲେଖି ଜଣାଇବାକୁ କହିବା ସହ ଘଟଣା ପାଇଁ କ୍ଷମା ପ୍ରାର୍ଥନା କଲେ ମାମଲା ପ୍ରତ୍ୟାହୃତ କରାଯିବ ବୋଲି କହିଥିଲେ। ଯାହାକୁ ବିଡିଓ ବାଲିକୁଦା ଥାନା ଆଇଆଇସି ସର୍ବେଶ୍ୱର ବେହେରାଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ଆଇଆଇସି ବେହେରାଙ୍କୁ ପଚାରିବାରୁ ମାମଲା ରୁଜୁ ହୋଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯିବ ବୋଲି କହିଥିଲେ। ୩ ମାସର ରାଶନ ସାମଗ୍ରୀ ପାଇବା ନେଇ ଲୋକେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅଟକ ରଖିଥିଲେ। ପୂର୍ବତନ ସମିତିସଭ୍ୟ ଏଥିରେ ସାମିଲ ଥିବା ନିର୍ବାହୀ ଅଧିକାରୀ ଅଭିଯୋଗ କରିଥିଲେ।

# ଦୁର୍ଦ୍ଦିନରେ କଳାକାର ପରିବାର

**ଧାରକରଜକୁ ଆଶ୍ରାକରି ଚଳୁଛି ପରିବାର**

**ରସୁଲପୁର,୧୭।୪(ଡିଏନଏ)**

କରୋନା ମାଡ଼ରେ ଚାଷବାସ, ବେପାର ବଣିଜ ସହ ସବୁ କାମଧନ୍ଦା ପ୍ରଭାବିତ ହୋଇଛି। ଏଥିସହ ଯାନିଯାତ୍ରା, ମେଳା ମହୋତ୍ସବ, ନାଚଗୀତ, ଅପେରା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ସବୁ ଠପ୍ ହୋଇଯାଇଛି। ହଜାର ହାଜର କଳାକାରଙ୍କ ରୋଜଗାର ପନ୍ଥାରେ ତାଲା ପଡ଼ିଯାଇଛି। ଅପେରା ପାର୍ଟି, ଚିତ୍ରାଳୟ, ମେଲୋଡି ପାର୍ଟି, ଡ୍ୟାନ୍ସଗ୍ରୁପ୍ ଭଳି ସଂସ୍ଥାର ମାଲିକଙ୍କ ବ୍ୟବସାୟ ସଂକଟରେ ପଡ଼ିଯାଇଛି। କାମଧନ୍ଦା ହରାଇ ଅଭାବ ଅନାଟନରେ ଘରେ ବସି ରହିଛନ୍ତି କଳାକାର ପରିବାର। ଅର୍ଥ ଅଭାବରୁ ଘର ଚଳାଇବା କଷ୍ଟକର ହୋଇପଡୁଛି। ଧାରକରଜକୁ ଆଶ୍ରାକରି ପରିବାର ଚଳୁଛି। ଏଭଳି ସମସ୍ୟା ସମଗ୍ର ରାଜ୍ୟର ହୋଇଥିଲେ ବି ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳର କଳାକାରଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ ବୋଲି ଜଣାପଡିଛି। ରସୁଲପୁର ଅଞ୍ଚଳ କଳାର କାରଖାନାଭାବେ ପରିଚିତ। ଏହି ଅଞ୍ଚଳରେ ବିଭିନ୍ନ ଯାତ୍ରା, ମେଲୋଡି, ଡ୍ୟାନ୍ସଗ୍ରୁପରେ କାମ କରୁଥିବା ଶତାଧିକ କଳାକାର ଅଛନ୍ତି। ସେମାନଙ୍କ ପରିବାର କରୋନା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଯାତ୍ରା କଳାକାର ମହେଶ୍ୱର ପଣ୍ଡା ଓରଫ ମଇନ ନନା (୭୧) ଙ୍କ ସ୍ଥିତିକୁ ଉଦାହରଣ ଭାବେ ନିଆଯାଇ ପାରେ। ଏହି ବ୍ଲକ ଭୋଟକା ପଞ୍ଚାୟତ ତଳଅରଡା ଗ୍ରାମର ମୂଳ ବାସିନ୍ଦା ମହେଶ୍ୱର ଏବେ ବ୍ଲକ ନିକଟରେ ଅବସ୍ଥାନ କରୁଛନ୍ତି। ଜଣେ ଦକ୍ଷ ଯାତ୍ରା କଳାକାର ଭାବେ ତାଙ୍କର ସୁନାମ ରହିଛି। ସେ ୧୧ବର୍ଷ ବୟସରୁ ଯାତ୍ରା କଳାକାର ଭାବେ କାମ କରୁଛନ୍ତି। ଦୀର୍ଘ ୬୦ବର୍ଷ ଧରି ସେ ମଞ୍ଚରେ ଅଭିନୟ କରି ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଉଛନ୍ତି। କରୋନା ଯୋଗୁ ଯାତ୍ରା ବନ୍ଦ ହୋଇଯିବା ପରେ ସେ ଘରେ ବସିଛନ୍ତି। କାମ ନାହିଁ ତ ଦରମା ନାହିଁ ଆଧାରରେ ସେ ଘର ପାଇଁ ବେରୋଜଗାରିଆ ସାଜିଛନ୍ତି। ୨୦୧୯ରେ ଝିଅ ବାହାଘର କରି ଅନେକ ଧାର କରଜ କରିପକାଇଛନ୍ତି। ମାତ୍ର ଏବେ ଉଧାର ସୁଝିବା ଦୂରର କଥା, ପରିବାର ଚଳାଇବା ପାଇଁ ପୁଣି କରଜ କରିବାକୁ ପଡୁଛି। କଳାକାରଙ୍କୁ ଏହିଭଳି ଘଡିସନ୍ଧି ମୁହୂର୍ତ୍ତରେ ସରକାର ସହାୟତାର ହାତ ବଢାଇବା ପାଇଁ ସେ ଦାବି କରିଛନ୍ତି। ତାଙ୍କ ଭଳି ଶହଶହ କଳାକାର ଏଭଳି ସମସ୍ୟା ଦେଇ ଗତି କରୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ମଇନ ନନାଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଓଡ଼ିଶା ଯାତ୍ରା ସଂସ୍କୃତି ପରିଷଦର ସଭାପତି ନଗେନ୍ଦ୍ର ଶତପଥି, କଳାକର ପପୁ ପଣ୍ଡା, ଲକ୍ଷ୍ମୀକାନ୍ତ ଶତପଥି ପ୍ରମୁଖ ତାଙ୍କୁ ଭେଟି ଭଲମନ୍ଦ ସମ୍ପର୍କରେ ପଚାରି ବୁଝିଥିଲେ। ଅନୁଷ୍ଠାନ ପକ୍ଷରୁ ସାମାନ୍ୟ ସହାୟତାର ହାତ ବଢାଯାଇ ଥିବାବେଳେ ଅସୁବିଧା ସମୟରେ କଳାକାରଙ୍କୁ ସରକାରୀ ସହାୟତା ଘୋଷଣା ନିତ୍ୟାନ୍ତ ଆବଶ୍ୟକ ବୋଲି ଦାବି କରିଛନ୍ତି।

## କରତ କଳ ସହ ମୂଲ୍ୟବାନ୍ କାଠ ଜବତ

**ରଣପୁର,୧୭।୪(ସ୍ୱ.ପ୍ର.)**

ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜର ଅରିସଲ ମୁଣ୍ଡିଆ ନିକଟରୁ ଶୁକ୍ରବାର ଏକ କରତ କଳ ସହ ୫୦ ହଜାର ଟଙ୍କାର ଶାଳ, ଶାଗୁଆନ କାଠ ଜବତ କରାଯାଇଛି। ଏଠାରେ ପାୱାର ଟିଲର ଦ୍ୱାରା ଦୀର୍ଘଦିନ ଧରି କରତକଳ ଚାଲିଥିଲା। ଏ ନେଇ ଗ୍ରାମବାସୀଙ୍କ ଅଭିଯୋଗ ପରେ ରଣପୁର ରେଞ୍ଜର ଶରତ ଚନ୍ଦ୍ର ଶତପଥୀଙ୍କ ନେତୃତ୍ୱରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା।

## କୋଭିଡ୍-୧୯ ହସ୍ପିଟାଲ ବୁଲି ଦେଖିଲେ ଜିଲାପାଳ

**ଡେରାବିଶ, ୧୭।୪ ( ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମା ଅଚାନକ ଡେରାବିଶ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତ ଗସ୍ତ କରି କୋଭିଡ୍-୧୯ ହସ୍ପିଟାଲ ବୁଲି ଦେଖିଛନ୍ତି। ଏଥିସହ କରୋନା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ କାର୍ଯ୍ୟ ତଦାରଖ କରିଥିବା ଜଣାପଡ଼ିଛି। ଜିଲାପାଳ ବର୍ମା ପୂର୍ବାହ୍ନରେ ଡେରାବିଶ ହାଇସ୍କୁଲଠାରେ ନିର୍ମାଣ ହୋଇଥିବା ୭୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ କୋଭିଡ୍-୧୯ ହସ୍ପିଟାଲରେ ପହଞ୍ଚିଥିଲେ। ପରେ ୧୩ ନଂ. ୱାର୍ଡ ସଭ୍ୟା ଫିରୋଜା ବିବିଙ୍କ ତତ୍ତ୍ୱାବଧାନରେ ୬ଟି ଗ୍ରାମ ପାଇଁ ପ୍ରସ୍ତୁତ ହୋଇଥିବା ରନ୍ଧା ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଏମଜିଏନ୍‌ଆର୍‌ଇଜିଏସ୍‌ରେ ଦୁମୁକା ଗ୍ରାମରେ ୩ଲକ୍ଷ ୮୦ହଜାର ଟଙ୍କା ବ୍ୟୟ ବରାଦରେ କରାଯାଇଥିବା ଶ୍ମଶାନ ଉନ୍ନତୀକରଣ କାର୍ଯ୍ୟ ବୁଲି ଦେଇଥିଲେ। ଏହି ଅବସରରେ ଜିଲାପାଳ ପ୍ରକଳ୍ପରେ କାର୍ଯ୍ୟ କରୁଥିବା ୧୪ଜଣ ଜବକାର୍ଡଧାରୀଙ୍କୁ ଭେଟି ସାମାଜିକ ଦୂରତ୍ୱକୁ ଅଗ୍ରାଧିକାର ଦେବାକୁ ସଚେତନ କରିଥିଲେ। ଏତଦ୍‌ବ୍ୟତୀତ ଜିଲାପାଳ ଉକ୍ତ ପଞ୍ଚାୟତରେ ଅର୍ଦ୍ଧନିର୍ମିତ ରହିଥିବା ପାର୍କ ଓ ଖେଳପଡ଼ିଆ କାର୍ଯ୍ୟ ତଦାରଖ କରିବା ପରେ ତୁରନ୍ତ ଏମଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ ଆରମ୍ଭ କରିବାକୁ ସରପଞ୍ଚ ପ୍ରଭାତୀ ରାଉତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ଡେରାବିଶ ବିଡିଓ ଗୋପବନ୍ଧୁ ଭୋସାଗର, ଏବିଡିଓ ଭଞ୍ଜକିଶୋର ନାୟକ, ସହକାରୀ ଯନ୍ତ୍ରୀ ବିଜୟ ସେଠୀ, ଏପିଓ ସାବିତ୍ରୀ ମନ୍ତ୍ରୀ ପ୍ରମୁଖ ସାମିଲ ଥିଲେ।

## ସାଦା ପୋଷାକରେ ପୋଲିସ ମୁତୟନ ଦାବି

**ଯାଜପୁରରୋଡ,୧୭।୪(ଡି.ଏନ.ଏ.):** ଯାଜପୁରରୋଡ ସିଭିଲ ସୋସାଇଟି ପକ୍ଷରୁ ଶୁକ୍ରବାର ଜୁମ୍ ଆପ ମାଧ୍ୟମରେ କରୋନା ମୁକାବିଲା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ସାମାଜିକ ଦୂରତା ବଜାୟ ରହୁ ନ ଥିବାରୁ ବିଭିନ୍ନ ଦୋକାନ, ବ୍ୟାଙ୍କ, ପରିବା ବଜାର, ମାଛ ବଜାର ବିଭିନ୍ନ ସ୍ଥାନରେ ସାଧା ପୋଷାକରେ ପୋଲିସ ମୁତୟନ ପାଇଁ ବୈଠକରେ ଦାବି ହୋଇଥିଲା। ଆଇନଜୀବୀ ବିବେକାନନ୍ଦ ମହାନ୍ତିଙ୍କ ଆହ୍ୱାନରେ ସଦାନନ୍ଦ ମହାନ୍ତି, ଚନ୍ଦ୍ରଶେଖର ପଣ୍ଡା, ଚ୍ୟାମ୍ବର ଅଫ କମର୍ସର ସମ୍ପାଦକ ସୌମ୍ୟ ପ୍ରିୟଦର୍ଶିନୀ ଆଲୋଚନାରେ ଭାଗ ନେଇଥିଲେ। କରୋନା ମୁକାବିଲାରେ ପ୍ରଶାସନିକ ଅଧିକାରୀ, ପାରାମେଡିକାଲ କର୍ମଚାରୀ, ପୋଲିସ ଓ ଗଣମାଧ୍ୟମର ଭୂମିକାକୁ ପ୍ରଶଂସା କରାଯାଇଥିଲା।

# ପାନୀୟଜଳ ସମସ୍ୟା ଉତ୍କଟ

**ଦୁର୍ଦ୍ଦଶାରେ ୧୩ନଂ. ୱାର୍ଡ ବାସିନ୍ଦା**

**ନୟାଗଡ଼ ଅଫିସ,୧୭।୪**

ନୟାଗଡ଼ ସହରର ୧୩ନଂ. ୱାର୍ଡରେ ପାନୀୟଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। କରୋନା ଆଳରେ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉ ନାହିଁ। ଫଳରେ ଲୋକେ ପାଣିମୁନ୍ଦେ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ପିଏଚ୍‌ଡି ପକ୍ଷରୁ ମହାନଦୀରୁ ପାଣି ଉଠାଯାଇ ନୟାଗଡ ସହରକୁ ଯୋଗାଣ ହୋଇଥାଏ। ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ପାଣି ଠିକ୍‌ରେ ମିଳୁ ନ ଥିବା ଅଭିଯୋଗ ହେଉଛି। କାମ ତ୍ୱରାନ୍ୱିତ ନ ହେବା ସମ୍ପର୍କରେ ପଚାରିଲେ ଉତ୍ତର ମିଳୁଛି ଆମେ କରୋନା କାର୍ଯ୍ୟରେ ବ୍ୟସ୍ତ। ଆପଣମାନେ ଟେନ୍‌ସନ ନିଅନ୍ତୁ ନାହିଁ। ଆମେ ଧୀରେ ଧୀରେ ପାଣି ଯୋଗାଇବୁ। ଲୋକେ ବିଭାଗୀୟ ଯନ୍ତ୍ରୀଙ୍କୁ ଏ ନେଇ ଅବଗତ କରାଇଥିଲେ। ଏହା ପରେ କିଛିଦିନ କାମ ଚାଲିଥିଲେ ମଧ୍ୟ ପକାଇ ରଖାଯାଇଛି। ପିଏଚ୍‌ଡି ପକ୍ଷରୁ ଜଳ ଯୋଗାଣ ହେଉଥିଲେ ମଧ୍ୟ ୧୩ନଂ. ୱାର୍ଡର ମହିଳା କଲେଜଠାରୁ ପାଟଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ଅଞ୍ଚଳକୁ ମହାନଦୀ ଜଳ ଯାଉ ନ ଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତତ୍ପରତା ପ୍ରକାଶ ପାଇଥିଲା। ତେବେ ପିଏଚ୍‌ଡି କର୍ତ୍ତୃପକ୍ଷ ସ୍ୱଳ୍ପ ଦିନ ଭିତରେ ମହାନଦୀର ଜଳ ଯୋଗାଇବେ ବୋଲି କହି ପାଇପ୍‌ଲାଇନ କାର୍ଯ୍ୟ ଆରମ୍ଭ କରିଥିଲେ। ଇତିମଧ୍ୟରେ ଏପ୍ରିଲ ମାସ ହୋଇଥିଲେ ମଧ୍ୟ କାର୍ଯ୍ୟ ଶେଷ ହେଉନି। ଯେଉଁ ଢଙ୍ଗରେ କାମ ଚାଲିଛି ଆସନ୍ତା ବର୍ଷ ଗ୍ରୀଷ୍ମ ଋତୁ ସୁଦ୍ଧା କାମ ଶେଷ ହେବ ନାହିଁ ବୋଲି ସାଧାରଣ ଲୋକ ଅଭିଯୋଗ କରିଛନ୍ତି। ସ୍ଥାନୀୟ ବାସିନ୍ଦା ନାରାୟଣ ଆଚାର୍ଯ୍ୟ ଓ ପ୍ରଫୁଲ୍ଲ ପ୍ରହରାଜ କୁହନ୍ତି, ଘରୁ ବାହାରକୁ ବାହାରି ହେଉ ନ ଥିବାବେଳେ ଜଳକଷ୍ଟ ବହୁତ ବାଧୁଛି। କାମ ତ୍ୱରାନ୍ୱିତ ହେଲେ ଅଳ୍ପ ଦିନ ମଧ୍ୟରେ ପାନୀୟଜଳ ସମସ୍ୟା ଦୂରୀଭୂତ ହୋଇପାରନ୍ତା। ତେବେ ପିଏଚ୍‌ଡି କର୍ତ୍ତୃପକ୍ଷ ଅବହେଳା ଯୋଗୁ କାମ ଶେଷ ହୋଇପାରୁ ନାହିଁ। ଏ ନେଇ ନୟାଗଡ଼ ପିଏଚ୍‌ଡି ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଆମେ କାର୍ଯ୍ୟରେ ତ୍ୱରାନ୍ୱିତ ଆଣିଛୁ। ଖୁବ୍‌ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଚେଷ୍ଟା ଜାରି ରହିଛି।



ପାଇପ୍‌ଲାଇନ କାର୍ଯ୍ୟ ଅଧାପନ୍ତରିଆ।

## ସଂକ୍ଷେପରେ

### ବନ୍ଧରୁ ମୃତଦେହ ଉଦ୍ଧାର

ଚିତ୍ରଡା, ୧୭।୪(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ବେତନଟୀ ଥାନା ମୋରଡା ବ୍ଲକ ଅଧୀନ ଭାଲିଆଡିହା ପଞ୍ଚାୟତର ଛାଡକଟା ବନ୍ଧରୁ ବଡଜାମବଣି ପୋଲିସ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର କରିଛି। ଯୁବକ ଜଣକ ହେଲେ ବନ୍ଧସାହି ଗ୍ରାମର ମୁନସି ଟୁଡୁ। ମୁନସି ଗତ ଗୁରୁବାର ଘରକୁ ନ ଫେରିବାରୁ ତାଙ୍କ ପିତା ଏଣେତେଣେ ଖୋଜିଥିଲେ ମଧ ତାଙ୍କର ସନ୍ଧାନ ପାଇ ନ ଥିଲେ। ଶୁକ୍ରବାର ସକାଳୁ ଉକ୍ତ ବନ୍ଧରେ ଗ୍ରାମବାସୀ ମାନେ ମାଛ ଧରିବା ପାଇଁ ଜାଲ ପକାଇ ଥିବାବେଳେ ଜାଲରେ ଏକ ମୃତଦେହ ଲାଗିଥିଲା ବୋଲି ଉକ୍ତ ପଞ୍ଚାୟତର ସରପଞ୍ଚ କହିଛନ୍ତି। ଖବର ପାଇ ବଡଜାମବଣୀ ଫାଣ୍ଡି ଅଧିକାରୀ ଏବଂ ଚିତ୍ରଡା ଅଗ୍ନିଶମ ବିଭାଗ ପହଞ୍ଚି ପାଣିରୁ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପିଆରଏମ ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲକୁ ପଠାଇଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ.୧୧/୨୦) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

### ୪ ବଖରା ଜଳିଗଲା

ହାଟଡିହା, ୧୭।୪(ଡି.ଏନ.ଏ.)-କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅରା ଗ୍ରାମରେ ଅଗ୍ନିକାଣ୍ଡ ଘଟି ବେଣୁଧର ପଣ୍ଡାଙ୍କ ୪ବଖରା ଜଳିଯାଇଛି। ଅଗ୍ନିକାଣ୍ଡ କେମିତି ଘଟିଲା ତାହାର କାରଣ ଜଣାପଡ଼ିନି। ହାଟଡିହୀ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଘରର ସମସ୍ତ ଆସବାବପତ୍ର, ଧାନ, ଚାଉଳ ପୋଡ଼ିଯାଇଛି। ଚାଷ କାମ ଲାଗି ରଖିଥିବା ୧୫ହଜାର ଟଙ୍କା ମଧ ଜଳିଯାଇଛି। ଏଥିରେ ବେଣୁଧର ଭାଙ୍ଗିପଡ଼ିଛନ୍ତି। ଚାରିଆଡେ କରୋନା ପାଇଁ ତାଲା ବନ୍ଦ ଥିବାବେଳେ ତାଙ୍କ ଘର ପୋଡ଼ିଯିବାରୁ ସେ ବ୍ୟସ୍ତ ହୋଇପଡ଼ିଛନ୍ତି। ବେଣୁଧର ଜଣେ ଗରିବ ଲୋକ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗେଇଦେବାକୁ ସାମାଜିକକର୍ମୀ କାମପାଳ ନାୟକ, ଜୟଦେବ ଚକ୍ର, ବିରେନ ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି।

# ମହାମାରୀରୁ ରକ୍ଷା ଲାଗି ବାହାରିଲେ ସୁଦର୍ଶନ ମହାପ୍ରଭୁ

ବାରିପଦା ଅଫିସ, ୧୭।୪

ମହାମାରୀ କରୋନା ଏବେ ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି। ଏହି ସଂକ୍ରମଣକୁ କିପରି ରୋକାଯାଇପାରିବ ସେନେଇ ସମସ୍ତେ ଚେଷ୍ଟିତ। ହିନ୍ଦୁ ପରମ୍ପରା ଅନୁଯାୟୀ ଯେତେବେଳେ ମାନବସମାଜ ବିପଦରେ ପଡ଼େ ସେହି ସମୟରେ ପ୍ରଭୁଙ୍କ ଶରଣାପନ୍ନ ହୋଇଥାଏ। ମହାମାରୀ କବଳରୁ ଜୀବଜଗତକୁ ରକ୍ଷା କରିବା ପାଇଁ ମହାପ୍ରଭୁ ମନ୍ଦିରରୁ ବାହାରକୁ ବାହାରି ଆସିଥାନ୍ତି। ଦୀର୍ଘ ବର୍ଷ ହେବ ରହିଆସିଥିବା ଏହି ବିଶ୍ୱାସ ଓ ପରମ୍ପରାର ପ୍ରତିଫଳନ ମୟୂରଭଞ୍ଜ ଜିଲା ବାରିପଦାଠାରେ ଦେଖିବାକୁ ମିଳିଛି। ଏଠାକାର ହରି ବଳଦେବଜୀଉ ମନ୍ଦିରରେ ପୂଜା ପାଉଥିବା ଶ୍ରୀସୁଦର୍ଶନ ମହାପ୍ରଭୁ ସମାଜର ମଙ୍ଗଳ ନିମନ୍ତେ ଶୁକ୍ରବାର ମନ୍ଦିରରୁ ବାହାରି ନଗର


ଶ୍ରୀ ସୁଦର୍ଶନ ମହାପ୍ରଭୁଙ୍କ ନଗର ପରିକ୍ରମା ପରେ ପୂଜାର୍ଚ୍ଚନା କରାଯାଉଛି।

ପରିକ୍ରମା କରିଛନ୍ତି। ଦୀର୍ଘ ୨୦୦ବର୍ଷରୁ ଉର୍ଦ୍ଧ୍ୱ ହେବ ରାଜତନ୍ତ୍ର ସମୟରେ ବିଶ୍ୱରେ ଦେଖାଦେଇଥିବା ମହାମାରୀର ମୂଳପୋଛ ନିମନ୍ତେ ଜଗନ୍ନାଥଙ୍କ ପ୍ରତିନିଧି ଭାବେ ଶ୍ରୀ ସୁଦର୍ଶନ ମହାପ୍ରଭୁ ମନ୍ଦିରରୁ ବାହାରି ରାଜଉଆସକୁ ଯାଇଥିବା କଥିତ ରହିଛି। ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱ ମହାମାରୀ କରୋନା ଦାଉରୁ ସମାଜକୁ ବଞ୍ଚାଇବା ପାଇଁ ଜଗତର ନାଥ ଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ନେଇ ପାଟ ପଗୁଆର ସହ ମନ୍ଦିରରୁ ବାହାରି ଶ୍ରୀ ସୁଦର୍ଶନ ମହାପ୍ରଭୁ ପୁରୁଣା ରାଜଉଆସକୁ ବିଜେ କରିଥିଲେ। ସେଠାରେ ମହାପ୍ରଭୁଙ୍କ ବିଧିବଦ୍ଧ ପୂର୍ଜାର୍ଚ୍ଚନା କରାଯାଇଥିଲା। ପରେ ଶ୍ରୀ ସୁଦର୍ଶନ ମହାପ୍ରଭୁଙ୍କ ବିଗ୍ରହ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପୂର୍ବରୁ ବିଶ୍ୱାସ ରହିଥିବା ଏହି ପୂର୍ଜାର୍ଚ୍ଚନା ଦ୍ୱାରା ମାନବ ସମାଜକୁ ପୁଣି ଥରେ ସୁସ୍ଥ କରି ମହାମାରୀ କରୋନା ପ୍ରଭାବରୁ ଲୋକମାନଙ୍କୁ ମୁକ୍ତି ମିଳିବ ବୋଲି ଜଗନ୍ନାଥ ମନ୍ଦିରର ବଡ଼ପଣ୍ଡା ଅରୁଣ କୁମାର ମିଶ୍ର ପ୍ରକାଶ କରିଛନ୍ତି। ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନଙ୍କ ଉପସ୍ଥିତିରେ ସମାଜିକ ଦୂରତା ପାଳନ କରାଯାଇ ପୂଜା ବିଧି ସମ୍ପନ୍ନ କରାଯାଇଥିଲା।

# 'ସେନ୍ସର ଚାଳିତ ବିଶୋଧନ ଯନ୍ତ୍ର'

ପଦ୍ମପୁର, ୧୭।୪(ଡି.ଏନ.ଏ.)

ସାରା ବିଶ୍ୱ ଏବେ କରୋନା କବଳରୁ ମୁକ୍ତି ପାଇବା ପାଇଁ ଲଢ଼େଇ କରୁଛି। ଏଭଳି ସ୍ଥିତିରେ ମଣିଷ ଶରୀରକୁ ମାତ୍ର ଦୁଇ ସେକେଣ୍ଡରେ ପ୍ରାକୃତିକ ବିଶୋଧନ ଦ୍ରବଣ ବ୍ୟବହାର କରି ସେନ୍ସର ଦ୍ୱାରା ମୋଟରଚାଳିତ ସିଞ୍ଚନ ଯନ୍ତ୍ରରେ ପୁରା ମଣିଷ ଶରୀରକୁ ବିଶୋଧନ କରାଯାଇପାରିବ। ଏପରି ଏକ ଯନ୍ତ୍ର ତିଆରି କରିଛନ୍ତି ବାସୁଦେବପୁର ପୌରପାଳିକା ୧୬ ନଂ. ୱାର୍ଡ଼ର ସେକ୍ ତାଜଉଦ୍ଦିନ(ସକିଲ) ଓ ତାଙ୍କର ମାଉସୀ ପୁଅ ତାଜଉଦ୍ଦିନ। ଏକ ଅଧା କିଲୋୱାଟ୍‌ର ମୋଟର, ମୋବାଇଲ ଚାର୍ଜର, ସେନ୍ସର, ନିପ୍ପଲ, କିଛି ୱେୟାରିଂ ପ୍ଲାଷ୍ଟିକ୍ ପାଇପ ବ୍ୟବହାର କରି ତିଆରି ହୋଇଛି ଏହି ସିଞ୍ଚନ ଯନ୍ତ୍ର। ୬ଫୁଟ ଉଚ୍ଚତା ଓ ୩.୫ ଫୁଟ ଓସାର ଏହି ଯନ୍ତ୍ରରେ ମଣିଷ ପ୍ରବେଶ କରିବା ମାତ୍ରେ ସେନ୍ସର ଦ୍ୱାରା ସିଞ୍ଚନ ଆରମ୍ଭ ହେବ। ବାହାରକୁ ବାହାରି ଗଲେ ଆପେ ଆପେ ଏହା ବନ୍ଦ ହେବ। ଏହାକୁ ଚଳାଇବା ପାଇଁ କୌଣସି ସୁଇଚ ଆବଶ୍ୟକତା ନାହିଁ। ଜଣେ ମଣିଷକୁ ସିଞ୍ଚନ ଦ୍ୱାରା ବିଶୋଧନ କରିବା ପାଇଁ ଦୁଇ ସେକେଣ୍ଡ ଲାଗିବ। ମୋଟର ଚଳାଇବା ପାଇଁ ବିଦ୍ୟୁତ ଶକ୍ତି ଆବଶ୍ୟକ। ଆବଶ୍ୟକ ସ୍ଥଳେ ବ୍ୟାଟେରି ଦ୍ୱାରା ମୋଟର ଚାଳିପାରିବ। ବିଶୋଧକ ଦ୍ରବଣ ପାଇଁ ଘିକୁଆଁରି ଇଥାଇଲ ଆଲକୋହଲ, ଭିଟାମିନ ଇ, ଗୋଲାପ ଜଳ ଓ ପାଣି ବ୍ୟବହାର କରାଯାଇଛି। ଯାହା ସହଜରେ ବହୁଳ ପରିମାଣରେ ମିଳିପାରିବ। ଏହି ସିଞ୍ଚନ ଯନ୍ତ୍ରକୁ ବାସୁଦେବପୁର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ଦେଖିବା ସହ ଏହାର କାର୍ଯ୍ୟକାରିତା ଓ ଉପଯୋଗିତା ବିଷୟରେ ପଚାରି ବୁଝି ଯୁବକଦ୍ୱୟଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହି ସିଞ୍ଚନ ଯନ୍ତ୍ରକୁ ସେ ଜନସାଧାରଣଙ୍କର ସେବା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦାନ କରିବେ ବୋଲି ସୂଚନା ଦେଇଛନ୍ତି। ଏହି ଯନ୍ତ୍ର ତିଆରି କରିବା ପାଇଁ ୧୦ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୩ଦିନ ସମୟ ଲାଗିଛି। ଆଗକୁ ସରକାରଙ୍କ ତରଫରୁ ସହାୟତା ମିଳିଲେ ଏହି ଯନ୍ତ୍ରକୁ ଅଧିକ ଉନ୍ନତ କରିବା ପାଇଁ ଉଦ୍ୟମ କରିବେ ବୋଲି ସେମାନେ କହିଛନ୍ତି। ତାଜଉଦ୍ଦିନଙ୍କ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ। ସେ ପେଶାରେ ଜଣେ ଇଲେକ୍ଟ୍ରିକାଲ ମିସ୍ତ୍ରୀ।

**୩ ଦିନରେ ତିଆରି କରି ଚର୍ଚ୍ଚାରେ ଯୁବକ**


ଯୁବକଦ୍ୱୟ ତିଆରି କରିଥିବା ସିଞ୍ଚନ ଯନ୍ତ୍ରକୁ ତହସିଲଦାର ଦେଖୁଛନ୍ତି।

## କଂସ ରୂପରେ ସଚେତନତା

ଖଇରା, ୧୭।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡଗରପଡା ଗ୍ରାମର ଗୟାଧର ବିଶ୍ୱାଳ ନିଆରା ଢଙ୍ଗରେ କରୋନା ସଚେତନତା କରିଛନ୍ତି। ଲକଡାଉନ ଲାଗୁ ହେବା ଦିନଠାରୁ ସେ କଂସ ପୋଷାକ ପରିଧାନ କରି କରୋନା ସଚେତନତା ଲାଗି ସାଇକେଲରେ ପ୍ଲା କାର୍ଡ ବାନ୍ଧି ଗାଁକୁ ଗାଁ ବୁଲୁଛନ୍ତି। ଶୁକ୍ରବାର ସେ ତାଙ୍କ କଷ୍ଟ ଅର୍ଜିତ ଧନରୁ ସେ ୫ଶହ ଟଙ୍କା ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି।


ସାଇକେଲରେ ସଚେତନତାର ବାର୍ତ୍ତା ଦେଉଛନ୍ତି ଗୟାଧର।

# ବାଲେଶ୍ୱରର ୧୭୫ ନମୁନା ନେଗେଟିଭ୍

ବାଲେଶ୍ୱର ଅଫିସ, ୧୭।୪

କରୋନା କଟକଣା ସାରା ଜିଲାରେ ପୂର୍ବବତ୍ ରହିଥିବାବେଳେ ଏଯାଏ ବାଲେଶ୍ୱର ଜିଲାରେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କରୋନା ସଂକ୍ରମଣକୁ ରୋକିବା ପାଇଁ ଜିଲାପ୍ରଶାସନ ପକ୍ଷରୁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି। ୧୬ ତାରିଖ ସୁଦ୍ଧା ଜିଲାକୁ ବିଦେଶରୁ ଆସିଥିବା ମୋଟ୍ ୨୭୦ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଥିବାବେଳେ ବିଦେଶରୁ ଆସି ବର୍ତ୍ତମାନ ହୋମ୍ ଆଇସୋଲେଶନ୍‌ରେ ୬୧ଜଣ ରହିଛନ୍ତି। ସେହିପରି ଏବେ ସୁଦ୍ଧା ଅନ୍ୟ ରାଜ୍ୟରୁ ଜିଲାକୁ ଆସିଥିବା ମୋଟ୍ ୧୯,୭୨୧ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ମୋଟ ୪୫୧ଟି ନମୁନା (ସାମ୍ପଲ) ପରୀକ୍ଷା ପାଇଁ ପଠାଯାଇଥିଲା। ୧୭୫ଟି ଟେଷ୍ଟ ରିପୋର୍ଟ ହସ୍ତଗତ ହୋଇଛି। ସମସ୍ତ ରିପୋର୍ଟ ନେଗେଟିଭ୍ ଥିବା ଜଣାପଡ଼ିଛି।

ଅପରପକ୍ଷେ ଜିଲା ପ୍ରଶାସନ ତରଫରୁ ଅନ୍ୟାନ୍ୟ ପଦକ୍ଷେପ ମଧ ଗ୍ରହଣ କରାଯାଉଛି। ଖାଦ୍ୟ ସୁରକ୍ଷା ଯୋଜନାରେ ୧୬ ତାରିଖ ସୁଦ୍ଧା ୧୬,୮୨,୬୯୯ ଜଣ ପିଡିଏସ୍ ହିତାଧିକାରୀଙ୍କୁ ସେମାନଙ୍କର ଏକକାଳୀନ ୩ମାସର ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ମୋଟ୍ ୨,୭୩,୪୭୩.୪୭ କୁଇଣ୍ଟାଲ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି କ୍ଷେତ୍ରରେ ୮୯ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇପାରିଛି। ସେହିପରି ୪, ୮୪, ୮୯୯ ହିତାଧିକାରୀ ପରିବାରଙ୍କୁ ୧ହଜାର ଟଙ୍କା ଲେଖାଏଁ ବଣ୍ଟନ କରାଯାଇଛି। ଏହି କ୍ଷେତ୍ରରେ ୯୭.୩୪ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇପାରିଛି। ସେହିପରି ଜିଲାର ୪ଟି ସହରାଞ୍ଚଳର ୩୫୬ଜଣ ପଞ୍ଜୀକୃତ ରାସ୍ତାକଡ଼ ଉଠାଦୋକାନୀଙ୍କୁ ୩ହଜାର ଟଙ୍କା ଲେଖାଏଁ ଏବଂ ଜିଲାର ୨୯,୭୬୨ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ୧୫୦୦ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲାର ସମସ୍ତ ୩୬୦ଟି ପଞ୍ଚାୟତରେ ୨,୬୧,୧୫୫ଜଣ ଲୋକଙ୍କୁ ମାଗଣା ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି। ସେହିପରି ଏବେସୁଦ୍ଧା ଜିଲାର ୪ଟି ସହରାଞ୍ଚଳର ୯୫୬୨ଜଣ ଲୋକଙ୍କୁ ମାଗଣା ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦୀପକ କୁମାର ସାହୁ ଶୁକ୍ରବାର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ୬୯ ବାଇକ୍, ୨ କାର୍ ଜବତ

ପାଟଣା, ୧୭।୪(ସ୍ୱ.ପ୍ର.)–

ଗାଇଡଲାଇନ ଉଲ୍ଲଂଘନ କରିଥିବା ୬୯ ବାଇକ୍ ଓ ୨ଟି କାର୍‌କୁ କେନ୍ଦୁଝର ଜିଲା ପାଟଣା ଥାନା ପୋଲିସ ଜବତ କରିଛି। ଥାନାଧିକାରୀ ସନ୍ଧ୍ୟାରାଣୀ ଜେନା ସୂଚନା ଦେଇଛନ୍ତି। ଯେଉଁ ଅମାନିଆମାନେ ଲକ୍‌ଡାଉନ ବେଳେ ଆଇନ ଉଲ୍ଲଂଘନ କରି ବାଇକ୍ ଓ କାର୍ ଚଳାଉଥିଲେ ସେମାନଙ୍କ ଗାଡିକୁ ପୋଲିସ ଜବତ କରିଛି। ଏଥିସହ ଗୁରୁବାର ରାତିରେ ପାଟଣା ବ୍ଲକ ଛକରେ ପାଟଣା ପୋଲିସ ପକ୍ଷରୁ ମାସ୍କ ନ ପିନ୍ଧିଥିବା ଅନେକ ବ୍ୟକ୍ତିଙ୍କଠାରୁ ଜଣକା ୨୦୦ ଟଙ୍କାଏ ଲେଖାଏଁ ଜରିମାନା ଆଦାୟ କରିଛି।

**ନିରାଡମ୍ବର ଭାବେ ପାଳନ ହେଲା ବିଜୁବାବୁଙ୍କ ଶ୍ରାଦ୍ଧଦିବସ**

ରସାଳପୁର, ୧୭।୪(ଡି.ଏନ.ଏ.)

ରେମୁଣା ନିର୍ବାଚନମଣ୍ଡଳୀର ଗେଙ୍ଗୁଟୀ ପଞ୍ଚାୟତରେ ବିଜୁ ସ୍ମୃତି କମିଟି ତରଫରୁ ସାଉଁ ଛକଠାରେ ମହାନ ଜନନେତା ସ୍ୱାଧୀନତା ସଂଗ୍ରାମୀ ବିଜୁ ବାବୁଙ୍କର ୨୩ତମ ଶ୍ରାଦ୍ଧଦିବସ ଶୁକ୍ରବାର ନିରାଡ଼ମ୍ବରରେ ପାଳନ କରାଯାଇଛି। ସାମାଜିକ ଦୂରତା ରକ୍ଷା କରି ତିଳତର୍ପଣ ସହ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପୂର୍ବତନ ଜିଲାପରିଷଦ ସଭାପତି ଉର୍ମିଳତା ଦାସ, ଗେଙ୍ଗୁଟି ପଞ୍ଚାୟତର ସଭାପତି ସତ୍ୟନାରାୟଣ ଆଚାର୍ଯ୍ୟ, ଖାନନଗର ସଭାପତି ଅଞ୍ଜନ କୁମାର ନାୟକ, ସରପଞ୍ଚ ଦମୟନ୍ତୀ ମଲ୍ଲିକ, ସମିତିସଭ୍ୟା ତିଳୋତ୍ତମା ମଲ୍ଲିକ, ଦଳର ବରିଷ୍ଠ ସଭ୍ୟ ରଞ୍ଜନ କୁମାର ଜେନା, ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ।

# ଏମ୍‌କେସିଜିରେ ୩ କରୋନା ସନ୍ଦିଗ୍ଧ ଭର୍ତ୍ତି

ବ୍ରହ୍ମପୁର ଅଫିସ ,୧୭।୪

ଏମ୍‌କେସିଜି ମେଡିକାଲରେ ପୁଣି ୩ କରୋନା ସନ୍ଦିଗ୍ଧଙ୍କୁ ସଙ୍ଗରୋଧ କକ୍ଷରେ ଭର୍ତ୍ତି କରାଯାଇଛି। ଜଣେ ଗଞ୍ଜାମ ଅଞ୍ଚଳର ହୋଇଥିବାବେଳେ ଅନ୍ୟଜଣେ ବ୍ରହ୍ମପୁରର ଓ ତୃତୀୟ ଜଣକ ଛତ୍ରପୁରର ହୋଇଥିବା ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ସୂଚନା ଦେଇଛନ୍ତି। ସନ୍ଦିଗ୍ଧମାନେ ଥଣ୍ଡା, କାଶ ଓ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ କାଉନ୍‌ସେଲିଂ ପରେ ସ୍ୱତନ୍ତ୍ର କରୋନା ୱାର୍ଡରେ ରଖାଯାଇଛି। ଛତ୍ରପୁର ଅଞ୍ଚଳରୁ ଆସିଥିବା ଯୁବକ ଜଣଙ୍କ ବଙ୍ଗଳା ଭାଷାରେ କଥା ହେଉଥିବା ବେଳେ ତାଙ୍କର ପ୍ରକୃତ ଠିକଣା ମିଳିପାରି ନ ଥିବା ଅଧୀକ୍ଷକ କହିଛନ୍ତି। ସମସ୍ତ ସନ୍ଦିଗ୍ଧଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ଭୁବନେଶ୍ୱର ଆରଏମ୍‌ଆରସିରୁ ରିପୋର୍ଟ ମିଳି ନ ଥିବା ଜଣାପଡିଛି। ଅନ୍ୟପଟେ ପୁଣିଥରେ ଏମ୍‌କେସିଜି ମାଇକ୍ରୋବାୟୋଲୋଜି ବିଭାଗ ଅଧୀନରେ ଥିବା ପିସିଆର ମେଶିନରେ ୯ ଟି ସ୍ୱାବ୍ ପରୀକ୍ଷା କରାଯାଇଛି।

## ଆଇସୋଲେଶନ ସେଣ୍ଟରରେ ୫ ଭୁବନେଶ୍ୱର ଫେରନ୍ତା

ଆସିକା,୧୭।୪(ଡି.ଏନ୍.ଏ.)

ଆସିକା ବ୍ଲକ ଓ ଏନ୍‌ଏସିରେ ଗୁରୁବାର ଓ ଶୁକ୍ରବାର ଭୁବନେଶ୍ୱରରୁ ଫେରିଥିବା ୬ ଜଣଙ୍କୁ ଆଇସୋଲେଶନ ସେଣ୍ଟରରେ ରଖାଯାଇଛି। କେନ୍ଦୁପଦର ଗ୍ରାମର ୫ ଜଣ ବ୍ୟକ୍ତି ଚାଲି ଚାଲି ଭୁବନେଶ୍ୱରରୁ ଫେରୁଥିବା ବେଳେ ବୁଗୁଡା ତହସିଲଦାରଙ୍କ ହାବୁଡରେ ପଡିଥିଲେ। ତହସିଲଦାରଙ୍କ ପକ୍ଷରୁ ସେମାନଙ୍କୁ ଆସିକା ବ୍ଲକ ପ୍ରଶାସନକୁ ହସ୍ତାନ୍ତର କରାଯାଇଥିଲା। ବର୍ତ୍ତମାନ ସେମାନଙ୍କୁ ଜୟପୁର ପଞ୍ଚାୟତ ଆଇସୋଲେଶନ ସେଣ୍ଟରରେ ରଖାଯାଇଥିବା ବିଡିଓ ପ୍ରଦୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ଆସିକା ଜୀବନ ବୀମା ନିଗମ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ଭୁବନେଶ୍ୱରରୁ ଫେରି ନିଜ ବାସଗୃହରେ ଥିବା ପ୍ରଶାସନ ଦୃଷ୍ଟିକୁ ଆସିଥିଲା। ତାଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ତହସିଲଦାର ସଦାନନ୍ଦ ସେଠୀ ସୂଚନା ଦେଇଛନ୍ତି।

## ଆଇଟିଆଇ ପକ୍ଷରୁ ୧୦୦୦ ମାସ୍କ ପ୍ରଦାନ

ବ୍ରହ୍ମପୁର ଅଫିସ,୧୭।୪

କରୋନା ସଂକ୍ରମଣକୁ ପ୍ରତିରୋଧ କରିବାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଜାରି ରହିଥିବା ଲକ୍‌ଡାଉନ୍ ବେଳେ ମାସ୍କ ବ୍ୟବହାରକୁ ବାଧତାମୂଳକ କରାଯାଇଛି। କିନ୍ତୁ ବଜାରରେ ଆବଶ୍ୟକ ଅନୁସାରେ ମାସ୍କର ଅଭାବ ଦେଖାଦେଇଛି। ଏହାକୁ ପୂରଣ କରିବା ନେଇ ବ୍ରହ୍ମପୁର ସରକାରୀ ଆଇଟିଆଇ ପକ୍ଷରୁ ମାସ୍କ ପ୍ରସ୍ତୁତି କାର୍ଯ୍ୟ ହାତକୁ ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ନିର୍ମିତ ୧୦୦୦ ମାସ୍କକୁ ଶୁକ୍ରବାର ଆଇଟିଆଇ ପକ୍ଷରୁ ପ୍ରଶାସନକୁ ଦିଆଯାଇଛି। ଅଧକ୍ଷ ରଜତ କୁମାର ପାଣିଗ୍ରାହୀ ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବଙ୍କୁ ଏହା ପ୍ରଦାନ କରିଛନ୍ତି। ଅନୁଷ୍ଠାନର ୮ ପୂର୍ବତନ ଛାତ୍ରୀ ଓ ବିଭିନ୍ନ ବିଭାଗର ଶିକ୍ଷୟିତ୍ରୀମାନେ ମିଳିତ ଭାବେ ସପ୍ତାହକ ମଧରେ ୧୦୦୦ ମାସ୍କ ପ୍ରସ୍ତୁତ କରିବାରେ ସହଯୋଗ କରିଥିଲେ।


ଆଇଟିଆଇ ଅଧକ୍ଷ ଉପଜିଲାପାଳଙ୍କୁ ମାସ୍କ ପ୍ରଦାନ କରୁଛନ୍ତି।

## ବ୍ରହ୍ମପୁର

### ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ

ଭଞ୍ଜନଗର,୧୭।୪(ଡି.ଏନ.ଏ.)

ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡି ବିଜୁ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ଶୁକ୍ରବାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। କରୋନା ଯୋଗୁ ନିରାଡ଼ମ୍ବର ଭାବେ ଏହି ଦିବସ ପାଳନ କରାଯାଇଛି। ଭଞ୍ଜନଗର ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରଧାନ, ଭଞ୍ଜନଗର ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ ପ୍ରମୁଖ ସହରର ବାଇପାସ୍ ଛକ ଓ ଥାନା ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

### ଆଇସୋଲେଶନ ସେଣ୍ଟରରେ ବୃଦ୍ଧଙ୍କ ମୃତ୍ୟୁ

ଛତ୍ରପୁର,୧୭।୪(ଡି.ଏନ୍.ଏ.)

ଛତ୍ରପୁର ବ୍ଲକ ସୁନ୍ଦରପୁର ଆଇସୋଲଶନ ସେଣ୍ଟରରେ ଶୁକ୍ରବାର ରାତିରେ ଜଣେ ବୃଦ୍ଧ (୭୫)ଙ୍କ ମୃତ୍ୟୁ ଘଟିଛି। ସେ ଭୁବନେଶ୍ୱରରୁ ଫେରିବା ପରେ ତାଙ୍କୁ ସୁନ୍ଦରପୁର ଆଇସୋଲଶନ ସେଣ୍ଟରରେ ରଖାଯାଇଥିଲା। ସେ କର୍କଟରେ ପୀଡିତ ଥିଲେ ବୋଲି ଜଣାପଡିଛି। ଘଟଣାପରେ ପୋଲିସ, ପ୍ରଶାସନିକ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସେଠାରେ ପହଞ୍ଚିଛନ୍ତି।

### ଆହତ କୃଷ୍ଣସାର ମୃଗ ଶାବକ ଉଦ୍ଧାର

ବୁଗୁଡ଼ା,୧୭।୪(ଡି.ଏନ.ଏ)

ବୁଗୁଡ଼ା ଏନ୍‌ଏସି ସୂର୍ଯ୍ୟନଗର ଅଞ୍ଚଳରୁ ଗୁରୁବାର ବନବିଭାଗ କର୍ମଚାରୀ ଏକ ୨ ମାସର ଆହତ କୃଷ୍ଣସାର ଶାବକକୁ ଉଦ୍ଧାର କରିଛନ୍ତି। ପୋଖରୀକୁ ପାଣି ପିଇବାକୁ ଆସିଥିବାବେଳେ ମୃଗ ଶାବକଟିକୁ କୁକୁର ଗୋଡାଇଥିଲା। ଶାବକଟି ଆହତ ଅବସ୍ଥାରେ ପଡ଼ିଥିବା ଖବର ପାଇ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଉଦ୍ଧାର କରିଥିଲେ।

# ଖଲ୍ଲିକୋଟ କଲେଜ ପକ୍ଷରୁ ଅନ୍‌ଲାଇନଶିକ୍ଷାଦାନ

ବ୍ରହ୍ମପୁର ଅଫିସ,୧୭।୪

**କ୍ଲାସ କଲେ ବିବିଏ, ଇଟିସି, ଏମ୍ଏଫଏ ବିଦ୍ୟାର୍ଥୀ**

କରୋନା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଲକ୍‌ଡାଉନ ଘୋଷଣା ଫଳରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଏହି ସମୟରେ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ପ୍ରଭାବିତ ହୋଇଛି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ଘରେ ବସି ଶିକ୍ଷାଦାନ କରିବା ନେଇ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ମହାବିଦ୍ୟାଳୟର ବିବିଏ, ଇଟିସି, ଏମ୍‌ଏଫଏ ବିଭାଗ ପକ୍ଷରୁ ଅନଲାଇନ୍ କ୍ଲାସ୍ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ଉପରୋକ୍ତ ବିଭାଗରେ ଅଧ୍ୟୟନରତ ଶେଷ ବର୍ଷ ତଥା ଶେଷ ସେମିଷ୍ଟର ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମ ଶେଷ ହୋଇଥିବା ବେଳେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ମଧ ଅନ୍‌ଲାଇନ୍ ମାଧ୍ୟମରେ ବିଭାଗର ଅଧ୍ୟାପକମାନେ ଶିକ୍ଷାଦାନ କରୁଥିବା ସୂଚାଯାଇଛି। ଅଧ୍ୟକ୍ଷା ପ୍ରଫେସର ଉତ୍ତମା ଜେନାଙ୍କ ତତ୍ତ୍ୱାବଧାନ ଓ ଉପାଧ୍ୟକ୍ଷ ଡ.ସିଦ୍ଧାର୍ଥ ଶଙ୍କର ପାଢୀଙ୍କ ସହଯୋଗରେ ମହାବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଘର ମଧ୍ୟରେ ଅନଲାଇନ୍ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଥିବା ବିଭାଗୀୟ ମୁଖ୍ୟ ରଶ୍ମିରାଜ ପାଳ କହିଛନ୍ତି।

# ମହିଳାଙ୍କୁ ବଳାତ୍କାର ଅଭିଯୋଗ

**୯ ଦିନ ପରେ ଏତଲା, ଅଭିଯୁକ୍ତ ଫେରାର**

ଦିଗପହଣ୍ଡି,୧୭।୪(ଡି.ଏନ୍.ଏ.)

ଦିଗପହଣ୍ଡି ଥାନା ଅଧୀନ ଏକ ଗାଁର ଜଣେ ଅନୁସୂଚିତ ଜାତିର ମହିଳାଙ୍କୁ ତାଙ୍କ ଚାଷଜମିରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ତଦନ୍ତକାରୀ ପୋଲିସ ଟିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁଙ୍କ ସୂଚନା ଅନୁଯାୟୀ, ଗତ ୮ ତାରିଖ ଅପରାହ୍ନରେ ମହିଳା ଜଣକ ମାଟି ଆଣିବାକୁ ବିଲକୁ ଯାଇଥିଲେ। ସେଠାରେ ତାଙ୍କୁ ଏକୁଟିଆ ପାଇ ଗାଁର ଜଣେ ଯୁବକ ବିଭିନ୍ନ ଧମକଚମକ ଦେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ମହିଳା ଜଣକ ଘରକୁ ଫେରି ସମସ୍ତ ଘଟଣା ପରିବାର ଲୋକଙ୍କୁ କହିଥିଲେ। ପରେ ମହିଳାଙ୍କ ପରିବାର ଏନେଇ ସରପଞ୍ଚଙ୍କୁ ଅବଗତ କରାଇଥିଲେ। ଗୁରୁବାର ମହିଳା ଜଣକ ପରିବାର ଲୋକଙ୍କ ସହ ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେବାପରେ ଥାନା ଅଧିକାରୀ ବସନ୍ତ କୁମାର ସେଠୀ ନଂ.୮୨/୨୦ରେ ମାମଲା ରୁଜୁକରି ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିବା ପୋଲିସ କହିଛି।

## ଘରୋଇ ହିଂସା ରୋକିବାକୁ ହେଲ୍ପଲାଇନ୍ ନମ୍ବର

ଛତ୍ରପୁର,୧୭।୪(ଡି.ଏନ୍.ଏ.)

କରୋନା ନେଇ ଲକ୍‌ଡାଉନ ଓ ଗଞ୍ଜାମରେ ପ୍ରତ୍ୟହ ୧୯ ଘଣ୍ଟା ଶଟଡାଉନ ଜାରି ରହିଛି। ଏହି ସମୟରେ ଘରୋଇ ହିଂସା ରୋକିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଯୋଗାଇ ଦିଆଯାଇଥିବା ହେଲ୍ପଲାଇନ ନମ୍ବର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁକ୍ରବାର ସନ୍ଧ୍ୟାରେ ଜାରି କରିଛନ୍ତି। ଜିଲାରେ କୌଣସି ମହିଳା ଅଶାଳୀନ ବ୍ୟବହାର ଓ ନିର୍ଯାତନାର ଶିକାର ହେଲେ ହେଲ୍ପ ଲାଇନ ନମ୍ବର ୧୮୧ କିମ୍ବା ୭୨୦୫୦୦୬୦୩୯କୁ ଫୋନ କରି ଜଣାଇବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଘରୋଇ ହିଂସା ରୋକିବା ପାଇଁ ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ମଧ ଗୁରୁବାର ୩ଟି ହେଲ୍ପଲାଇନ ନମ୍ବର ଏବଂ ପୋଲିସ କଣ୍ଟ୍ରୋଲ ରୁମ୍ ନମ୍ବର ୧୦୦ ଜାରି ହୋଇଛି।

## ଅବକାରୀ ଅଫିସରେ ଯୋଗଦେଲେ ୩ କନଷ୍ଟେବଲ

ଛତ୍ରପୁର,୧୭।୪(ଡି.ଏନ୍.ଏ.)

**କାର୍ଯ୍ୟକାରୀ ହେଲାନି ନିୟମ**

ଗଞ୍ଜାମକୁ ବାହାର ଜିଲା କିମ୍ବା ଅନ୍ୟ ରାଜ୍ୟରୁ କେହି ଆସିଲେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍ ନଚେତ୍ ଆଇସୋଲେଶନ ସେଣ୍ଟରରେ ରଖାଯାଉଛି। ହେଲେ ଅନ୍ୟ ଜିଲାରୁ ଆସି କାର୍ଯ୍ୟରେ ଯୋଗଦେଇଥିବା ୩ ନୂଆ କନଷ୍ଟେବଲଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁ ହୋଇ ନ ଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨ ଦିନ ପୂର୍ବେ ଭୁବନେଶ୍ୱର, କଟକ ଓ ପୁରୀ ଅଞ୍ଚଳରୁ ଏହି ୩ ଜଣ ଆସି ଛତ୍ରପୁରସ୍ଥିତ ଅବକାରୀ କାର୍ଯ୍ୟାଳୟରେ କନଷ୍ଟେବଲ ଭାବେ ଯୋଗ ଦେଇଛନ୍ତି। ଫଳରେ ଉକ୍ତ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ନାନା ଆଶଙ୍କାରେ ଅଛନ୍ତି।

## ବଣିଆବସାରେ ଜ୍ୱର ଆତଙ୍କ

ପାତ୍ରପୁର,୧୭।୪(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ଆଦିବାସୀ ଅଧୁଷିତ ଆଙ୍କୁଲି ପଞ୍ଚାୟତର ପାହାଡ଼ ଉପରେ ଥିବା ବଣିଆବସା ଗାଁରେ କିଛିଦିନ ହେଲା ଜ୍ୱର ଲାଗିରହିଛି। ରକ୍ତ ପରୀକ୍ଷା ପରେ ୬ ଜଣଙ୍କର ମ୍ୟାଲେରିଆ ପଜେଟିଭ୍ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଶୁକ୍ରବାର ଡ଼ଙ୍ଗାରେ ବାଘଲଟି ଜଳଭଣ୍ଡାର ପାରକରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସୁପରଭାଇଜର୍ ସେମାନଙ୍କୁ ଔଷଧ ଦେବାପରେ ଗାଁକୁ ଫେରିଯାଇଥିଲେ। ଏନେଇ ପାତ୍ରପୁର ମ୍ୟାଲେରିଆ ସୁପରଭାଇଜର୍ ଦୀପକ ମହାପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ଗତ ବୁଧବାର ଗ୍ରାମରେ ରକ୍ତ ପରୀକ୍ଷା କରିବାପରେ ଜଣଙ୍କର ପଜେଟିଭ ଥିବାରୁ ଔଷଧ ଦିଆଯାଇଥିଲା ବୋଲି କହିଛନ୍ତି।

## ଜିଲାପାଳ ରକ୍ତ ଦାନକରି ରକ୍ତସଂଗ୍ରହ ଭ୍ୟାନ୍ କଲେ ଉଦ୍‌ଘାଟନ

ଶେରଗଡ,୧୭।୪(ଡି.ଏନ୍.ଏ.)

ଶେରଗଡ ଅଲାରିଗଡ ପଞ୍ଚାୟତରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁକ୍ରବାର ରକ୍ତଦାନ କରିଥିଲେ। ପରେ ଏକ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଭ୍ୟାନକୁ ଉଦ୍‌ଘାଟନ କରିଛନ୍ତି। ବ୍ରହ୍ମପୁର ବ୍ଲଡ଼ ବ୍ୟାଙ୍କର ଏହି ଭ୍ୟାନଟି ଜିଲାର ବିଭିନ୍ନ ସ୍ଥାନ ବୁଲି ରକ୍ତ ସଂଗ୍ରହ କରିବ। ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ. ଦୟାସିନ୍ଧୁ ପରିଡା, ସିଡିପିଓ ଜୟନ୍ତୀ ପାଟପିଙ୍ଗୁଆ, ବ୍ଲକ ଅଧକ୍ଷା ସାରସ ସ୍ୱାଇଁ, ଆଲୋକ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।


ଜିଲାପାଳ ରକ୍ତଦାନ କରୁଛନ୍ତି।

**ନିର୍ମାଣ ଶ୍ରମିକଙ୍କୁ ସହାୟତା** | କଣିହାଁ, ୧୭।୪(ଡି.ଏନ.ଏ.)- କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତରେ ଶୁକ୍ରବାର ପଞ୍ଜୀକୃତ ୫ଶହରୁ ଅଧିକ ନିର୍ମାଣ ଶ୍ରମିକଙ୍କୁ ୧୫ଶହ ଟଙ୍କା ଲେଖାଏ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି। ସରପଞ୍ଚ ଲୋକନାଥ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜଗବନ୍ଧୁ ନାୟକ ଓ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ। ଶନିବାର ପଞ୍ଜୀକୃତ ଅନ୍ୟ ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ରାଶି ପ୍ରଦାନ କରାଯିବ।

## ସଂକ୍ଷେପରେ

### ୭୦ ପରିବାରକୁ ଚାଉଳ



**ବଅଁରପାଳ,୧୭।୪(ଡି.ଏନ.ଏ.):** ନାଲ୍କୋ ମୁଣ୍ଡାହଟିଂରେ ରହୁଥିବା ପ୍ରାୟ ୭୦ ଗରିବ ଓ ଅସହାୟ ପରିବାରକୁ କୁଲାଡ଼ ସାଇ ବାବା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଚାଉଳ, ଡାଲି ଆଦି ପ୍ରଦାନ କରାଯାଇଛି। ଗୋଷ୍ଠୀ ସଭାନେତ୍ରୀ ସୁପ୍ରଭା ପାତ୍ର, ସମ୍ପାଦିକା ଚପଳା ଧୀର, କୋଷାଧକ୍ଷା ରିନା ଦଳବେହେରା, ଆରତୀ ଧୀର, ସରୋଜିନୀ ପାତ୍ର, ପ୍ରତିମା ସାହୁ, ଶିବାନୀ ପାତ୍ର, ସବିତା ସାହୁ ପ୍ରମୁଖ ଏହି ସହାୟତା ବଣ୍ଟନ କରିଥିଲେ। ନାଲ୍କୋ ଥାନା ଅଧିକାରୀ ସରୋଜିନୀ ସାମ୍ଭାଡା, କନଷ୍ଟେବଲ ମଦନ ମୋହନ ପ୍ରଧାନ ସହଯୋଗ କରିଥିଲେ।

### ୫୦ ସ୍ୱାବ୍ ସଂଗ୍ରହ

**ବଇଣ୍ଡା,୧୭।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟଠାରେ ଅସ୍ଥାୟୀ ସ୍ୱାସ୍ଥ୍ୟ କ୍ୟାମ୍ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ୫୦ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସରୋଜ କୁମାର ନନ୍ଦ, କର୍ମଚାରୀ ନାରାୟଣ ଦେହୁରୀ, ମନୋଜ କୁମାର ପ୍ରଧାନ, ସରୋଜ କୁମାର ସାହୁ ସ୍ୱାବ ସଂଗ୍ରହ କରିଥିଲେ। ଭୁବନେଶ୍ୱରର ବମିଖାଲ ଅଞ୍ଚଳରୁ ଆସିଥିବା ଜଣେ ମହିଳା ଓ ତାଙ୍କ ସମ୍ପର୍କୀୟଙ୍କଠାରୁ ମଧ ସ୍ୱାବ ପରୀକ୍ଷା ପାଇଁ ନିଆଯାଇଛି।

### ୬ ଜଣ ଦେଲେ ଜରିମାନା

**ବଇଣ୍ଡା, ୧୭।୪(ଡି.ଏନ.ଏ.):** କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ, ସୁପରଭାଇଜର ମାଧୁରୀ ନାୟକ ଅଙ୍ଗପଡା, ତୁରୁଡା, ନାକିଚି ଅଞ୍ଚଳର ୬ ଜଣ ମାସ୍କ ପିନ୍ଧି ନ ଥିବା ଯୁବକଙ୍କଠାରୁ ୧୨ ଶହ ଟଙ୍କା ଜରିମାନା ଆଦାୟ କରିଛନ୍ତି। ଅନ୍ୟପକ୍ଷରେ ଠାକୁରଗଡ ସାପ୍ତାହିକ ହାଟରେ ୟୁଥ୍ ପାୱାର କ୍ଲବ ସଭାପତି ସୁନୀଲ କୁମାର ସାହୁଙ୍କ ନେତୃତ୍ୱରେ କରୋନା ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏଥିସହ ୬ ଶହ ମାସ୍କ ଚାଷୀ ଓ ସାଧାରଣ ଲୋକଙ୍କୁ ବଣ୍ଟନ କରାଯାଇଥିଲା।

### ୧ ଲକ୍ଷ ୫ ହଜାର ଦେଲେ ବିଧାୟକ

**ଅନୁଗୋଳ ଅଫିସ, ୧୭।୪:** କରୋନା ମୁକାବିଲା ପାଇଁ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ଲକ୍ଷ ୫ ହଜାର ଟଙ୍କା ବିଧାନସଭା ସଚିବଙ୍କ ମାଧମରେ ଦାନ କରିଛନ୍ତି। ଏଥିସହ କରୋନା ଯୋଦ୍ଧା ସାଜିଥିବା ଡାକ୍ତର, ନର୍ସ, ପୋଲିସ, ସଫେଇ କର୍ମଚାରୀ ଏବଂ ଲକ୍‌ଡାଉନ୍‌କୁ ଶୃଙ୍ଖଳାର ସହ ପାଳନ କରୁଥିବା ରାଜ୍ୟବାସୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

### ଶ୍ରମିକଙ୍କୁ ମାସ୍କ, ସାବୁନ ବଣ୍ଟନ

ଆଠମଲ୍ଲିକ, ୧୭।୪(ଡି.ଏନ.ଏ.)- ଆଠମଲ୍ଲିକ ଏନ୍‌ଏସି ହରିଡ଼ାନାଳୀସ୍ଥିତ ମା' ଗାୟତ୍ରୀ ଫ୍ଲାଏ ଆସ ଇଟାଭାଟି ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ୩ ହଜାରରୁ ଊର୍ଦ୍ଧ ମାସ୍କ ଓ ସାବୁନ ଶ୍ରମିକଙ୍କୁ ବଣ୍ଟନ କରାଯାଇଛି। ରାଜା ପାଣିଗ୍ରାହୀ ଓ ନିହାର ରଞ୍ଜନ ପାଣିଗ୍ରାହୀଙ୍କ ଉଦ୍ୟମରେ ଏହି ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଲୁହାସିଙ୍ଗା ପଞ୍ଚାୟତର ପଞ୍ଚଶଖା କ୍ଲବ ପକ୍ଷରୁ ପ୍ରସ୍ତୁତ ଏକ ନିବେଦନ ବାର୍ତ୍ତାକୁ ଆଠମଲ୍ଲିକ ଥାନା ଆଇଆଇସି ପ୍ରିୟବ୍ରତ ଦାଶ ଲୋକାର୍ପଣ କରିଥିଲେ।

### ୮୧ ୟୁନିଟ୍ ରକ୍ତ ସଂଗ୍ରହ

ବନ୍ତଳା, ୧୭।୪(ଡି.ଏନ.ଏ.)- ଅନୁଗୋଳ କୁମୁରିସିଙ୍ଗା ପଞ୍ଚାୟତ ଏଲିଗାଣ୍ଟ ୟୁଥ୍ କ୍ଲବ ତଳବାହାଲ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଭାପତି ଜ୍ୟୋତି ରଞ୍ଜନ ସ୍ୱାଇଁ, ସମ୍ପାଦକ ଚିନ୍ମୟ ପ୍ରଧାନ, କୋଷାଧକ୍ଷ ବିକାଶ ସ୍ୱାଇଁ, ଉପଦେଷ୍ଟା ଚୁନା ଜେନା ଓ ସିପୁ ଜେନାଙ୍କ ନେତୃତ୍ୱରେ ୮୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ବିଜେଡି ଜିଲା ସଭାପତି ମହେନ୍ଦ୍ର ବସ୍ତିଆ, ଜିଲା ପରିଷଦ ସଭ୍ୟ ହାଡ଼ିବନ୍ଧୁ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ।

# ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ନାହିଁ

**ଅନୁଗୋଳ ଅଫିସ, ୧୭।୪**



ରକ୍ତଦାନ ଶିବିରରେ ଅନୁଗୋଳ ବିଧାୟକଙ୍କ ସହ ଅନ୍ୟମାନେ ପାଖାପାଖି ଠିଆ ହୋଇଛନ୍ତି।

- ରକ୍ତଦାନ ଶିବିରରେ ନିୟମକୁ ଅଣଦେଖା ଅଭିଯୋଗ
- ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସରେ ବିଜେଡିର ଆୟୋଜନ
- ବିଧାୟକ, କର୍ମୀଙ୍କୁ ସାଧାରଣରେ ସମାଲୋଚନା

ଶୁକ୍ରବାର ଥିଲା ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ। କରୋନା କଟକଣା ପାଇଁ ଅନୁଗୋଳ ବିଜେଡି ପକ୍ଷରୁ ଏହାକୁ ପାଳନ କରାଯାଇ ନାହିଁ। ହେଲେ ଏହି ଅବସରରେ ଦଳ ପକ୍ଷରୁ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲେ ହେଁ ଏଥିରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ବିଶେଷକରି ଅନୁଗୋଳ ବିଧାୟକ ତଥା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହଙ୍କ ସହ ଦଳର ବହୁ ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ ମଧ ସାମାଜିକ ଦୂରତ୍ୱ ରକ୍ଷା ନିୟମର ଏପରି ଉଲ୍ଲଂଘନକୁ ସହରବାସୀ ନାପସନ୍ଦ କରିଛନ୍ତି।

ଶିବିରରେ ଉପସ୍ଥିତ ବିଧାୟକ ସିଂହ ମୁହଁରେ ମାସ୍କ ବାନ୍ଧିଥିଲେ। ତାଙ୍କ ପରି ଅନ୍ୟ କେତେଜଣ ମଧ ମାସ୍କ ପରିଧାନ ନିର୍ଦ୍ଦେଶର ପାଳନ କରିଥିଲେ। ହେଲେ ସାମାଜିକ ଦୂରତା ରକ୍ଷା ନିୟମ ନ ମାନି ଦଳୀୟ ନେତା, କର୍ମୀଙ୍କ ସହ ପାଖାପାଖି ଠିଆହେବା, ଫଟୋ ଉଠାଇବା ବିଧାୟକଙ୍କୁ ବିବାଦ ଘେରକୁ ଟାଣି ନେଇଛି। କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ବିଧାୟକ ଅନ୍ୟମାନଙ୍କୁ ସଚେତନ କରୁଥିବା ଓ କରୋନା ଯୋଦ୍ଧାଙ୍କୁ ସାବାସୀ ଦେଉଥିବା ବେଳେ ନିଜେ ସାମାଜିକ ଦୂରତା ରକ୍ଷା ନିୟମ ପାଳନ ନ କରିବା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏ ନେଇ ବିଧାୟକ ସିଂହଙ୍କ ସହ ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିଲେ ମଧ ସେ ଫୋନ ରିସିଭ ନ କରିବାରୁ ତାଙ୍କ ମତାମତ ମିଳିପାରି ନାହିଁ।

# ବିଜୁବାବୁଙ୍କ ସ୍ମୃତିଚାରଣ

**ଢେଙ୍କାନାଳ ଅଫିସ, ୧୭।୪**

ଏମ୍‌ପି ମହେଶ ସାହୁଙ୍କ ଢେଙ୍କାନାଳ ଦେଉଳସାହିସ୍ଥିତ କାର୍ଯ୍ୟାଳୟରେ ଶୁକ୍ରବାର ନିରାଡ଼ମ୍ବର ଭାବେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଏମ୍‌ପିଙ୍କ ସମେତ ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମହାନ୍ତ, ସଦର ବ୍ଲକ ବିଜେଡି ସଭାପତି ଅର୍ଜୁନ ସାହୁ ପ୍ରମୁଖ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ରଙ୍କ ନେତୃତ୍ୱରେ ଜିଲା ଚିକିତ୍ସାଳୟରେ ରୋଗୀଙ୍କୁ ଫଳ, ଶୁଖିଲା ଖାଦ୍ୟ ଏବଂ ମାସ୍କ ବଣ୍ଟନ କରାଯାଇଥିଲା। ଏଥିସହ ରକ୍ତଦାନ ଶିବିର ଆୟୋଜନ କରାଯାଇ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉତ୍ପଳା କାର୍ଯ୍ୟାଳୟରେ ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ପଟ୍ଟନାୟକଙ୍କ ଆବାହକତ୍ୱରେ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରାଯାଇଥିଲା।

# ଗ୍ରାମବାସୀଙ୍କୁ ମାସ୍କ ବଣ୍ଟନ

**କାମାକ୍ଷାନଗର, ୧୭।୪(ଡି.ଏନ.ଏ.)**

କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟି ପକ୍ଷରୁ ଶୁକ୍ରବାର କାନପୁରା ପଞ୍ଚାୟତ ଭାଲୁମୁଣ୍ଡା ଗ୍ରାମରେ ମାସ୍କ ବଣ୍ଟନ କରାଯାଇଛି। ଏଥିସହ ସାମାଜିକ ଦୂରତା ରକ୍ଷା, ବାହାରେ ଛେପ ନ ପକାଇବା ଓ ରୋଗର ଲକ୍ଷଣ ସମ୍ପର୍କରେ ସଚେତନ କରାଯାଇଥିଲା। ସଭାପତି ସଞ୍ଜୀବ ମିଶ୍ର, ଉପସଭାପତି ବିଜୟ ସେନାପତି, ସମ୍ପାଦକ ପ୍ରଫୁଲ୍ଲ ସାହୁ, ପ୍ରଧାନ ଆଚାର୍ଯ୍ୟ ଗୌରଚନ୍ଦ୍ର ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।



ଗ୍ରାମବାସୀଙ୍କୁ ସଚେତନ କରାଯାଉଛି।

# ଘରୋଇ କ୍ଲିନିକ୍ ସିଲ୍

**କଣିହାଁ, ୧୭।୪(ଡି.ଏନ.ଏ.)**

ବେଆଇନ ଅର୍ଥ ଆଦାୟ ଅଭିଯୋଗରେ କଣିହାଁ ବ୍ଲକ ରେଙ୍ଗାଳି ଥାନା ଅଞ୍ଚଳର ଏକ ଘରୋଇ କ୍ଲିନିକ୍‌କୁ ପୋଲିସ ସିଲ୍ କରିବା ସହ ଜଣେ ଆଶାକର୍ମୀ ଓ ଏକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ଥିବା କ୍ଲିନିକ୍ ମାଲିକଙ୍କ ନାମରେ ମାମଲା ରୁଜୁ କରିଛି। ଆଇଆଇସି ସରୋଜ କାନ୍ତ ସାମଲ କହିଛନ୍ତି, ଗତ ୧୩ ତାରିଖରେ ଗର୍ଭକଷ୍ଟ ହେବାରୁ ଜଣେ ମହିଳା ସ୍ଥାନୀୟ ଆଶାକର୍ମୀଙ୍କୁ ଜଣାଇଥିଲେ। ସମ୍ପୃକ୍ତ ଆଶାକର୍ମୀ ତୁରନ୍ତ ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ତଥା ଉକ୍ତ ଘରୋଇ କ୍ଲିନିକର ମାଲିକଙ୍କୁ ଅବଗତ କରାଇଥିଲେ। ପରେ ଫାର୍ମାସିଷ୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆଶାକର୍ମୀ ମହିଳାଙ୍କୁ ସରକାରୀ ଆମ୍ବୁଲାନ୍ସରେ ନେଇ ଘରୋଇ କ୍ଲିନିକ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ମହିଳାଙ୍କ ଏକ କନ୍ୟାସନ୍ତାନ ଜନ୍ମ ହୋଇଥିଲା। ପରେ ଅର୍ଥଦେଣନେଣକୁ ନେଇ ବିବାଦ ଦେଖାଦେଇଥିଲା। ଏ ନେଇ ସୋସିଆଲ ମିଡିଆରେ ଖବର ପ୍ରଚାର ପରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ପୋଲିସ ନଂ. ୫୦/୨୦ରେ ମାମଲା ରୁଜୁ କରିବା ସହ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଆଇଆଇସି ପ୍ରକାଶ କରିଛନ୍ତି।



ପ୍ରବଳ ଖରା ସତ୍ତ୍ୱେ ଅନୁଗୋଳ ସହରର ଜଣେ ରିକ୍ସା ଚାଳକ କିଛି ରୋଜଗାର ଆଶା ନେଇ ଯାଉଛନ୍ତି। (ଫଟୋ- ବୁବୁ)

# ଗ୍ୟାସ୍ ନିଆଁରୁ ଅଗ୍ନିକାଣ୍ଡ

**କଣିହାଁ/ବନ୍ତଳା,୧୭।୪(ଡି.ଏନ.ଏ.)**

କଣିହାଁ ବ୍ଲକ କମରେଇ ପଞ୍ଚାୟତ ଜୁଲିବନ୍ଧ ଗ୍ରାମରେ ରୋଷେଇ ବେଳେ ଗ୍ୟାସ ନିଆଁରୁ ଅଗ୍ନିକାଣ୍ଡ ଘଟି ଚିତ୍ରା ସାହୁଙ୍କ ଘର ଜଳିଯାଇଛି। କଣିହାଁ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ବିଡିଓ ରମେଶ ଚନ୍ଦ୍ର ଜେନା, ବ୍ଲକ୍ ଅଧକ୍ଷା ନମିତା ସାହୁ, ରାଜସ୍ୱ ନିରୀକ୍ଷକ ପହଞ୍ଚି ପଞ୍ଚାୟତ ତରଫରୁ ୧୫ ଦିନ ରନ୍ଧାଖାଦ୍ୟ ଦିଆଯିବାର ବ୍ୟବସ୍ଥା କରିଥିଲେ। ସେହିପରି ବନ୍ତଳା ଥାନା ମାଟିଆସାହି ପଞ୍ଚାୟତ ମଦନମୋହନପାଟଣାର ଅଗ୍ନିବିପନ୍ନ ୨ ପରିବାରକୁ ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଦିନେଶ ପ୍ରଧାନ ସ୍ଥାନୀୟ ସରପଞ୍ଚ ସହଦେବ ବେହେରାଙ୍କ ସହିତ ଆଲୋଚନା କରି ଚାଉଳ, ଡାଲି, ରାଶନ ସାମଗ୍ରୀ, ବିସ୍କୁଟ ଆଦି ଯୋଗାଇ ଦେଇଥିଲେ। ଆଦିତ୍ୟ ପ୍ରସାଦ ମିଶ୍ର, ସପେନ୍ଦ୍ର ସାହୁ, ସୁବ୍ରତ ସାହୁ ଓ ଶୁଭମ ସୁବୁଧି ପ୍ରମୁଖ ସହଯୋଗ କରିଥିଲେ।



କଣିହାଁ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

### ଭାଜପା ମଣ୍ଡଳ ସଭାପତିଙ୍କ ବିୟୋଗ

**ଢେଙ୍କାନାଳ ଅଫିସ, ୧୭।୪**

କଙ୍କଡାହାଡ଼ ବ୍ଲକ ବୀରାଶାଳ ଭାଜପା ମଣ୍ଡଳ ସଭାପତି ରଞ୍ଜନ ମିଶ୍ର ଓରଫ୍ ବାବୁଲି ନନା (୫୯)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ଦିବଂଗତ ଆତ୍ମାର ସଦ୍‌ଗତି କାମନା କରି ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଶୋକସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, କୃଷ୍ଣଚନ୍ଦ୍ର ପାତ୍ର, ବିଭୂତି ଭୂଷଣ ପ୍ରଧାନ, ଶତ୍ରୁଘ୍ନ ଜେନା ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଏହି ଖବର ପ୍ରଚାରିତ ହେବାପରେ ଦଳୀୟ କର୍ମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ୨.୬ ଲକ୍ଷ ସହାୟତା ଦେଲା ଯୁବ ବିଜେଡି

**ଢେଙ୍କାନାଳ ଅଫିସ, ୧୭।୪**

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୩ତମ ଶ୍ରାଦ୍ଧ ଦିବସରେ ଢେଙ୍କାନାଳ ଜିଲା ଯୁବ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୨ଲକ୍ଷ ୬ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳଙ୍କୁ ଏ ସମ୍ପର୍କିତ ଡିମାଣ୍ଡ ଡ୍ରାଫ୍ଟ ପ୍ରଦାନ କରିଛନ୍ତି। ଲକ୍‌ଡାଉନ ସମୟରେ ଦଳ ପକ୍ଷରୁ ଅସହାୟ ବ୍ୟକ୍ତି, ଅତ୍ୟାବଶ୍ୟକ ସାମଗ୍ରୀ ନେବାଆଣିବା କରୁଥିବା ଗାଡ଼ିଚାଳକ, ତାଙ୍କ ସହଯୋଗୀଙ୍କୁ ରନ୍ଧାଖାଦ୍ୟ, ମାସ୍କ, ପାଣି ବୋତଲ ପ୍ରଦାନ କରାଯାଉଛି। ବୁଲା ଜନ୍ତୁଙ୍କୁ ଶୁଖିଲା ଖାଦ୍ୟ ଦିଆଯାଉଥିବା ଜିଲା ଯୁବ ବିଜେଡି ସଭାପତି ସୂଚନା ଦେଇଛନ୍ତି। ବିନୋଦ ମହାନ୍ତି, ଦେବାଶିଷ ମିଶ୍ର, ଶ୍ରୀକାନ୍ତ ଧଳ, ଲଲାଟ ରଞ୍ଜନ ସାହୁ, ପ୍ରଦୀପ ରାଉତ, ନରୋତ୍ତମ ମହାନ୍ତି, କାହ୍ନୁ ସାହୁ, ଅବିନାଶ ଜେନା, ମଙ୍ଗତଲାଲ କଟରକା, ଗଙ୍ଗାଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଯୁବ ବିଜେଡି ପକ୍ଷରୁ ରିଲିଫ୍ ପାଣ୍ଠିକୁ ସହାୟତା।

# କରୋନା ନିୟମ କଡ଼ାକଡ଼ି ପାଳନ କର

**ଅନୁଗୋଳ ଅଫିସ, ୧୭।୪**

**ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ**

ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିର ଏକ ସ୍ୱତନ୍ତ୍ର ବୈଠକ ଜିଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୋଜ କୁମାର ମହାନ୍ତି ଅଧକ୍ଷତା କରି ଚଳିତ ଗ୍ରୀଷ୍ମ ସମୟରେ ଜଳକ୍ଲିଷ୍ଟ ଅଞ୍ଚଳ ଚିହ୍ନଟ ସହ ପ୍ରତି ୩ ଦିନରେ ଜଳ ନମୁନା ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଜିଲାରେ କରୋନା ଭୂତାଣୁ ସଂକ୍ରମଣ ଯେପରି ନ ହୁଏ ସେଥିପାଇଁ ସରକାରଙ୍କ ପକ୍ଷରୁ ପ୍ରଚଳିତ ନିୟମାବଳୀର କଡ଼ାକଡ଼ି ପାଳନ ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ବୈଠକରେ ଜଳ କ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରିବାକୁ ବିଭିନ୍ନ ଶିଳ୍ପ ସଂସ୍ଥାକୁ ପରାମର୍ଶ ଦିଆଯାଇଥିଲା। ସମସ୍ତ କେନାଲରେ ପାଣି ଛଡ଼ାଯିବା, ବିଦ୍ୟୁତ୍ ସରବରାହ ନିରବିଚ୍ଛିନ୍ନ କରିବାକୁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସମ୍ଭାବ୍ୟ ଅଂଶୁଘାତକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୀତତାପ ନିୟନ୍ତ୍ରିତ ୮ଟି ଶଯ୍ୟା, ସମସ୍ତ ଚିକିତ୍ସାଳୟରେ ମଧ ସ୍ୱତନ୍ତ୍ର ଶଯ୍ୟା ପ୍ରସ୍ତୁତ ରଖାଯିବା ସହ ଆବଶ୍ୟକ ଓଆର୍‌ଏସ୍ ଓ ଜୀବନ ରକ୍ଷାକାରୀ ଔଷଧ ଗଚ୍ଛିତ ଥିବା ସୂଚନା ଦିଆଯାଇଥିଲା। ଗ୍ରାମାଞ୍ଚଳରେ ଜଳଛତ୍ର ଓ ସହରାଞ୍ଚଳରେ ପାନୀୟ ଜଳ କେନ୍ଦ୍ର ସାମାଜିକ ଦୂରତ୍ୱ ବଜାୟ ରଖି ଖୋଲିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ୩ ଦିନରେ ଥରେ ପ୍ରବାସୀ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, କାଉନସେଲିଂ କରିବା, ବଦାନ୍ୟ ବ୍ୟକ୍ତି ଓ ସାମାଜିକ କର୍ମୀ ଅନୁଷ୍ଠାନ ଦ୍ୱାରା ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରଦାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ସହ ବିଭିନ୍ନ ଉପଖଣ୍ଡର ଉପଜିଲାପାଳ, ବିଭାଗୀୟ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

## ଫଟୋରେ ଖବର



ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ସହଯୋଗୀ ଏବଂ ସମ୍ପର୍କୀୟଙ୍କ ସହ ବିଜୁବାବୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।




ଢେଙ୍କାନାଳ ଜିଲା ସଦର ବ୍ଲକ ତାଳବରକୋଟ ଗ୍ରାମରେ କରୋନା ଭୂତାଣୁ ସଂକ୍ରମଣର ମୁକାବିଲା ଲାଗି ମାସ୍କ ପିନ୍ଧି ଇଶୋ ଅନୁଷ୍ଠାନ ପକ୍ଷରୁ ସଚେତନତା କରାଯାଉଛି।



ଭୁବନ ବ୍ଲକ ପଳାସପିଠିଆ ଯୁବକ ସଂଘ ପକ୍ଷରୁ ଅସହାୟଙ୍କୁ ରୋଷେଇ ସାମଗ୍ରୀ ବଣ୍ଟନ କରାଯାଉଛି।

## ସଂକ୍ଷେପରେ

### ୨ ଅବକାରୀ ଏଏସ୍ଆଇ ନିଲମ୍ବିତ

ବୌଦ୍ଧ,୧୭।୪(ସ୍ୱ.ପ୍ର.): ସାରା କରୋନା ମୁକାବିଲା ପାଇଁ ବୌଦ୍ଧ ଅବକାରୀ କର୍ମଚାରୀମାନେ ବିଭିନ୍ନ ଥାନା କର୍ମଚାରୀଙ୍କ ସହ ମିଶି କାମ କରିବାକୁ ନିର୍ଦ୍ଦେଶ ରହିଛି । ହେଲେ ସେଥିରେ ଅବହେଳା କରିବାରୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ବୌଦ୍ଧ ଅବକାରୀ ବିଭାଗର ଏଏସ୍ଆଇ ବ୍ରହ୍ମାନନ୍ଦ ଭୋଇ ଓ କିଶୋର ଚନ୍ଦ୍ର ନାଏକଙ୍କୁ ନିଲମ୍ବନ କରିଛନ୍ତି। ସୂଚନାଯୋଗ୍ୟ, ପୁରୁଣାକଟକ ଥାନାରେ ବ୍ରହ୍ମାନନ୍ଦ ଭୋଇ ଓ ମନମୁଣ୍ଡା ଥାନାରେ କିଶୋର ଚନ୍ଦ୍ର ନାଏକ ଙ୍କୁ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଉଭୟ କର୍ମଚାରୀ ଏଥିରେ ଅବହେଳା କରିବା ଅଭିଯୋଗ ହେବା ପରେ ଜିଲାପାଳ ମିଶ୍ର ଉଭୟଙ୍କୁ ଶୁକ୍ରବାର କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାପଡିଛି।

### ତିନି ପରିବାରକୁ ହୋମ୍ କ୍ୱାରାଣ୍ଟାଇନ୍ ନୋଟିସ

ଖପ୍ରାଖୋଲ, ୧୭।୪(ଡି.ଏନ.ଏ.): ଲକ୍‌ଡାଉନ ସମୟରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁକୁ ଗୁରୁବାର ଭୁବନେଶ୍ୱରରୁ ଜଣେ ବ୍ୟକ୍ତି କାର୍ ଯୋଗେ ଆସିଥିଲେ। ପରେ ସେ କେତେକଙ୍କ ଘରକୁ ବି ଯାଇଥିଲେ। ଏ ନେଇ ଖବର ପାଇ ଶୁକ୍ରବାର ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକ ଧଣ୍ଡାମୁଣ୍ଡାରେ ପହଞ୍ଚି ବ୍ୟକ୍ତି ଜଣକ ଆସିଥିବା ତାଙ୍କ ଶ୍ୱଶୁର ଘର, ନିଜ ଘର ଏବଂ କକାଙ୍କ ଘରେ ପଚାରି ବୁଝିବା ସହ ୧୪ଦିନିଆ ହାମ କରେଣ୍ଟାଇନ୍ ନୋଟିସ୍ ଦେଇଛନ୍ତି। ଶ୍ୱଶୁର ଘରର କିରାନା ଦୋକାନକୁ ମଧ୍ୟ ତିନିଦିନ ପାଇଁ ସିଲ୍ କରାଯାଇଛି ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଷୀ ମୃତ

ଗୋଲାମୁଣ୍ଡା, ୧୭।୪(ଡି.ଏନ.ଏ.): ରବିଧାନ କ୍ଷେତକୁ ପାଣି ମଡାଇବାକୁ ଯାଇ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗେଣ୍ଡୁଲ ବେଲପଡାର ଜଣେ ଚାଷୀଙ୍କର ବିଦ୍ୟୁତ୍‌ଘାତରେ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ମନୋଜ କୁମାର ଚନ୍ଦନୀ(୨୫)। ଶୁକ୍ରବାର ସକାଳ ୫ଟାରେ ସେ ନିଜ ଧାନ କ୍ଷେତକୁ ବୋରୱେଲରୁ ପାଣି ମଡାଉଥିଲେ। ଏହି ସମୟରେ ସେଠାରେ ଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଅଚେତ ହୋଇ ପଡିଯାଇଥିଲେ । ଖବର ପାଇ ପରିବାର ଲୋକେ ତାଙ୍କୁ ନିକଟସ୍ଥ ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବଡଭାଇ ଆଦିତ୍ୟ କୁମାର ଚନ୍ଦନୀଙ୍କଠାରୁ ଖବର ପାଇ ଗୋଲାମୁଣ୍ଡା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି ।

# ବାଉଁଶ କାରିଗରଙ୍କୁ ଉପେକ୍ଷା

**ସମ୍ବଲପୁର,୧୭।୪(ବ୍ୟୁରୋ)**

ମହାମାରୀ କରୋନା ଯୋଗୁ ସରକାରଙ୍କ କଟକଣା ଓ ଲକ୍ ଡାଉନ୍ ଘୋଷଣା ଅନେକ ଲୋକଙ୍କ ହାତରୁ ରୋଜଗାର ଛଡାଇ ନେଇଛି । ଏଥିରେ ଅଧିକ ପ୍ରଭାବିତ ହୋଇଛନ୍ତି ବୁଣାକାର, ଶିଳ୍ପୀ, ଦିନମଜୁରିଆ, ବାଉଁଶ କାରିଗର ଭଳି କାରିଗର ପରିବାର । ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ ମୁଣ୍ଡେର ଗ୍ରାମର ନୂଆଁପଡା ଓ ଡୁରୀପଡାର ୯୦ ବାଉଁଶ କାରିଗର ପରିବାର ଜୀବନ ଦୟନୀୟ ଅବସ୍ଥାକୁ ଠେଲି ହୋଇଯାଇଛି। ଦୁଇ ବେଳା ଖାଇବା ଯୋଗାଡ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି। ପିଲା ଛୁଆକୁ ନେଇ ସେମାନେ ଭୋକ ଉପାସରେ ରହୁଛନ୍ତି । ତେବେ କଟକଣା ଯୋଗୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସହାୟତା ଦେବା ପାଇଁ ଘୋଷଣା କରିଛନ୍ତି । ହେଲେ ଘୋଷଣାକୁ ଏତେ ଦିନ ବିତିଯାଇଥିଲେ ମଧ ସେମାନଙ୍କ ପାଖରେ ସମସ୍ତ ସରକାରୀ ଯୋଜନା ପହଞ୍ଚି ପାରିନାହିଁ। ଗୁରୁବାର ସକାଳେ କେବଳ ପଞ୍ଚାୟତ ପକ୍ଷରୁ ଅଧିକାରୀମାନେ ଆସି ୧

**ପ୍ରଭାବିତ ହେଉଛନ୍ତି ୯୦ ପରିବାର**



**କରୋନା ପ୍ରଭାବ**

ସମ୍ବଲପୁର ଜିଲା ମୁଣ୍ଡେର ଗ୍ରାମ ଡୁରପଡାରେ ଜଣେ କାରିଗର ବାଉଁଶ କାମ କରୁଛନ୍ତି ।

ହଜାର ଟଙ୍କା ଦେଇଛନ୍ତି ବୋଲି ପଡାବାସୀ ଅଭିଯୋଗ କରିଛନ୍ତି । ତେଣୁ ସରକାରଙ୍କ ସହାୟତା ଉପହାସ ବୋଲି କହିଛନ୍ତି। ପଡାର ପ୍ରଦୀପ ବାଗ କହିଛନ୍ତି ଯେ, ଆମ ପାଇଁ ପ୍ରଥମେ ଚାଉଳ ଦରକାର। ୩ ମାସର ଚାଉଳ ପଞ୍ଚାୟତରେ ବଣ୍ଟା ଆରମ୍ଭ ହୋଇଛି। ହେଲେ ଆମ ପାଖରେ ନ ପହଞ୍ଚିବାରୁ ଭୋକ ଉପାସରେ ରହିବାକୁ ପଡୁଛି। ପଡାର ସମସ୍ତେ ବାଉଁଶ କାମ କରି ପରିବାର ପ୍ରତିପୋଷଣ କରନ୍ତି। ଏବେ ଆମ ବ୍ୟବସାୟ ଲକ୍‌ଡାଉନ୍ ହୋଇଯାଇଛି। କଟକଣା ଯୋଗୁ ବାଉଁଶ ତିଆରି ସାମଗ୍ରୀ ବିକ୍ରି ହୋଇପାରୁନାହିଁ। ସହରରେ ବଜାର ପୂରା ବନ୍ଦ। ଲକ୍‌ଡାଉନ ଯୋଗୁଁ ଗାଁଗହଳିକୁ ଯାଇ ହେଉନାହିଁ । ଏ ସମୟରେ ଧାର କରଜ ମିଳୁନାହିଁ । ତେଣୁ ସରକାରଙ୍କ ଯୋଜନା ପହଞ୍ଚାଉଥିବା ଅଧିକାରୀ ଓ କର୍ମଚାରୀମାନେ ଏଥିପ୍ରତି ଦୃଷ୍ଟିଦେବାକୁ ସେ ଅନୁରୋଧ କରୁଛନ୍ତି। ସେହିପରି ପଡାର ବିଧବା ମହିଳା ବାସନ୍ତି ନାଏକଙ୍କ ଲକ୍‌ଡାଉନ ଯୋଗୁ ଜୀବନରେ ସଂଘର୍ଷ ବଢିଯାଇଛି। ମାନସିକ ଭାରସାମ୍ୟ ହରାଇଥିବା ପୁଅ ଓ ବୋହୂକୁ ନେଇ ପରିବାର । ସରକାରୀ ସହାୟତା ରାଶି ୧ ହଜାର ଟଙ୍କା ତାଙ୍କ ପାଖରେ ପହଞ୍ଚି ପାରିନାହିଁ । ଅନ୍ୟପଟେ ପିଡିଏସ ସାମଗ୍ରୀ ମଧ ସେ ପାଇ ନାହାନ୍ତି । ବର୍ଷେ ତଳେ ସ୍ୱାମୀ କୃଷ୍ଣଙ୍କ ମୃତ୍ୟୁ ଘଟିଥିଲା । ସେ ସମୟରେ ବାସନ୍ତୀ ଭତ୍ତା ପାଇଁ ଆବେଦନ କରିଛନ୍ତି। ହେଲେ ବିଧବା ଭତ୍ତା ତାଙ୍କୁ ଏ ପର୍ଯ୍ୟନ୍ତ ମିଳି ପାରିନାହିଁ। ଆବଶ୍ୟକ କାଗଜପତ୍ର ସହ ଆବେଦନ କରିଥିବା ବାସନ୍ତୀ କହିଛନ୍ତି । ପରିବାର ଏବେ ୪ ଜଣ ଅଛନ୍ତି । ହେଲେ ବୋହୂର ଆଧାର ଲିଙ୍କ ନ ହେବାରୁ ଆଜି ପର୍ଯ୍ୟନ୍ତ ଚାଉଳ ମିଳି ପାରିନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଯୁଯୁମୁରା ବିଡିଓ ସରୋଜ ବିଶ୍ୱାଳଙ୍କୁ ପଚାରିବାରୁ ଉକ୍ତ ପଞ୍ଚାୟତର ଯୋଗାଣ ସହାୟକ ନାମରେ ଅଭିଯୋଗ ଆସିବାରୁ ପିଡିଏସ ସାମଗ୍ରୀ ବଣ୍ଟନ କରିବା ସ୍ଥଗିତ କରାଯାଇଥିଲା। ଦୁଇଦିନ ଭିତରେ ସମସ୍ତଙ୍କୁ ଚାଉଳ ଯୋଗାଇ ଦିଆଯିବ। ବାସନ୍ତୀଙ୍କ ଭତ୍ତା ଓ ସହାୟତା ରାଶି କେଉଁ କାରଣରୁ ମିଳୁନାହିଁ ତାହାର ତଦନ୍ତ କରି ସମାଧାନ କରାଯିବ ବୋଲି କହିଛନ୍ତି।



ଠିକା ଶ୍ରମିକ ସଂଘ ପକ୍ଷରୁ ବରଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

# ପାରିଶ୍ରମିକ କାଟ୍, ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୧୭।୪**

ଏସିସି ପରିଚାଳିତ ବରଗଡ଼ ସିମେଣ୍ଟ କାରଖାନା କର୍ତ୍ତୃପକ୍ଷ ଏଠାରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ମଜୁରି ତଥା ପାରିଶ୍ରମିକ କାଟ୍ କରିଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଶୁକ୍ରବାର ବରଗଡ଼ ସିମେଣ୍ଟ ଠିକା ଶ୍ରମିକ ସଂଘ ଜିଲାପାଳଙ୍କୁ ଫେରାଦ ହୋଇଥିଲା । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ସହିତ କାରଖାନା କର୍ତ୍ତୃପକ୍ଷ କାଟି ଦେଇଥିବା ମଜୁରି ସହିତ ଏଭଳି ବିପର୍ଯ୍ୟୟ ସମୟରେ ଅଗ୍ରୀମ ୪ହଜାର ଟଙ୍କା ଲେଖାଏଁ ପାରିଶ୍ରମିକ ଶ୍ରମିକଙ୍କୁ ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ନିବେଦନ କରାଯାଇଛି । ଲକ୍ ଡାଉନ ପରେ ଶ୍ରମିକଙ୍କ ପରିବାର ଗୁଜୁରାଣ ମେଣ୍ଟାଇବା ଦୁର୍ବିଷହ ହୋଇପଡ଼ିଛି । ଅନ୍ୟପଟେ ସିମେଣ୍ଟ କାରଖାନାରୁ ନିଜ ପ୍ରାପ୍ୟ ପାଉଣା ପାଇ ପାରୁ ନ ଥିବା ଯୋଗୁ ଶ୍ରମିକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇପଡ଼ିଛି। ଫଳରେ ଶ୍ରମିକଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ସେମାନେ ଯେଭଳି ବକେୟା ତଥା କାରଖାନା କର୍ତ୍ତୃପକ୍ଷ କାଟି ଦେଇଥିବା ପାଉଣା ପାଇପାରିବେ, ସେଥିପ୍ରତି ତ୍ୱରିତ୍ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିବେଦନ କରାଯାଇଛି । ବରଗଡ଼ ସିମେଣ୍ଟ ଠିକା ଶ୍ରମିକ ସଂଘର ସଭାପତି ଦେବବ୍ରତ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ଅଫିସ ଯାଇ ସ୍ମାରକପତ୍ର ପ୍ରଦାନ କରିଥିଲେ।



ଭିଡ଼ିଓ କନଫରେନ୍ସିଂରେ ବରଗଡ଼ ଜିଲାପାଳ ଏବଂ ଅନ୍ୟ ଅଧିକାରୀବୃନ୍ଦ।

# ଭିଡିଓ କନ୍‌ଫରେନ୍ସିଂରେ ଅଧିକାରୀଙ୍କୁ ପରାମର୍ଶ

**ବରଗଡ଼ ଅଫିସ୍,୧୭।୪**

ଲକ୍ ଡାଉନ୍‌ର ଦ୍ୱିତୀୟ ପର୍ଯ୍ୟାୟର କାର୍ଯ୍ୟକାରିତା ଓ ନିୟମାବଳୀ ଉପରେ ଆବଶ୍ୟକପଦକ୍ଷେପ ନେବା ପାଇଁ ଶୁକ୍ରବାର ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଭିଡ଼ିଓ କନ୍‌ଫରେନ୍ସି ମାଧ୍ୟମରେ ଜିଲାର ସମସ୍ତ ବିଡିଓ, ତହସିଲଦାର, ସିଡିପିଓ, ବିଇଓମାନଙ୍କୁ ପରାମର୍ଶ ଦେଇଛନ୍ତି। ଶ୍ରମିକ ଶ୍ରେଣୀର ଲୋକମାନଙ୍କ ଜୀବନ ଜୀବିକାରେ କିଛି ସହଯୋଗ ମିଳିବା ପାଇଁ ଛୋଟଛୋଟ ଦଳରେ ସାମାଜିକ ରକ୍ଷା କରି ଏବଂ ମାସ୍କ ବ୍ୟବହାର ପୂର୍ବକ ଏମ୍‌ଜିଏନଆରଇଜିଏସ୍ ଅନ୍ତର୍ଗତ ପାନୀୟଜଳ ପ୍ରକଳ୍ପ, ଜଳସେଚନ, ଗ୍ରାମ୍ୟ ଗୃହ ନିର୍ମାଣ ଆଦି କାର୍ଯ୍ୟ ଚାଲୁ ରଖିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପଞ୍ଚାୟତସ୍ତରରେ ଅସହାୟ, ଗରିବ ଶ୍ରେଣୀର ଲୋକମାନଙ୍କୁ ଦିଆଯାଉଥିବା ରନ୍ଧାଖାଦ୍ୟ, ରାଶନ ସାମଗ୍ରୀର ଗୁଣବତ୍ତା ଯେଭଳି ଠିକ୍ ରହିବ, ସେଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଏଠାରେ ରହିଥିବା ବାହ୍ୟ ରାଜ୍ୟର ଶ୍ରମିକଙ୍କୁ ଠିକ୍ ଭାବେ ଖାଦ୍ୟ ଯୋଗାଣ, ଏସଏଚଜି ରାନ୍ଧୁଥିବା ଖାଦ୍ୟର ଗୁଣମାନ ଯାଞ୍ଚ, ମୁହଁରେ ମାସ୍କ ବାନ୍ଧିବା, ସାମାଜିକ ଦୂରତ୍ୱ ଅବଲମ୍ବନ କରିବା, ସର୍ବସାଧାରଣ ସ୍ଥାନରେ ଛେପ ନ ପକାଇବା ଉପରେ ମଧ୍ୟ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ପିଡିଏସ ସାମଗ୍ରୀ ବଣ୍ଟନ, ହାଟ, ବଜାର, ବ୍ୟାଙ୍କ ଆଦି ସ୍ଥାନରେ ଯେଭଳି ଭିଡ଼ ନ ଜମେ, ସେଥିପ୍ରତି ମଧ୍ୟ ବିହିତ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଲକ୍‌ଡାଉନ କଟକଣା ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଘରୋଇ ହିଂସାକୁ ରୋକିବା ପାଇଁ ମହିଳାମାନେ ଏହି ସମୟରେ ହ୍ୱାଟ୍ସଆପ୍ ନମ୍ବର ୭୨୦୫୦୦୬୦୩ରେ ଯୋଗାଯୋଗ କରିପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

### ଜଙ୍ଗଲରେ ନିଆଁ, ୨ ଅଟକ

**ତଳଗାଁ,୧୭।୪(ଡି.ଏନ.ଏ)**

ବୌଦ୍ଧ ବନଖଣ୍ଡର ମାଧପୁର ରେଞ୍ଜ୍ଅଧୀନ କଟୁଡା ଗ୍ରାମ ଜଙ୍ଗଲ ଓ ତଳଗାଁ ଫରେଷ୍ଟ ସେକ୍‌ସନ ଜଙ୍ଗଲରେ ନିଆଁ ଲଗାଉଥିବା ବେଳେ ଗୁରୁବାର ୨ଜଣ ଧରାପଡିଥିଲେ। ଉଭୟଙ୍କୁ ବନ କର୍ମଚାରୀମାନେ ମାଧପୁର ବନ କାର୍ଯ୍ୟାଳୟକୁ ଆଣି ଅଟକ ରଖିବା ସହ ଏକ ଚୁକ୍ତିନାମା କରିବା ପରେ ଛାଡିଥିଲେ। ଏ ନେଇ ମାଧପୁର ରେଞ୍ଜର ସରୋଜ କୁମାର ମିଶ୍ରଙ୍କୁ ପଚାରିବାରୁ କର୍ମଚାରୀମାନେ କରୋନା ସଚେତନତା କାର୍ଯ୍ୟକ୍ରମରେ ଥିବାରୁ ଏହାର ସୁଯୋଗ ନେଇ ଲୋକେ ନିଆଁ ଲଗାଉଛନ୍ତି । ଉକ୍ତ ଦୁଇ ଯୁବକ ନିଜର ଭୁଲ ସ୍ୱୀକାର କରିବା ପରେ ଚୁକ୍ତିନାମା କରି ସେମାନଙ୍କୁ ଛଡା ଯାଇଥିବା ସେ ପ୍ରକାଶ କରିଛନ୍ତି ।

### ପାଇକମାଳରେ ବିଜୁ ଜୟନ୍ତୀ

**ପାଇକମାଳ, ୧୭।୪ (ଡି.ଏନ.ଏ)**

ପାଇକମାଳ ପଞ୍ଚାୟତରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୩ତମ ଶ୍ରାଦ୍ଧ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ସରପଞ୍ଚ ଧବଳେଶ୍ୱର ସାହୁ ସଭାପତିତ୍ୱ କରିଥିଲେ । ବିଜେଡି ବ୍ଲକ ସଭାପତି ରାଜେନ୍ଦ୍ର କୁମାର ରାଉତ, ବିଧାୟକ ପ୍ରତିନିଧି ହୃଦାନନ୍ଦ ବାରିକ, ବିଜୟ କୁମାର ସ୍ୱାଇଁ, ବିଜୟ ରାଓ, ପଞ୍ଚାୟତ ସମ୍ପାଦକ ଜୀବର୍ଦ୍ଧନ କରେଇ, ସାମାଜିକ କର୍ମୀ ମୋହନ ଜଗତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କ୍ଷତିରେ କଖାରୁ ଚାଷୀ

**ଜହ୍ନାପଙ୍କ, ୧୭।୪ (ଡି.ଏନ.ଏ)**

ବୌଦ୍ଧ ଜିଲାରେ ପରିବା ଚାଷୀଙ୍କ ପେଟକୁ ଲାତ ମାରିଛି ଲକ୍‌ଡାଉନ। ଖାଦ୍ୟ ସାମଗ୍ରୀ ଓ ପନିପରିବା କିଣାବିକା ପାଇଁ ସେତେଟା କଟକଣା ନ ଥିଲେ ମଧ ବଜାର କଟକଣା ଯୋଗୁ ନିଜର ପରିବା ବିକ୍ରି କରିପାରୁ ନାହାନ୍ତି ଚାଷୀ। ବିଶେଷ କରି ଛୋଟ ଛୋଟ ଚାଷୀ ଏଥିରେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ବୌଦ୍ଧ ଜିଲା ତେଲିବନ୍ଧ ପଞ୍ଚାୟତ ରାମପୁର ଗ୍ରାମର ଚାଷୀମାନେ ପରିବା ଚାଷ କରି ଦୁଇ ପଇସା ଉପାର୍ଜନ କରିବେ ବୋଲି ଆଶା ରଖିଥିଲେ। ପରିବାର ପ୍ରତିପୋଷଣ ଆଶାରେ ଟଙ୍କା ଖର୍ଚ୍ଚ କରି ମୁଣ୍ଡଝାଳ ତୁଣ୍ଡରେ ମାରି ଫସଲ ଉତ୍ପାଦନ କରିଥିଲେ। ପ୍ରଥମେ କରାମାଡରେ ଚାଷ ନଷ୍ଟ ହୋଇଥିବା ବେଳେ ଏବେ ଲକ୍ ଡାଉନ ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଲକ୍‌ଡାଉନ ଯୋଗୁ ବ୍ୟବସାୟୀ କଖାରୁ ନେବା ପାଇଁ ଆସୁନାହାନ୍ତି । ଖୁଚୁରା ବ୍ୟବସାୟୀମାନେ କିଲୋ ପ୍ରତି ୨ ଟଙ୍କା ଦରରେ କିଣିବା ପାଇଁ କହୁଛନ୍ତି। ଫଳରେ ଚାଷୀମାନେ ଏତେ କମ୍ ଦରରେ ବିକ୍ରି ପାଇଁ ରାଜି ହେଉ ନ ଥିବାରୁ ବଗିଚାରେ ଫସଲ ପଚି ନଷ୍ଟ ହେବାକୁ ବସିଛି।

ସୂଚନା ଅନୁସାରେ, ରାମପୁର ଅଞ୍ଚଳ ସାଲୁଙ୍କି ଜଳସେଚନର ଟେଲ୍ ଏରିଆ ହୋଇଥିବାରୁ ଚାଷୀମାନେ ଉଠାଜଳସେଚନ ମାଧମରେ ପନିପରିବା ଚାଷ କରିଥାନ୍ତି। ଖରିଫ ଧାନ ଅମଳ ପରେ କିଛି ଚାଷୀ ଡାଲି ଜାତୀୟ ଫସଲ କରୁଥିବା ବେଳେ ଆଉ କିଛି ଚାଷୀ ପନିପରିବା ଯଥା ପାତାଳଘଣ୍ଟା, ବାଇଗଣ, ପୋଟଳ, ଭେଣ୍ଡି ଓ କଖାରୁ ଚାଷ କରିଥାନ୍ତି। କଖାରୁ ଚାଷ ୮୦ ଶତଗଡା ଜମିରେ ଚାଷ କରିଥିବା ବେଳେ ୨୦ ଶତକଡା ଜମିରେ ଅନ୍ୟାନ୍ୟ ପନିପରିବା କରିଥାନ୍ତି । ଚଳିତ ବର୍ଷ କଖାରୁ ଉତ୍ପାଦନ ଭଲ ହୋଇଥିଲା। ଏବେ ଲକ୍ ଡାଉନ ଯୋଗୁ ବିକ୍ରିବଟା ବନ୍ଦ ଥିବାରୁ ଘରେ ରଖି ପଚି ନଷ୍ଟ ହେବାକୁ ବସିଲାଣି। ରାମପୁର ଗ୍ରାମର କାର୍ତ୍ତିକ ନାଏକଙ୍କ ୫୦ କୁଇଣ୍ଟାଲ, ହେମନ୍ତ ନାଏକ ୭୦, ଡମ୍ବରୁଧର ନାଏକଙ୍କ ୪୦, ନିଧି ନାଏକଙ୍କ ୭୦, ପୁରନ୍ଦର କର୍ଣ୍ଣ ୩୦, ବେଣୁଧର ନାଏକ ୩୦, ଦୁଷ୍ମନ୍ତ ପ୍ରଧାନ ୪୦, ଉମେଶ ନାଏକ ୩୦, ଚିନ୍ତାମଣି ପ୍ରଧାନ ୨୦ଙ୍କ ପ୍ରାୟ ୪ଟନ କଖାରୁ ଘରେ ଗଚ୍ଛିତ ରହିଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଚାଷୀଙ୍କ ପରିବା ବିକ୍ରି ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପଲ୍ଲିସେବା ସଂସଦର ସମ୍ପାଦକ ନିର୍ମଳ ସାହୁ, ବୌଦ୍ଧ ଜିଲା କିଷାନ ସଂଘର ସାଧାରଣ ସମ୍ପାଦକ ବିଶିକେଶନ ପ୍ରଧାନ, ଗ୍ରାମ୍ୟ ବିକାଶ ପରିଷଦ ସଭାପତି ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଦାବି କରିଛନ୍ତି ।

**ବ୍ୟବସାୟୀ ଆସୁନାହାନ୍ତି**



ନିଜ ଉତ୍ପାଦିତ କଖାରୁ ସହିତ ରାମପୁର ଗ୍ରାମର ଜଣେ ଚାଷୀ ।

# ଅନିଶ୍ଚିତତାରେ ଶୀତଳଷଷ୍ଠୀ ଯାତ୍ରା

କରୋନା କଟକଣା ଯୋଗୁ ଏଥର ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଚଳିତ ମାସ ୨୬ ତାରିଖ ବୈଶାଖ ଶୁକ୍ଳପକ୍ଷ ଅକ୍ଷୟ ତୃତୀୟା ତିଥିରେ ଶୀତଳଷଷ୍ଠୀ ଯାତ୍ରା ପାଇଁ ଥାଳଉଠା ପର୍ବ ହେବ । ସହରର ସର୍ବପୁରାତନ ବିଭିନ୍ନ ଶୈବପୀଠରେ ଯାତ୍ରା ଲାଗି ଅନୁକୂଳ ହେବ । ଏହି ଦିନଠାରୁ ଯାତ୍ରା କମିଟି କର୍ମକର୍ତ୍ତାମାନେ ପ୍ରସ୍ତୁତିରେ ଲାଗି ପଡିଥାନ୍ତି । କିନ୍ତୁ ଚଳିତବର୍ଷ ରୀତିନୀତି ଓ ପରମ୍ପରା ଅନୁସାରେ ଥାଳଉଠା ପର୍ବ ହେବ । ସାମାଜିକ ଦୂରତ୍ୱକୁ ବଜାୟ ରଖି ଯାତ୍ରା କମିଟି ଓ କନ୍ୟାପକ୍ଷର ୮ରୁ ୧୦ ଜଣଙ୍କ ମଧରେ କାର୍ଯ୍ୟକ୍ରମ ସମାପନ କରିବାକୁ ଯାତ୍ରା କମିଟିଗୁଡିକ ସ୍ଥିର କରିଛନ୍ତି। ହେଲେ ପରବର୍ତ୍ତୀ ସମୟରେ ପରିସ୍ଥିତି ଓ ପ୍ରଶାସନର ନିର୍ଦ୍ଦେଶାନୁସାରେ ଶୀତଳଷଷ୍ଠୀ ଯାତ୍ରା ନିରାଡମ୍ବର ଓ ଲୋକାଚାରରେ ବିବାହ କରିବାକୁ ମତପ୍ରକାଶ ପାଇଛି ।



“ପରମ୍ପରା ଅନୁସାରେ ଅକ୍ଷୟ ତୃତୀୟା ତିଥି ଅପରାହ୍ନ ୫ଟାରେ ବାଲୁଙ୍କେଶ୍ୱର ବାବାଙ୍କ ଥାଳ ଉଠିବ। ସାମାଜିକ ଦୂରତ୍ୱ ସହ ୧୦ ଜଣ ସଦସ୍ୟ ପଡାରେ ଥାଳ ବୁଲାଇବେ । ଘଣ୍ଟ ଓ ଶଙ୍ଖ ଧ୍ୱନିରେ କାର୍ଯ୍ୟକ୍ରମ ଶେଷ ହେବ । ମେ ୨୭, ୨୮ ଓ ୨୯ ତାରିଖ ଶୀତଳଷଷ୍ଠୀ ଯାତ୍ରା ଲାଗି କୌଣସି ପ୍ରକାର ପ୍ରସ୍ତୁତି ହୋଇନାହିଁ। କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଯାହା ନିଷ୍ପତ୍ତି ହେବ । **–ସମୀର ରଞ୍ଜନ ବାବୁ, ନନ୍ଦପଡା**



“ବର୍ତ୍ତମାନ ସୁଦ୍ଧା କନ୍ୟା ମାତାପିତା ଚୟନ ଓ ଯାତ୍ରା ପ୍ରସ୍ତୁତି ବୈଠକ ହୋଇନାହିଁ। ସମସ୍ତେ ଲକ୍‌ଡାଉନରେ ଅଛୁ । କିନ୍ତୁ ଅକ୍ଷୟ ତୃତୀୟା ତିଥିରେ ପୂଜାର୍ଚ୍ଚନା ସହ ଲୋକନାଥ ବାବାଙ୍କ ଥାଳଉଠା ହେବ । କୌଣସି ପ୍ରକାର ଗହଳି ଓ ଲୋକବାଦ୍ୟ କରାଯିବ ନାହିଁ । ଲକ୍‌ଡାଉନ ପରେ ଯାତ୍ରା ଲାଗି କମିଟି କି ପଦକ୍ଷେପ ନେବ, ଯାତ୍ରା କିପରି ହେବ ତାହା ବର୍ତ୍ତମାନ କହିହେବ ନାହିଁ । **–ସରୋଜ କୁମାର ଦଳପତ, ଝାଡୁଆପଡା**



“ଯାଗେଶ୍ୱର ମନ୍ଦିରରେ ଅକ୍ଷୟ ତୃତୀୟା ସନ୍ଧ୍ୟାରେ ପଣ୍ଡିତ ଓ ପୂଜକ, କନ୍ୟାପକ୍ଷ ୨ଜଣ ଏବଂ ଯାତ୍ରା କମିଟିର ୬ଜଣ ଉପସ୍ଥିତ ରହି ଥାଳଉଠା ପର୍ବ ହେବ । ପଡାରେ ଥାଳ ବୁଲିବ ନାହିଁ କିମ୍ବା ବାଜା ରୋଶଣି ହେବ ନାହିଁ । ଚଳିତ ବର୍ଷ ଯାତ୍ରା କିପରି ହେବ କମିଟି ବୈଠକ ପରେ ସ୍ଥିର ହେବ । କିନ୍ତୁ କରୋନା ଭୂତାଣୁ ଯୋଗୁ ସମସ୍ତେ ବନ୍ଦ କଠୋରିରେ ବସି ରହିଛନ୍ତି। ତେଣୁ ଯାତ୍ରା ପାଇଁ ଆଲୋଚନା ହୋଇପାରୁ ନାହିଁ । **–ସୁନୀଲ କୁମାର ଦାଶ, ମୁଦିପଡା**



“କରୋନାକୁ ଦୃଷ୍ଟିରେ ରଖି ଆମେ ସମସ୍ତ ପ୍ରକାର କଟକଣା ପାଳନ କରିବୁ। ତେଣୁ ଚଳିତ ବର୍ଷ ଥାଳଉଠା ପର୍ବ ଓ ଯାତ୍ରା ନିରାଡମ୍ବର ହେବ । ଆମ ଯାତ୍ରା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଆର୍ଥିକ ସହାୟତା ଦେଉଛୁ। କରୋନାକୁ କିପରି ସମସ୍ତେ ମୁକାବିଲା କରିବା ସେ ନେଇ କାର୍ଯ୍ୟ କରୁଛୁ । ଲକ୍‌ଡାଉନ ପରେ ଯାତ୍ରା ବିଷୟରେ ଚିନ୍ତା କରିବୁ ।
**–ସରୋଜ କୁମାର ସାହୁ, ବଡବଜାର**

“ଅକ୍ଷୟ ତୃତୀୟା ତିଥିରେ ଥାଳ ଉଠାଇବା ଲାଗି ଆମ କମିଟି କୌଣସି ପ୍ରକାର ଚିନ୍ତା କରିନାହୁଁ । କିନ୍ତୁ ହାତଗଣତି ସଦସ୍ୟଙ୍କ ଉପସ୍ଥିତିରେ ଗୁପ୍ତେଶ୍ୱର ବାବାଙ୍କ ଥାଳଉଠା ହେବ। ପରମ୍ପରାକୁ ପାଳନ କରି ଶିବପାର୍ବତୀଙ୍କ ବିବାହ କରିବାକୁ ସ୍ଥିର କରିଛୁ । କିନ୍ତୁ ଜିଲା ପ୍ରଶାସନ ଯେପରି ନିର୍ଦ୍ଦେଶ ଦେବେ ତାକୁ ମାନି ଚଳିବୁ। ତେଣୁ ପ୍ରକୃତ ପକ୍ଷେ ଚଳିତବର୍ଷ ଯାତ୍ରା ହେବା ନେଇ ଅନିଶ୍ଚିତତା ଦେଖାଦେଇଛି ।
**–ଶିବ ପ୍ରଧାନ, ଠାକୁରପଡା**



(ପ୍ରସ୍ତୁତି: ବି. ଶଙ୍କର, ସମ୍ବଲପୁର)

### ଲକ୍‌ଡାଉନ ଉଲ୍ଲଂଘନ, ୩୬ ହଜାର ଜରିମାନା ଆଦାୟ

**ଜୁନାଗଡ,୧୭।୪(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଲକ୍‌ଡାଉନ କଟକଣା କଡାକଡି ଭାବେ ଜାରି ରହିଛି। ଗତ ଦୁଇଦିନ ମଧ୍ୟରେ ଲକ୍‌ଡାଉନ ନିୟମ ଉଲ୍ଲଂଘନ କରିଥିବା ୩୬ ବାଇକ ଚାଳକଙ୍କଠାରୁ ୩୬ହଜାର ଜରିମାନା ଆଦାୟ କରାଯାଇଥିବା ଭାରପ୍ରାପ୍ତ ଜୁନାଗଡ ଥାନା ଅଧିକାରୀ ଉତ୍ତମ କୁମାର ସାହୁ ପ୍ରକାଶ କରିଛନ୍ତି।

### କବିତାରେ କରୋନା ସଚେତନତା

**ବିଜେପୁର, ୧୭।୪ (ଡି.ଏନ.ଏ)**

ସମ୍ପ୍ରତି ବିଶ୍ୱ ମହାମାରି କରୋନାକୁ ପ୍ରତିହତ କରିବାକୁ ସରକାର ବିଭିନ୍ନ ଉପାୟରେ ସଚେତନତାମୂଳକ ପଦକ୍ଷେପ ନେଉଛନ୍ତି। ପୋଲିସ ପ୍ରଶାସନର କଟକଣା ସତ୍ତ୍ୱେ କିଛି ଅମାନିଆ ଏହାକୁ ବେଖାତିର କରୁଛନ୍ତି। ଏଭଳି ପରିସ୍ଥିତିରେ ବରଗଡ ଜିଲା ବିଜେପୁର ଅଞ୍ଚଳର କବିମାନେ ଆଞ୍ଚଳିକ କବିତା ମାଧ୍ୟମରେ କରୋନା ସଚେତନତା ସୃଷ୍ଟି କରିବାକୁ ଭିନ୍ନ ପ୍ରୟାସ ଆରମ୍ଭ କରିଛନ୍ତି। ବର୍ତ୍ତମାନ ବ୍ୟସ୍ତବହୁଳ ମଣିଷ ନିକଟରେ ସମୟର ଘୋର ଅଭାବ ପରିଲକ୍ଷିତ ହେଉଛି । ପୁଣି ଦୀର୍ଘ ଲେଖା ପ୍ରତି ଲୋକଙ୍କ ରୁଚି କମିବାରେ ଲାଗିଛି। ତେଣୁ ଏହାକୁ ନିଘା ରଖି କବିଗଣ ଏକପଦୀ କବିତା ମାଧ୍ୟମରେ କରୋନା ମୁକ୍ତି ପାଇଁ ସଚେତନତା ସୃଷ୍ଟି ଜାରି ରଖିଛନ୍ତି ।

# କରୋନା ଲଢ଼େଇରେ ଆଉ ଜଣେ ଯୋଦ୍ଧା

**ଝାରସୁଗୁଡ଼ା ଅଫିସ,୧୭।୪**

କରୋନା ଭୂତାଣୁର ସଂକ୍ରମଣକୁ ରୋକିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ସରକାର ସମଗ୍ର ଦେଶବାସୀଙ୍କ ସହଯୋଗ ଲୋଡୁଥିବା ବେଳେ ଏହି ଲଢ଼େଇରେ ସାମିଲ ହୋଇଛନ୍ତି ଝାରସୁଗୁଡ଼ାର ଡା.ସିଲଓ୍ୱନ୍ତି ଜୋଜୋ । ସମସ୍ତଙ୍କ ପାଖରେ ଜୋଜୋ ମ୍ୟାଡାମ୍ ଭାବେ ପରିଚିତ ଥିବା ଏହି ମହିଳା ଏବେ ଝାରସୁଗୁଡ଼ା ରକ୍ତଭଣ୍ଡାରର ଅଧିକାରୀ ଭାବେ କାର୍ଯ୍ୟରତ। ଝାରସୁଗୁଡ଼ା ଜିଲାରୁ ଅଦ୍ୟାବଧି ୧୮୪ ଜଣ କରୋନା ସନ୍ଦିଗ୍ଧଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ସେହି ବ୍ୟକ୍ତିଙ୍କ ଠାରୁ ନମୁନା ସଂଗ୍ରହ କାର୍ଯ୍ୟରେ ଡା. ଜୋଜୋ ଗତ ମାର୍ଚ୍ଚ ୨୭ରୁ ନିୟୋଜିତ ଥିଲେ । ଚଳିତ ମାସ ୧୪ ତାରିଖ ପର୍ଯ୍ୟନ୍ତ ସେ ଏହି କାର୍ଯ୍ୟ କରି ଏବେ ହୋମ କ୍ୱାରାଣ୍ଟାଇନରେ ଅଛନ୍ତି ।



ଡା.ସିଲଓ୍ୱନ୍ତି ଜୋଜୋ ।

ସୁନ୍ଦରଗଡ ଜିଲା ବନ୍ଧମୁଣ୍ଡା ଗ୍ରାମର ସ୍ୱର୍ଗତ ଯୋସେଫ୍ ଜୋଜୋ ଓ ସ୍ୱର୍ଗତା ଜୋସେଫିନ ଜୋଜୋଙ୍କ ଝିଅ ଡା.ସିଲଓ୍ୱନ୍ତି । ସେ ବ୍ରହ୍ମପୁର ମେଡିକାଲ କଲେଜରେ ଏମ୍‌ବିବିଏସ୍ ସାରିବା ପରେ ଏସ୍‌ସିବି ମେଡିକାଲ କଲେଜରେ ପ୍ୟାଥୋଲୋଜିରେ ପିଜି କରିଥିଲେ। ଡା.ସିଲଓ୍ୱନ୍ତି ୧୯୯୬ରେ ସୁନ୍ଦରଗଡ ଜିଲା ପଙ୍କଡିହି ଗ୍ରାମର ଟି.କାନ୍ଦୁଲନାଙ୍କୁ ବିବାହ କରିଥିଲେ। ତେବେ ୨୦୧୫ରେ ଟି.କାନ୍ଦୁଲାନାଙ୍କ ପରଲୋକ ଘଟିଥିଲା। ଝାରସୁଗୁଡ଼ା ମଙ୍ଗଳବଜାର ସ୍ଥିତ ହସ୍ପିଟାଲ କ୍ୱାର୍ଟର୍ସରେ ଭାଣିଜୀଙ୍କ ସହ ରହୁଥିବା ଡା.ସିଲଓ୍ୱନ୍ତି କୁହନ୍ତି । ପ୍ରତିଦିନ ହସ୍ପିଟାଲର ଏକ ଗାଡି ତାଙ୍କୁ ନେବା ଆଣିବା କରୁଥିଲା। ସକାଳ ୯ ଟା ବେଳେ ସେ ନମୁନା ସଂଗ୍ରହ କେନ୍ଦ୍ରକୁ ଯାଉଥିବା ବେଳେ ସେଠାରୁ କାମ ସାରି ସିଧା ଘରକୁ ଆସୁଥିଲେ। ଘରେ ପହଞ୍ଚିବା ପରେ ସେ ଗାଧୋଇ ସାରି ଅନ୍ୟ କାମ କରୁଥିଲେ। ସନ୍ଦିଗ୍ଧଙ୍କଠାରୁ ନମୁନା ସଂଗ୍ରହ ବେଳେ ଖୁବ୍ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ ବୋଲି ଡା. ସିଲଓ୍ୱନ୍ତି କୁହନ୍ତି ।

## ସଂକ୍ଷେପରେ

### ମାନବିକ ଅଧିକାର କର୍ମୀ ବାଣ୍ଟିଲେ ମାସ୍କ

ମାଲକାନଗିରି,୧୭।୪ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମାରେ ମାନବିକ ଅଧିକାର ପରିଷଦ ସଭାପତି ଗୀତାଳି ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଭାଲିଶାଳଗୁଡ଼ା, ପାଖନାଗୁଡ଼ା, ଟେକବାଡ଼ି ସାହି, ଏମ୍‌ଭି-୪ ବସ୍ତିରେ ଗରିବ ଲୋକଙ୍କୁ ମାସ୍କ ବଣ୍ଟନ କରାଯାଇଛି। ଲୋକଙ୍କୁ ବାରମ୍ବାର ସାବୁନରେ ହାତ ଧୋଇବା, ସାମାଜିକ ଦୂରତାକୁ ମାନି ଚଳିବା, ମାସ୍କ ବ୍ୟବହାର କରିବା, ଘରୁ ନ ବାହାରିବା, ଜ୍ୱର, କାଶ, ଛିଙ୍କ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଲାଗି ସଚେତନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦିକା ପୂର୍ଣ୍ଣିମା ଶାହା, ଜିଲା ସମ୍ପାଦକ ବି. ଶ୍ରୀନିବାସ ପାତ୍ର, ଜିଲା ଯୁଗ୍ମ ସମ୍ପାଦକ ସତ୍ୟ ନାରାୟଣ ଦାସ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଛେପ ପକାଇଲେ ଜରିମାନା ପାଇଁ ସଚେତନ କଲା ପ୍ରଶାସନ

ମାଲକାନଗିରି,୧୭।୪ (ଡି.ଏନ୍.ଏ.)- ମାଲକାନଗିରି ଜିଲାରେ କରୋନା ଭୂତାଣୁ ଯେପରି ସଂକ୍ରମିତ ନ ହେବ ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ ସର୍ବଦା ସଚେତନ କରାଯାଉଛି। ସର୍ବସାଧାରଣ ସ୍ଥାନରେ ଛେପ ପକାଇଲେ ଜରିମାନା ଆଦାୟ ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେବା ପରେ ଏହାକୁ ଜିଲା ପ୍ରଶାସନ ତ୍ୱରିତ କାର୍ଯ୍ୟକାରୀ କରିଛି। ଏ ନେଇ ଲୋକଙ୍କୁ ପୋଲିସ, ଜିଲା ପ୍ରଶାସନ ଏବଂ ପୌର ପରିଷଦ ତରଫରୁ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରାଯାଇଛି। ସୂଚନାଯୋଗ୍ୟ ଯେ, ଏଣିକି ସର୍ବସାଧାରଣ ସ୍ଥାନରେ ଛେପ ପକାଇବା ମନା। ଏହି ନିୟମକୁ ଉଲ୍ଲଂଘନ କଲେ ପ୍ରଥମ ତିନିଥର ୨୦୦ ଟଙ୍କା ଏବଂ ୪ର୍ଥ ଥର ଉଲ୍ଲଂଘନ କଲେ ୫୦୦ ଟଙ୍କା ଜରିମାନା ଆଦାୟ କରାଯିବ।

### ବ୍ଲକ ଅଧ୍ୟକ୍ଷ ବାଣ୍ଟିଲେ ରାଶନ, ଭତ୍ତା



ମାଲକାନଗିରି,୧୭।୪ (ଡି.ଏନ୍.ଏ.)- ମାଲକାନଗିରି ବ୍ଲକ ଅଧକ୍ଷ ଅକ୍ଷୟ ନାୟକ ଶୁକ୍ରବାର ବିଭିନ୍ନ ଗ୍ରାମ ବୁଲି କରୋନା ରୋଗ ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ମାସ୍କ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ସରକାରଙ୍କ ଘୋଷଣା ଅନୁଯାୟୀ ଖାଦ୍ୟ ସୁରକ୍ଷା ଯୋଜନାରେ ୩ମାସର ଚାଉଳ, ଗହମ, କିରୋସିନ ଏବଂ ୩ମାସର ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରିଛନ୍ତି। ଅସହାୟଙ୍କୁ ରନ୍ଧା ଖାଦ୍ୟ, ଅଙ୍ଗନବାଡି ଶିଶୁଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଉଛି କି ନାହିଁ ସେନେଇ ସମୀକ୍ଷା କରିଥିଲେ। ଅଧକ୍ଷଙ୍କ ସହ ଗଙ୍ଗଲା ସମିତିସଭ୍ୟ ଦାନିଏଲ ପଟ୍ଟା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

### ମୁସ୍‌ଲିମ କମିଟି ପକ୍ଷରୁ ସହାୟତା



ପାପଡ଼ାହାଣ୍ଡି,୧୭।୪(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ମୁସ୍‌ଲିମ କମିଟି ତରଫରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କମିଟି ସଭାପତି ଅବଦୁଲ ୱହା, ସୟେଦ ବାବୁଲି, ବବଲୁ ଖାନ, ଶେଖ ଫାରୁକ, ସତାର ଖାନ ପ୍ରମୁଖ ଜିଲାପାଳ ଡ ଅଜିତ କୁମାର ମିଶ୍ରଙ୍କୁ ୩୧ହଜାର ଟଙ୍କା ପ୍ରଦାନ କରିଥିଲେ। ମାଲତିଗୁଡା ଗ୍ରାମର ଶେଖ ଫାରୁକଙ୍କ ପୁଅ ଶେଖ ନମାନ ହୁଣ୍ଡି ଭାଙ୍ଗି ୫ହଜାର ଟଙ୍କା ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

# ଖାଦ୍ୟ ସୁରକ୍ଷା ଯୋଜନାର ଲାଭ ନେବେ ୩୦,୫୪୮ ପରିବାର

## ୧ ଲକ୍ଷ ୧୧ ହଜାର ୫୯୮ ସଦସ୍ୟଙ୍କୁ ମିଳିବ ଅଧିକ ୧ ମାସର ଚାଉଳ, ଡାଲି

ଜୟପୁର,୧୭।୪(ଡି.ଏନ୍.ଏ.)

ସାରା ଦେଶରେ ଲକ୍‌ଡାଉନ ପରିସ୍ଥିତି ଥିବା ଯୋଗୁ ଗରିବ ଶ୍ରେଣୀର ଲୋକଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଉଭୟ ସରକାର ଅଧିକ ଏକ ମାସର ଚାଉଳ ଓ ଡାଲି ଦେବେ। ଏନେଇ ଘୋଷଣା ପରେ ଜିଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି।

କୋରାପୁଟ ଜିଲାର ଜୟପୁର ବ୍ଲକ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)ରେ ୨୪,୨୧୨ ପରିବାର କାର୍ଡଧାରୀଙ୍କ ୯୦,୪୬୫ ଜଣ ସଦସ୍ୟ, ଅର୍ନ୍ତୋଦୟ ଯୋଜନାରେ ୫,୮୦୯ ପରିବାରର ୧୯,୫୬୪ ଜଣ ସଦସ୍ୟ ରହିଛନ୍ତି। ସେମାନଙ୍କୁ ସମୁଦାୟ ୫୫୦୧.୪୫ କୁଇଣ୍ଟାଲ ଓ ୩୦୦.୨୧ କୁଇଣ୍ଟାଲ ହରଡ଼ ଡାଲି ପ୍ରଦାନ କରାଯିବ। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ (ଏସ୍‌ଏଫ୍‌ଏସ୍‌ଏସ୍)ରେ ୫୨୭ କାର୍ଡଧାରୀ ପରିବାରର ୧,୫୬୯ ଜଣ ସଦସ୍ୟଙ୍କୁ ୭୮ କୁଇଣ୍ଟାଲ ୪୫ କିଲୋଗ୍ରାମ ଚାଉଳ ଓ ୫ କୁଇଣ୍ଟାଲ ୨୭ କିଲୋଗ୍ରାମ ଡାଲ ଦିଆଯିବ। ଜୟପୁର ବ୍ଲକରେ ୩୦ ହଜାର ୫୪୮ ପରିବାରଙ୍କୁ ୫ ହଜାର ୫୭୯ କୁଇଣ୍ଟାଲ ୯୦ କିଲୋଗ୍ରାମ ଚାଉଳ, ୩୦୫ କୁଇଣ୍ଟାଲ ୪୮ କିଲୋଗ୍ରାମ ହରଡ଼ ଡାଲି ପ୍ରଦାନ କରାଯିବ। ଏହା ପୂର୍ବରୁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକଙ୍କୁ ୩ ମାସର ଅଗ୍ରିମ ଚାଉଳ ଦିଆଯାଇଛି।



ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ପଞ୍ଚାୟତର ହିତାଧିକାରୀଙ୍କୁ ସାମାଜିକ ଦୂରତାରେ ରଖାଯାଇ ରାଶନ କାର୍ଡ଼ ସହାୟତା ରାଶି ଦିଆଯାଉଛି। ପଞ୍ଚାୟତର ୧୬୧୮ ଜଣ ଏହି ସହାୟତା ରାଶି ପାଇଛନ୍ତି।

# ପୂର୍ବତନ ସରପଞ୍ଚ ଗିରଫ

## ଲକ୍ଷାଧିକ ଟଙ୍କା ହେରଫେର ଅଭିଯୋଗ

କାଲିମେଲା,୧୭।୪(ଡି.ଏନ.ଏ.)–

ମାଲକାନଗିରି ଜିଲା କାଲିମେଲା ବ୍ଲକ ଚିନ୍ତଲୱାଡା ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ହେରଫେର କରିବା ଅଭିଯୋଗରେ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଙ୍ଗଳା ଶବରଙ୍କୁ କାଲିମେଲା ପୋଲିସ ଶୁକ୍ରବାର ଗିରଫକରି କୋର୍ଟଚାଲାଣ କରିଛି। ୨୦୧୪ରେ ଚିନ୍ତଲୱାଡା ପଞ୍ଚାୟତର ବିଭିନ୍ନ ଗ୍ରାମ ପାଇଁ ସରକାରଙ୍କର ବିଭିନ୍ନ ଯୋଜନାରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଲକ୍ଷାଧିକ ଟଙ୍କା ଆସିଥିଲା। ଏହି ସମୟରେ ଉକ୍ତ ପଞ୍ଚାୟତ ଦାୟିତ୍ୱରେ ହେମନ୍ତ କୁମାର ମାଝି ପିଇଓ ଭାବେ କାର୍ଯ୍ୟ କରୁଥିବା ବେଳେ ମଙ୍ଗଳା ଶବର ସରପଞ୍ଚ ଥିଲେ। ଅଞ୍ଚଳରେ ଉନ୍ନତି ଏବଂ ହିତାଧିକାରୀଙ୍କ ପାଇଁ ଆସିଥିବା ଟଙ୍କାକୁ ଶବର ହେରଫେର କରିଥିଲେ। ଏନେଇ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇ କାଗଜପତ୍ର ଅଡିଟ୍ ବେଳେ ପ୍ରାୟ ୧୦ ଲକ୍ଷରୁ ଅଧିକ ଟଙ୍କା ହେରଫେର ହୋଇଥିବା ଜଣାପଡିଥିଲା। ପରେ ବର୍ତ୍ତମାନର ସରପଞ୍ଚ ପଦିଏ ମାଡି କାଲିମେଲା ବିଡିଓଙ୍କୁ ଏକ ପତ୍ର ଲେଖି ଏଥିରେ ପିଇଓଙ୍କ ସମେତ ପୂର୍ବତନ ସରପଞ୍ଚଙ୍କ ହାତ ଥିବା ଜଣାଇଥିଲେ। ପିଇଓଙ୍କ ଜରିଆରେ ପୂର୍ବତନ ସରପଞ୍ଚ ଶବର ୧ ଲକ୍ଷ ୮୮ ହଜାର ଟଙ୍କା ନଗଦ ଆକାରରେ ନେଇଥିବା ଜଣାପଡିବାରୁ ବିଡିଓ ଗତ ଅଗଷ୍ଟରେ ପିଇଓ ଓ ପୂର୍ବତନ ସରପଞ୍ଚଙ୍କ ନାମରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଆଧାରରେ ଶବରଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏହାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସରୋଜ କୁମାର ଝାଙ୍କର କହିଛନ୍ତି।



ଗିରଫ ମଙ୍ଗଳା ଶବର।

# ୫ ଜୁଆଡ଼ି ଗିରଫ

ଗୁଣପୁର,୧୭।୪(ଡି.ଏନ୍.ଏ.):

ରାୟଗଡ଼ା ଜିଲା ଗୁଣପୁର ପୋଲିସ ଶୁକ୍ରବାର ୫ ଜଣ ଜୁଆଡ଼ିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ସବୁ ସହରର ଗୁଲାସାହିର ସନ୍ତୋଷ କୁମାରଙ୍କ ଘରେ ଖେଳ ଚଳାଇଥିବା ବେଳେ ପୋଲିସ ଚଢ଼ାଉ କରି ୫ ଜଣ ଜୁଆଡିଙ୍କୁ ଧରିଥିବା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଗୁଲାସାହିର ସନ୍ତୋଷ ଓ ପି. ଜଗନ୍ନାଥ। ସେହିପରି ସୁବୁଦ୍ଧି କଲୋନୀର ସମ୍ମିତ ସୁବୁଦ୍ଧି, ଜେଲପେଟାର ବି. ନାରାୟଣ ରାଓ, ମର୍ନ୍ନି ସାହିର ଏମ୍. ଶ୍ରୀଧର। ଅଭିଯୁକ୍ତଙ୍କଠାରୁ ୧୭,୧୦୦ ଟଙ୍କା ସହ ୨ଟି ବାଇକ, ୫ଟି ମୋବାଇଲ ଜବତ କରାଯାଇଛି।

# ଭୁବନେଶ୍ୱରରୁ ଆସି କ୍ୱାରାଣ୍ଟାଇନରେ ରହିଲେ ୪ ଯୁବତୀ

## ମିଛ କହି କମିଶନରେଟ୍ ପୋଲିସଠାରୁ ଆଣିଥିଲେ ପାସ୍

କୋରୁକୋଣ୍ଡା ୧୭।୪(ଡି.ଏନ୍.ଏ.)

ଲକ୍‌ଡାଉନ ସମୟରେ ଭୁବନେଶ୍ୱରରେ ଥିବା ୪ଜଣ ଯୁବତୀ ମାଲକାନଗିରକୁ ଆସି କ୍ୱାରାଣ୍ଟାଇନରେ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ବାଲିମେଳା ଡ୍ରଗ୍‌ଲାଇନ ଅଞ୍ଚଳର ହୋଇଥିବା ଜଣାପଡ଼ିଛି। ଖବରରୁ ପ୍ରକାଶ ଯେ, ଏହି ୪ ଯୁବତୀ ଭୁବନେଶ୍ୱରର ଏକ କଲେଜର ଛାତ୍ରୀନିବାସରେ ରହି ପଢୁଥିଲେ। ଲକ୍‌ଡାଉନ ହେତୁ ଆଉ ମାଲକାନଗିରି ଆସିପାରି ନ ଥିଲେ। ଏମାନଙ୍କ ମଧ୍ୟରୁ ଜଣେ ଜେଜେ ବାପାଙ୍କ ମୃତ୍ୟୁ ହୋଇଥିବା କହି ସେ ନିଜ ସହ ଅନ୍ୟ ୩ ଜଣଙ୍କ ନାମରେ ଭୁବନେଶ୍ୱର କମିଶନରେଟ୍ ପୋଲିସଠାରୁ ଆସିବା ପାଇଁ ପାସ୍ କରାଇଥିଲେ। ପ୍ରକୃତପକ୍ଷେ ତାଙ୍କ ଜେଜେବାପାଙ୍କ ମୃତ୍ୟୁ ହୋଇ ନ ଥିଲା। ମିଛକହି ପାସ୍ ହାସଲ କରି ସେମାନେ ସୁରକ୍ଷିତ ଭାବେ ଆସି ବାଲିମେଳାରେ ପହଞ୍ଚିଥିଲେ। ବାଲିମେଳାରେ ଜଣେ ଯୁବତୀ ଓହ୍ଲାଇଥିଲେ। ଏ ସମ୍ପର୍କରେ ବାଲିମେଳା ଏନ୍‌ଏସି ପୌର ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ ଜାଣିବା ପରେ ସେ ସେମାନଙ୍କ ନିକଟରେ ପହଞ୍ଚି ବାଲିମେଳାର ସମ୍ପୃକ୍ତ ଯୁବତୀ ଜଣଙ୍କୁ କ୍ୱାରାଣ୍ଟାଇନରେ ରଖିଥିଲେ। ମାଲକାନଗିରି ଉପ ଜିଲାପାଳଙ୍କୁ ଫୋନ ଯୋଗେ ସମସ୍ତ ବିଷୟ ଜଣାଇ ଅନ୍ୟ ୩ ଯୁବତୀଙ୍କୁ ସେଠାରୁ ମାଲକାନଗିରି ପଠାଇଥିଲେ। ସେମାନେ ମାଲକାନଗିରିରେ ପହଞ୍ଚି କ୍ୱାରାଣ୍ଟାଇନରେ ରହିବେ ବୋଲି ପୌର ନିର୍ବାହୀ ଅଧିକାରୀ ରଥ କହିଛନ୍ତି।

# ଜରୁରୀ ସେବାରେ ଲାଗିବେ ଶିକ୍ଷକ

ଜୟପୁର,୧୭।୪(ଡି.ଏନ୍.ଏ.):

କୋରାପୁଟ ଜିଲାରେ ଲକ୍ ଡାଉନ ବେଳେ ହିତାଧିକାରୀଙ୍କୁ ଭତ୍ତା ଓ ଚାଉଳ ବଣ୍ଟନ କାମରେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ଏବେ ଜରୁରିକାଳୀନ କାର୍ଯ୍ୟରେ ନିୟୋଜିତ କରିବ ସ୍ୱାସ୍ଥ୍ୟ ବିଭାଗ। ଜିଲାର ଜୟପୁର ବ୍ଲକର ୧୨୦, କୋରାପୁଟ ୬୦, ସେମିଳିଗୁଡ଼ା ୬୦ ଓ କୋଟପାଡ଼ର ୨୦ ଜଣ ଶିକ୍ଷକଙ୍କୁ ଏଥିରେ ନିୟୋଜିତ କରିବା ପାଇଁ ଜିଲା ପ୍ରଶାସନ ତାଲିକା ମାଗିଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦ୍ୱାରା ଜୟପୁର, କୋରାପୁଟ, କୋଟପାଡ଼ ଓ ସୁନାବେଡ଼ାର ୪ଟି ପୌରାଞ୍ଚଳ ପାଇଁ ପ୍ରସ୍ତୁତ ରହିଥିବା ଜରୁରିକାଳୀନ ସେବା ପାଇଁ ଯୁବକ, ପୁରୁଷ ଓ ବିଭିନ୍ନ ସାମାଜିକ କାମରେ ନିୟୋଜିତ ଥିବା ଶିକ୍ଷକଙ୍କୁ ଚିହ୍ନଟ କରାଯାଇଛି। ଜୟପୁର ବ୍ଲକରେ ୮୭୮ ଶିକ୍ଷୟିତ୍ରୀ, ଶିକ୍ଷକ ରହିଥିବା ବେଳେ ଟଙ୍କା ବଣ୍ଟନରେ ୪୦ ଜଣ, ଚାଉଳ ବଣ୍ଟନରେ ୮୦ ଜଣ ନିୟୋଜିତ ହୋଇଥିଲେ।

# କାର୍ ଡ୍ରାଇଭରଙ୍କୁ ମିଳୁ ସହାୟତା




କାର ଡ୍ରାଇଭର ସଂଘର ସଦସ୍ୟମାନେ ସାମାଜିକ ଦୂରତାରେ ଥାଇ ଦାବି ଜଣାଉଛନ୍ତି।

ଗୁଣପୁର,୧୭।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ମୋଟର ଚାଳକ ସଂଘ ଶୁକ୍ରବାର ଉପଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କୁ ଭେଟି ଦାବିପତ୍ର ଦେଇଛି। ଲକ୍‌ଡାଉନ ପରଠାରୁ ସେମାନଙ୍କ ଚଳିବା କଷ୍ଟକର ହୋଇପଡ଼ିଛି। କାର୍ ତଥା ଟାକ୍ସିଗୁଡ଼ିକ ଚଳାଚଳ କରୁ ନ ଥିବାରୁ ସେମାନଙ୍କ ଜୀବନ ଜୀବିକା ଏବେ ସଙ୍କଟରେ ପଡ଼ିଛି ଓ ପରିବାର ଚଳାଇବା ମୁସ୍କିଲ ହୋଇପଡୁଛି। ଗାଡ଼ି ଗଡୁ ନ ଥିବାରୁ ମାଲିକମାନେ ମଧ୍ୟ ସେମାନଙ୍କ ପ୍ରତି ଦୃଷ୍ଟି ଦେଉନାହାନ୍ତି। ଏପରି ସ୍ଥିତିରେ ସେମାନଙ୍କ ଅଭିଯୋଗ ପାଇବା ପରେ ଉପଜିଲାପାଳ ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସଂଘ ସଭାପତି ହରପ୍ରସାଦ ପାଣିଗ୍ରାହୀ, ସମ୍ପାଦକ ଆଇ. ଶ୍ୟାମ ସୁନ୍ଦର କହିଛନ୍ତି।

# ଗୁମୁକା ଯୋଗାଣ ସହାୟକ ଗିରଫ

କାଲିମେଳା,୧୭।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଗୁମୁକା ପଞ୍ଚାୟତର ଯୋଗାଣ ସହାୟକ ଏମ୍‌ଭି-୬୪ ଗ୍ରାମର ସୁବଳ ବର୍ମନଙ୍କୁ ପୋଲିସ ଗୁରୁବାର ରାତିରେ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ବିଡିଓ ଉମାଶଙ୍କର ଦଳାଇଙ୍କ ଏତଲାକୁ ଆଧାର କରି ସୁବଳଙ୍କୁ ଗିରଫ କରାଯାଇଛି। ବର୍ତ୍ତମାନ ଲକ୍‌ଡାଉନ ସମୟରେ ରାଜ୍ୟର ସମସ୍ତ ରାଶନକାର୍ଡଧାରୀଙ୍କୁ ଅଗ୍ରିମ ୩ ମାସର ଚାଉଳ ଓ କାର୍ଡପିଛା ୧ହଜାର ଟଙ୍କା ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଥିବାବେଳେ ଗୁମୁକା ପଞ୍ଚାୟତର ଯୋଗାଣ ସହାୟକ ପଞ୍ଚାୟତ ଅନ୍ତର୍ଗତ ଡାଟିଗୁଡା, ଭାଲୁଗୁଡା, ରାମଗୁଡା ଆଦି ଗ୍ରାମବାସୀଙ୍କୁ ଚାଉଳ ଓ ୧ ହଜାର ଟଙ୍କା ଦେବା ସମୟରେ ଗରିବ ହିତାଧିକାରୀଠାରୁ ୧ଶହରୁ ୩ଶହ ପର୍ଯ୍ୟନ୍ତ ଟଙ୍କା ଅଦାୟ କରୁଥିଲେ। ଏନେଇ ଗ୍ରାମବାସୀ ଅଭିଯୋଗ କରି ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ଜଣାଇଥିଲେ। ଏହାର ତଦନ୍ତ କରାଯିବା ପରେ ଗତ ୧୦ ତାରିଖରେ ବିଡିଓ ଦଳାଇ ଯୋଗାଣ ସହାୟକ ସୁବଳଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବନ କରିଥିଲେ। ତାଙ୍କ ବିରୋଧରେ କାଲିମେଳା ଥାନାରେ ଏତଲା ଦେଇଥିଲେ। ପୋଲିସ ଏହାର ତଦନ୍ତକରି ୫୦/୨୦ରେ ଏକ ମାମଲା ରୁଜୁକରି ତାଙ୍କୁ ଗିରଫ କରିଥିବା ଏସ୍‌ଆଇ ଏଚ୍.ଏସ୍. ବେନିଆ କହିଛନ୍ତି।

# ୨୦ ବ୍ୟାଙ୍କ କର୍ମଚାରୀ ରକ୍ତଦାନ କଲେ

ମାଲକାନଗିରି,୧୭।୪ (ଡି.ଏନ୍.ଏ.)

କରୋନା ପ୍ରଭାବ ମାଲକାନଗିରି ଜିଲାରେ ଦେଖିବାକୁ ମିଳିଛି। ବିଶେଷକରି ଡାକ୍ତରଖାନାରେ ରୋଗୀମାନେ ରକ୍ତ ସଂଗ୍ରହରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ସ୍ଥାନୀୟ ଷ୍ଟେଟ୍‌ବ୍ୟାଙ୍କ ସାଧାରଣ ପରିଚାଳକ ସ୍ମିତରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବ୍ୟାଙ୍କର ୨୦ଜଣ କର୍ମଚାରୀ ବ୍ୟାଙ୍କ ପରିସରରେ ଏକ ଶିବିର ଆୟୋଜନକରି ରକ୍ତଦାନ କରିଛନ୍ତି। ରକ୍ତଭଣ୍ଡାରର ଡାକ୍ତର ସନ୍ତୋଷ କୁମାର ସେନାପତି ସେମାନଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ।

# ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ

## ଗଞ୍ଜେଇ ଚୋରା ଚାଲାଣ ମାମଲା

ପାରଳାଖେମୁଣ୍ଡି, ୧୭।୪ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ଦୌରାଜଜ୍ ବିଶ୍ୱଜିତ ଦାଶଙ୍କ କୋର୍ଟରେ କରୋନା ପ୍ରଭାବ ଯୋଗୁ ଭିଡିଓ କନ୍‌ଫରେନ୍ସି ଯୋଗେ ଏକ ମାମଲାର ବିଚାର କରାଯାଇଥିଲା। ଗଞ୍ଜେଇ ଚୋରା ଚାଲାଣ ମାମଲାର ଶୁଣାଣି କରି ଜଣେ ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ପାଇଁ ବିଚାରପତି ଶୁଣାଣି କରିଛନ୍ତି। ଜରିମାନା ଅନାଦାୟେ ଅଧିକ ଏକବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଖବରରୁ ଜଣାପଡିଛି ୭।୭।୨୦୧୭ରେ ମୋହନା ଥାନା ଏସ୍‌ଆଇ ପାଟ୍ରୋଲିଂ ସମୟରେ କିର୍ତ୍ତିଙ୍ଗ ନିକଟରେ ଏକ ବୋଲେରୋ ଦ୍ରୁତଗତିରେ ଆସୁଥିବାରୁ ସନ୍ଦେହକରି ଅଟକାଇଥିଲେ। ଗାଡିକୁ ଯାଞ୍ଚ କରିବା ସମୟରେ ସେଥିରୁ ୨୦ବସ୍ତା ଗଞ୍ଜେଇ ମିଳିଥିଲା। ଏହି ସମୟରେ ଗାଡିରେ ଥିବା ୨ଜଣଙ୍କ ମଧ୍ୟରୁ ଜଣେ ଖସି ପଳାଇଥିଲେ। ଗାଡିଚାଳକ ହବିବ୍ ଉଲ୍ଲାଖାଁ ଧରାପଡିଥିଲେ। ଜବତ ଗଞ୍ଜେଇର ପରିମାଣ ୫୨୭ କେ.ଜି. ୪୦୦ଗ୍ରାମ ଥିଲା। ମାମଲାର ତଦନ୍ତ ଦାୟିତ୍ୱ ଏସ୍‌ଆଇ ମୁକେଶ ବେହେରା ନେଇଥିଲେ। ଅଭିଯୁକ୍ତ ହବିବ୍‌ଙ୍କ ବିରୋଧରେ ମକଦ୍ଦମା ଚାଲୁ ରହିଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାରକରି ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ହବିବ୍‌ଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ଓ ୧ଲକ୍ଷ ଟଙ୍କା ଜରିମାନା ଦଣ୍ଡବିଧାନ ହୋଇଛି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଆଇନଜୀବୀ ଶରତ ଚନ୍ଦ୍ର ପ୍ରଧାନ ପରିଚାଳନା କରୁଥିଲେ।

# ୩ ସ୍ତ୍ରୀଙ୍କ ଜୀବନ ନେଲେଣି ବର୍ବର ସ୍ୱାମୀ

ପଟ୍ଟାଙ୍ଗି,୧୭।୪(ଡି.ଏନ୍.ଏ.)

ଜଣେ ବ୍ୟକ୍ତି ନିଜର ପ୍ରଥମ ଓ ଦ୍ୱିତୀୟ ସ୍ତ୍ରୀଙ୍କୁ ହତ୍ୟାକରି ଜେଲଦଣ୍ଡ ଭୋଗିସାରିଥିଲେ। ଏବେ ତୃତୀୟ ସ୍ତ୍ରୀଙ୍କୁ ମଧ୍ୟ ଘରୋଇ କଳିରୁ ମାଡ଼ମାରି ଗୁରୁତର କରିବା ପରେ ତାଙ୍କର ମୃତ୍ୟୁ ହୋଇଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଦାମ୍ପତ୍ୟର ଏଭଳି ଅଭାବନୀୟ ଚିତ୍ର କୋରାପୁଟ ଜିଲା ପଟ୍ଟାଙ୍ଗିରେ ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ପଟ୍ଟାଙ୍ଗି ଥାନା ଶିଶାଗୁଡ଼ାର ସନିଆ ସୁଙ୍ଗାଡ଼ି ଓ ତାଙ୍କ ସ୍ତ୍ରୀ ରାଧାମା ଗୁଣ୍ଟା ଗତ ମଙ୍ଗଳବାର ପଟ୍ଟାଙ୍ଗି ସାପ୍ତାହିକ ହାଟରୁ ଫେରି ଝଗଡ଼ା ଆରମ୍ଭ କରିଥିଲେ। ସନିଆ ଏଥିରେ ରାଗିଯାଇ ସ୍ତ୍ରୀଙ୍କୁ ମାଡ଼ ମାରିବାରୁ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିକିତ୍ସିତ ହୋଇ ଘରକୁ ଫେରିବା ପରେ କିନ୍ତୁ ତାଙ୍କର ମୃତ୍ୟୁ ହୋଇଥିବା ଗ୍ରାମବାସୀ କହିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏନେଇ କେସ୍ ନଂ ୪୦/୨୦ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା ଚାଲିଥିବା ସ୍ଥାନୀୟ ଥାନା ଅଧିକାରୀ ବିଜୟ ରାଜ ମାଝି କହିଛନ୍ତି।

# ମୋଟର ଚାଳକ ସଂଘ ତହସିଲଦାରଙ୍କୁ ଦେଲା ଦାବିପତ୍ର

ଡାବୁଗାଁ, ୧୭।୪ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ମୋଟର ଚାଳକ ତହସିଲଦାର ସୁବାସ ଚନ୍ଦ୍ର ସିଂଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଲକ୍‌ଡାଉନ ଯୋଗୁ ଡାବୁଗାଁର ଶତାଧିକ ବସ୍, ଟ୍ରକ୍, ଓ ଟ୍ୟାକ୍ସି ଚାଳକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଡ଼ି ଚଳାଚଳ ବନ୍ଦ ଥିବାରୁ ସେମାନେ ଆର୍ଥିକ ଅନଟନର ସମ୍ମୁଖୀନ ହୋଇଛନ୍ତି। ଫଳରେ ପରିବାର ଚଳାଇବା ସେମାନଙ୍କ ଲାଗି କଷ୍ଟକର ହୋଇପଡ଼ିଛି। ଏପରି ସ୍ଥଳେ ପ୍ରଶାସନ ଚାଳକମାନଙ୍କୁ ଆର୍ଥିକ ସହାୟତା ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସଭାପତି ରାହୁଲ ରାୟପାତ୍ର, ସମ୍ପାଦକ ରାଜକିଶୋର ରାୟ, ହରେଶ ଖୁଣ୍ଟିଆ ଓ ବିଶ୍ୱଜିତ ବୈଠାରୁ ପ୍ରମୁଖ ଉପସ୍ଥିତ ଥିଲେ।



ସଂଘର କର୍ମକର୍ତ୍ତାମାନେ ଦାବିପତ୍ର ଦେଉଛନ୍ତି।

# ସ୍ତ୍ରୀଙ୍କୁ ପିଟି ମାରିଦେଲେ ସ୍ୱାମୀ

ଗୁଣପୁର,୧୭।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରରେ ପାରିବାରିକ ହିଂସାରୁ ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ପିଟି ହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ଗୁଣପୁର ବ୍ଲକ ଶିରିଝୋଲୀ ପଞ୍ଚାୟତ କଇଠପଦର ଗ୍ରାମରେ ପାତ୍ର ଶବର ଓ ତାଙ୍କ ସ୍ତ୍ରୀ ଝୁନୁ ଶବର ରହୁଥିଲେ। ଗୁରୁବାର ବିଳମ୍ବିତ ରାତିରେ ସେମାନଙ୍କ ମଧ୍ୟରେ ଝଗଡ଼ା ହେବାରୁ ପାତ୍ର ଉତ୍‌କ୍ଷିପ୍ତ ହୋଇ ଝୁନୁଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଥିଲେ। ଖବର ପାଇ ଗୁଣପୁର ପୋଲିସ ଶୁକ୍ରବାର ଘଟଣାସ୍ଥଳରୁ ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇଛି। ଅଭିଯୁକ୍ତ ପାତ୍ର ଫେରାର ହୋଇଯାଇଥିବା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ କହିଛନ୍ତି।

# ରୋଗୀଙ୍କୁ ୫ କିମି ବୋହିଲେ ଆମ୍ବୁଲାନ୍ସ କର୍ମଚାରୀ

ବୈପାରୀଗୁଡ଼ା,୧୭।୪(ଡି.ଏନ୍.ଏ.)

ଦୁର୍ଗମ ରାସ୍ତା କାରଣରୁ ରୋଗୀଙ୍କ ନିକଟକୁ ୧୦୮ ଆମ୍ବୁଲାନ୍ସ ଯାଇପାରିଲା ନାହିଁ। ଏମିତି ପରିସ୍ଥିତିରେ ମାନବିକତା ଦେଖାଇ ଆମ୍ବୁଲାନ୍ସ କର୍ମଚାରୀମାନେ ରୋଗୀଙ୍କୁ ଷ୍ଟ୍ରେଚର ସହାୟତାରେ କାନ୍ଧରେ ଭାର କରି ୫ କିମି ରାସ୍ତା ଚାଲିଛନ୍ତି। ପ୍ରକାଶ ଯେ ଶୁକ୍ରବାର ବୈପାରୀଗୁଡ଼ା ରାମଗିରି ପଞ୍ଚାୟତ ଅନ୍ତର୍ଗତ ଆମ୍ବଗନ୍ଧୁଲି ଗ୍ରାମର ଜଣେ ଯୁବକ ନରସିଂ ଗାଦବା ଗଛରୁ ପଡ଼ିଯିବା ଫଳରେ ତାଙ୍କ ଅଣ୍ଟା ହାଡ଼ ଭାଙ୍ଗିଯାଇଥିଲା। ସେ ଠିଆ ହେବାକୁ ସକ୍ଷମ ନ ଥିଲେ। ଖବର ପାଇ ତାଙ୍କୁ ମେଡିକାଲ ନେବାକୁ କୁନ୍ଦୁରାଠାରୁ ୧୦୮ ଆମ୍ବୁଲାନ୍ସ ଆସିଥିଲା। କିନ୍ତୁ ଦୁର୍ଗମ ରାସ୍ତା କାରଣରୁ ୫ କିମି ଦୂର ଆଗରୁ ଗଡମପାଣି ନିକଟରେ ଗାଡ଼ି ଅଟକି ରହିଯାଇଥିଲା। ଆମ୍ବୁଲାନ୍ସ ଚାଳକ ଶିବ ପ୍ରସାଦ ବେହେରା, ହେଲପର ଉତ୍ତରା ଜାନି ଓ ଫାର୍ମାସିଷ୍ଟ ବିକ୍ରମ ପାତ୍ର ସେଠାରୁ ଚାଲିଚାଲି ରୋଗୀଙ୍କ ନିକଟକୁ ଯାଇଥିଲେ ଓ ତାଙ୍କୁ ଭାରରେ ଆମ୍ବୁଲାନ୍ସ ନିକଟକୁ ବୋହି ଆଣିଥିଲେ।



ଆମ୍ବୁଲାନ୍ସ କର୍ମଚାରୀମାନେ ରୋଗୀଙ୍କୁ ଭାରରେ ବୋହି ନେଉଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ଏପ୍ରିଲ ୧୮/୨୦୨୦ Saturday, April 18/2020

## ଏଟିଏମ୍ ନେଣଦେଣ କଟକଣା କୋହଳ କଲା ଏସ୍‌ବିଆଇ

ନୂଆଦିଲ୍ଲୀ,୧୭।୪: ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ଏଟିଏମ୍ ନେଣଦେଣ କ୍ଷେତ୍ରରେ କଟକଣାକୁ କୋହଳ କରାଯାଇଛି। ଏସ୍‌ବିଆଇ ଗ୍ରାହକମାନେ ଜୁନ ୩୦ ଯାଏ ଶୁଳ୍କମୁକ୍ତ ଏଟିଏମ୍ ଟ୍ରାଞ୍ଜାକଶନ କରିପାରିବେ। ଅର୍ଥାତ୍ ବ୍ୟାଙ୍କର ଗ୍ରାହକ ଏସ୍‌ବିଆଇ କିମ୍ବା ଅନ୍ୟ ବ୍ୟାଙ୍କର ଏଟିଏମ୍‌ରେ ବ୍ୟବହାର କଲେ ମଧ୍ୟ ଧାର୍ଯ୍ୟ ସମୟ ଯାଏ କୌଣସି ଚାର୍ଜ ଦେବାକୁ ପଡ଼ିବ ନାହିଁ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏ ନେଇ ଗତ ମାସରେ ଘୋଷଣା କରିଥିଲେ। ସେ କହିଥିଲେ ଯେ ବ୍ୟାଙ୍କଗୁଡ଼ିକ ଆଗାମୀ ୩ ମାସ ଯାଏ ମିନିମମ୍ ବାଲାନ୍ସ କିମ୍ବା ଏଟିଏମ୍ ନେଣଦେଣରେ କୌଣସି ଚାର୍ଜ ନେବେ ନାହିଁ।

## ୬୦ ମୋବାଇଲ ଆମ୍ବୁଲାନ୍ସ ଦେଲା ହିରୋ

ନୂଆଦିଲ୍ଲୀ,୧୭।୪: ହିରୋ ମୋଟୋକର୍ପ ପକ୍ଷରୁ କରୋନା ଲଢେଇରେ ଯୋଗଦାନ ସ୍ୱରୂପ ୬୦ ଫାଷ୍ଟ ରେସପଣ୍ଡର ମୋବାଇଲ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଗ୍ରାମାଞ୍ଚଳ ଏବଂ ଅପହଞ୍ଚ ଇଲାକାଗୁଡ଼ିକରେ ରୋଗୀଙ୍କ ବର୍ତ୍ତମାନ ସମୟରେ ସେବା ଯୋଗାଣ ଲାଗି କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଥିବା କହିଛି। ହିରୋର ୧୫୦ ସିସି ଏବଂ ଅଧିକ ଇଞ୍ଜିନ କ୍ଷମତା ବିଶିଷ୍ଟ ମୋଟର ସାଇକେଲଗୁଡ଼ିକୁ ଏଭଳି ଆମ୍ବୁଲାନ୍ସରେ ରୂପାନ୍ତରିତ କରାଯାଇଛି। ଏଥିରେ ଆବଶ୍ୟକୀୟ ମେଡିକାଲ ଯନ୍ତ୍ରାଂଶ, ଫାଷ୍ଟ ଏଡ କିଟ୍, ଅକ୍ସିଜେନ ସିଲିଣ୍ଡର, ଫାୟାର ଏକ୍ସଟିନଗୁଇସର ଏବଂ ସିରେନ ସୁବିଧା କରାଯାଇଛି। କୋଭିଡ୍ ଲାଗି ହିରୋ ପକ୍ଷରୁ ୧୦୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ପିଏମ୍ କେୟାର୍ସ ପାଣ୍ଠିକୁ ୫୦ କୋଟି ଏବଂ ରିଲିଫ ସହାୟତାରେ କମ୍ପାନୀ ୫୦ କୋଟି ଟଙ୍କା ଖର୍ଚ୍ଚ କରିବ ବୋଲି କହିଛି।




# ଜି-୨୦ ଦେଶ ମଧ୍ୟରେ ଭାରତର ସ୍ଥିତି ଉନ୍ନତ

ନୂଆଦିଲ୍ଲୀ,୧୭।୪: ବର୍ତ୍ତମାନ ସାରା ବିଶ୍ୱରେ କୋଭିଡ୍-୧୯ ଏହାର କାୟାବିସ୍ତାର କରିଛି। ଲକ୍‌ଡାଉନ ପାଇଁ ସାରା ବିଶ୍ୱର ଅର୍ଥ ବ୍ୟବସ୍ଥା ଏବେ କ୍ଷତିଗ୍ରସ୍ତ ହୋଇଛି। ଅର୍ଥ ବ୍ୟବସ୍ଥାକୁ ସହାୟତା କରିବା ଲାଗି ରିଜର୍ଭ ବ୍ୟାଙ୍କ ଶୁକ୍ରବାର ଆଉ ଏକ ବୁଷ୍ଟର ପ୍ୟାକ ଘୋଷଣା କରିଛି। ଦୀର୍ଘମିଆଦୀ ରେପୋ ଅପରେଶନରେ ୫୦ ହଜାର କୋଟି ଏବଂ ବ୍ୟାଙ୍କ ତଥା ସରକାରୀ ଅନୁଷ୍ଠାନଗୁଡ଼ିକ ଆଉ ୫୦ ହଜାର କୋଟି ଟଙ୍କାର ସହାୟତା ବଜାରକୁ ଯୋଗାଇ ଦେବେ। ଏଭଳି ସ୍ଥିତିରେ ବଜାରକୁ ଆଉ ୧ ଲକ୍ଷ କୋଟି ଟଙ୍କା ଆସିବ ବୋଲି କୁହାଯାଉଛି। କୋଭିଡ୍-୧୯ ଲଢେଇ ଦିଗରେ କେନ୍ଦ୍ରୀୟ ବ୍ୟାଙ୍କ ଏହାର ପ୍ରୟାସ ଜାରି ରଖିଛି। ନୂଆ ଘୋଷଣା କରି ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି ଯେ, ଜି ୨୦ ଦେଶ ସମୂହଙ୍କ ମଧ୍ୟରେ ଭାରତୀୟ ଅର୍ଥ ବ୍ୟବସ୍ଥାର ସ୍ଥିତି ଉନ୍ନତ ରହିଛି। ୨୦୨୧-୨୨ରେ ଭାରତୀୟ ଅର୍ଥ ବ୍ୟବସ୍ଥା ପୁଣି ଥରେ ଦ୍ରୁତ ଅଭିବୃଦ୍ଧି ପଥକୁ ଫେରିବ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଆକଳନ ମୁତାବକ ଭାରତର ଅଭିବୃଦ୍ଧି ହାର ୧.୯% ରହିବ ବୋଲି ଶକ୍ତିକାନ୍ତ ଗୁରୁତ୍ୱାରୋପ କରିଛନ୍ତି।

**ଇଣ୍ଡିଆ ଇଙ୍କ୍‌ର ସ୍ୱାଗତ**

କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ରିଫାଇନାନ୍ସିଂ ୱିଣ୍ଡୋର ପୁନଃ ଆରମ୍ଭ ପଦକ୍ଷେପକୁ ଦେଶର ଶିଳ୍ପଜଗତ ପକ୍ଷରୁ ସ୍ୱାଗତ କରାଯାଇଛି। ଏହାଦ୍ୱାରା ସିଷ୍ଟମକୁ ୫୦ ହଜାର କୋଟି ଟଙ୍କାର ନଗଦ ଆସିପାରିବ। ଫଳରେ ବ୍ୟାଙ୍କଗୁଡ଼ିକ ଋଣ ପ୍ରଦାନ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିପାରିବେ। ଏଭଳି ପଦକ୍ଷେପ କୋଭିଡ୍-୧୯ ଯୋଗୁ ବଜାରରେ ଉପୁଜିଥିବା ସମସ୍ୟାକୁ ସମାଧାନ କରିବା ଦିଗରେ ସହାୟକ ହୋଇପାରିବ ବୋଲି ଶିଳ୍ପଜଗତ ପକ୍ଷରୁ ସୂଚନା ରହିଛି। ବଜାରରେ ନଗଦ ଉପଲବ୍ଧ କରାଇବା, କ୍ଷତିଗ୍ରସ୍ତ କ୍ଷେତ୍ରଗୁଡ଼ିକୁ ବିଚାର କରି ସେହି ଅନୁଯାୟୀ ଯୋଜନା ଭଳି ପଦକ୍ଷେପ ନିଶ୍ଚିତ ପକ୍ଷେ ସ୍ୱାଗତଯୋଗ୍ୟ ବୋଲି କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜର ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ କହିଛନ୍ତି। ବ୍ୟାଙ୍କଗୁଡ଼ିକ ଲାଗି ବିଭିନ୍ନ ରେଗୁଲେଟୋରି ପଦକ୍ଷେପ କୋଭିଡ୍-୧୯ ପ୍ରଭାବକୁ କମାଇବା ଦିଗରେ ସହାୟକ ହେବ ବୋଲି ଫିକି ସଭାପତି ସଙ୍ଗୀତା ରେଡ଼ି କହିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କର ପଦକ୍ଷେପ ସାଧାରଣ ଲୋକଙ୍କୁ ସହାୟତା କରିବା ଦିଗରେ ଏନ୍‌ବିଏଫ୍‌ସିଗୁଡ଼ିକୁ ସହାୟକ ହେବ ବୋଲି ମୁଥୁଟ ପାପାଚାନ ଗ୍ରୁପ୍‌ର ପ୍ରତିଷ୍ଠାତା ନିର୍ଦ୍ଦେଶକ ଥୋମାସ ମୁଥୁଟ କହିଛନ୍ତି।

**ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ମୋଦି**

ବଜାରରେ ଅଧିକ ପରିମାଣର ନଗଦ ସୁବିଧା ଦେବାରେ ରିଜର୍ଭ ବ୍ୟାଙ୍କର ପଦକ୍ଷେପ ସହାୟତା କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କର ଏଭଳି ପଦକ୍ଷେପକୁ ମୋଦି ଶୁକ୍ରବାର ପ୍ରଶଂସା କରିଛନ୍ତି। ଟୁଇଟ ଯୋଗେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଦେଶର କ୍ଷୁଦ୍ର ବାଣିଜ୍ୟ, ଏମ୍‌ଏସ୍‌ଏମ୍‌ଇ, କୃଷକଙ୍କ ଏବଂ ଗରିବ ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହା ରାଜ୍ୟଗୁଡ଼ିକର ୱେଜ ଆଣ୍ଡ ମିନ୍ସ ଆଡଭାନ୍ସ ଲିମିଟକୁ ମଧ୍ୟ ବଢ଼ାଇବା ଦିଗରେ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି।


ଶକ୍ତିକାନ୍ତ ଦାସ

**ଋଣ ଯୋଗାଣ ନେଇ ବ୍ୟାଙ୍କ ଉତ୍ସାହିତ ହେବେ: ସୀତାରାମନ**

କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ବଜାରରେ ଅତିରିକ୍ତ ନଗଦ ସୁବିଧା ଯୋଗାଣ, ଆର୍ଥିକ ଚାପକୁ କମାଇବା, ବଜାରରେ ସ୍ଥିତାବସ୍ଥା ଜାରି ସହ ବ୍ୟାଙ୍କଗୁଡ଼ିକ ଅଧିକ ପରିମାଣରେ ଋଣ ଯୋଗାଣ ନେଇ ସୁବିଧା ପ୍ରଦାନ କରିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ସୀତାରାମନ ଟୁଇଟ ଯୋଗେ କହିଛନ୍ତି ଯେ, ଆର୍‌ବିଆଇର ଟାର୍ଗେଟେଡ୍ ଦୀର୍ଘମିଆଦୀ ରେପୋ ଅପରେଶନ ( ଟିଏଲ୍‌ଟିଆର୍‌ଓ) ଏନ୍‌ବିଏଫ୍‌ସି ଏବଂ ମାଇକ୍ରୋ ଫାଇନାନ୍ସଗୁଡ଼ିକ ଲାଗି ସହାୟକ ହୋଇପାରିବ। ଅନ୍ୟ ପଦକ୍ଷେପଗୁଡ଼ିକ ମଧ୍ୟ ବଜାରରେ ରହିଥିବା କରୋନା ପ୍ରଭାବକୁ କମ୍ କରିବା ଦିଗରେ ସହାୟକ ହୋଇପାରିବ ବୋଲି ସେ ଆଶାବାଦୀ।

### ପୁଞ୍ଜି ବଜାରରେ ଉତ୍ସାହ

ରିଜର୍ଭ ବ୍ୟାଙ୍କ ଭାରତୀୟ ଅର୍ଥ ବ୍ୟବସ୍ଥା ଲାଗି ଦ୍ୱିତୀୟ ବୁଷ୍ଟର ପ୍ୟାକେଜ ଘୋଷଣା କରିବା ପରେ ଏହାର ପ୍ରଭାବ ଦେଶର ପୁଞ୍ଜିବଜାର ଉପରେ ପରିଲକ୍ଷିତ ହୋଇଛି। ଶୁକ୍ରବାର ନିବେଶକଙ୍କ ସମ୍ପତ୍ତିରେ ୨.୮୩ ଲକ୍ଷ କୋଟି ଟଙ୍କା ବୃଦ୍ଧି ପରିଲକ୍ଷିତ ହୋଇଛି। ଏହି ସମୟରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ୯୮୬ ପଏଣ୍ଟ ବୃଦ୍ଧି ଘଟିଥିବା ଜଣାପଡ଼ିଛି। ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନସେକ୍ସ ୯୮୬.୧୧ ପଏଣ୍ଟ ବା ୩.୨୨% ବୃଦ୍ଧି ଘଟି ୩୧,୫୮୮.୭୨ ସ୍ତରରେ ବନ୍ଦ ହୋଇଛି। ଆର୍‌ବିଆଇର ପଦକ୍ଷେପ ବଜାରରେ ଅତିରିକ୍ତ ନଗଦ ଏବଂ ବିତ୍ତୀୟ ସ୍ଥିରତା ବଜାୟ ରଖିବାରେ ସହାୟକ ହୋଇପାରିବ ବୋଲି ରେଲିଗାରେ ବ୍ରୋକିଂ ଲିମିଟେଡ୍‌ର ରିସର୍ଚ୍ଚ ବିଭାଗ ଉପସଭାପତି ଅଜିତ ମିଶ୍ର କହିଛନ୍ତି।



## ଆକାଶର ଲାଇଭ ଷ୍ଟ୍ରିମିଂ ପାଠ୍ୟକ୍ରମ

ନୂଆଦିଲ୍ଲୀ,୧୭।୪: ଆକାଶ ଏଜୁକେଶନାଲ ସର୍ଭିସ ଲିମିଟେଡ୍ ପକ୍ଷରୁ ଲାଇଭ ଷ୍ଟ୍ରିମିଂ ପାଠ୍ୟକ୍ରମ ଆକାଶ ପ୍ରାଇମ କ୍ଲାସ୍ ଶୁଭାରମ୍ଭ ହୋଇଛି। ନୂଆ ସାଟେଲାଇଟ ଟେକ୍ନୋଲୋଜି ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଏହା ଦ୍ୱାରା ଶିକ୍ଷା ପ୍ରଦାନ କରାଯିବ। ମେଡିକାଲ ଏବଂ ଆଇଆଇଟି ପ୍ରସ୍ତୁତି କରୁଥିବା ଛାତ୍ରୀଛାତ୍ରଙ୍କ ଲାଗି ଏହା ସହାୟକ ହେବ ବୋଲି ଆକାଶ ପକ୍ଷରୁ କୁହାଯାଇଛି। ଦ୍ୱିପାକ୍ଷିକ ଭାବ ବିନିମୟ ଦ୍ୱାରା ଇଣ୍ଟରନେଟ ଯୋଗେ ଅଡିଓଭିଜୁଆଲ କ୍ଲାସ୍‌ରୁମ୍ ସହାୟତାରେ ଏଭଳି ପାଠ୍ୟକ୍ରମରେ ଛାତ୍ରୀଛାତ୍ର ସୁବିଧା ପାଇପାରିବେ। ଛାତ୍ରୀଛାତ୍ର ଘରେ ବସି ଆକାଶର ଫାକଲଟି ଦ୍ୱାରା ଦିଲ୍ଲୀରୁ ଶିକ୍ଷା ଗ୍ରହଣ କରିବାକୁ ସମର୍ଥ ହେବେ। ଯୁକ୍ତ ଦୁଇ ପ୍ରଥମ ବର୍ଷ, ଦ୍ୱିତୀୟ ବର୍ଷ ଏବଂ ଯୁକ୍ତ ଦୁଇ ଶେଷ କରିଥିବା ଛାତ୍ରୀଛାତ୍ର ଏହି କୋର୍ସ ଦ୍ୱାରା ଲାଭବାନ ହୋଇପାରିବେ ବୋଲି ଆକାଶ ପକ୍ଷରୁ ସୂଚନା ରହିଛି।

## ପ୍ରିମିୟମ ଅବତାରରେ ମାରୁତି ସୁଜୁକି ଡିଜାୟାର

ନୂଆଦିଲ୍ଲୀ,୧୭।୪: ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ ପକ୍ଷରୁ ଏହାର ପ୍ରମୁଖ ମଡେଲ ଡିଜାୟାର ପ୍ରିମିୟମ ଅବତାରରେ ଆସିଛି। ଭାରତର ବେଷ୍ଟ ସେଲିଂ ସେଡାନ ଭାବେ ପରିଗଣିତ ଡିଜାୟାର ବୋଲ୍ଡ ଏବଂ ପ୍ରାଚୁର୍ଯ୍ୟପୂର୍ଣ୍ଣ ଢଙ୍ଗରେ ବଜାରକୁ ଆସିଛି। ଏହାର ସାମ୍ନା ଭାଗ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିବା ବେଳେ ବମ୍ପର ଗ୍ରୀଲ ଡିଜାଇନ, ଅତ୍ୟାଧୁନିକ ଉଡ୍ ଫିନିସ୍ ଇଣ୍ଟେରିୟର, ପରବର୍ତ୍ତୀ ପିଢ଼ୀ କେସିରିଜ ଇଞ୍ଜିନ, କ୍ରୁଜ କଣ୍ଟ୍ରୋଲ ଏବଂ ଅଟୋ ଫୋଲ୍ଡ ହୋଇ ପାରୁଥିବା ଓଆର୍‌ଭିଏମ୍ ସୁବିଧା ଏଥିରେ ଗ୍ରାହକ ଲାଭ କରିପାରିବେ। ନୂଆ ମଡେଲଟି ମଧ୍ୟ ଗ୍ରାହକଙ୍କ ଦ୍ୱାରା ବେଶ ଆଦୃତ ହେବ ବୋଲି କମ୍ପାନୀର ମାର୍କେଟିଂ ସେଲ୍‌ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି।

## କୋଭିଡ୍-୧୯ ଲଢ଼େଇରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ

ନୂଆଦିଲ୍ଲୀ,୧୭।୪: କୋଭିଡ୍-୧୯ ବିରୋଧରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ସରକାରୀ ତୈଳ କମ୍ପାନୀଗୁଡ଼ିକ ଲଗାତର ଯୋଗଦାନ ରଖି ଆସୁଛନ୍ତି। ଆରୋଗ୍ୟ ସେତୁ ଆପ୍ଲିକେଶନକୁ ଲୋକପ୍ରିୟ କରାଇବା ଲାଗି ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍(ସେ୍‌ଲ) କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଛନ୍ତି। ସେହିଭଳି କରୋନା ମୁକାବିଲାରେ ରାଷ୍ଟ୍ରାୟତ୍ତ ତୈଳ ଉଦ୍ୟୋଗର କାର୍ଯ୍ୟକୁ ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନ ଟୁଇଟ ଯୋଗେ ପ୍ରଶଂସା କରିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ଏବଂ ଅମିତାଭ ବଚ୍ଚନଙ୍କୁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ରିଟୁଇଟ କରି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, କରୋନା ଯୁଦ୍ଧରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନିଷ୍ଠାପର ଉଦ୍ୟମ ଜାରି ରଖିଛନ୍ତି।

# ଖେଳ ଖବର

## 'ଅଲିମ୍ପିକ୍ସ ଯୋଗ୍ୟତା ହାସଲ ପାଇଁ ଅପେକ୍ଷା ଯନ୍ତ୍ରଣାଦାୟକ'

ନୂଆଦିଲ୍ଲୀ, ୧୭।୪(ପି.ଟି.): ନିଜର ଭବିଷ୍ୟତକୁ ନେଇ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠାରେ ରହିଛନ୍ତି ଜାତୀୟ ରେକର୍ଡ ହାସଲକାରୀ ଲଙ୍ଗଜମ୍ପର ମୁରଲୀ ଶ୍ରୀଶଙ୍କର। କୋଭିଡ୍-୧୯ ମହାମାରୀର ଆବିର୍ଭାବ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବା ପାଇଁ ସେ ଯେଉଁ ଯୋଜନା ପ୍ରସ୍ତୁତ କରିଥିଲେ ତାହାସବୁ ବିଗିଡ଼ି ଯାଇଛି। ତାଙ୍କୁ ଆହୁରି ବହୁ ଦିନ ଅପେକ୍ଷା କରିବାକୁ ପଡ଼ିବ। ଇଣ୍ଡିଆନ ଗ୍ରାଁ ପ୍ରିର ପ୍ରଥମ ଲେଗ୍ ପାଇଁ ୨୧ବର୍ଷୀୟ ଶ୍ରୀଶଙ୍କର ଗତ ମାସରେ ଏନ୍‌ଆଇଏସ୍ ପଟିଆଲାରେ ଥିଲେ। ଅଲିମ୍ପିକ୍ସ ଯୋଗ୍ୟତା ହାସଲ ପାଇଁ ଇଣ୍ଡିଆନ ଗ୍ରାଁ ପ୍ରି ହେଉଛି ଏକ ସ୍ୱୀକୃତିପ୍ରାପ୍ତ ଇଭେଣ୍ଟ। ମାତ୍ର କରୋନା ଭାଇରସ୍ ତାଙ୍କର ସମସ୍ତ ଯୋଜନାକୁ ଏପଟସେପଟ କରିଦେଲା। ଇଣ୍ଡିଆନ ଗ୍ରାଁ ପ୍ରି ହେବାକୁ ଆଉ ମାତ୍ର କେଇ ଘଣ୍ଟା ବାକିଥିବାବେଳେ ସରକାରଙ୍କ ନିର୍ଦ୍ଦେଶକ୍ରମେ ତାହାକୁ ବାତିଲ କରିଦିଆଗଲା। ଶ୍ରୀଶଙ୍କର କହିଛନ୍ତି ଇଣ୍ଡିଆନ୍ ଗ୍ରାଁପ୍ରି-୧ରେ ଅଂଶଗ୍ରହଣ ଲାଗି ମୁଁ କେରଳରୁ ପଟିଆଲା ଯାଇଥିଲି। କିନ୍ତୁ ଇଭେଣ୍ଟ ଆରମ୍ଭ ଦିବସର ସନ୍ଧ୍ୟାରେ ହଠାତ୍ ଏହାକୁ ବାତିଲ କରିଦିଆଗଲା। ଏହା ମୋ ପାଇଁ ନୈରାଶ୍ୟଜନକ ଥିଲା। ମାତ୍ର ସୌଭାଗ୍ୟବଶତଃ ଲକ୍ ଡାଉନ୍ ଘୋଷଣା ପୂର୍ବରୁ ମୁଁ ନିଜ ଘରକୁ ଫେରି ଆସିଥିଲି। ଲକ୍‌ଡାଉନ୍‌ଯୋଗୁ ସମସ୍ତ ଘରୋଇ ବିମାନ ଚଳାଚଳ ବାତିଲ ହୋଇଯିବାରୁ ମୋତେ ଫେରିବା ସମ୍ଭବପର ହୋଇ ନ ଥାନ୍ତା। କୋଭିଡ୍-୧୯ ସଂକ୍ରମଣ ଆଶଙ୍କାରେ ଅନ୍ୟ ଏକ ଅଲିମ୍ପିକ ଯୋଗ୍ୟତା ହାସଲ ଇଭେଣ୍ଟ ସିନିୟର ନ୍ୟାଶନାଲ ଚାମ୍ପିୟନଶିପ୍ (ଏପ୍ରିଲ ୧୦ରୁ ୧୩) ମଧ୍ୟ ସ୍ଥଗିତ ରଖାଯାଇଥିଲା। ୱାର୍ଲ୍ଡ ଆଥଲେଟିକ୍ସ ନଭେମ୍ବର ଶେଷ ସୁଦ୍ଧା ସମସ୍ତ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟକୁ ସ୍ଥଗିତ ରଖିଛି। ଏହି ନିଷ୍ପତ୍ତି ମୋତେ ହତାଶା କରିଥିଲା। ସିଜନ ଶେଷ ହୋଇଗଲା। ବର୍ତ୍ତମାନ ଡିସେମ୍ବରରେ କ୍ୱାଲିଫିକେଶନ ପିରିୟଡ ଆରମ୍ଭ ହେବ। ଶୀତଋତୁରେ କାର୍ଯ୍ୟକଳାପ ସେତେ ହୋଇପାରିବ ନାହିଁ। ଆସନ୍ତାବର୍ଷ ଫେବୃୟାରୀ-ମାର୍ଚ୍ଚରେ ଆମକୁ ଆରମ୍ଭ କରିବାକୁ ପଡ଼ିବ। ଅର୍ଥାତ୍ ମୋତେ ଦୀର୍ଘ ସମୟ ପ୍ରତୀକ୍ଷା କରିବାକୁ ପଡ଼ିବ ବୋଲି କହିଛନ୍ତି କେରଳ ରାଜ୍ୟର ପାଲାକାଡ୍ ବାସିନ୍ଦା ଆଥଲେଟ ଶ୍ରୀଶଙ୍କର। କେରଳର ଏହି ଯୁବ ଲଙ୍ଗଜମ୍ପର କେବେ ହେଲା ଅଲିମ୍ପିକ ଯୋଗ୍ୟତା ଅଙ୍କ ୮.୨୨ ସ୍ପର୍ଶ କରିନାହାନ୍ତି। ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ସଫଳତା (୮.୨୦ମିଟର) ସେ ୨୦୧୮ରେ ଭୁବନେଶ୍ୱରରେ ହାସଲ କରିଥିଲେ। ଶ୍ରୀଶଙ୍କର କହିଛନ୍ତି, ବର୍ତ୍ତମାନ ମୁଁ ଭଲ ଫର୍ମରେ ଥିଲି। ଇଣ୍ଡିଆନ ଗ୍ରାଁ ପ୍ରିର ପ୍ରଥମ ଲେଗ୍‌ରେ ମୁଁ ଯୋଗ୍ୟତା ହାସଲ କରିପାରିବି ବୋଲି ମୋର ଦୃଢ଼ ବିଶ୍ୱାସ ଥିଲା। ମାତ୍ର ଆସନ୍ତା ବର୍ଷ ମୋର ଏହି ଫର୍ମ ଥିବ କି ନା ତାହା କହିହେବ ନାହିଁ। ମୋ ପାଇଁ ବଡ଼ ଚ୍ୟାଲେଞ୍ଜ୍ ହେବ।



# ଝିଅକୁ କିକ୍‌ବକ୍ସିଂ ଶିଖାଉଛନ୍ତି ବିଭୂତି

ଭୁବନେଶ୍ୱର, ୧୭।୪ (କ୍ରୀଡ଼ା ପ୍ରତିନିଧି): ଓଡ଼ିଶାର ସବୁଠାରୁ ସଫଳ କିକ୍ ବକ୍ସର ହେଉଛନ୍ତି ବିଭୂତି ଭୂଷଣ ବେହେରା। କ୍ୟାରିୟରରେ ଅତିକମ୍‌ରେ ୧୦ଥର ଜାତୀୟ ଚାମ୍ପିୟନ ହୋଇଥିବା ବିଭୂତି ନବେ ଦଶକରେ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ କୃତିତ୍ୱ ଦେଖାଇ ଦେଶ ଓ ରାଜ୍ୟକୁ ଗର୍ବିତ କରିଥିଲେ। ସମୟକ୍ରମେ ବିଭୂତି ଖେଳାଳିରୁ କୋଚ୍ ହୋଇଛନ୍ତି। ଏହା ବ୍ୟତୀତ ରାଜ୍ୟକୁ ମାର୍ଶାଲ ଅର୍ଟର ଅନେକ ନୂଆ ଷ୍ଟାଇଲ୍ ଆଣି ଖେଳାଳିଙ୍କପାଇଁ ସୁଯୋଗ ସୃଷ୍ଟି କରିଛନ୍ତି। ନିଜର ଛୋଟ ବିଜ୍‌ନେସ ସହ ପୁମାସ୍ ଇଣ୍ଟରନ୍ୟାଶନାଲରେ କୋଚିଂରେ ସମୟ ବିତାଉଥିବା ବିଭୂତି କିନ୍ତୁ ଏବେ ସମୟଚକ୍ରରେ ଘରେ ବସିରହିବାକୁ ବାଧ୍ୟ ହୋଇଛନ୍ତି। କରୋନା ଭାଇରସ ସଂକ୍ରମଣ ଜନିତ ଲକ୍ ଡାଉନ୍ ସ୍ଥିତିରେ ବାହାରକୁ ବାହାରିବାର ଅବକାଶ ନାହିଁ। ତେଣୁ ସେ ଘରେ ନିଜ ଝିଅର ଫିଟ୍‌ନେସ ପ୍ରତି ଦୃଷ୍ଟି ଦେବାସହ କିକ୍‌ବକ୍ସିଂ ଶିଖାଉଛନ୍ତି। ନିଜ ଭଳି କିକ୍‌ବକ୍ସିଂରେ ଝିଅକୁ ପ୍ରତିଷ୍ଠିତ କରାଇବା ତାଙ୍କ ଲକ୍ଷ୍ୟ ବୋଲି ପ୍ରକାଶ କରିଛନ୍ତି।

"ଏବେ ଆମେ ଏକପ୍ରକାର ଗୃହବନ୍ଦୀ। ପିଲାମାନଙ୍କ ସହ ସମୟ କଟୁଛି। ଆୟପନ୍ଥା ସମ୍ପୂର୍ଣ୍ଣ ବନ୍ଦ। ଅନିଶ୍ଚିତ ଭବିଷ୍ୟତ ଅପେକ୍ଷାରେ ରହିଥିବାବେଳେ ଝିଅର ଫିଟ୍‌ନେସ ଏବଂ ମାର୍ଶାଲ ଆର୍ଟ ଟ୍ରେନିଂ ଉପରେ ଧ୍ୟାନ ଦେଉଛି ବୋଲି ବିଭୂତି କହିଛନ୍ତି। ବଡ଼ ଝିଅ ଅଭିଲିପ୍ସା ରାଜ୍ୟ ଉଷୁ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତି ନିଜ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଏବେ ତାଙ୍କୁ ୧୨ବର୍ଷ। ତେଣୁ ସେ ଉଷୁ ଏବଂ କିକ୍‌ବକ୍ସିଂକୁ କ୍ୟାରିୟର କରନ୍ତୁ ବୋଲି ମୁଁ ଚାହୁଁଛି। ବର୍ତ୍ତମାନ ସ୍ଥିତିରେ ମୋ ନିଜର ଏବଂ ଝିଅର ଫିଟ୍‌ନେସ ନିହାତି ଆବଶ୍ୟକ। ତେଣୁ ଏହା ଉପରେ ବର୍ତ୍ତମାନ ବିଶେଷ ଧ୍ୟାନ ଦିଆଯାଉଛି" ବୋଲି ବିଭୂତି କହିଛନ୍ତି। ବିଭୂତିଙ୍କ ପରିବାର କହିଲେ ସ୍ତ୍ରୀ ସୁମିତ୍ରା ବେହେରା, ବଡ଼ଝିଅ ଅଭିଲିପ୍ସା ଓ ସାନଝିଅ ଅଭିସ୍ମିତା ବେହେରା। ଅଭିସ୍ମିତା ଛୋଟ ହୋଇଥିବାରୁ ଏବେ କେବଳ ଅଭିଲିପ୍ସାଙ୍କ ଖେଳ କ୍ୟାରିୟର ଉପରେ ଧ୍ୟାନ ଦେଉଛନ୍ତି ଏହି କୁଶଳୀ କ୍ରୀଡ଼ାବିତ୍। "ଅଭିଲିପ୍ସା ୮ ବର୍ଷର ହୋଇଥିବାବେଳେ ଖେଳ ଆରମ୍ଭ କରିଛନ୍ତି। ପୂର୍ବରୁ ସେ ମୁଆଥାଇ ଓ ଉଷୁ ଖେଳୁଥିଲେ। ଏବେ କିକ୍‌ବକ୍ସିଂ ଶିଖୁଛନ୍ତି। ଘରେ ଫିଟ୍‌ନେସ ପାଇଁ ୱାର୍ମଅପ୍, ଜଗିଂ ଟ୍ରେଚିଂ ଏକ୍ସରସାଇଜ୍ କରିବା ସହ କିକ୍‌ବକ୍ସିଂ ପାଇଁ କିକ୍, ପଞ୍ଚ୍, ହୁକ୍, ଡିଫେନ୍ସ ଆଦି ଶିଖାଉଛି। ଅନେକ ସମୟ ଘରେ ବସି ରହୁଥିବାରୁ ମୋ ନିଜ ଫିଟ୍‌ନେସ ଉପରେ ମଧ୍ୟ ଧ୍ୟାନଦେବାକୁ ପଡୁଛି। ସକାଳେ ଓ ସନ୍ଧ୍ୟାରେ ଦୁଇବେଳା ଆମେ ଦୁହେଁ ଅଭ୍ୟାସ କରୁଛୁ। ଏହା ବ୍ୟତୀତ ଦୁହେଁ ବ୍ୟାଡ୍‌ମିଣ୍ଟନ ମଧ୍ୟ ଖେଳୁଛୁ" ବୋଲି ବିଭୂତି କହିଛନ୍ତି। ବର୍ତ୍ତମାନ ସମୟରେ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଦୃଢ଼ ରହିବା ଅତ୍ୟନ୍ତ ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ରାମାୟଣ ଓ ମହାଭାରତ ଦେଖିବା ସହ ପରିବାର ସହିତ ଅବସର ସମୟ ବିତୁଥିବା ସେ କହିଛନ୍ତି।



ପ୍ରକାଶ ଯୋଗ୍ୟ ଯେ, ୧୯୯୫ରୁ ୨୦୦୭-୦୮ ପର୍ଯ୍ୟନ୍ତ ବିଭୂତି ଜାତୀୟ/ଅନ୍ତର୍ଜାତୀୟ କିକ୍‌ବକ୍ସିଂରେ ସକ୍ରିୟ ଥିଲେ। ସେ ଏହି ସମୟରେ ୧୦ ଥର ଜାତୀୟ ଚାମ୍ପିୟନ ହେବା ସହ ୩ଟି ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ୨୦୦୦-୦୧ରେ ଜାତୀୟ ସିନିୟର ଉଷୁର ସାନ୍‌ସୁ (ଫାଇଟିଂ)ବିଭାଗରେ ସେ ସ୍ୱର୍ଣ୍ଣ ପଦକ ପାଇଥିଲେ। ସିନିୟର ସ୍ତରରେ ସେ ଏପର୍ଯ୍ୟନ୍ତ ରାଜ୍ୟର ଏକମାତ୍ର ଗୋଲ୍ଡ ମେଡାଲିଷ୍ଟ ବୋଲି ବିଭୂତି କହିଛନ୍ତି। ୧୯୯୧ରୁ ୨୦୨୦ ପର୍ଯ୍ୟନ୍ତ କରାଟେ ଓ କିକ୍‌ବକ୍ସିଂରେ ଦୀର୍ଘ ୩୦ ବର୍ଷ ତିଷ୍ଠି ରହିଥିବା ବିଭୂତି ବର୍ତ୍ତମାନ ସଙ୍କଟ ସମୟରେ ସମସ୍ତେ ସରକାରଙ୍କ ନୀତି ନିୟମ ମାନି ଘରେ ରହିବାକୁ ଏହି ଅବସରରେ ନିବେଦନ କରିଛନ୍ତି।

## ଧୈର୍ଯ୍ୟ ହରାଇ ନାହାନ୍ତି ସାନିଆ

ନୂଆଦିଲ୍ଲୀ, ୧୭।୪: ଦୀର୍ଘ ଦୁଇବର୍ଷ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଟେନିସରୁ ଦୂରେଇ ରହିବାପରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ ଭାରତର ସାନିଆ ମିର୍ଜା। ଲକ୍ଷ୍ୟଥିଲା ଟୋକିଓ ଅଲିମ୍ପିକ୍ସ। ମାତ୍ର କରୋନା ଭାଇରସ ସଂକ୍ରମଣ ପ୍ରଭାବରେ ଅଲିମ୍ପିକ୍ସ ୨୦୨୧କୁ ଘୁଞ୍ଚାଇ ଦିଆ ଯାଇଛି ଏବଂ ସମ୍ପୂର୍ଣ୍ଣ କ୍ରୀଡ଼ା କ୍ୟାଲେଣ୍ଡର ପ୍ରଭାବିତ ହୋଇଛି। ଏଥିରେ ନିରାଶ ହୋଇଥିଲେ ହେଁ ଧୈର୍ଯ୍ୟ ହରାଇ ନାହାନ୍ତି ଏହି ମହିଳା ଟେନିସ ତାରକା। କ୍ରୀଡ଼ା ଜଗତ ସ୍ୱାଭାବିକ ସ୍ଥିତିକୁ ଫେରିବାପରେ ସେ ପୁଣି ସଫଳ ପ୍ରତ୍ୟାବର୍ତ୍ତନ କରି ୨୦୨୧ ଅଲିମ୍ପିକ୍ସ ଖେଳିବେ ବୋଲି ଆଶା ରଖିଛନ୍ତି। ବିଶ୍ୱର ପୂର୍ବତନ ମହିଳା ଡବଲ୍ସ ନମ୍ବରୱାନ ୩୩ ବର୍ଷୀୟା ସାନିଆ ନିଜର ସନ୍ତାନ ଜନ୍ମ ହେତୁକ ୨ ବର୍ଷ ବ୍ରେକ୍ ପରେ ଚଳିତ ବର୍ଷ ପ୍ରାରମ୍ଭରେ ଟେନିସ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ୟୁକ୍ରେନର ନାଦିଆ କିଚେନୋକଙ୍କୁ ସାଥିକରି ସେ ହୋବାର୍ଟ ଇଣ୍ଟରନ୍ୟାଶନାଲ ଟାଇଟଲ ମଧ୍ୟ ଜିତିଥିଲେ। ତେବେ ଗୋଡ଼ ମାଂସପେଶୀ ଟାଣି ଧରିବାରୁ ସେ ଅଷ୍ଟ୍ରେଲିଆନ ଓପନ ଅଧାରୁ ଓହରିବାକୁ ବାଧ୍ୟ ହୋଇଥିଲେ।

## ଷ୍ଟାଡିୟମ ନିର୍ମାଣ ସ୍ଥଳରେ କରୋନା ସଂକ୍ରମଣ

ଦୋହା,୧୭।୪(ଏଏଫ୍‌ପି): ୨୦୨୨ ଫିଫା ବିଶ୍ୱକପ୍ କାତାରରେ ଆୟୋଜନ ହେବ। ବିଶ୍ୱକପ୍ ପାଇଁ ନିର୍ମାଣାଧୀନ ଷ୍ଟାଡିୟମରେ ନିୟୋଜିତ ଥିବା ଶ୍ରମିକମାନଙ୍କ ମଧ୍ୟରୁ ୩ ଜଣ କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଛନ୍ତି। କାତାରରେ ଏବେସୁଦ୍ଧା ସଂକ୍ରମଣରେ ୭ଜଣ ପ୍ରାଣ ହରାଇଥିବା ବେଳେ ୪,୧୦୩ ଜଣ ଆକ୍ରାନ୍ତ ହୋଇଛନ୍ତି। କରୋନା ଭାଇରସ୍ ଆତଙ୍କ ସତ୍ତ୍ୱେ ବିଶ୍ୱକପ୍ ପାଇଁ ଷ୍ଟାଡିୟମ ଓ ଅନ୍ୟାନ୍ୟ ଭିତ୍ତିଭୂମିର ନିର୍ମାଣ କାର୍ଯ୍ୟ ଚାଲିଛି। ଉଲ୍ଲେଖଥାଉ କି, ୨୦୨୨ ଫିଫା ବିଶ୍ୱକପ୍ ନଭେମ୍ବର ଓ ଡିସେମ୍ବର ମାସରେ ଆୟୋଜନ ହେବା କାର୍ଯ୍ୟକ୍ରମ ରହିଛି। କୋଭିଡ୍-୧୯ ସଂକ୍ରମଣ ପାଇଁ ଟୋକିଓ ଅଲିମ୍ପିକ୍ସ ଓ ୟୁରୋପିଆନ ଫୁଟବଲ ଚାମ୍ପିୟଶିପ୍ ସ୍ଥଗିତ ହୋଇଥିଲେ ମଧ୍ୟ ଫିଫା ବିଶ୍ୱକପ୍ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆୟୋଜନ ହେବ। ଅଲିମ୍ପିକ୍ସ ଓ ୟୁରୋ କପ୍ ୨୦୨୧ରେ ଆୟୋଜନ ହେବ ବୋଲି କୁହାଯାଇଛି।

## କିମ୍ବଦନ୍ତୀ ଫୁଟବଲର ହଣ୍ଟରଙ୍କ ପରଲୋକ

ଲଣ୍ଡନ,୧୭।୪(ଏଏଫ୍‌ପି): କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇ ଲିଡ୍ସ କିମ୍ବଦନ୍ତୀ ତଥା ଇଂଲଣ୍ଡ ପୂର୍ବତନ ଫୁଟବଲର ନର୍ମାନ ହଣ୍ଟରଙ୍କ ପରଲୋକ ଘଟିଛି। ତାଙ୍କୁ ୭୬ ବର୍ଷ ହୋଇଥିଲା। ଶୁକ୍ରବାର ତାଙ୍କ ପୂର୍ବତନ କ୍ଲବ ଲିଡ୍ସ ତରଫରୁ ଏହି ସୂଚନା ଦିଆଯାଇଛି। କରୋନା ଭାଇରସ ସଂକ୍ରମଣ ସନ୍ଦେହରେ ହଣ୍ଟରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷାରେ ସେ ପଜିଟିଭ୍ ବୋଲି ସ୍ପଷ୍ଟ ହୋଇଥିଲା। କିଛି ଦିନ ଚିକିତ୍ସିତ ହେବା ପରେ ସେ ପ୍ରାଣ ହରାଇଛନ୍ତି। ଏହା ନିଶ୍ଚିତ ଭାବେ ଏକ ଦୁଃଖ ଦାୟକ ଖବର ବୋଲି ଲିଡ୍ସ କ୍ଲବ କହିଛି। ଇଂଲଣ୍ଡର ଏହି ପୂର୍ବତନ ସେଣ୍ଟର ହାଫ୍ ୟର୍କସାୟାର ଲିଡ୍ସ କ୍ଲବ ତରଫରୁ ୭୨୬ଟି ମ୍ୟାଚ୍ ଖେଳି ୨୧ ଟି ଗୋଲ ସ୍କୋର କରିଥିଲେ। ୬୦ ଓ ୭୦ ଦଶକରେ ଅସାଧାରଣ ପ୍ରଦର୍ଶନ କରି ସେ ବିଶ୍ୱ ଫୁଟବଲ୍‌ରେ ନିଜର ପରିଚୟ ସୃଷ୍ଟି କରିଥିଲେ। ଲିଡ୍ସ ଓ ଇଂଲଣ୍ଡ ତରଫରୁ ଖେଳିବା ସହ ସେ ବ୍ରିଷ୍ଟଲ ସିଟି, ବାର୍ନ୍ସଲି ତରଫରୁ ମଧ୍ୟ ଖେଳି ବେଶ୍ ସଫଳ ହୋଇଥିଲେ।



## ୮୦ ଓ ୯୦ ଦଶକରେ ଯଦି ଆଇପିଏଲ୍ ହେଉଥାନ୍ତା...

ନୂଆଦିଲ୍ଲୀ, ୧୭।୪ (ପି.ଟି.): ବିଗତ ୮୦ ଓ ୯୦ ଦଶକରେ ଯଦି ଆଇପିଏଲ୍ ହେଉଥାନ୍ତା ତେବେ ଭାରତୀୟ କ୍ରିକେଟର କପିଳଦେବ, ଶ୍ରୀକାନ୍ତ, କାମ୍ବଲିଙ୍କୁ ଦଳରେ ନେବା ଲାଗି ଫ୍ରାଞ୍ଚାଇଜ୍‌ଗୁଡ଼ିକ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥାନ୍ତା। କ୍ରିଷ୍ଣାମାଚାରୀ ଶ୍ରୀକାନ୍ତ ଏଭଳି ବ୍ୟାଟ୍ସମ୍ୟାନ ଯାହାଙ୍କର ପ୍ୟାଟ୍ କୁମିନ୍ସଙ୍କ ବାଉନ୍‌ସରକୁ ବିନା ହେଲ୍‌ମେଟ୍‌ରେ ଖେଳିବା ଦକ୍ଷତା ରହିଛି। ବେନ୍ ଷ୍ଟୋକ୍ସଙ୍କୁ ମନୋଜ ପ୍ରଭାକରଙ୍କ ସ୍ଲୋ ଡେଲିଭରିର ସାମ୍ନା କରିବା କଷ୍ଟକର ହୋଇଥାନ୍ତା। ଯଶପ୍ରୀତ୍ ବୁମ୍‌ରା ଯଦି ଭାରତୀୟ କିମ୍ବଦନ୍ତୀ କପିଳଦେବଙ୍କୁ ବୋଲିଂ କରିଥାନ୍ତେ ତାଙ୍କ ଅବସ୍ଥା କ'ଣ ହୋଇଥାନ୍ତା। ଉପରୋକ୍ତ ୪ଜଣଙ୍କୁ ଛାଡ଼ିଦେଲେ ସେ ସମୟର ଅନ୍ୟ ୬ଜଣ ଖେଳାଳିଙ୍କୁ ଦଳରେ ନେବା ଲାଗି ଅମ୍ବାନୀ ଓ ଶାହରୁଖ ଖାଁଙ୍କ ମଧ୍ୟରେ ଲଢ଼େଇ ହୋଇଥାନ୍ତା। ସେମାନେ ହେଲେ ମହମ୍ମଦ ଆଝାରୁଦ୍ଦିନ, ଅଜୟ ଜାଡେଜା, ରବିନ ସିଂ, ରବି ଶାସ୍ତ୍ରୀ, ମନିନ୍ଦର ସିଂ ଓ ଜାଭାଗଲ ଶ୍ରୀନାଥ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ